# ଧରିତ୍ରୀ
DHARITRI

51 Years

ଭୁବନେଶ୍ୱର, ରବିବାର, ନଭେମ୍ବର ୨/୨୦୨୫ (୧୪ ପୃଷ୍ଠା+ ଛୁଟିଦିନ) | Bhubaneswar, Sunday, November 2/2025 | Page 14 | ₹ 7.00 | BERHAMPUR

୫୧ଶ ଭାଗ ୩୩୬ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 336 | ମୂଲ୍ୟ ₹୭/-







Celebrating
60
Years of
Anokha Swad
DIAMOND JUBILEE
KP GROUP
KAMLA PASAND®
Celebrating
60
YEARS
अनोखा स्वाद
• Not recommended for minors
• Chewing of pan masala is injurious to health
No Tobacco, No Nicotine

ଧରିତ୍ରୀ
DHARITRI
ଧରିତ୍ରୀ 51 Years





**ବଢୁଛି ରଶ୍ମିକାଙ୍କ କ୍ରେଜ୍**
ବକ୍ସ ଅଫିସ୍‌ରେ 'ଥାମା'ର କଲେକ୍ସନକୁ ଦେଖିଲେ ଅଭିନେତ୍ରୀ ରଶ୍ମିକା ମନ୍ଦାନାଙ୍କ କ୍ରେଜ୍ ବଢୁଥିବା ସ୍ପଷ୍ଟ ହେଉଛି। ୦୯

୧୨ **ଟେନିସ୍‌ରୁ ବୋପାନ୍ନାଙ୍କ ଅବସର**
ଦୁଇଥର ଗ୍ରାଣ୍ଡସ୍ଲାମ ଚାମ୍ପିୟନ ଭାରତର ରୋହନ ବୋପାନ୍ନା ପ୍ରଫେସନାଲ ଟେନିସ୍‌ରୁ ଅବସର ଘୋଷଣା କରିଛନ୍ତି।



# ଓଡ଼ିଶାରେ ସେମିକଣ୍ଡକ୍ଟର ଶିଳ୍ପର ମୂଳଦୁଆ

ସେମିକଣ୍ଡକ୍ଟର କ୍ଷେତ୍ରରେ ଭାରତକୁ ଆତ୍ମନିର୍ଭରଶୀଳ କରିବା ପାଇଁ କେନ୍ଦ୍ର ସରକାର ଗୁରୁତ୍ୱ ଦେଉଥିବାବେଳେ ଦେଶରେ ୪ଟି ନୂଆ ଉତ୍ପାଦନ ୟୁନିଟ୍ ପ୍ରତିଷ୍ଠା କରାଯିବ। ଏହି କ୍ରମେ ଜଟଣୀର ଇନ୍‌ଫୋଭ୍ୟାଲିରେ ଶନିବାର ରାଜ୍ୟର ସେମିକଣ୍ଡକ୍ଟର ଶିଳ୍ପର ମୂଳଦୁଆ ପଡ଼ିଛି। ସିକ୍‌ସେମ୍ ପ୍ରାଇଭେଟ୍ ଲିମିଟେଡ୍‌ର କମ୍ପାଉଣ୍ଡ ସେମିକଣ୍ଡକ୍ଟର ଫାସିଲିଟିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରଥମ ଉତ୍ପାଦନ ୟୁନିଟ୍‌ର ଭୂମିପୂଜନ କରି କହିଛନ୍ତି, ଏହି ସଫଳତା ଓଡ଼ିଶାର ବିକାଶମୂଳକ ନୀତି ଓ ବିଶ୍ୱସ୍ତରୀୟ ଭିତ୍ତିଭୂମି ପରିବେଶକୁ ଦର୍ଶାଉଛି। ଓଡ଼ିଶାର ଶିଳ୍ପ ଓ କାରିଗରି ବିକାଶରେ ଏହା ବିଶେଷ ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସେମିକଣ୍ଡକ୍ଟର ଉତ୍ପାଦନ ପାଇଁ ସିକ୍‌ସେମ୍ ଏଥିରେ ୨,୦୬୭ କୋଟି ଟଙ୍କାର ନିବେଶ କରିବ, ଯହିଁରୁ ପ୍ରାୟ ୫,୦୦୦ ନିଯୁକ୍ତି ସୁଯୋଗ ସୃଷ୍ଟିହେବ ବୋଲି ସରକାର ଆଶା କରିଛନ୍ତି।




ଜଟଣୀସ୍ଥିତ ଇନ୍‌ଫୋଭ୍ୟାଲିରେ ରାଜ୍ୟର ପ୍ରଥମ ସେମିକଣ୍ଡକ୍ଟର ୟୁନିଟ୍‌ର ଭୂମିପୂଜନ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହ ଆଇଟି ମନ୍ତ୍ରୀ ମୁକେଶ ମହାଲିଙ୍ଗ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ସିକ୍‌ସେମ୍ ଏମ୍‌ଡି ଗୁରୁ ଥାଲ୍ଲାପାନେନୀ।

**ଭୁବନେଶ୍ୱର,୧।୧୧**
**(ଅନୁରାଧା ମହାରଣା/ସୁନିତ୍ ମିଶ୍ର )**

- **ପ୍ରଥମ ୟୁନିଟ୍ ଭିତ୍ତିପ୍ରସ୍ତର ସ୍ଥାପନ କଲେ ମୁଖ୍ୟମନ୍ତ୍ରୀ**
- **ଓଡ଼ିଶା ହେବ ପୂର୍ବୋଦୟର ପ୍ରବେଶପଥ: ଅଶ୍ୱିନୀ**
- **୨,୦୬୭ କୋଟିର ନିବେଶ, ସୃଷ୍ଟିହେବ ୫,୦୦୦ ନିଯୁକ୍ତି ସୁଯୋଗ**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଓଡ଼ିଶା ସେମିକଣ୍ଡକ୍ଟର କ୍ଷେତ୍ରରେ ଆଉ ପାଦେ ଆଗକୁ ବଢ଼ିଛି। ଭୁବନେଶ୍ୱର ଇନ୍‌ଫୋଭ୍ୟାଲିଠାରେ ସିକ୍‌ସେମ୍ ପ୍ରାଇଭେଟ୍ ଲିମିଟେଡ୍‌ର ଭୂମିପୂଜନ ସମାରୋହ ଶନିବାର ଅନୁଷ୍ଠିତ ହୋଇଛି। ସମୁଦାୟ ୨,୦୬୭ କୋଟି ଟଙ୍କାର ପୁଞ୍ଜିନିବେଶରେ ଏହି ମ୍ୟାନୁଫାକ୍ଚରିଂ ୟୁନିଟର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଏହି ପ୍ରକଳ୍ପ କାର୍ଯ୍ୟକ୍ଷମ ହେବାଦ୍ୱାରା ପ୍ରାୟ ୧,୦୦୦ ପ୍ରଫେସନାଲଙ୍କୁ ନିଯୁକ୍ତି ମିଳିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଅବସରରେ ଅଭିଭାଷଣ ରଖି ମୁଖ୍ୟମନ୍ତ୍ରୀ କହିଛନ୍ତି, ସେମିକଣ୍ଡକ୍ଟର କ୍ଷେତ୍ରରେ ଓଡ଼ିଶାର ବିକାଶ ଯାତ୍ରା ଆହୁରି ମଜଭୁତ ହେଉଛି। ଏହି ମୁହୂର୍ତ୍ତ କେବଳ ଇଟା ଏବଂ ସିମେଣ୍ଟ ବିଷୟରେ ନୁହେଁ, ଏହା ଆକାଂକ୍ଷା, ସ୍ଥିରତା, ସହଯୋଗ ଏବଂ ଆତ୍ମନିର୍ଭରଶୀଳତାର ଉଦାହରଣ। ଏଥିରେ ଯେଉଁ ସେମିକଣ୍ଡକ୍ଟର ନିର୍ମିତ ହେବ ତାହା ମିଶାଇଲ, ଇଲେକ୍ଟ୍ରୋନିକ୍ ଗାଡ଼ି, ପ୍ରତିରକ୍ଷା ଉପକରଣ, ରେଲୱେ ଓ ସୌରଶକ୍ତି ଭଳି କ୍ଷେତ୍ରରେ ବ୍ୟବହାର କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି, ଭୁବନେଶ୍ୱର ଆଇଆଇଟିରେ ମଧ୍ୟ ସିକ୍‌ସେମ୍ କମ୍ପାନୀ ୬୪ କୋଟି ଟଙ୍କା ବିନିଯୋଗରେ ଏକ ରିସର୍ଚ୍ଚ ଆଣ୍ଡ ଇନୋଭେଶନ ସେଣ୍ଟର ସ୍ଥାପନ କରିଛି। ରେଲମନ୍ତ୍ରୀ ☞ପୃଷ୍ଠା-୨

# ଆନ୍ଧ୍ର ଭେଙ୍କଟେଶ୍ୱର ମନ୍ଦିରରେ ଦଳାଚକଟା: ଓଡ଼ିଆ ଯୁବତୀଙ୍କ ସମେତ ୯ ମୃତ

**କାସିବୁଗା,(ପି.ଟି.)/ ପାତ୍ରପୁର, (ଉମାଚରଣ ନେପାକ) ୧।୧୧**

ଆନ୍ଧ୍ରପ୍ରଦେଶର ଶ୍ରୀକାକୁଲମ ଜିଲା ଅନ୍ତର୍ଗତ କାସିବୁଗା ସହରରେ ଥିବା ଭେଙ୍କଟେଶ୍ୱର ମନ୍ଦିରରେ ଶନିବାର ପୂର୍ବାହ୍ନ ୧୧ଟା ୩୦ ମିନିଟ୍ ସମୟରେ ଦଳାଚକଟା ଘଟି ଜଣେ ଓଡ଼ିଆ ଯୁବତୀଙ୍କ ସମେତ ୯ ଜଣ ପ୍ରାଣ ହରାଇଛନ୍ତି। ମୃତକଙ୍କ ମଧ୍ୟରେ ୮ ଜଣ ମହିଳା ଓ ଜଣେ ୧୨ ବର୍ଷର ବାଳକ ରହିଛନ୍ତି। ଅନ୍ୟ ଜଣେ ଗୁରୁତର ଥିବା କାସିବୁଗା ଡିଏସ୍‌ପି ଲକ୍ଷ୍ମଣ ରାଓ କହିଛନ୍ତି।

ଭେଙ୍କଟେଶ୍ୱର ମନ୍ଦିର ଏକ ଘରୋଇ ମନ୍ଦିର ହୋଇଥିବାବେଳେ ଏହା ନିକଟରେ ନିର୍ମାଣ ହୋଇଥିଲା। ଏହାକୁ ମିନି ତିରୁପତି ମନ୍ଦିର କୁହାଯାଉଥିବାବେଳେ ମାତ୍ର ୪ ମାସ ହେଲା ଶ୍ରଦ୍ଧାଳୁଙ୍କ ପାଇଁ ଖୋଲିଥିଲା। ଏଥିରେ ପ୍ରବେଶ ଓ ପ୍ରସ୍ଥାନ ପଥ ଗୋଟିଏ ରହିଛି। ଶନିବାର ଏକାଦଶୀ ଥିବାରୁ ପ୍ରବଳ ଭିଡ଼ ହୋଇଥିଲା। ପାହାଚ ପାଖରେ ଏକ ଲୁହା ଗ୍ରିଲ୍ ଭୁଶୁଡ଼ି ପଡ଼ିବାରୁ କିଛି ଗୋଟାଏ ଖସିପଡ଼ିବ ଭାବି ଲୋକଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଥିଲା ଓ କେତେଜଣ ଲୋକ ୬ ଫୁଟ୍ ତଳକୁ ଖସିପଡ଼ିଥିଲେ। ଜଣକ ଉପରେ ଅନ୍ୟ ଜଣେ ପଡ଼ିଯିବାରୁ ଦଳାଚକଟା ଘଟିଥିଲା ବୋଲି ପୋଲିସ ଅଫିସର ସୂଚନା ଦେଇଛନ୍ତି। ଏହା ମନ୍ଦିର ମାଲିକଙ୍କ ଭୁଲ୍ କାରଣ ସେ ଭିଡ଼ ନିୟନ୍ତ୍ରଣ ପାଇଁ ପୋଲିସକୁ ଡାକି ନ ଥିଲେ ଓ ସେମାନଙ୍କୁ ☞ପୃଷ୍ଠା-୨



ରାଙ୍ଗଲା ରୂପା

## ଜିଏସ୍‌ଟି ସଂଗ୍ରହ ୧.୯୬ ଲକ୍ଷ କୋଟି

**ଟିକସ ହ୍ରାସ ସତ୍ତ୍ୱେ ୪.୬% ବୃଦ୍ଧି**

**ନୂଆଦିଲ୍ଲୀ,୧।୧୧(ପି.ଟି.)**

କେନ୍ଦ୍ର ସରକାର ଦ୍ରବ୍ୟ ଓ ସେବା ଟିକସ (ଜିଏସ୍‌ଟି) ହ୍ରାସ କରିବା ସତ୍ତ୍ୱେ ଅକ୍ଟୋବରରେ ୧.୯୬ ଲକ୍ଷ କୋଟି ଟଙ୍କାର ଜିଏସ୍‌ଟି ସଂଗ୍ରହ କରାଯାଇଛି। ଗତବର୍ଷ ଅକ୍ଟୋବର ତୁଳନାରେ ଏହା ୪.୬ ପ୍ରତିଶତ ଅଧିକ। ତେବେ ଚଳିତ ଆର୍ଥିକ ବର୍ଷରେ ବର୍ତ୍ତମାନ ସୁଦ୍ଧା ଏହା ସର୍ବନିମ୍ନ ବୃଦ୍ଧି। ସେପ୍ଟେମ୍ବର ୨୨ ନବରାତ୍ରିର ପ୍ରଥମ ଦିନରେ କେନ୍ଦ୍ର ସରକାର ରୋଷେଇ ସାମଗ୍ରୀଠାରୁ ଆରମ୍ଭ କରି ଇଲେକ୍ଟ୍ରୋନିକ୍ସ ଓ ଗାଡ଼ି ପର୍ଯ୍ୟନ୍ତ ୩୭୫ଟି ସାମଗ୍ରୀ ଉପରୁ ଜିଏସ୍‌ଟି ହାର ହ୍ରାସ କରିଥିଲେ।
ଶନିବାର ପ୍ରକାଶିତ ସରକାରୀ ତଥ୍ୟ ଅନୁଯାୟୀ, ୨୦୨୪ ଅକ୍ଟୋବରରେ ଜିଏସ୍‌ଟି ସଂଗ୍ରହ ୧.୮୭ ଲକ୍ଷ କୋଟି ଟଙ୍କା ହୋଇଥିବାବେଳେ ଚଳିତ ବର୍ଷ ଅକ୍ଟୋବରରେ ତାହା ୪.୬% ବୃଦ୍ଧି ପାଇ ୧.୯୬ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି। ସ୍ଥାନୀୟ ବିକ୍ରିରୁ ରାଜସ୍ୱ ସଂଗ୍ରହ ୨ ପ୍ରତିଶତ ବଢ଼ି ୧.୪୫ ଲକ୍ଷ କୋଟି ଟଙ୍କା ହୋଇଥିବାବେଳେ ଆମଦାନୀରୁ ସଂଗୃହୀତ ଟିକସ ୧୩ ପ୍ରତିଶତ ବଢ଼ି ୫୦,୮୮୪ କୋଟି ଟଙ୍କା ହୋଇଛି। ତେବେ ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**
**ସ୍ମାର୍ଟ ସିଟିର ବାସ୍ତବତା**




# ଖୋଲିଲା ସୁଭଦ୍ରା ପୋର୍ଟାଲ

**ମାସେ ପର୍ଯ୍ୟନ୍ତ ଆବେଦନ**

**ଭୁବନେଶ୍ୱର, ୧।୧୧**
**(ସୁଚିସ୍ମିତା ସାହୁ)**

ଦ୍ୱିତୀୟ ପର୍ଯ୍ୟାୟ ଆବେଦନ ପାଇଁ ଶନିବାରଠାରୁ 'ସୁଭଦ୍ରା' ପୋର୍ଟାଲ ଖୋଲିଛି। ଯେଉଁମାନଙ୍କୁ ଏପ୍ରିଲ ୧ରୁ ୨୧ ବର୍ଷ ହୋଇଥିବ ସେମାନେ ଦ୍ୱିତୀୟ ପର୍ଯ୍ୟାୟ କିସ୍ତି ପାଇଁ ଆବେଦନ କରିପାରିବେ। ଏଥିସହ ପୂର୍ବରୁ ଯେଉଁମାନେ ଆବେଦନ କରି ନ ଥିବେ, ସେମାନେ ମଧ୍ୟ ସୁଯୋଗ ପାଇବେ। ଯୋଗ୍ୟ ଆବେଦନକାରୀଙ୍କୁ ମାର୍ଚ୍ଚ ୮ରେ ଏକକାଳୀନ ଦୁଇଟି କିସ୍ତି ଅର୍ଥାତ ୧୦ହଜାର ଟଙ୍କା ମିଳିବ। ମାସେ ପର୍ଯ୍ୟନ୍ତ ମହିଳାମାନେ ସୁଭଦ୍ରା ପୋର୍ଟାଲ ମାଧ୍ୟମରେ ଆବେଦନ କରିପାରିବେ ଓ ଆବଶ୍ୟକ ପଡ଼ିଲେ ଏହାକୁ ଆହୁରି ବୃଦ୍ଧି କରାଯିବ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସୂଚନା ଦେଇଛନ୍ତି। ସେ କହିଛନ୍ତି, ନୂଆ ହିତାଧିକାରୀଙ୍କ ସହ ଯେଉଁମାନେ କୌଣସି କାରଣ ବଶତଃ ଆବେଦନ କରି କରିପାରି ନାହାନ୍ତି ସେମାନେ ମଧ୍ୟ ଆବେଦନ କରିପାରିବେ। ଏଥିସହ ଯେଉଁମାନେ ବିଦେଶରେ ରହୁଥିଲେ ଏବେ ଆସିଛନ୍ତି, ସେମାନେ ମଧ୍ୟ ଆବେଦନ କରିପାରିବେ। କିନ୍ତୁ ଯେଉଁମାନେ ବାରମ୍ବାର ଆବେଦନ କରିବା ସତ୍ତ୍ୱେ ମଧ୍ୟ ସେମାନଙ୍କ ଆବେଦନକୁ ରିଜେକ୍ଟ କରାଯାଇଛି, ସେମାନେ ଆବେଦନ କରନ୍ତୁ ନାହିଁ। ନିକଟସ୍ଥ ଆମ ସେବା କେନ୍ଦ୍ର କିମ୍ବା ଜନସେବା କେନ୍ଦ୍ରରେ ମଧ୍ୟ ଦେୟମୁକ୍ତ ଭାବେ ପଞ୍ଜୀକରଣ କରିପାରିବେ। କୌଣସି ସ୍ଥାନରେ ଭିଡ଼ ନ କରି ନିଜ ମୋବାଇଲ ମାଧ୍ୟମରେ ମଧ୍ୟ ଆବେଦନ କରିପାରିବେ ବୋଲି ଉପମୁଖ୍ୟମନ୍ତ୍ରୀ ପରିଡ଼ା କହିଛନ୍ତି।




## ଏସ୍‌ଆଇ ପରୀକ୍ଷା ଜାଲିଆତି: ମାଷ୍ଟରମାଇଣ୍ଡ ଶଙ୍କର ପୃଷ୍ଟି ଗିରଫ

**ଭୁବନେଶ୍ୱର,୧।୧୧**
**(ସତ୍ୟଜିତ ରାଉତ)**

ବହୁଚର୍ଚ୍ଚିତ ପୋଲିସ ଏସ୍‌ଆଇ ନିଯୁକ୍ତି ପରୀକ୍ଷା ଜାଲିଆତି ମାମଲାର ମୁଖ୍ୟ ଅଭିଯୁକ୍ତ ଶଙ୍କର ପୃଷ୍ଟିଙ୍କୁ ଶନିବାର କ୍ରାଇମବ୍ରାଞ୍ଚ ଗିରଫ କରିଛି। ନେପାଳ ସୀମା ଉତ୍ତରାଖଣ୍ଡରୁ କ୍ରାଇମ୍‌ବ୍ରାଞ୍ଚ ଟିମ୍ ଶଙ୍କରଙ୍କୁ କାବୁ କରିଥିବା ଜଣାପଡ଼ିଛି। ତାଙ୍କୁ ଓଡ଼ିଶା ଆଣିବାକୁ କ୍ରାଇମ୍‌ବ୍ରାଞ୍ଚ ପକ୍ଷରୁ ପ୍ରକ୍ରିୟା ଆରମ୍ଭ ହୋଇଛି। ସ୍ଥାନୀୟ କୋର୍ଟରେ ଶଙ୍କରଙ୍କୁ ହାଜର କରାଯିବା ପରେ ଟ୍ରାଞ୍ଜିଟ୍ ରିମାଣ୍ଡରେ ତାଙ୍କୁ ଓଡ଼ିଶା ଅଣାଯିବ ବୋଲି ସୂଚନା ମିଳିଛି। ☞ପୃଷ୍ଠା-୨

# ଯୁବତୀଙ୍କୁ ଗଣବଳାତ୍କାର ଅଭିଯୋଗ

**ସମ୍ପର୍କୀୟଙ୍କ ସମେତ ୨ ଅଟକ, ଜଣେ ଫେରାର**

**ସୋନପୁର/ବୀରମହାରାଜପୁର,୧।୧୧**
**(ମୃତ୍ୟୁଞ୍ଜୟ ଶତପଥୀ/ଯୁଗଳ କିଶୋର ମିଶ୍ର)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଥାନା ହିକୁଡିଠାରେ ଜଣେ ୨୦ବର୍ଷୀୟା କର୍ମଜୀବୀ ଯୁବତୀଙ୍କୁ ଗଣବଳାତ୍କାର ହୋଇଥିବା ଅଭିଯୋଗ ହୋଇଛି। ପୀଡ଼ିତା ଶୁକ୍ରବାର ବିଳମ୍ବିତ ରାତିରେ ବୀରମହାରାଜପୁର ଥାନାରେ ଏନେଇ ଲିଖିତ ଅଭିଯୋଗ କରିଛନ୍ତି। ୩ଜଣ ମୁଖାପିନ୍ଧା ଯୁବକ ତାଙ୍କୁ ବଳାତ୍କାର କରିଥିବା ସେ ଅଭିଯୋଗରେ ଦର୍ଶାଇଛନ୍ତି। ଶନିବାର ଥାନାରେ ଏନେଇ ଏକ ମାମଲା(ନଂ.୨୨୯/୨୫) ରୁଜୁ ହୋଇଛି। ପୋଲିସ ପୀଡ଼ିତାଙ୍କ ଡାକ୍ତରୀମାଇନା କରିଛି। ସାଇଣ୍ଟିଫିକ୍ ଟିମ୍ ସହାୟତାରେ ତଦନ୍ତ ସହ ଅଭିଯୁକ୍ତଙ୍କୁ ଧରିବା ପାଇଁ ପୋଲିସ ତନାଘନା ଜାରି ରଖିଛି। ଏହି ଘଟଣାରେ ପୀଡ଼ିତାଙ୍କ ଜଣେ ଦୂର ସମ୍ପର୍କୀୟଙ୍କ ସମେତ ୨ଜଣଙ୍କୁ ପୋଲିସ ଅଟକ ରଖି ପଚରାଉଚୁରା କରୁଛି। ଅନ୍ୟ ଜଣେ ଫେରାର ଅଛନ୍ତି। ତେବେ ତଦନ୍ତ ସମୟରେ ଭିନ୍ନ ତଥ୍ୟ ସାମ୍ନାକୁ ଆସିଛି। ରବିବାର ପୋଲିସ ଏହାର ପର୍ଦ୍ଦାଫାଶ କରିବ ବୋଲି ଜଣାପଡ଼ିଛି।

ଥାନାରେ ହୋଇଥିବା ଅଭିଯୋଗ ଅନୁଯାୟୀ ଯୁବତୀ ଜଣକ ଏକ ଘରୋଇ ସଂସ୍ଥାରେ କାମ କରୁଥିଲେ। କାମ ସାରି ଶୁକ୍ରବାର ସନ୍ଧ୍ୟାରେ ସେ ସାଇକେଲରେ ନିଜ ଘରକୁ ଫେରୁଥିଲେ। ଉଲୁଣ୍ଡା ବ୍ଲକ ହିକୁଡିସ୍ଥିତ ସରକାରୀ ଆଇଟିଆଇ ନିକଟରେ ଥିବା ବନ୍ଧ ପାଖରେ ୩ଜଣ ମୁଖାପିନ୍ଧା ଯୁବକ ତାଙ୍କୁ ଅଟକାଇଥିଲେ। ଯୁବତୀ ଜଣକ ସେଠାରେ ନ ଅଟକିବାରୁ ଅଭିଯୁକ୍ତମାନେ ତାଙ୍କ ମୁହଁକୁ କୌଣସି ଏକ ତରଳ ପଦାର୍ଥ ସ୍ପ୍ରେ କରିଦେଇଥିଲେ। ଫଳରେ ସେ ଚେତାଶୂନ୍ୟ ହୋଇଯାଇଥିଲେ। ଅଭିଯୁକ୍ତମାନେ ତାଙ୍କୁ ଏକ ନିଛାଟିଆ ବିଲପାର୍ଶ୍ୱକୁ ନେଇ ବଳାତ୍କାର କରିଥିଲେ। ପୀଡ଼ିତାଙ୍କ ଚେତା ଫେରିବା ପରେ ତାଙ୍କୁ ବଳାତ୍କାର କରାଯାଇଥିବା ଜାଣି ଥାନାରେ ଅଭିଯୋଗ କରିଛନ୍ତି। ଇନ୍ସପେକ୍ଟର ଅବିନାଶ ପ୍ରଧାନ ମାମଲାର ତଦନ୍ତ କରୁଛନ୍ତି। ଏସ୍‌ପି ନାରାୟଣ ନାୟକ ଘଟଣାସ୍ଥଳ ଓ ପୀଡ଼ିତାଙ୍କ କର୍ମକ୍ଷେତ୍ରକୁ ଯାଇ ଅନୁଧ୍ୟାନ କରିଛନ୍ତି। ବୀରମହାରାଜପୁର ଏସ୍‌ଡିପିଓ ହେମନ୍ତ କୁମାର ରାଓ ଓ ବୀରମହାରାଜପୁର ଆଇଆଇସି ସାରଙ୍ଗଧର ପାଣିଗ୍ରାହୀ ତଦନ୍ତ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିଛନ୍ତି। ଅଟକ ଥିବା ଜଣେ ଯୁବକ ପୀଡ଼ିତାଙ୍କ ସମ୍ପର୍କୀୟ। ତାଙ୍କ ଘର ବଲାଙ୍ଗୀର ଜିଲା ପାଟଣାଗଡ଼ ଅଞ୍ଚଳରେ। ଏ ସମ୍ପର୍କରେ ଏସ୍‌ପି ନାୟକଙ୍କୁ ପଚାରିବାରୁ ସମସ୍ତ ଦିଗକୁ ନେଇ ସାଇଣ୍ଟିଫିକ୍ ଉପାୟରେ ତଦନ୍ତ ହୋଇଛି। ତଦନ୍ତରୁ ସମସ୍ତ ସତ୍ୟ ସାମ୍ନାକୁ ଆସିବ। ରବିବାର ଘଟଣା ସମ୍ପର୍କରେ ସୂଚନା ଦିଆଯିବ ବୋଲି ସେ କହିଥିଲେ।

# ଆଜି ଭାରତ-ଦ. ଆଫ୍ରିକା ଫାଇନାଲ




ନବିମୁମ୍ବାଇରେ ଶନିବାର ଆଇସିସି ମହିଳା ଦିନିକିଆ ବିଶ୍ୱକପ୍ ଟ୍ରଫି ସହ ଭାରତୀୟ ଦଳର ଅଧିନାୟିକା ହରମନପ୍ରୀତ କୌର ଓ ଦକ୍ଷିଣ ଆଫ୍ରିକାର ଲୌରା ୱାଲଭାର୍ଡଟ୍।

**ଆଇସିସି ମହିଳା କ୍ରିକେଟ୍ ବିଶ୍ୱକପ୍**

**ନଭି ମୁମ୍ବାଇ,୧।୧୧(ପି.ଟି.)**

ଚଳିତ ଆଇସିସି ମହିଳା ଦିନିକିଆ କ୍ରିକେଟ ବିଶ୍ୱକପ୍‌ର ଫାଇନାଲ ମ୍ୟାଚ୍ ରବିବାର ଡିୱାଇ ପାଟିଲ ଷ୍ଟାଡିୟମରେ ଖେଳାଯିବ। ଏହି ହାଇଭୋଲ୍‌ଟେଜ ମ୍ୟାଚ୍‌ରେ ଭାରତ ଓ ଦକ୍ଷିଣ ଆଫ୍ରିକା ପରସ୍ପରକୁ ଭେଟିବାକୁ ଯାଉଛନ୍ତି। ☞ପୃଷ୍ଠା-୨

# କପି ଧରାପଡ଼ିଲେ 'ଶୂନ' | ୟୁଏଇରେ ପରୀକ୍ଷାର୍ଥୀଙ୍କ ପାଇଁ କଡ଼ା ନିୟମ

**ଦୁବାଇ,୧।୧୧**

ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)ରେ ପରୀକ୍ଷା ଋତୁର ଆଗମନ ସହ ସେଠାକାର ସରକାର ପରୀକ୍ଷାର୍ଥୀ ଓ ଦାୟିତ୍ୱରେ ଥିବା କର୍ମଚାରୀଙ୍କ ପାଇଁ କଡ଼ା ନିୟମ କରିଛନ୍ତି। ତଦନୁସାରେ କୌଣସି ଛାତ୍ରୀଛାତ୍ର ପରୀକ୍ଷା ବେଳେ କପି କରି ଧରାପଡ଼ିଲେ ତାଙ୍କୁ ଶୂନ ମାର୍କ ମିଳିବ। ଏପରି କି ପରୀକ୍ଷା ପରିଚାଳନା ଓ ନିରୀକ୍ଷଣକାରୀ ଷ୍ଟାଫ୍‌ଙ୍କୁ ମଧ୍ୟ ୨ ଲକ୍ଷ ଧିରାମ (ପ୍ରାୟ ୪୮ ଲକ୍ଷ ଟଙ୍କା) ଜରିମାନା ଦେବାକୁ ପଡ଼ିବ।

ୟୁଏଇରେ ନଭେମ୍ବର ୨୦ରେ ପ୍ରଥମ ଅବଧି କେନ୍ଦ୍ରୀୟ ପରୀକ୍ଷା ଆରମ୍ଭ ହେବାକୁ ଥିବାବେଳେ ଏହା ପୂର୍ବରୁ ଦେଶର ଶିକ୍ଷା ମନ୍ତ୍ରଣାଳୟ ଅସାଧୁ ଉପାୟ ଅବଲମ୍ବନ କରୁଥିବା ପରୀକ୍ଷାର୍ଥୀଙ୍କ ପାଇଁ ବଡ଼ କଟକଣା ଜାରି କରିଛି। ପରୀକ୍ଷା ହଲ୍‌ରେ ମୋବାଇଲ ଫୋନ୍ ସମେତ ଅନ୍ୟ ସମସ୍ତ ଇଲେକ୍ଟ୍ରୋନିକ୍ସ ଉପକରଣ ବ୍ୟବହାର ଉପରେ କଟକଣା ଲଗାଯାଇଛି। ସେହିପରି ସୋସିଆଲ ମିଡିଆ କିମ୍ବା ଅନ୍ୟ କୌଣସି ଡିଜିଟାଲ ପ୍ଲାଟ୍‌ଫର୍ମରେ ପ୍ରଶ୍ନପତ୍ର ପୋଷ୍ଟ କରିବା, ଅନ୍ୟ ପରୀକ୍ଷାର୍ଥୀଙ୍କ ସହ କଥା ହେବା ଏବଂ ଇନ୍‌ଭିଜିଲେଟରଙ୍କୁ ପ୍ରଭାବିତ ଉଦ୍ୟମ କରିବା ଭଳି କାର୍ଯ୍ୟକଳାପକୁ ଅନୁମତି ଦିଆଯିବ ନାହିଁ। ପିଲାମାନେ ପରୀକ୍ଷା ହଲ୍‌ରେ କପି କରିପାରିବେ ନାହିଁ। ଯଦି କେହି କପି ଉତାରୁଥିବା ଧରାପଡ଼ନ୍ତି, ତେବେ ତାଙ୍କୁ ଜିରୋ ଗ୍ରେଡ୍ ମିଳିବ। ଏହାସହ ୧୨-ପଏଣ୍ଟ କଣ୍ଡକ୍ଟ ପେନାଲ୍ଟି ମଧ୍ୟ ଜାରି କରାଯିବ, ଯାହାକି ସମ୍ପୃକ୍ତ ପରୀକ୍ଷାର୍ଥୀଙ୍କ ଆଚରଣ ରେକର୍ଡ କ୍ଷେତ୍ରରେ ପ୍ରଯୁଜ୍ୟ ହେବ। ତାଙ୍କୁ ଆଚରଣରେ ସଂସ୍କାର ପାଇଁ ସ୍ୱତନ୍ତ୍ର କାଉନ୍‌ସେଲିଂ କରାଯିବ। ପିଲା କପି କରୁଥିବା ଦେଖି କାର୍ଯ୍ୟାନୁଷ୍ଠାନ ନେଇ ନ ଥିବା କର୍ମଚାରୀ ଜରିମାନା ବାବଦକୁ ୪୮ ଲକ୍ଷ ଟଙ୍କା ଦେବେ। ଏହି ନୂଆ ନିୟମ ସାରା ଦେଶର ସରକାରୀ ଓ ଘରୋଇ ସ୍କୁଲଗୁଡ଼ିକ କ୍ଷେତ୍ରରେ ଲାଗୁ ହେବ। ଅର୍ଥାତ୍ ପରୀକ୍ଷାରେ କୌଣସି ପ୍ରକାର ଅସାଧୁ ଉପାୟକୁ ଆଦୌ ବରଦାସ୍ତ କରାଯାଇପାରିବ ନାହିଁ ବୋଲି 'ଗାଇଡ୍ ଟୁ କମ୍ବାଟିଂ ଚିଟିଂ ଆଣ୍ଡ୍ ଏକ୍‌ଜାମ ମିସ୍‌କଣ୍ଡକ୍ଟ'ରେ ଶିକ୍ଷା ମନ୍ତ୍ରଣାଳୟ ସ୍ପଷ୍ଟ ସନ୍ଦେଶ ଦେଇଛି। ୟୁଏଇର ଶିକ୍ଷା ବ୍ୟବସ୍ଥାରେ ସ୍ୱଚ୍ଛତା ବଜାୟ ରଖି ଜାତୀୟ ମୂଲ୍ୟାଙ୍କନରେ ସୁଧାର ଆଣିବା ପାଇଁ ଏଥିରେ ଆଣ୍ଟି-ଚିଟିଂ ଗାଇଡ୍‌ଲାଇନ ଜାରି କରାଯାଇଛି। ଏହାଦ୍ୱାରା ସମସ୍ତ ପରୀକ୍ଷାର୍ଥୀ ସମାନ ସୁଯୋଗ ଲାଭ କରିପାରିବେ ବୋଲି ମନ୍ତ୍ରଣାଳୟ କହିଛି।



# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଗଣ ସାଂସ୍କୃତିକ ମଞ୍ଚ ପକ୍ଷରୁ ଚିତ୍ରକଳା ଓ ସ୍ଥାପତ୍ୟ ପ୍ରଦର୍ଶନୀର ଉଦ୍‌ଘାଟନୀ, ସ୍ଥାନ: ସୂଚନା ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ଅଙ୍କୁର ଫାଉଣ୍ଡେଶନ୍ ପକ୍ଷରୁ ଶିଶୁ ସାହିତ୍ୟ ଉତ୍ସବ ୨୦୨୫, ସ୍ଥାନ: ଗୀତଗୋବିନ୍ଦ ସଦନ, ସମୟ: ପୂର୍ବାହ୍ନ ୧୦ଟା।
- ରାଉତ୍‌ରାୟ ଇଣ୍ଟର୍‌ନ୍ୟାଶନାଲ୍ ଡିସ୍ଟ୍ରିକ୍ଟ–୩୨୬୨ ପକ୍ଷରୁ ଜିଲା ପୁରସ୍କାର ବିତରଣ 'ଅର୍ଜୁନ' କାର୍ଯ୍ୟକ୍ରମ, ସ୍ଥାନ: ରେଲ୍ ଅଡିଟୋରିଅମ୍, ସମୟ: ପୂର୍ବାହ୍ନ ୧୧ଟା।
- ଶ୍ରୀ ସତ୍ୟସାଇ ସେବା ଅନୁଷ୍ଠାନ ପକ୍ଷରୁ ଶ୍ରୀ ସତ୍ୟସାଇ ବାବାଙ୍କ ଜୟନ୍ତୀ ପାଳନ, ସ୍ଥାନ: ସାଇ ଜନନୀ , ୟୁନିଟ୍ ୩, ସମୟ: ଅପରାହ୍ନ ୫ଟା।
- ପ୍ରଫେସର ଶାନ୍ତନୁ କୁମାର ଆଚାର୍ଯ୍ୟ ଫାଉଣ୍ଡେଶନ୍ ଟ୍ରଷ୍ଟ ପକ୍ଷରୁ ଦ୍ୱିତୀୟ ବାର୍ଷିକୀ ସମାବର୍ତ୍ତନ ଉତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୫ଟା ୩୦।
- ୟୁଥ୍ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଆୟୋଜିତ ଭିକାରୀ ବଳ ସମ୍ମାନ ୨୦୨୫, ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା ୬ଟା ୩୦।

## ବାଲେଶ୍ୱର

- ବିଜୟା ବନ୍ଧୁମିଳନ ସମାରୋହ, ସ୍ଥାନ: ଡାକବଙ୍ଗଳା, ନୀଳଗିରି, ସମୟ: ପୂର୍ବାହ୍ନ ୧୦ଟା।
- ଜାତୀୟ ପ୍ରେସ୍ ଦିବସ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ, ସ୍ଥାନ: ଏସ୍‌କେଜି ଟ୍ରଷ୍ଟ ସମ୍ମିଳନୀ କକ୍ଷ, ବାଲିଆପାଳ, ସମୟ: ଅପରାହ୍ନ ୩ଟା।
- ୫୮ତମ ମା' ଶ୍ୟାମାକାଳୀ ପୂଜା ଉତ୍ସବର ତ୍ରୟୋଦଶ ଦିବସ, ସ୍ଥାନ: ପୋଡ଼ାଶୂଳ ବଜାର, ନୀଳଗିରି, ସମୟ: ସନ୍ଧ୍ୟା ୬ଟା।

## ଭଦ୍ରକ

- ବରିଷ୍ଠ ନାଗରିକ ପରିଷଦ ପକ୍ଷରୁ ଯୋଗ ଶିବିର ଓ କାର୍ଯ୍ୟକାରୀ ବୈଠକ, ସ୍ଥାନ: ନାଗରିକ ପରିଷଦ ସଭାଗୃହ, ଧାମନଗର, ସମୟ: ସକାଳ ୮ଟା।
- ରକ୍ତଦାନ ଶିବିର, ସ୍ଥାନ: ଜିଲା ରକ୍ତଭଣ୍ଡାର, ଭଦ୍ରକ, ସମୟ: ସକାଳ ୯ଟା।
- ମିଲେଟ୍ ଦିବସ ପାଳନ, ସ୍ଥାନ: ହୋଟେଲ ହାର୍ଦ୍ଦିକ, ନଳାଙ୍ଗ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା।
- ବ୍ଲକସ୍ତରୀୟ ସୁରଭି, ସ୍ଥାନ: ନରସିଂହପୁର ସରକାରୀ ଉ.ପ୍ରା. ବିଦ୍ୟାଳୟ, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ଟା।
- ସଙ୍ଗୀତ କଳା ପରିଷଦର ବାର୍ଷିକ ସାଂସ୍କୃତିକ ଉତ୍ସବ, ସ୍ଥାନ: ବାଲିନଗର ଯାଦବ ପଡ଼ିଆ, ବାସୁଦେବପୁର, ସମୟ: ଅପରାହ୍ନ ୫ଟା।
- ଶହୀଦ ସ୍ମୃତି ସଙ୍ଗୀତ ମହାବିଦ୍ୟାଳୟର ରୌପ୍ୟ ଜୟନ୍ତୀ ଉତ୍ସବ ଉଦ୍‌ଯାପନୀ, ସ୍ଥାନ: ବ୍ଲକରୋଡ୍ ପଲାଇ କଲୋନୀ, ବାସୁଦେବପୁର, ସମୟ: ଅପରାହ୍ନ ୫ଟା।

## କେନ୍ଦୁଝର

- ଆରଏସ୍‌ଏସ୍ ପକ୍ଷରୁ ଯୁବ ସମ୍ମିଳନୀ, ସ୍ଥାନ: ସ୍ଥାନୀୟ ଅଡିଟୋରିମ, କେନ୍ଦୁଝର, ସମୟ: ସକାଳ ୮ଟା।
- ରାଧାକୃଷ୍ଣଙ୍କ ପୂଜା ଏବଂ ରାସ ଉତ୍ସବ ଉପଲକ୍ଷେ ଭଜନ ସମାରୋହ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ : ବଡ଼ରମ୍ଭାସ, ହାଟଡ଼ିହୀ, ସମୟ : ସନ୍ଧ୍ୟା ୭ ଟା।

## ମୟୂରଭଞ୍ଜ

- ଜଗଦ୍ଧାତ୍ରୀ ପୂଜା, ସ୍ଥାନ: ଭପୁର, ବାରିପଦା, ସମୟ: ସକାଳ ୮ଟା।
- ଥିଏଟର କର୍ମଶାଳା, ସ୍ଥାନ: ଶହୀଦ ସ୍ମୃତି ଭବନ, ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।
- ଅଷ୍ଟମ ପ୍ରହର ନାମଯଜ୍ଞର ଅଧିବାସ, ସ୍ଥାନ: ମାଇନିଂ କଲୋନୀ, ବାରିପଦା, ସମୟ: ସନ୍ଧ୍ୟା ୬ଟା।
- ମା' ଭୈରବୀ ଯାତ୍ରା କମିଟିର ପ୍ରସ୍ତୁତି ବୈଠକ, ସ୍ଥାନ: ଶୀଷାପାଳ ଛକ, ମୋରଡ଼ା, ସମୟ: ସନ୍ଧ୍ୟା ୭ଟା।

## ବ୍ରହ୍ମପୁର

- ରାଷ୍ଟ୍ରୀୟ ସମୂହଗାନ ପ୍ରତିଯୋଗିତା, ସ୍ଥାନ: ନୀଳକଣ୍ଠନଗର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ସମୟ: ସକାଳ ୯ଟା ୩୦।
- ମହାନ ସଂଘର ବାର୍ଷିକ ଉତ୍ସବ,ସ୍ଥାନ: ଗଞ୍ଜାମ କଳା ପରିଷଦ,ସମୟ: ସନ୍ଧ୍ୟା ୬ଟା।।

## କନ୍ଧମାଳ

- ଅଷ୍ଟପ୍ରହର ନମଯଜ୍ଞ, ସ୍ଥାନ: ପୁରୁଣା ନୂଆଗାଁ କନ୍ଧମାଳ, ସମୟ: ସକାଳ ୮ ଟା।
- ମା' ମହାମାୟୀ ମନ୍ଦିରର ୧୬ ତମ ବାର୍ଷିକୋତ୍ସବ ଉପଲକ୍ଷେ ଅଷ୍ଟ ପ୍ରହରୀ ନାମ ଯଜ୍ଞର ପୂର୍ଣ୍ଣାହୁତି ଓ ନଗର କୀର୍ତ୍ତନ, ସ୍ଥାନ : ମା'ମହାମାୟୀ ମନ୍ଦିର, ଭଗାମୁଣ୍ଡା, ବାଲିଗୁଡ଼ା, ସମୟ: ସକାଳ ୯ ଟା।
- ବରିଷ୍ଠ ନାଗରିକଙ୍କ ସ୍ୱାସ୍ଥ୍ୟ ଶିବିର, ସ୍ଥାନ : ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ବାଲିଗୁଡ଼ା, ସମୟ : ସକାଳ ୯ ଟା।

## ଢେଙ୍କାନାଳ

- ସାମାଜିକ କର୍ମୀଙ୍କ ଖବରଦାତା ସମ୍ମିଳନୀ, ସ୍ଥାନ: ପୁରୁଣା ଜିଲା ପରିଷଦ ହଲ, ଢେଙ୍କାନାଳ, ସମୟ: ପୂର୍ବାହ୍ନ ୧୦ଟା।
- ଅଭିନୟ ଫାଉଣ୍ଡେଶନର ବାର୍ଷିକ ଉତ୍ସବ ଉଦ୍‌ଯାପନ, ସ୍ଥାନ: ଗୋପବନ୍ଧୁ ଟାଉନ ହଲ, ଢେଙ୍କାନାଳ, ସମୟ: ସନ୍ଧ୍ୟା ୬ଟା।

## ଅନୁଗୋଳ

- ରାସଯାତ୍ରାର ଶୁଭାରମ୍ଭ, ସ୍ଥାନ: ଆଠମଲ୍ଲିକସ୍ଥିତ ମା' ମାହେଶ୍ୱରୀ ମନ୍ଦିର ସମ୍ମୁଖ ରାସମଣ୍ଡପ, ସମୟ: ସକାଳ ୮ଟା।
- ପୋଲିସ ବ୍ୟାଡମିଣ୍ଟନ ଟୁର୍ନାମେଣ୍ଟ, ସ୍ଥାନ: ଅନୁଗୋଳ ଇନଡୋର ହଲ୍, ସମୟ: ସକାଳ ୯ଟା।
- ମେଲୋଡି କାର୍ଯ୍ୟକ୍ରମ, ସ୍ଥାନ : ଆଠମଲ୍ଲିକ ଦୋଳମଣ୍ଡପ ସାହି ରାସ ମଣ୍ଡପ, ସମୟ : ସନ୍ଧ୍ୟା ୬ଟା।

## ଜଗତ୍‌ସିଂହପୁର

- କାର୍ତ୍ତିକେଶ୍ୱର ମତ୍ସ୍ୟ ବ୍ୟବସାୟୀ ସଂଘ ପକ୍ଷରୁ କାର୍ତ୍ତିକେଶ୍ୱର ଯଜ୍ଞ ପୂଜା କାର୍ଯ୍ୟକ୍ରମ, ସ୍ଥାନ: ବାଲିପ୍ଲଟ, ଅଠରବାଙ୍କୀ, ପାରାଦୀପ, ସମୟ: ସକାଳ ୬ଟା।
- ପାରାଦୀପ ଲକ୍ ଥାନା ପକ୍ଷରୁ ସାଇବର ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଥାନା ପରିସର, ପାରାଦୀପଗଡ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦ୍ରାପଡ଼ା

- ଯୁବା ସମ୍ମିଳନୀ, ସ୍ଥାନ:ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ମାର୍ଶାଘାଇ, ସମୟ:ସକାଳ ୮ଟା ।
- ଜିଲା ଚେସ୍ ଆସୋସିଏଶନ ପକ୍ଷରୁ ଆନ୍ତଃରାଜ୍ୟ ମହିଳା ଚେସ୍ ଚାମ୍ପିୟନସିପ୍, ସ୍ଥାନ:ସ୍ୱୟଂସିଦ୍ଧା ହୋଟେଲ, ଗରାପୁର, କେନ୍ଦ୍ରାପଡା, ସମୟ:ସକାଳ ୮ଟା ।
- ଶିବାନନ୍ଦ ଆଶ୍ରମ ପକ୍ଷରୁ ଆୟୋଜିତ କାର୍ତ୍ତିକ ହବିଶିଆଳିଙ୍କ ପଞ୍ଚୁକ ବ୍ରତ ଉପଲକ୍ଷେ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ, ସ୍ଥାନ:ଶ୍ରୀ ବଳଦେବଜୀଉ ମନ୍ଦିର, ଇଛାପୁର, କେନ୍ଦ୍ରାପଡା ସହର, ସମୟ:ସକାଳ ୮ ।
- ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ, ସ୍ଥାନ:ଧୂମାତ, କେନ୍ଦ୍ରାପଡା, ସମୟ: ପୂର୍ବାହ୍ନ ୧୦ଟା।

## ଯାଜପୁର

- ଜଗନ୍ନାଥ ସଂସ୍କୃତି ପରିଷଦ ପକ୍ଷରୁ ଭାଗବତ ପାରାୟଣ, ସ୍ଥାନ : ଯାଜପୁର ରୋଡ ମହତାବନଗର ଦେବେଶ୍ୱର ମନ୍ଦିର ପରିସର, ସମୟ: ସକାଳ ୭ଟା।
- ବରୀ ମହୋତ୍ସବର ପ୍ରସ୍ତୁତି ବୈଠକ, ସ୍ଥାନ: ବାଲିଆପାଳ ସନ୍ଥନ ମହାବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ରାଜ୍ୟ ଅବସରପ୍ରାପ୍ତ କର୍ମଚାରୀ ମହାସଙ୍ଘର କେନ୍ଦ୍ରୀୟ କାର୍ଯ୍ୟକାରୀ କମିଟି ସଭା, ସ୍ଥାନ: ଧର୍ମଶାଳା ମହାବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ରାଷ୍ଟ୍ରଦୀପ ପାଠକ ସମିତି ଓ ଅଖିଳ ଭାରତୀୟ ସାହିତ୍ୟ ପରିଷଦ ପକ୍ଷରୁ ଆଲୋଚନାଚକ୍ର, ସ୍ଥାନ: ଜାରକା ହାଇସ୍କୁଲ ପାଠାଗାର ପରିସର, ସମୟ: ଅପରାହ୍ନ ୪ଟା।

## ନୟାଗଡ଼

- ଶ୍ରୀମଦ୍ ଭାଗବତ ସପ୍ତାଙ୍ଗ ମହାଯଜ୍ଞ ପାରାୟଣ ଓ ପ୍ରବଚନର ଷଷ୍ଠ ଦିବସ ଶ୍ରୀକୃଷ୍ଣଙ୍କ ବାଲ୍ୟଲୀଳା ଓ ରୁକ୍ମିଣୀ ବିବାହ, ସ୍ଥାନ: ଜଳେଶ୍ୱର ମହାଦେବଙ୍କ ପୀଠ, ମାଳିସାହି ଡିହଗାଁ, ସମୟ: ସକାଳ ୬ରୁ ରାତି୧୦ଟା ୩୦ ।
- ମନ୍ଦିର ପ୍ରତିଷ୍ଠା, ବାର୍ଷିକ ଉତ୍ସବ ଓ କାର୍ତ୍ତିକ ପୂର୍ଣ୍ଣିମାରେ ଅଁଳା ନବମୀର କଳସ ଯାତ୍ରା, ଯଜ୍ଞ, ସ୍ଥାନ: ଦଶପଲ୍ଲା ବ୍ଲକ ଖମାରସାହି ପଞ୍ଚାୟତ ଭୀମରା ପାହାଡ, ସମୟ:ସକାଳ ୭ଟା ।
- ଶରତ ରାସ ଯାତ୍ରା ମହୋତ୍ସବର ୨ୟ ଦିବସରେ ବୃନ୍ଦାହରଣ, ସ୍ଥାନ: ଦଶପଲ୍ଲା ସହର ଗୋପୀନାଥ ଜୀଉ ବିଜେ ସାତପାଟଣା, ସମୟ:ସକାଳ ୭ଟା ।
- ପଞ୍ଚଦଶ ଭାଗବତ ପାରାୟଣର ସୂର୍ଯ୍ୟପୂଜା, ହୋମ, ଭାବତ ପାରାୟଣ, ଭଜନ କୀର୍ତ୍ତନ ଓ ପ୍ରବଚନର ପଞ୍ଚମ ଦିବସ, ସ୍ଥାନ ; ନୟାଗଡ ବ୍ଲକ ବେଗୁନିଆ ପାଟଣା ଗୋପୀନାଥ ଜୀଉଙ୍କ ମନ୍ଦିର, ସମୟ: ସକାଳ ୭ଟା ।
- ଭାଗବତ ସପ୍ତାଙ୍ଗର ୪ର୍ଥ ଦିବସ, ସ୍ଥାନ: ଖଣ୍ଡପଡା ବ୍ଲକ ସିଦ୍ଧାମୂଳାସ୍ଥ ଗୋକୁଳାନନ୍ଦ ମନ୍ଦିର, ସମୟ:ସକାଳ ୮ଟା ।
- ନୟାଗଡ ନଗର, ସଦର ଓ ଓଡଗାଁ ଖଣ୍ଡର ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ଯୁବ ସମ୍ମିଳନୀ, ସ୍ଥାନ:ନୟାଗଡ ସ୍ୱୟଂଶାସିତ ମହାବିଦ୍ୟାଳୟ, ସମୟ: ସକାଳ ୮ଟାରୁ ଅପରାହ୍ନ ୨ଟା ।
- ଭାଗବତ ସପ୍ତାଙ୍ଗର ୪ର୍ଥ ଦିବସ, ସ୍ଥାନ: ଖଣ୍ଡପଡା ବ୍ଲକ ମର୍ଦ୍ଦରାଜପୁରର ମୁଣ୍ଡିଆ ହନୁମାନ ପୀଠ ; ଭାପୁର ବ୍ଲକ ପଥରଚକଡା ପଞ୍ଚାୟତ ନାରାୟଣୀ ପୀଠ, ସମୟ:ସକାଳ ୯ଟା ।
- ୨ୟ ତମ ବୈଦିକ ଦେବ ଯଜ୍ଞ ଓ ପଞ୍ଚକ ଜ୍ଞାନ ଜ୍ୟୋତି ପାରାୟଣ ପର୍ବର ୩ୟ ଦିବସ, ସ୍ଥାନ:କଣ୍ଟିଲୋ କୁଞ୍ଜବିହାରୀପୁର ପାଟଣା, ସମୟ: ସକାଳ ୯ରୁ ରାତ୍ର ୯ ।
- ବୋଇତ ବନ୍ଦାଣ ଯାତ୍ରାଉତ୍ସବ୨ୟ ଦିବସରେ ସାଂସ୍କୃତିକ ଆସର, ସ୍ଥାନ: ନୟାଗଡ ପୁରୁଣା ସହରର ମା' ଦକ୍ଷୀଣକାଳୀଙ୍କ ପଡିଆ, ସମୟ:ସନ୍ଧ୍ୟା ୫ଟା ୩୦ରୁ ରାତି ୧୦ଟା ।
- ପଞ୍ଚକ ଅବସରରେ ପାର୍ଶ୍ୱଦେବତା ଜଗନ୍ନାଥ ଜୀଉ ବିଜେଙ୍କ ଗଜ ଉଦ୍ଧାରଣ ବେଶ, ସ୍ଥାନ: ଶରଣକୁଳ ଲଡୁବାବାଙ୍କ ପୀଠ, ସମୟ:ସନ୍ଧ୍ୟା ୫ଟା ୩୦ରୁ ରାତି ୧୦ଟା ।
- ପଞ୍ଚକ ଅବସରରେ ଜଗନ୍ନାଥ ଜୀଉ ବିଜେଙ୍କ ଲକ୍ଷ୍ମୀ ନାରାୟଣ ବେଶ, ସ୍ଥାନ: ନୟାଗଡ ପୁରୁଣା ସହର, ସମୟ:ସଂଧ୍ୟା ୬ଟାରୁ ରାତି ୧୦ଟା।
- ଗଜ ଉଦ୍ଧାରଣ ବେଶ, ସ୍ଥାନ: ଓଡଗାଁ ରଘୁନାଥ ଜୀଉଙ୍କ ମନ୍ଦିର, ସମୟ:ସଂଧ୍ୟା ୬ଟାରୁ ରାତି ୧୦ଟା ।
- ଲକ୍ଷ୍ମୀ ନାରାୟଣ ବେଶ, ସ୍ଥାନ: କଣ୍ଟିଲୋ ନୀଳମାଧବ କ୍ଷେତ୍ର, ସମୟ:ସଂଧ୍ୟା ୭ଟାରୁ ରାତି ୧୦ଟା ।

## ରାୟଗଡ଼ା

- ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା, ସ୍ଥାନ: ମହାବିଦ୍ୟାଳୟ ପଡିଆ, ମୁନିଗୁଡା, ସମୟ: ପୂର୍ବାହ୍ନ ୧୦ଟା।
- ସାଇବର ସୁରକ୍ଷା ସଚେତନତା ଅବସରରେ ରୋଡ୍‌ରନ୍, ସ୍ଥାନ: ଜିସିଡ଼ି ପଡ଼ିଆ, ରାୟଗଡ଼ା, ସମୟ: ସନ୍ଧ୍ୟା ୫ଟା ୧୫।

## ନବରଙ୍ଗପୁର

- ଭତରା ସମାଜର ଶପଥ ପାଠ ଉତ୍ସବ, ନୂଆଁଖାଇ ଜୁହାର ଭେଟ୍‌ଘାଟ, ସ୍ଥାନ: ଧୋଡ୍ରା ଧାମନାଗୁଡ଼ା ମାଁ ଦନ୍ତେଶ୍ୱରୀ ମନ୍ଦିର ପ୍ରାଙ୍ଗଣ, ସମୟ: ଅପରାହ୍ନ ୨ଟା।

## କୋରାପୁଟ

- ପଞ୍ଚୁକ ବ୍ରତ ଓ ନାମ ସଂକୀର୍ତ୍ତନ, ସ୍ଥାନ: ଶାବର ଶ୍ରୀକ୍ଷେତ୍ର ମଝିବେଢ଼ା, କୋରାପୁଟ, ସମୟ: ସକାଳ ୬ଟା।
- ଦୁର୍ନୀତି ନିବାରଣ ନେଇ ସଚେତନତା ପଦଯାତ୍ରା, ସ୍ଥାନ: ରାଜାନଅର, ଜୟପୁର, ସମୟ:ସକାଳ ୮ଟା।
- ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟ ଆରମ୍ଭ, ସ୍ଥାନ: କୋରାପୁଟ ଷ୍ଟାଡିୟମ, ସମୟ: ସକାଳ ୮ଟା।

## ସମ୍ବଲପୁର

- ସମ୍ବଲପୁର ପୋଲିସ ଆୟୋଜନରେ ସାଇକ୍ଲୋଥନ, ସ୍ଥାନ: ନେଲସନ ମଣ୍ଡେଲା ଛକ, ସମୟ : ସକାଳ ୭ଟା।
- ଗ୍ରୁମିଂ ଛାତ୍ରୀଛାତ୍ରଙ୍କ ସମାବର୍ତ୍ତନ ଉତ୍ସବ, ସ୍ଥାନ : ସମ୍ବଲପୁର ଆଇଆଇଏମ୍ ପରିସରସ୍ଥ କୋଣାର୍କ ପ୍ରେକ୍ଷାଳୟ, ସମୟ : ପୂର୍ବାହ୍ନ ୧୦ଟା।
- ସମ୍ବଲପୁରୀ ବହିକୁ ନେଇ ଆଲୋଚନା ଓ ସାହିତ୍ୟ ଆସର, ସ୍ଥାନ: ସାମ୍ବାଦିକ ଭବନ, ସମୟ : ପୂର୍ବାହ୍ନ ୧୦ଟା।
- ଭାଗବତ ସପ୍ତାହ ଜ୍ଞାନଯଜ୍ଞ, ସ୍ଥାନ : ମୁଦିପଡା ପଦ୍ମକେଶରୀ ପାର୍କ ସ୍ଥିତ ଶ୍ରୀରାଧାକୃଷ୍ଣ ମନ୍ଦିର ପ୍ରାଙ୍ଗଣ, ସମୟ : ପୂର୍ବାହ୍ନ ୧୦ଟା।
- କଳାସଂସ୍କୃତି ମହୋତ୍ସବ ପାଇଁ ଆଞ୍ଚାମାଳ, ସ୍ଥାନ: ସମଲେଇ ମନ୍ଦିର ପରିସର, ସମୟ: ପୂର୍ବାହ୍ନ ୧୨ଟା।
- ଗୁପ୍ତା ଇଭେଣ୍ଟ ମ୍ୟାନେଜମେଣ୍ଟ ପ୍ରାଇଭେଟ ଲିମିଟେଡ ଦ୍ୱିତୀୟ ସମ୍ବଲପୁର ଅର୍ନ୍ତଜାତୀୟ ଟ୍ରେଡ ଫେୟାର, ସ୍ଥାନ:ଅଇଁଠାପାଲି ପିଏଚ୍‌ଡି ପଡିଆ, ସମୟ : ଅପରାହ୍ନ ୨ଟା ୩୦ରୁ ରାତି ୧୦ଟା।
- ଶ୍ରୀରାମ କଥା ଭକ୍ତ ମଣ୍ଡଳ ଆୟୋଜିତ ଶ୍ରୀରାମ କଥା ପ୍ରବଚନ, ସ୍ଥାନ : କ୍ଷେତରାଜପୁର ଦୁର୍ଗା ମଙ୍ଗଳମ, ସମୟ : ଅପରାହ୍ନ ୩ଟାରୁ ରାତି ୭ଟା।
- ଟିମ୍ ସମ୍ବଲପୁର ପକ୍ଷରୁ ଫେଶନ ଉଇକ–୨୫, ସ୍ଥାନ: ଭାଲୁପାଲି ଛକସ୍ଥିତ ଡିଲଙ୍ଗ ସଭାକକ୍ଷ, ସମୟ : ଅପରାହ୍ନ ୪ଟା।

## ଏସ୍‌ଆଇ ପରୀକ୍ଷା ଜାଲିଆତି...

ପ୍ରଥମ ପୃଷ୍ଠାରୁ...

ଶଙ୍କର ବହୁଦିନ ଧରି କ୍ରାଇମବ୍ରାଞ୍ଚକୁ ଚକ୍‌ମା ଦେଇ ଫେରାର ଥିବା ବେଳେ ତାଙ୍କ ବିରୋଧରେ ଲୁକ୍ ଆଉଟ ସର୍କୁଲାର ଜାରି ହୋଇଥିଲା। କ୍ରାଇମବ୍ରାଞ୍ଚର ବିଭିନ୍ନ ଟିମ ବିଭିନ୍ନ ରାଜ୍ୟରେ ଶଙ୍କରଙ୍କୁ ଧରିବାକୁ ଅପରେଶନ୍ ଚଳାଇଥିଲା। ଶଙ୍କର ଗିରଫ ପରେ ଏହି ମାମଲାରେ ଗିରଫଦାରି ସଂଖ୍ୟା ୧୨୪ରେ ପହଞ୍ଚିଛି। ଗତ ଅକ୍ଟୋବର ୧୬ରେ ଶଙ୍କରଙ୍କ ଘନିଷ୍ଠ


ଶଙ୍କର ପୃଷ୍ଟି

ସହଯୋଗୀ ମୁନା ମହାନ୍ତିଙ୍କ ସମେତ ଶ୍ରୀକାନ୍ତ ମହାରଣା, ଟି. ଅଭିମନ୍ୟୁ ଦୋରା ଓ ପ୍ରିୟଦର୍ଶିନୀ ସାମଲଙ୍କୁ କ୍ରାଇମବ୍ରାଞ୍ଚ ଗିରଫ କରିଥିଲା। ଅଭିଯୁକ୍ତ ମୁନା ଓ ଶ୍ରୀକାନ୍ତ ସେମାନଙ୍କ ସହଯୋଗୀ ଅଭିମନ୍ୟୁଙ୍କ ଦଶପଲ୍ଲାସ୍ଥିତ ଫାର୍ମ ହାଉସ୍‌ରେ ଲୁଚିଥିବା ବେଳେ କ୍ରାଇମବ୍ରାଞ୍ଚ ଚଢ଼ାଉ କରି ଧରିଥିଲା।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଅଦିନେ ଖାଇଛି ଦହି,**
**ଗାଁ ଯାକ ଗଲି କହି ।**

କେଉଁଠି କେମିତି ଭଲ ସୁସ୍ୱାଦୁ ଖାଇବା ଟିକକ ମିଳିଗଲେ ତାହା ଅନେକ ଦିନ ଧରି ମନରେ ସ୍ମୃତି ହୋଇ ରହିଯାଇଥାଏ। କଦବା କ୍ୱଚିତ୍ ଦୁର୍ଲଭ ପଦାର୍ଥ ଖାଇବାକୁ ପାଇଲେ ବହୁ ଲୋକ ଫୁଲାଫାଙ୍କିଆ ହୋଇ ଚାରିଆଡେ କହିବୁଲୁଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଅଇଲା ପଣ୍ଡୁ, ମଲେ ମଶା,**
**ଫାଟୁଆ ଦେଲେ ମୁରୁକି ହସା ।**

ପଣ୍ଡୁ ପୂର୍ଣ୍ଣିମା ପରେ ଶୀତ ବଢ଼ିଥାଏ। ମଶା ଥଣ୍ଡା ସହି ପାରନ୍ତି ନାହିଁ। ଥଣ୍ଡା ପଡିଲେ ମଶା ମରିଯାନ୍ତି। ସେମାନଙ୍କ ଉପଦ୍ରବ କମିଯାଏ। ସେହିପରି ଶୀତ ହେତୁ ଲୋକଙ୍କର ଗୋଡ଼ ତଳିପା ଫାଟେ,ଚାଲିଲା ବେଳେ ଗୋଡ଼କୁ କାଟେ। ଏପରିସ୍ଥଳେ ଗୋଡ଼କୁ କାଟୁଛି ପଚାରିଲେ ଉକ୍ତ ବ୍ୟକ୍ତି ଲାଜରେ କିଛି ନ କହି ପାରି କେବଳ ମୁରୁକି ହସିଦେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ


ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ଓଡ଼ିଶାରେ ସେମିକଣ୍ଡକ୍ଟର ...

ଅଶ୍ୱିନୀ ବୈଷ୍ଣବ ତାଙ୍କ ଏମ୍‌ପି ଫଣ୍ଡରୁ ୫ କୋଟି ଟଙ୍କା ବିନିଯୋଗ କରି ଆଇଆଇଟି ଭୁବନେଶ୍ୱରରେ ଏକ 'ନମୋ ସେମିକଣ୍ଡକ୍ଟର ଲାବରେଟୋରି' ସ୍ଥାପନ ପାଇଁ ଅନୁମୋଦନ ଦେଇଛନ୍ତି। ଏହା ସ୍ଥାପନ ହେବା ଦ୍ୱାରା ଛାତ୍ରୀଛାତ୍ରମାନେ ସେମିକଣ୍ଡକ୍ଟର ସମ୍ପର୍କରେ ଅଧିକ ଗବେଷଣାର ସୁଯୋଗ ପାଇପାରିବେ। ମୁଖ୍ୟମନ୍ତ୍ରୀ କହିଛନ୍ତି, ଯାହା ପୂର୍ବରୁ ବର୍ଷ ବର୍ଷ ସମୟ ଲାଗି ଯାଉଥିଲା ତାହା ଏବେ ମାସକରେ ସମ୍ପୂର୍ଣ୍ଣ ହେଉଛି। ଏହା ହେଉଛି ନୂତନ ଭାରତର ଗତି ଏବଂ ଶକ୍ତି। ବେଙ୍ଗାଲୁରୁ ପରେ ବର୍ତ୍ତମାନ ଓଡ଼ିଶା ଭାରତର ନୂତନ ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି ରାଜଧାନୀ ଭାବେ ଉଭା ହେଉଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ, ଭାରତ ଚିପ୍‌ରୁ ଶିପ୍ ପର୍ଯ୍ୟନ୍ତ ସମସ୍ତ ମିଶନରେ ଆଗକୁ ବଢୁଛି। ସେମିକଣ୍ଡକ୍ଟର ଏବଂ ଇଲେକ୍ଟ୍ରୋନିକ୍ସ ଉତ୍ପାଦନରେ ଓଡ଼ିଶା ଆତ୍ମନିର୍ଭରଶୀଳତାର ଏକ ନୂତନ ଅଧ୍ୟାୟ ସୃଷ୍ଟି କରୁଛି ବୋଲି ସେ କହିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ସେମିକଣ୍ଡକ୍ଟର ମିଶନ୍‌ର ସଫଳତାରେ ଓଡ଼ିଶା ପ୍ରମୁଖ ଭୂମିକା ଗ୍ରହଣ କରିବାକୁ ଯାଉଛି। ଦିଲ୍ଲୀରେ ମଧ୍ୟ ୨ଟି କମ୍ପାନୀ ଓଡ଼ିଶାରେ ସେମିକଣ୍ଡକ୍ଟର ୟୁନିଟ ପ୍ରତିଷ୍ଠା ପାଇଁ ଏମ୍‌ଓୟୁ କରିଥିଲେ। ଆଗାମୀ ଦିନରେ ଏହି ୨ କମ୍ପାନୀ ଓଡ଼ିଶାରେ ପ୍ରାୟ ୩,୦୦୦ କୋଟି ଟଙ୍କା ନିବେଶ କରିବେ। ସେମିକଣ୍ଡକ୍ଟର କ୍ଷେତ୍ରରେ ଦେଶରେ ଓଡିଶା ଏକ ହବ୍ ଭାବେ ପରିଗଣିତ ହେବ ବୋଲି ସେ କହିଛନ୍ତି।

ଏହି କାର୍ଯ୍ୟକ୍ରମରେ ଆଭାସି ମାଧ୍ୟମରେ ଯୋଗଦେଇ ରେଳମନ୍ତ୍ରୀ ବୈଷ୍ଣବ କହିଛନ୍ତି, ପ୍ରଧାନମନ୍ତ୍ରୀଙ୍କ ସ୍ୱପ୍ନ ସାକାର ହେଉଛି, ଓଡ଼ିଶା ପୂର୍ବୋଦୟର ଗେଟ୍–ୱେ ଭାବେ ବିକଶିତ ହେଉଛି। ଅତ୍ୟାଧୁନିକ ଜ୍ଞାନକୌଶଳ ଦ୍ୱାରା ଶିଳ୍ପ ଏବଂ ଶିକ୍ଷାକୁ ସମନ୍ୱୟ କରି ବର୍ତ୍ତମାନ ଆଇଆଇଟି ଭୁବନେଶ୍ୱରରେ 'ନମୋ ସେମିକଣ୍ଡକ୍ଟର ଲାବରେଟୋରି' ସ୍ଥାପନ କରାଯିବ ବୋଲି ସେ ଘୋଷଣା କରିଥିଲେ। ବର୍ତ୍ତମାନ ଯୁବ ପିଢ଼ି ପାଇଁ ଏ କ୍ଷେତ୍ରରେ ଅଧିକ ଜ୍ଞାନ ଆହରଣ ଓ ଗବେଷଣା ପାଇଁ ଏକ ସୁବର୍ଣ୍ଣ ସୁଯୋଗ ହେବ ବୋଲି ସେ କହିଛନ୍ତି। କାର୍ଯ୍ୟକ୍ରମରେ ଯୋଗଦେଇ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ମନ୍ତ୍ରୀ ମୁକେଶ ମହାଲିଙ୍ଗ କହିଛନ୍ତି, ଆଇଟି କ୍ଷେତ୍ରରେ ବୈପ୍ଲବିକ ପରିବର୍ତ୍ତନ ପାଇଁ ସେମିକଣ୍ଡକ୍ଟର ଏକ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ବହନ କରୁଛି। ଓଡ଼ିଶା ଏହି ଗୁରୁଦାୟିତ୍ୱକୁ ବହନ କରି ପ୍ରଧାନମନ୍ତ୍ରୀଙ୍କ ପରିକଳ୍ପିତ ବିକଶିତ ଭାରତର ସ୍ୱପ୍ନକୁ ସାକାର କରୁଛି। କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଆଇ.ଆଇ.ଟି ଭୁବନେଶ୍ୱର ନିର୍ଦ୍ଦେଶକ ଶ୍ରୀପଦ କର୍ମାଳ୍କର, ଆର୍କେନ୍ କେମିକାଲ୍ ଇଣ୍ଡଷ୍ଟ୍ରିଜ୍ ମ୍ୟାନେଜିଂ ଡାଇରେକ୍ଟର ରଞ୍ଜିତ ପେଣ୍ଡୁର୍ଥୀ, ସିକ୍‌ସେମ୍ ପ୍ରାଇଭେଟ୍ ଲିମିଟେଡ୍‌ର ମ୍ୟାନେଜିଂ ଡାଇରେକ୍ଟର ଗୁରୁ ଥାଲ୍ଲାପାନେନୀ, କ୍ଲାସ୍–ସିକ୍ ୱାଫର୍ ଫ୍ୟାବ୍ ଲିମିଟେଡର ଚିଫ୍ ଏକ୍‌ଜିକ୍ୟୁଟିଭ୍ ଅଫିସର ମିସ୍ ଜେନିଫର୍ ୱାଲସ ପ୍ରମୁଖ ଉପସ୍ଥିତ ଥିଲେ।

## ଆନ୍ଧ୍ର ଭେଙ୍କଟେଶ୍ୱର ...

ପ୍ରବେଶ ଅନୁମତି ନ ଥିଲା ବୋଲି ଡିଏସ୍‌ପି କହିଛନ୍ତି। ମୃତକଙ୍କ ମଧ୍ୟରେ ଓଡ଼ିଶାର ଜଣେ ଯୁବତୀ ରହିଛନ୍ତି। ସେ ହେଲେ ଗଞ୍ଜାମ ଜିଲା ପାତ୍ରପୁର ବ୍ଲକ ଜରଡା ଥାନା ଅନ୍ତର୍ଗତ ଗୁଡ଼ିପଦର ଗ୍ରାମର ରାଙ୍ଗଲା ରୂପା(୧୯)। ତାଙ୍କ ସହ ଯାଇଥିବା ବି. ରୋହିଣୀ ଆହତ ହୋଇଥିବା ଜଣାପଡିଛି। କାଶୀବୁଗାର ଏକ ନର୍ସିଂ କଲେଜରେ ରୂପା ପାଠ ପଢୁଥିଲେ। ଶନିବାର ରୂପା ଗୁଡିପଦର ଗ୍ରାମରେ ବିବାହ କରିଥିବା ମଞ୍ଜୁଷାର ବି. ରୋହିଣୀଙ୍କ ସହ ମନ୍ଦିରକୁ ଯାଇଥିଲେ। ରୂପା ଗୁଡିପଦର ଗ୍ରାମର ଆର୍. ଡ଼ିଲେଶ୍ୱଙ୍କ ଏକମାତ୍ର ଝିଅ ହୋଇଥିବା ବେଳେ ଡିଲେଶ୍ୱଙ୍କ ସ୍ତ୍ରୀଙ୍କର ଦୁଇବର୍ଷ ତଳୁ ମୃତ୍ୟୁ ଘଟିଛି। ରୂପାଙ୍କ ଅକାଳ ବିୟୋଗରେ ଗ୍ରାମରେ ଶୋକର ଛାୟା ଖେଳିଯାଇଛି। ସନ୍ଧ୍ୟାରେ ରୂପାଙ୍କ ମୃତଦେହ ଗ୍ରାମକୁ ଆସିଥିବା ଜଣାପଡିଛି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦଳାଚକଟା ଘଟଣାରେ ଦୁଃଖ ପ୍ରକାଶ କରିବା ସହ ପ୍ରତି ମୃତକଙ୍କ ପରିବାର ପାଇଁ ୨ ଲକ୍ଷ ଟଙ୍କା ଓ ଆହତଙ୍କ ନିମନ୍ତେ ୨,୦୦୦ ଟଙ୍କା ସହାୟତା ଘୋଷଣା କରିଛନ୍ତି। ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଏନ୍. ଚନ୍ଦ୍ରବାବୁ ନାଇଡୁ ଏହି ଘଟଣା ପାଇଁ ମନ୍ଦିର କର୍ତ୍ତୃପକ୍ଷଙ୍କୁ ଦାୟୀ କରିଛନ୍ତି। କେତେଜଣ ଲୋକଙ୍କ କାର୍ଯ୍ୟ ପାଇଁ ଦଳାଚକଟା ଘଟି ୯ ଜଣଙ୍କ ଜୀବନ ଗଲା ବୋଲି ସେ କହିଛନ୍ତି। ଏକାଦଶୀ ଉତ୍ସବ ସମ୍ପର୍କରେ ମନ୍ଦିର କର୍ତ୍ତୃପକ୍ଷ ପୋଲିସ କିମ୍ବା ସ୍ଥାନୀୟ ପ୍ରଶାସନକୁ ନ ଜଣାଇବା ଦୁର୍ଭାଗ୍ୟଜନକ ବୋଲି ସେ ମତ ଦେଇଛନ୍ତି। ଅନ୍ୟପକ୍ଷରେ ୱାଇଏସ୍‌ଆର୍‌ସିପି ନେତା ଜଗନମୋହନ ରେଡ୍ଡୀ ରାଜ୍ୟ ସରକାରଙ୍କୁ ଏଥିପାଇଁ ଦାୟୀ କରିଛନ୍ତି। ପୂର୍ବରୁ ରାଜ୍ୟରେ ଏଭଳି ଏକାଧିକ ଘଟଣା ଘଟିଥିଲେ ମଧ୍ୟ ଉପଯୁକ୍ତ ସତର୍କତା ବ୍ୟବସ୍ଥା ଗ୍ରହଣ କରା ନ ଯିବାରୁ ପୁନର୍ବାର ଦଳାଚକଟାରେ ୯ ଜୀବନ ଗଲା। ଏଥିପାଇଁ ସରକାରଙ୍କ ଉଦାସୀନତା ଦାୟୀ ବୋଲି ଜଗନ କହିଛନ୍ତି। ସୂଚନାଯୋଗ୍ୟ, ଚଳିତ ବର୍ଷ ମଧ୍ୟରେ ଆନ୍ଧ୍ରପ୍ରଦେଶରେ ୩ଟି ବଡ଼ ମନ୍ଦିର ଦୁର୍ଘଟଣା ଘଟି ୨୨ ଜଣଙ୍କ ମୃତ୍ୟୁ ହେବା ସହ ପ୍ରାୟ ୧୦୦ ଜଣ ଆହତ ହେଲେଣି। ଗତ ଏପ୍ରିଲରେ ସୀମାଚଳମ୍‌ର ଶ୍ରୀବରାହ ଲକ୍ଷ୍ମୀନରସିଂହ ସ୍ୱାମୀ ମନ୍ଦିରରେ ପାଚେରି ଭୁଶୁଡ଼ି ୭ ଜଣଙ୍କ ମୃତ୍ୟୁ ଘଟିଥିଲା। ସେହିପରି ଜାନୁଆରୀରେ ତିରୁପତିର ବୈରାଗୀ ପଛେଡ଼ାଠାରେ ଦଳାଚକଟାରେ ୬ ଶ୍ରଦ୍ଧାଳୁଙ୍କ ମୃତ୍ୟୁ ଘଟିବା ସହ ପ୍ରାୟ ୪୦ ଜଣ ଆହତ ହୋଇଥିଲେ। ତିରୁପତି ମନ୍ଦିରରେ ପ୍ରବେଶ ପାଇଁ ଟିକେଟ ନିମନ୍ତେ ସେମାନେ ଭିଡ଼ ଜମାଇଥିବାବେଳେ ଦଳାଚକଟା ଘଟିଥିଲା।

## ଜିଏସ୍‌ଟି ସଂଗ୍ରହ...

ଚଳିତ ଆର୍ଥିକ ବର୍ଷରେ ଜିଏସ୍‌ଟି ବୃଦ୍ଧି ହାର ହାରାହାରି ୯ ପ୍ରତିଶତ ଥିବାବେଳେ ଅକ୍ଟୋବରରେ ତାହା ୪.୬ ପ୍ରତିଶତକୁ ଖସିଆସିଛି। ଗତ ଅଗଷ୍ଟରେ ଜିଏସ୍‌ଟି ସଂଗ୍ରହ ୬.୫% ବଢ଼ି ୧.୮୬ ଲକ୍ଷ କୋଟି ହୋଇଥିବାବେଳେ ସେପ୍ଟେମ୍ବରରେ ଜିଏସ୍‌ଟି ସଂଗ୍ରହ ୯.୧% ବୃଦ୍ଧି ପାଇ ୧.୮୯ ଲକ୍ଷ କୋଟି ଟଙ୍କା ହୋଇଥିଲା। ଅକ୍ଟୋବରରେ ପାର୍ବଣ ଋତୁ ଯୋଗୁ ଚାହିଦା ବୃଦ୍ଧି ସହ ଅଧିକ ସଂଖ୍ୟାରେ ଜିଏସ୍‌ଟି ସଂଗୃହୀତ ହୋଇଥିବା ଜଣାପଡ଼ିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସ୍ୱାଧୀନତା ଦିବସ ଅଭିଭାଷଣରେ ଦୀପାବଳି ପୂର୍ବରୁ ଜିଏସ୍‌ଟି ହ୍ରାସ ସମ୍ପର୍କରେ ଘୋଷଣା କରିଥିବାରୁ ଲୋକେ ସେମାନଙ୍କ କ୍ରୟ ନିଷ୍ପତ୍ତିକୁ ଟିକସ କମିବା ପର୍ଯ୍ୟନ୍ତ ସ୍ଥଗିତ ରଖିଥିଲେ। ଫଳରେ ଅକ୍ଟୋବରରେ ଅଧିକ ଲୋକେ କିଣାକିଣି କରିଥିଲେ। ତଥ୍ୟ ଅନୁଯାୟୀ, ଜିଏସ୍‌ଟି ରିଫଣ୍ଡ ଗତବର୍ଷ ଅକ୍ଟୋବର ତୁଳନାରେ ଗତ ମାସରେ ୩୯.୬ ପ୍ରତିଶତ ବୃଦ୍ଧି ପାଇ ୨୬,୯୩୪ କୋଟି ଟଙ୍କାରେ ପହଞ୍ଚିଛି। ରିଫଣ୍ଡକୁ ବାଦ୍ ଦେବା ପରେ ଚଳିତ ବର୍ଷ ଅକ୍ଟୋବରରେ ଜିଏସ୍‌ଟି ରାଜସ୍ୱ ୧.୬୯ ଲକ୍ଷ କୋଟି ଟଙ୍କା ହୋଇଛି, ଯାହା ପୂର୍ବ ବର୍ଷ ଅକ୍ଟୋବର ତୁଳନାରେ ୦.୨ ପ୍ରତିଶତ ଅଧିକ।

## ଆଜି ଭାରତ–ଦ. ଆଫ୍ରିକା ...

ଉଭୟ ଦଳ କଦାପି ବିଶ୍ୱକପ୍ ଜିତି ନ ଥିବାରୁ ଏଥର ବିଶ୍ୱକୁ ନୂଆ ମହିଳା ଚାମ୍ପିୟନ ମିଳିବ। ଭାରତ ଏହି ଫାଇନାଲ ଜିତିବାକୁ ସକ୍ଷମ ହେଲେ ହରମନପ୍ରୀତ୍ କୌର ପ୍ରଥମ ଭାରତୀୟ ଅଧିନାୟିକା ଭାବେ ବିଶ୍ୱକପ୍ ଟ୍ରଫି ଉଠାଇବେ। ତୃତୀୟଥର ପାଇଁ ଫାଇନାଲରେ ପ୍ରବେଶ କରିଥିବା ଭାରତୀୟ ଦଳ ୨୦୦୫ ଓ ୨୦୧୭ ସଂସ୍କରଣରେ ରନରଅପ୍ ହୋଇଥିଲା। ୭ଥରର ଚାମ୍ପିୟନ ଅଷ୍ଟ୍ରେଲିଆ ବିପକ୍ଷ ସେମିଫାଇନାଲରେ ଐତିହାସିକ ବିଜୟ ହାସଲ କରିଥିବା ଭାରତୀୟ ଦଳ ଖୁବ୍ ଆତ୍ମବିଶ୍ୱାସ ସହ ପଡ଼ିଆକୁ ଓହ୍ଲାଇବ। ବ୍ୟାଟିଂ ଫ୍ରେଣ୍ଡ୍‌ଲି ପିଚ୍ ଓ ସନ୍ଧ୍ୟାରେ କାକରର ସମ୍ଭାବନା ରହିଥିବାରୁ ଏହା ଏକ ହାଇ ସ୍କୋରିଂ ମ୍ୟାଚ୍ ହେବ ବୋଲି ଆଶା କରାଯାଉଛି। ସମାନ ଭେନ୍ୟୁରେ ଅଷ୍ଟ୍ରେଲିଆ ବିପକ୍ଷରେ ଖେଳାଯାଇଥିବା ସେମିଫାଇନାଲରେ ୩୩୯ ରନର ବିଶାଳ ଟାର୍ଗେଟର ପିଛା କରି ଭାରତୀୟ ମହିଳା ଦଳ ଐତିହାସିକ ବିଜୟ ହାସଲ କରିଥିଲା।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଅଶ୍ୱିନୀ ନକ୍ଷତ୍ର ସକାଶେ ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିପାରେ। ଯାନବାହନରେ ଅସୁବିଧାର ସମ୍ମୁଖୀନ ହେବେ। ଶତ୍ରୁମାନେ ସୁଯୋଗ ଅପେକ୍ଷାରେ ରହିଲେ ବି କିଛି କରିପାରିବେ ନାହିଁ। ପ୍ରଶାସନ, ଅଧ୍ୟୟନ ଓ ଅଧ୍ୟାପନା ଏବଂ ସାହିତ୍ୟ, ଗବେଷଣା, ସାମ୍ବାଦିକତା କ୍ଷେତ୍ରରୁ ଶୁଭଫଳ ମିଳିବ।

**ବୃଷ** କୃତ୍ତିକା ନକ୍ଷତ୍ରର ଅଧିକାଂଶ ସମୟ ମାନସିକ ଅସ୍ଥିରତା ସାଙ୍ଗକୁ ବନ୍ଧୁଙ୍କ ସହ ମନୋମାଳିନ୍ୟ ଘଟିବ। ଭୁଲ୍ ବୁଝାମଣାରୁ ସାଧାରଣ କଥାରେ କ୍ଷୁବ୍ଧ ହୋଇ ସ୍ତ୍ରୀ ମୁହଁ ଫେରାଇ ନେଇପାରନ୍ତି। ବନ୍ଧୁଙ୍କ ସହାୟତାରେ ବ୍ୟବସାୟ, ଏଜେନ୍‌ସିପ୍ ଓ ପରିବହନରୁ ଲାଭବାନ୍ ହେବେ। କେତେକ ବ୍ୟତିକ୍ରମକୁ ବାଦ୍ ଦେଲେ ଯାତ୍ରା ସଫଳ ହେବ।

**ମିଥୁନ** ମୃଗଶିରା ନକ୍ଷତ୍ର ପାଇଁ ପରିବାରର ଖର୍ଚ୍ଚଭାର ବୃଦ୍ଧି ପାଇବ। ଯାହାକୁ କିଛି ସହାନୁଭୂତି ଆଶାରେ କହିବାକୁ ଯିବେ, ସେ ଓଲଟା କଥା କହିପାରନ୍ତି। ଅସ୍ଥିର ମନ ହେତୁ କଥାରେ ସଂଯମତା ହରାଇବେ ଓ ସମସ୍ୟାକୁ ଡାକି ଆଣିଲା ଭଳି କାମ କରିପାରନ୍ତି। କ୍ରୀଡ଼ା, କଳା, ସାହିତ୍ୟ, ପ୍ରକାଶନ ଓ ପ୍ରଶାସନିକ ସ୍ତରରେ ଉଚ୍ଚ ସମ୍ମାନ ପାଇପାରନ୍ତି।

**କର୍କଟ** ପୁନର୍ବସୁ ନକ୍ଷତ୍ର କର୍ମକ୍ଷେତ୍ରରେ ସାଧାରଣ ସମସ୍ୟାକୁ ସାମ୍ନା କରିବାର ଦୁଃସାହସ କରିପାରିବେ ନାହିଁ। ଅତୀତ କଥାକୁ ସ୍ମରଣ କରି ଅନ୍ୟମନସ୍କତା କାରଣରୁ କେତେକ ଭୁଲ୍ ଧାରଣା ସମସ୍ୟା ସୃଷ୍ଟି କରିବ। କରଜଦାତାଙ୍କ ଚାପ ବୃଦ୍ଧି ପାଇବା ହେତୁ ବ୍ୟସ୍ତତା ବୃଦ୍ଧି ପାଇବ। ନୂତନ ପରିବେଶରେ ବନ୍ଧୁଙ୍କୁ ଆପ୍ୟାୟିତ କରି ଖୁସି ହୋଇ ପାରନ୍ତି।

**ସିଂହ** ପାରିବାରିକ କ୍ଷେତ୍ରରେ ନୀରବ ରହିବା ଭଲ ହେବ। ମଘା ନକ୍ଷତ୍ର ସକାଶେ ଆଜି ଯାତ୍ରାରେ ସଫଳତା ମିଳିବ, ତଥାପି କାମର ଚାପ ବହୁତ ବଢ଼ିଯାଇପାରେ। ଉନ୍ନତିମୂଳକ କାମ ସକାଶେ ବନ୍ଧୁମାନଙ୍କୁ ଗଠନମୂଳକ ପ୍ରସ୍ତାବ ଦେଇ ବନ୍ଧୁଗହଣରେ ପ୍ରଶଂସିତ ହେବେ। ଆଜି ଦିନଟିରେ କଳା, ସାହିତ୍ୟ, ବ୍ୟବସାୟ, ପରିବହନ ପାଇଁ ଦିନଟି ଭଲ।

**କନ୍ୟା** କର୍ମକ୍ଷେତ୍ରର ସମସ୍ୟା ସମାଧାନ ପାଇଁ ଯେତେ ଚେଷ୍ଟା କଲେ ମଧ୍ୟ ହୟତ ସଫଳ ହୋଇପାରିବେନି। ପିଲାଙ୍କ ସକାଶେ ଅନ୍ୟ ନିକଟରେ ମୁଣ୍ଡ ନୁଆଁଇବାକୁ ପଡ଼ିବ। ବନ୍ଧୁଙ୍କ ଅନୁରୋଧ କ୍ରମେ ଭ୍ରମଣ କାରଣରୁ ଅବସାଦ ଦେଖାଦେବ। ପରିବାରର ଆବଶ୍ୟକତାକୁ ଅନୁଭବ କରି ଗୃହୋପକରଣ କିମ୍ବା ମୂଲ୍ୟବାନ୍ ସାମଗ୍ରୀ କ୍ରୟ କରିପାରନ୍ତି।

**ତୁଳା** ସ୍ୱାତୀ ନକ୍ଷତ୍ର ପ୍ରତ୍ୟେକ କ୍ଷେତ୍ରରେ ଉପସ୍ଥିତ ବୁଦ୍ଧି ଓ କୂଟନୀତି ପ୍ରୟୋଗ କରି କାମ ହାସଲ କରିନେବେ। ବନ୍ଧୁଙ୍କ ନିକଟରୁ ପାଇବାକୁ ଥିବା ଅର୍ଥ କିମ୍ବା କୌଣସି ଜିନିଷପତ୍ର ପାଇବାରେ କଳହର ସମ୍ମୁଖୀନ ହୋଇପାରନ୍ତି। କର୍ମକ୍ଷେତ୍ରରେ ରହିଥିବା କାରଣରୁ ଅନେକ କାମ ହାତକୁ ନେଇ ବ୍ୟଥିତ ହେବେ।

**ବିଛା** ପରିଜନଙ୍କ ସ୍ୱାସ୍ଥ୍ୟ ସମସ୍ୟା ବୃଦ୍ଧିରୁ ବିଚଳିତବୋଧ କରିପାରନ୍ତି। ଅନୁରାଧା ନକ୍ଷତ୍ର ଏଜେନ୍‌ସିପ୍, ସାମ୍ବାଦିକତା, ରାଜନୀତି, ସାହିତ୍ୟ, ଏଜେନ୍‌ସିପ୍ ପ୍ରଭୃତିରୁ ସୁଫଳ ପାଇବେ। ବନ୍ଧୁଙ୍କ ସହ ଆତ୍ମୀୟତା ବୃଦ୍ଧି ଯୋଗୁ ନିଜ ଲୋକ ଈର୍ଷା କରିବେ। ଆଜିର ଯାତ୍ରା, ବନ୍ଧୁ ସମ୍ପର୍କ, କର୍ମାରମ୍ଭ, ବ୍ୟବସାୟ ଓ ନିର୍ମାଣମୂଳକ କାମରେ ଶୁଭଫଳ ପାଇବେ।

**ଧନୁ** ପ୍ରତ୍ୟେକ କ୍ଷେତ୍ରରେ ରୋକ୍‌ଠୋକ୍ କଥା ବନ୍ଧୁଙ୍କ ମନରେ ଆଘାତ ସୃଷ୍ଟି କରିବ। ଯାତ୍ରା ସମୟରେ ଅନ୍ୟମନସ୍କତା କିମ୍ବା ବିସ୍ମରଣଜନିତ କୌଣସି ଜିନିଷ ହରାଇପାରନ୍ତି। କର୍ମକ୍ଷେତ୍ରରେ ସହକର୍ମୀ, ଭାଇ ଭଉଣୀଙ୍କ ଦ୍ୱାରା କାର୍ଯ୍ୟ ସାଧନ କରିବେ। ମୂଳା ନକ୍ଷତ୍ର ଅନ୍ୟମାନଙ୍କଠାରୁ ଅର୍ଥ ସାଙ୍ଗକୁ କାମ ଆଦାୟରେ ସଫଳ ହେବେ।

**ମକର** ଖର୍ଚ୍ଚାନ୍ତ ହୋଇ ଆଜି ଯେଉଁ କାମରେ ହାତ ଦେବେ ସେଥିରେ ସଫଳତା ନିଶ୍ଚିତ। ଧନିଷ୍ଠା ନକ୍ଷତ୍ର କର୍ମକ୍ଷେତ୍ରରେ ଜଣେ ବାନ୍ଧବୀଙ୍କ କାମରେ ଅସନ୍ତୁଷ୍ଟ ହୋଇପାରନ୍ତି। ଆଜି ଶିଳ୍ପ, ବାଣିଜ୍ୟ, ପରିବହନ ଓ ନିର୍ମାଣ କ୍ଷେତ୍ରରେ ଝଗଡ଼ା ଲାଗିପାରେ। ପଡ଼ୋଶୀ କଅଁଳିଆ କଥା କହି କାର୍ଯ୍ୟ ହାସଲର ଅପଚେଷ୍ଟା କରିବା ସୂଚନା ରହିଛି।

**କୁମ୍ଭ** ପ୍ରତିବନ୍ଧକ ଲାଗି ରହିବା କାରଣରୁ ଚେଷ୍ଟା କରୁଥିବା କାମଗୁଡ଼ିକ ସହଜ ଓ ସୁବିଧାରେ ହୋଇ ନ ପାରେ। ପାରିବାରିକ କ୍ଷେତ୍ରରେ ନୀରବତା ଅବଲମ୍ବନ କରିବାକୁ ବାଧ୍ୟ ହେବେ। ଶତଭିଷା ନକ୍ଷତ୍ର ପରୋକ୍ଷ ଶତ୍ରୁତାରୁ କର୍ମକ୍ଷେତ୍ରରେ ଆଶଙ୍କା କରି ମନ ଅସ୍ଥିର ରହିବ। ସମ୍ପର୍କୀୟଙ୍କ ଈର୍ଷା ଓ ଅସୂୟା ଭାବ ଯୋଗୁ ବିଚଳିତ ବୋଧ କରିପାରନ୍ତି।

**ମୀନ** ଆନୁଷ୍ଠାନିକ କାମରୁ ଅଥବା ଆଲୋଚନାରେ ବନ୍ଧୁଙ୍କ ସହ ମନୋମାଳିନ୍ୟ ଯୋଗୁ ମନ ଭଲ ରହିବ ନାହିଁ। ଅସୁସ୍ଥତା କାରଣରୁ କେତେକ କାମରେ ଅବହେଳା କରିପାରନ୍ତି। ରେବତୀ ନକ୍ଷତ୍ର ସାହିତ୍ୟ, ସଙ୍ଗୀତ, କ୍ରୀଡ଼ା ଓ ଚଳଚ୍ଚିତ୍ର କ୍ଷେତ୍ରରେ ବେଶ୍ ଆଦୃତ ହେବେ। ବନ୍ଧୁଙ୍କ ସହାୟତାରେ ବାଣିଜ୍ୟ ଓ ପରିବହନରୁ ଲାଭବାନ୍ ହୋଇପାରନ୍ତି।

ଆଜି ନଭେମ୍ବର ୨ ତାରିଖ, ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ଠିଆକିଆ ବା ଲକ୍ଷ୍ମୀନାରାୟଣ ବେଶ, ବାଙ୍କଚୂଡ଼ା ବେଶ, କାର୍ତ୍ତିକ ଶୁକ୍ଳ ଏକାଦଶୀଯୁକ୍ତ ଦ୍ୱାଦଶୀ ରବିବାର, ରବି ନାରାୟଣ ବ୍ରତ, ଗରୁଡ଼ ଉତ୍ଥାପନ, ତୁଳସୀ ବିବାହ, ବକପଞ୍ଚକ, ଶରତ୍‌ରାସ ଆରମ୍ଭ, ଚାତୁର୍ମାସ୍ୟା ବ୍ରତ ସମାପନ, ସ୍ମାର୍ତ୍ତସମ୍ମତ ଦେବୋତ୍ଥାପନୀ ବଡ଼ ଏକାଦଶୀ, ବୈଷ୍ଣବ ସମ୍ମତ ତ୍ରିସ୍ପୃଶା ଏକାଦଶୀ ଉପବାସ, ଭକ୍ତ ଦାସିଆ ଜୟନ୍ତୀ, ଭଜନ ସମ୍ରାଟ୍ ଭିକାରୀ ବଳଙ୍କ ତିରୋଧାନ ଦିବସ, ରାଶିନକ୍ଷତ୍ର–ପୂର୍ବଭାଦ୍ର/କୁମ୍ଭ, ଦିବା ଘ.୧୧।୨୫ମି. ଗତେ ମୀନଚନ୍ଦ୍ର, ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୬।୩୭ ଗତେ ଘ.୦୮।୫୨ ମଧ୍ୟେ, ଘ.୧୨।୫୪ମି. ଗତେ ଘ.୦୨।୫୨ମି. ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୩।୪୩ ଗତେ ଘ.୦୫।୦୮ ମଧ୍ୟେ ରାହୁକାଳ।

# କୋମନାରେ ରାତିଅଧିଆ ବ୍ଲାଙ୍କ୍ ଫାୟାରିଂ

■ କାର୍ଯ୍ୟାନୁଷ୍ଠାନ ଦାବି କଲା କଂଗ୍ରେସ ■ ବିଧାୟକଙ୍କ ପିଏସ୍‌ଓ ସସ୍‌ପେଣ୍ଡ



କୋମନା ଥାନା ଅଧିକାରୀଙ୍କୁ ଶନିବାର କଂଗ୍ରେସ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଉଛି।

ନୂଆପଡ଼ା,୧।୧୧(ପୀତାମ୍ବର ସାହୁ)

ନୂଆପଡ଼ା ଉପନିର୍ବାଚନ ଯେତିକି ପାଖେଇ ଆସୁଛି ଏଠାକାର ରାଜନୈତିକ ମାହୋଲ ସେତିକି ସରଗରମ ହେବାରେ ଲାଗିଛି। ବିଜେଡି ବିଧାୟକ ପ୍ରୀତି ରଞ୍ଜନ ଘଡ଼େଇଙ୍କ ଖଡ଼ିଆଳସ୍ଥିତ ଭଡ଼ାଘରେ ଚଢାଉ କରାଯିବା ପରେ ଦଳର ବରିଷ୍ଠ ନେତା ପ୍ରଣବ ପ୍ରକାଶ ଦାସ (ବବି) ଓ ଖଡିଆଳ ବିଧାୟକ ଅଧିରାଜ ପାଣିଗ୍ରାହୀ ଜଣେ ଯୁବକଙ୍କୁ ମାଡ଼ ମାରିବା ସହ ଧମକ ଦେଇଥିବା ନେଇ ଉଭୟଙ୍କ ନାମରେ ଥାନାରେ ଅଭିଯୋଗ ହୋଇଛି। ଏହାକୁ ନେଇ ଆରୋପ ପ୍ରତ୍ୟାରୋପ ଜାରି ରହିଥିବା ବେଳେ ଶୁକ୍ରବାର ରାତିରେ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ କୋମନାରେ ହୋଇଛି ବ୍ଲାଙ୍କ୍ ଫାୟାରିଂ। ଗୋଟିଏ ରାଉଣ୍ଡ ଗୁଳି ଫୁଟିଥିବା ବେଳେ ଏହାକୁ ନେଇ ସ୍ଥାନୀୟ ଲୋକେ ଭୟଭୀତ ହୋଇଛନ୍ତି। ତେବେ କୋମନାର ସଂକଳ୍ପ ହୋଟେଲରେ ରହୁଥିବା କୋରାପୁଟ ବିଧାୟକ ରଘୁନାଥ ମାଛଙ୍କ ପିଏସ୍‌ଓଙ୍କ ବନ୍ଧୁକରୁ ବ୍ଲାଙ୍କ ଫାୟାରିଂ ହୋଇଥିବା ନେଇ କଂଗ୍ରେସ ପକ୍ଷରୁ ଶନିବାର କୋମନା ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ଅଭିଯୋଗ ଆଧାରରେ ଥାନାରେ ମାମଲା ରୁଜୁ ହେବା ସହ ପିଏସ୍‌ଓ ଡମ୍ବରୁ ହନ୍ତାଳଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି।

କଂଗ୍ରେସ ଅଭିଯୋଗର ଅନୁଯାୟୀ, ଉପନିର୍ବାଚନ ପ୍ରକ୍ରିୟା ଚାଲିଥିବାବେଳେ ଶାସକ ଦଳର ଜଣେ ଲୋକପ୍ରତିନିଧିଙ୍କ ସୁରକ୍ଷା ଅଧିକାରୀ ଫାୟାରିଂ କରି ଲୋକଙ୍କୁ ଆତଙ୍କିତ କରାଇବା ସହ ନିର୍ବାଚନ ଫଳକୁ ଶାସକ ଦଳ ପକ୍ଷକୁ ନେବା ଲାଗି ଚେଷ୍ଟା କରିବା ଆଇନ ଅନୁଯାୟୀ ଅପରାଧ। ଏହା ବିଧାୟକଙ୍କ ପ୍ରତ୍ୟକ୍ଷ ସମର୍ଥନ ବିନା ସମ୍ଭବ ନୁହେଁ। ଏହି ଘଟଣା ପାଇଁ ପିଏସ୍‌ଓଙ୍କୁ ତୁରନ୍ତ ଗିରଫ କରିବା ସହିତ ବିଧାୟକଙ୍କୁ ଜିଲାରୁ ବାହାର କରାଯାଉ ବୋଲି କଂଗ୍ରେସ ଦାବି କରିଛି। ଯଦି ପିଏସ୍‌ଓଙ୍କୁ ୨୪ ଘଣ୍ଟା ମଧ୍ୟରେ ଗିରଫ କରା ନ ଯାଏ ତେବେ ରବିବାର କୋମନା ଥାନା ଘେରାଉ ସହ ଧାରଣା ଦେବ ବୋଲି କଂଗ୍ରେସ ଚେତାବନୀ ଦେଇଛି। ଉପନିର୍ବାଚନ ଯୋଗୁ ଏଠାକୁ ଏବେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ମାଲମାଲ ନେତା, ମନ୍ତ୍ରୀ, ବିଧାୟକ, ଏମ୍‌ପି ଓ ତାଙ୍କର କର୍ମୀମାନେ ଆସି ଡେରା ପକାଇଛନ୍ତି। ପ୍ରଚାର ପାଇଁ ଆସିଥିବା ନେତା ନୂଆପଡ଼ା ସମେତ କୋମନା, ଖରିଆର ରୋଡ୍‌ର ସବୁ ହୋଟେଲ, ଗେଷ୍ଟ ହାଉସରେ ରହିଛନ୍ତି। ସେମାନେ ବଡ଼ ବଡ଼ ଗାଡ଼ିରେ ରାସ୍ତାରେ ଯିବାଆସିବା କରୁଛନ୍ତି। ତେବେ କୋମନାରେ ବ୍ଲାଙ୍କ ଫାୟାରିଂ ଘଟଣା ଶାନ୍ତ ନୂଆପଡ଼ାକୁ ବାହାର ଲୋକ ଅଶାନ୍ତ କରୁଥିବା ନେଇ ସ୍ଥାନୀୟ ଲୋକେ ଆଲୋଚନା କରୁଛନ୍ତି। ଫାୟାରିଂ ସମ୍ପର୍କରେ କୋମନା ଥାନା ଅଧିକାରିଣୀ ରଶ୍ମିତା ପ୍ରଧାନଙ୍କୁ ପଚାରିବାରୁ ଏନେଇ ଥାନାରେ ଏକ ମାମଲା( ନଂ .୩୧୯/୨୫)ରୁଜୁ କରାଯାଇଛି ବୋଲି କହିବା ସହ ବିଧାୟକଙ୍କ ପିଏସଓ ଡମ୍ବରୁ ହନ୍ତାଳଙ୍କୁ ପ୍ରଥମେ ଅଟକ ରଖାଯାଇଥିଲା। ତାଙ୍କଠୁ ତାଙ୍କର ବନ୍ଧୁକ ଜବତ କରାଯାଇଛି ବୋଲି ସୂଚନା ଦେଇଛନ୍ତି। ସବିଶେଷ ଖବର ଅନୁଯାୟୀ ସଂପୃକ୍ତ ପିଏସ୍‌ଓଙ୍କୁ କୋରାପୁଟ ଆରକ୍ଷୀ ଅଧୀକ୍ଷକ ରୋହିତ ବର୍ମା ନିଲମ୍ବନ କରିଥିବା ନୂଆପଡ଼ା ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ରଞ୍ଜିତ ନାଏକ ସୂଚନା ଦେଇଛନ୍ତି। ଏହି ଘଟଣାର ତଦନ୍ତ ଦାୟିତ୍ୱ ଏସ୍‌ଆଇ ମିନତି ବଡ଼ନାଏକଙ୍କୁ ଦିଆଯାଇଛି।

## ଆନ୍ଧ୍ର ଶ୍ରୀକାକୁଲମ୍‌ରେ ଦଳାଚକଟା




# ପ୍ରତ୍ୟେକ ମହିଳାଙ୍କୁ ଆର୍ଥିକ ସ୍ୱାବଲମ୍ବୀ କରିବାକୁ କାମ ଚାଲିଛି: ମୁଖ୍ୟମନ୍ତ୍ରୀ

■ ପ୍ରତି ଘରୁ ଜଣେ ଲକ୍ଷପତି ଦିଦି ସୃଷ୍ଟି ଲକ୍ଷ୍ୟ: ଉପମୁଖ୍ୟମନ୍ତ୍ରୀ
■ ସୁଭଦ୍ରା ଶକ୍ତିମେଳାର ୨ୟ ସଂସ୍କରଣ ଉଦ୍‌ଘାଟିତ

ଭୁବନେଶ୍ୱର,୧।୧୧(ସୁନିତ୍ ମିଶ୍ର)

ବ୍ୟକ୍ତିଗତ ସ୍ତରରେ ହେଉ ବା ଗ୍ରୁପ୍ ସ୍ତରରେ ରାଜ୍ୟର ପ୍ରତ୍ୟେକ ମହିଳା ଯେପରି ଆର୍ଥିକ କ୍ଷେତ୍ରରେ ସ୍ୱାବଲମ୍ବୀ ଓ ସ୍ୱତନ୍ତ୍ରତା ହାସଲକରି ଦକ୍ଷ ଉଦ୍ୟୋଗୀ ହେବେ ସେଥିପାଇଁ ଆମେ ପ୍ରତିବଦ୍ଧତାର ସହ କାମ କରୁଛୁ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଭୁବନେଶ୍ୱରସ୍ଥିତ ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆଠାରେ ଓଡ଼ିଶା ମହିଳା ଉଦ୍ୟୋଗୀ ଓ ସାଂସ୍କୃତିକ ପରମ୍ପରାର 'ସୁଭଦ୍ରା ଶକ୍ତି ମେଳା' ୨ୟ ସଂସ୍କରଣର ଉଦ୍‌ଘାଟନ ଅବସରରେ ମୁଖ୍ୟମନ୍ତ୍ରୀ ଯୋଗଦେଇ କହିଛନ୍ତି, ୨୦୩୬ ସୁଦ୍ଧା ଏକ ସମୃଦ୍ଧ ଓଡ଼ିଶା ଗଠନ ଏବଂ ୨୦୪୭ ସୁଦ୍ଧା ଓଡ଼ିଶାକୁ ବିକଶିତ ଭାରତର ଗ୍ରୋଥ୍ ଇଞ୍ଜିନ କରିବାର ଲକ୍ଷ୍ୟ ରଖାଯାଇଛି। ଏହି ଲକ୍ଷ୍ୟ ପୂରଣ ହେବ ଯେତେବେଳେ ଆମର ଲକ୍ଷ ଲକ୍ଷ ସୁଭଦ୍ରା ମା'ମାନଙ୍କ ଶକ୍ତିର ଜାଗରଣ ଆସିବ। ସେମାନେ ସଶକ୍ତ ହେବେ ଏବଂ ବିକାଶର ପ୍ରତ୍ୟେକ କ୍ଷେତ୍ରରେ ସେମାନଙ୍କ ମୂଲ୍ୟବାନ୍ ଯୋଗଦାନ ରହିବ। ସେହି ଲକ୍ଷ୍ୟ ହାସଲ ପାଇଁ ଆମ ସୁଭଦ୍ରା ଯୋଜନା ହେଉଛି ଏକ ୟୁନିକ୍ ମଡେଲ ବୋଲି ସେ କହିଛନ୍ତି। ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି, ମା' ସୁଭଦ୍ରା ହେଉଛନ୍ତି ସ୍ନେହ, ତ୍ୟାଗ, ସାହସ ଓ ଦୃଢ଼ତାର ମୂର୍ତ୍ତିମନ୍ତ ପ୍ରତୀକ। ଆମର ସୁଭଦ୍ରା ମା ଓ ଭଉଣୀମାନେ ସେହି ଦିବ୍ୟଶକ୍ତିର ଚଳନ୍ତି ରୂପ। ନିଜ ଘର ଓ ପରିବାରକୁ ପ୍ରତିପାଳିତ କରିବା ସହ ସମାଜ ଗଠନରେ ପ୍ରମୁଖ ଭୂମିକା ଗ୍ରହଣ କରୁଛନ୍ତି ଏବଂ ବିକଶିତ ଓଡ଼ିଶା ଗଠନ ପାଇଁ ନେତୃତ୍ୱ ନେଉଛନ୍ତି। ଏହା କେବଳ ଉତ୍ପାଦିତ ସାମଗ୍ରୀର ପ୍ରଦର୍ଶନୀ ବା ବିକ୍ରୟର ସ୍ଥାନ ନୁହେଁ ବରଂ ଆମ ମା'ମାନଙ୍କର ଶ୍ରମ, ସୃଜନଶୀଳତା ଓ ସଫଳତାର ମେଳା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଫ୍ଲାଗ୍‌ଶିପ୍ ଯୋଜନା ଲକ୍ଷପତି ଦିଦି ଯୋଜନାରେ ଖୁବ୍ କମ୍ ଦିନ ମଧ୍ୟରେ ୧୭ ଲକ୍ଷ ଲକ୍ଷପତି ଦିଦି ସୃଷ୍ଟିକରି ଆମ ରାଜ୍ୟ ଅଭୂତପୂର୍ବ ସଫଳତା ହାସଲ କରିଛି। ସରକାରଙ୍କ ଦ୍ୱାରା ପ୍ରଦର୍ଶିତ ମାର୍ଗରେ ଯାଇ ବର୍ତ୍ତମାନ ଲକ୍ଷପତି ଦିଦି ହୋଇ ସମାଜରେ ମହିଳାମାନେ ପ୍ରତିଷ୍ଠା ଲାଭ କରିଛନ୍ତି। ୨୦୨୭ ସୁଦ୍ଧା ୨୫ ଲକ୍ଷ ଲକ୍ଷପତି ଦିଦି ସୃଷ୍ଟି କରିବା ଆମର ଲକ୍ଷ୍ୟ ରହିଛି ବୋଲି ସେ କହିଛନ୍ତି। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି, ସୁଭଦ୍ରାର ମା'ମାନେ ତାଙ୍କର ଉତ୍ପାଦିତ ସାମଗ୍ରୀ ଜରିଆରେ ରାଜ୍ୟ ପାଇଁ ସୁନାମ ଆଣୁଛନ୍ତି। ରାଜ୍ୟର ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ମା'ମାନଙ୍କ ଉପରେ ବିଶ୍ୱାସ ଓ ଭରସା ରଖିଛନ୍ତି। ସୁଭଦ୍ରା ତା'ର କାୟାବିସ୍ତାର କରିଛି। ପ୍ରତ୍ୟେକ ଘରୁ ଜଣେ ଲେଖାଏ ଲକ୍ଷପତି ଦିଦି ସୃଷ୍ଟିକରିବା ଆମର ଲକ୍ଷ୍ୟ। ଗତ ସଂସ୍କରଣରେ ୮ କୋଟି ଟଙ୍କାର ବ୍ୟବସାୟ ହୋଇଥିବା ବେଳେ ଚଳିତ ସଂସ୍କରଣରେ ୧୫ କୋଟି ଟଙ୍କାର ବ୍ୟବସାୟ ପାଇଁ ଆଶା କରାଯାଇଛି ବୋଲି ସେ କହିଛନ୍ତି। ଉନ୍ନୟନ କମିଶନର ଅନୁ ଗର୍ଗ ରାଜ୍ୟର ସୁଭଦ୍ରା ମା'ମାନଙ୍କୁ ପ୍ରଶଂସାକରି କହିଛନ୍ତି, ଗ୍ରାମାଞ୍ଚଳରେ ରହି ଆପଣମାନେ ଯେଉଁ କାମ କରି ଦେଖାଉଛନ୍ତି ସେଥିପାଇଁ ଆମେ ସମସ୍ତେ ଗର୍ବିତ। ମିଶନ ଶକ୍ତି ବିଭାଗର କମିଶନର ଗିରିଶ ଏସ୍‌ଏନ୍ କାର୍ଯ୍ୟକ୍ରମକୁ ସମସ୍ତଙ୍କୁ ସ୍ୱାଗତ କରିଛନ୍ତି। ବିଭାଗୀୟ ନିର୍ଦ୍ଦେଶିକା ମୋନିକା ପ୍ରିୟଦର୍ଶନୀ ଧନ୍ୟବାଦ ଅର୍ପଣ କରିଛନ୍ତି।



ରାଜ୍ୟ ମିଶନଶକ୍ତି ବିଭାଗ ପକ୍ଷରୁ ଶନିବାର ଭୁବନେଶ୍ୱରସ୍ଥିତ ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆରେ ଆରମ୍ଭ ହୋଇଥିବା 'ସୁଭଦ୍ରା ଶକ୍ତି ମେଳା'କୁ ଉଦ୍‌ଘାଟନ କରିବା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମେଳା ବୁଲିବା ସହ ମହିଳା ଉଦ୍ୟୋଗୀଙ୍କଠାରୁ ସେମାନଙ୍କ ଉତ୍ପାଦ ସମ୍ପର୍କରେ ପଚାରି ବୁଝୁଛନ୍ତି।

# ଲୋକଙ୍କ ଜୀବନ ସହ ଖେଳୁଛି ବେଦାନ୍ତ ଆଲୁମିନା



ବକ୍ସାଇଟ ଗୁଣ୍ଡ ଯୋଗୁ ରାସ୍ତା ଲାଲ ରଙ୍ଗ ହୋଇଯାଇଛି।



ଚର୍ମ ରୋଗରେ ଆକ୍ରାନ୍ତ ହୋଇଥିବା ବ୍ୟକ୍ତି।

ଭବାନୀପାଟଣା,୧।୧୧
(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ରେ ବେଦାନ୍ତ ଆଲୁମିନା କମ୍ପାନୀ ପ୍ରତିଷ୍ଠା ସମୟରେ ସ୍ଥାନୀୟ ଲୋକଙ୍କୁ ବହୁତ ଆଶା ଦେଖାଇଥିଲା। ଏପରି କି ପ୍ରଦୂଷଣମୁକ୍ତ ଅଞ୍ଚଳଗଢ଼ିତୋଳିବାର ପ୍ରତିଶ୍ରୁତିଦେଇଥିଲା। ଫଳରେ ସ୍ଥାନୀୟ ଲୋକମାନେ କାମଧନ୍ଦା ପାଇଁ ବେଦାନ୍ତ ଏକ ସୁଯୋଗ ବୋଲି ଧରି ନେଇଥିଲେ। ଅଞ୍ଚଳବାସୀଙ୍କ ଶିକ୍ଷା, ସ୍ୱାସ୍ଥ୍ୟ, ପୁଷ୍ଟିହୀନତା, ପାରିପାର୍ଶ୍ୱିକ ବିକାଶ ଓ ଅନ୍ୟାନ୍ୟ ସମସ୍ୟା ଦୂର ହେବ ବୋଲି ସମସ୍ତେ ଭାବି ନେଇଥିଲେ। ତେବେ କମ୍ପାନୀ ଚାଲିବାର ଦୀର୍ଘ ୧୭ ବର୍ଷ ବିତିଯାଇଥିଲେ ମଧ୍ୟ ଅଞ୍ଚଳବାସୀ ବକ୍ସାଇଟ ଗୁଣ୍ଡରୁ ମୁକ୍ତି ପାଇପାରୁନାହାନ୍ତି। ଜୀବନଧାରଣର କୌଣସି ସାଧନ ନ ପାଇବା କାରଣରୁ ସେମାନେ ଏବେ ଚିନ୍ତାରେ ରହୁଛନ୍ତି। କମ୍ପାନୀ ଇତିମଧ୍ୟରେ ରେଙ୍ଗୋପାଲି, କୋଟଦୁଆର ଓ ବନ୍ଧଗୁଡ଼ା ଗ୍ରାମକୁ ବିସ୍ଥାପନ ଯୋଜନାରେ ସାମିଲ କରି ସେମାନଙ୍କ ପାଇଁ ଘରଦ୍ୱାର, ପାନୀୟ ଜଳ, ଶିକ୍ଷା ଓ ସ୍ୱାସ୍ଥ୍ୟ ବ୍ୟବସ୍ଥା କରିଥିବାବେଳେ ବସନ୍ତପଡ଼ା, କପାଗୁଡା ଓ ଅନ୍ୟ କେତେକ ଗ୍ରାମ ଏଥିରୁ ବାଦ ପଡ଼ିଛି।

ବସନ୍ତପଡା ଗ୍ରାମଟି ବେଦାନ୍ତ କାରଖାନାଠାରୁ ମାତ୍ର ୧୦୦ମିଟର ଦୂରରେ ରହିଛି। ଏହି ଗାଁ ଦେଇ ଦୈନିକ ଶତାଧିକ ବକ୍ସାଇଟ ଓ କୋଇଲା ବୋଝେଇ ଭାରିଯାନ ଯାତାୟାତ କରୁଥିବାରୁ ବକ୍ସାଇଟ ଗୁଣ୍ଡ ଓ ପାଉଁଶ ଗୁଣ୍ଡ (ଫ୍ଲାଏ ଆଶ) ଉଡ଼ି ଲୋକଙ୍କୁ ଅଣନିଃଶ୍ୱାସୀ କରିଦେଉଛି। ଏପରି କି ଆଖପାଖରେ ଥିବା ଗଛ ଓ ଘରଗୁଡିକର ଛାତ ମଧ୍ୟ ଲାଲ ରଙ୍ଗ ହୋଇଯାଉଛି। ବେଳେବେଳେ କାରଖାନା ଚାଲିବା ବେଳେ ପ୍ରଚଣ୍ଡ ଶବ୍ଦ ହେଉଥିବାରୁ ଅଞ୍ଚଳବାସୀ ଭୟଭୀତ ହୋଇପଡୁଛନ୍ତି। ଏହି ଗାଁରେ ପ୍ରାୟ ୨ଶହରୁ ଊର୍ଦ୍ଧ୍ୱ ପରିବାର ରହିଥିବାବେଳେ ଲୋକସଂଖ୍ୟା ହଜାରେରୁ ଅଧିକ ହେବ। ସେହିପରି ସମାନ ଅବସ୍ଥା ଦେଖିବାକୁ ମିଳିଛି କପାଗୁଡା ଗ୍ରାମରେ। ଏହି ସମସ୍ୟା ହେତୁ ବିସ୍ଥାପିତ ପାଇଁ ଗତ କିଛିଦିନ ତଳେ ବସନ୍ତପଡାବାସୀ କଳାହାଣ୍ଡିର ପୂର୍ବତନ ମନ୍ତ୍ରୀ ପ୍ରଦୀପ୍ତ କୁମାର ନାଏକଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସାକ୍ଷାତ କରି ଏକ ଲିଖିତ ଅଭିଯୋଗ ଦେଇଥିଲେ। ଏଥିରେ ସେମାନେ କମ୍ପାନୀ ଦ୍ୱାରା କିପରି ଅସୁବିଧାର ସମ୍ମୁଖୀନ ହେଉଛନ୍ତି ତାହା ଦର୍ଶାଇଥିଲେ। କମ୍ପାନୀ ପକ୍ଷରୁ ଜନବସତି ନିକଟରେ ରେଡ଼ମଡ଼ ପଣ୍ଡ ଓ ଆଶ୍‌ପଣ୍ଡ (ପାଉଁଶ ପୋଖରୀ) ନିର୍ମାଣ କରାଯାଇଛି। ଏହା ଦ୍ୱାରା ବିଷାକ୍ତ ଲାଲ ରଙ୍ଗ ଧୂଳି ଓ ପାଉଁଶ ଗୁଣ୍ଡ ଉଡି ଗ୍ରାମବାସୀଙ୍କୁ ଅଣନିଃଶ୍ୱାସୀ କରିପକାଉଛି। ପୁଣି ରେଡ଼ମଡ଼ପଣ୍ଡ (ନାଳିପଙ୍କ)ରୁ କଷ୍ଟକଯୁକ୍ତ ଲାଲ ପାଣି ଝରି ଅଞ୍ଚଳର ଜଳ ବିଷାକ୍ତ ହୋଇଯାଉଛି। ଏହି ବିଷାକ୍ତ ଜଳ ପାନ ଓ ଧୂଳିଧୂଆଁ ନିଃଶ୍ୱାସରେ ନେବା ଦ୍ୱାରା ଗ୍ରାମବାସୀ ବିଭିନ୍ନ ଦୁରାରୋଗ୍ୟ ବ୍ୟାଧି ଯଥା କିଡ଼ନୀ, ଯକ୍ଷ୍ମା, ହୃଦ୍‌ରୋଗ, ଚର୍ମ ଓ ଶ୍ୱାସ ରୋଗରେ ଆକ୍ରାନ୍ତ ହେଉଛନ୍ତି। ଏହିସବୁ ରୋଗରେ ଆକ୍ରାନ୍ତ ହୋଇ କିଛିବର୍ଷ ମଧ୍ୟରେ ଦୁଇ ଶହରୁ ଅଧିକ ଲୋକ ମୃତ୍ୟୁବରଣ କରିସାରିଛନ୍ତି। ଏବେ ମଧ୍ୟ ଆହୁରି ଶତାଧିକ ଲୋକ ବିଭିନ୍ନ ରୋଗରେ ଆକ୍ରାନ୍ତ ହୋଇ ଯନ୍ତ୍ରଣା ଭୋଗୁଛନ୍ତି। ଏପରି ପ୍ରଦୂଷଣ ବଳୟ ମଧ୍ୟରେ ଜୀବନ ଧାରଣ କରିବା ଆଉ ସମ୍ଭବ ନୁହେଁ। ତେଣୁ ଗ୍ରାମବାସୀ ଅନ୍ୟ ନିରାପଦ ସ୍ଥାନକୁ ସେମାନଙ୍କୁ ବିସ୍ଥାପନ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରିଛନ୍ତି। ଯଦି ଏହାର ସମାଧାନ ନ ହୁଏ ଆଗାମୀ ଦିନରେ ଗ୍ରାମବାସୀ ଏକାଠି ହୋଇ ରାସ୍ତା ଅବରୋଧ ସହ ପ୍ରକଳ୍ପକୁ ଯାଉଥିବା ସମସ୍ତ ଗାଡ଼ିକୁ ଅଟକାଇବେ ବୋଲି ଅଭିଯୋଗରେ ଦର୍ଶାଇଛନ୍ତି। ଏହାର ଏକକିତା ନକଲ ବ୍ରହ୍ମପୁର ଆର୍‌ଡିସି, ଓଡିଶା ବିଧାନସଭା ବିରୋଧୀ ଦଳ ନେତା, ପିସିସି ସଭାପତି ପ୍ରମୁଖଙ୍କୁ ପ୍ରେରଣ କରିଛନ୍ତି। ଏ ନେଇ ଲାଞ୍ଜିଗଡ଼ ବେଦାନ୍ତ ଆଲୁମିନାର ଡେପୁଟି ସିଇଓ ପ୍ରଣବ ଭଟ୍ଟାଚାର୍ଯ୍ୟଙ୍କୁ ଫୋନରେ ଯୋଗାଯୋଗ କରିଥିଲେ ମଧ୍ୟ ସେ ଫୋନ ଉଠାଇ ନ ଥିଲେ।

# ଗୁଳିମାଡ଼ରେ ଦନ୍ତାହାତୀର ମୃତ୍ୟୁ ସନ୍ଦେହ



ଭଞ୍ଜନଗର,୧।୧୧(ବାବୁଲା ପ୍ରଧାନ)

ଗଞ୍ଜାମ ଜିଲା ଭଞ୍ଜନଗର ଗୁମୁସର ଉତ୍ତର ବନଖଣ୍ଡ ମୁଜାଗଡ଼ ରେଞ୍ଜ ବାଇବାଲି ସେକ୍ସନ ବାଣିଆପାଲୀ ସଂରକ୍ଷିତ ଜଙ୍ଗଲରୁ ଶନିବାର ସକାଳେ ଏକ ଦନ୍ତାହାତୀ ମୃତଦେହ ଠାବକରାଯାଇଛି। ଖବରପାଇ ଡିଏଫ୍‌ଓ ହିମାଂଶୁଶେଖର ମହାନ୍ତି, ରେଞ୍ଜର ବିଧାଧର ସାହୁ ପ୍ରମୁଖ ଘଟଣାସ୍ଥଳକୁ ଯାଇ ତଦନ୍ତ କରୁଛନ୍ତି। ଅପରାହ୍ନରେ ଭେଟିଏଚ୍ ଟିମ୍ ଭୁବନେଶ୍ୱରରୁ ଆସି ପହଞ୍ଚିବା ପରେ ହାତୀର ବ୍ୟବଚ୍ଛେଦ ହୋଇଛି। ଦିନେ କିମ୍ବା ୨ ଦିନ ପୂର୍ବରୁ ହାତୀଟିର ମୃତ୍ୟୁ ଘଟିଥିବା ଆଶଙ୍କା କରାଯାଉଛି। ହାତୀର ଶୁଣ୍ଢ ପଟେ ପ୍ରବଳ ରକ୍ତସ୍ରାବ ହୋଇଥିବା, କାନ ଏବଂ ଗୋଡ଼ର ମଝି ଅଂଶରେ କ୍ଷତଚିହ୍ନ ଥିବାରୁ ଶିକାରୀଙ୍କ ଗୁଳିମାଡ଼ରେ ମୃତ୍ୟୁ ହୋଇଥିବା ସନ୍ଦେହ କରାଯାଉଛି। ଅନ୍ୟପକ୍ଷରେ ୨ ହାତୀ ମଧ୍ୟରେ ଲଢ଼େଇ କିମ୍ବା ସମ୍ପୃକ୍ତ ଅଞ୍ଚଳରେ ବେଆଇନ ହୁକିଂ ହେଉଥିବାରୁ ବିଦ୍ୟୁତ୍ ଆଘାତରେ ଦନ୍ତାର ଜୀବନ ଯାଇଥିବା ମଧ୍ୟ ଆଲୋଚନା ହେଉଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁ କିଭଳି ହୋଇଛି ଜଣାପଡ଼ିବ ବୋଲି ଡିଏଫ୍‌ଓ ମହାନ୍ତି କହିଛନ୍ତି। ଗୁମୁସର ଉତ୍ତର ବନଖଣ୍ଡରେ ଗୁରୁବାର ସୁଦ୍ଧା ୫୬ଟି ହାତୀ ଥିବା ବେଳେ ଏବେ ୫୫କୁ ଖସି ଆସିଛି।

# ପରିତ୍ୟକ୍ତ କୂଅରେ ଖସିପଡ଼ିଲା ମାଈହାତୀ

ଅନୁଗୋଳ/ବନ୍ତଳା,୧।୧୧
(ବିଦ୍ୟୁଶାନ୍ତନୁ ନାଥ/ସୁଜିତ ସାହୁ)

ଅନୁଗୋଳ ସଦର ବନାଞ୍ଚଳ ବଡ଼କେରା ପଞ୍ଚାୟତ ମଦନପୁର ଗ୍ରାମ ନିକଟ କଟକ-ସମ୍ବଲପୁର ରାସ୍ତା ପାର୍ଶ୍ୱରେ ଥିବା ପରିତ୍ୟକ୍ତ କୂଅରେ ଶନିବାର ସନ୍ଧ୍ୟାରେ ଏକ ମାଈହାତୀ ଖସିପଡ଼ିଥିଲା। ଖବରପାଇ ଘଟଣାସ୍ଥଳରେ ବନବିଭାଗ କର୍ମଚାରୀମାନେ ପହଞ୍ଚି ଜେସିବି ମେସିନ ସାହାଯ୍ୟରେ କୂଅ ପାର୍ଶ୍ୱ ତଡ଼ିବା ପରେ ହାତୀଟି ବାହାରି ଜଙ୍ଗଲକୁ ପଳାଇ ଯାଇଥିଲା। ସୂଚନା ଅନୁଯାୟୀ, ସନ୍ଧ୍ୟା ପ୍ରାୟ ସାଢ଼େ ୬ଟାରେ ନିକଟସ୍ଥ ଜଙ୍ଗଲ ଅଞ୍ଚଳରୁ ଏକ ମାଈହାତୀ ଖାଦ୍ୟ ଅନ୍ୱେଷଣରେ ମଦନପୁର ଅଞ୍ଚଳକୁ ପଶିଆସିଥିଲା। ଲୋକେ ହାତୀକୁ ଦେଖି ଗୋଡ଼ାଇଥିଲେ। ହାତୀଟି ଗାଁରୁ ବାହାରି ଯାଉଥିବା ବେଳେ ଉକ୍ତ କୂଅରେ ଖସି ପଡ଼ିଥିଲା। ଗର୍ଜନ ଶୁଣି ସ୍ଥାନୀୟ ଲୋକେ ଘଟଣାସ୍ଥଳକୁ ଧାଇଁଥିଲେ। କୂଅ ଭିତରେ ହାତୀ ପଡ଼ିଥିବା ଦେଖି ବନବିଭାଗକୁ ଖବର ଦେଇଥିଲେ। ଘଟଣାସ୍ଥଳରେ ଆର୍‌ଆର୍‌ଟି ଟିମ୍ ସହ ବନବିଭାଗର କର୍ମଚାରୀ ଉପସ୍ଥିତ ଥିବାବେଳେ ଅତିରିକ୍ତ ବନ ସଂରକ୍ଷକ କୃଷ୍ଣଚନ୍ଦ୍ର ସାହୁଙ୍କ ତତ୍ତ୍ୱାବଧାନରେ ଉଦ୍ଧାର କାର୍ଯ୍ୟ କରାଯାଇଥିଲା। ତେବେ ବନ ବିଭାଗର ବିଟ୍ ହାଉସ୍ ସମ୍ମୁଖରେ ଥିବା ଉକ୍ତ ପରିତ୍ୟକ୍ତ କୂଅକୁ ବନ ବିଭାଗ ପକ୍ଷରୁ ପୋତାଯାଇ ନ ଥିବାରୁ ଏପରି ଘଟଣା ଘଟିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହାକୁ ନେଇ କିଛି ସମୟ ପାଇଁ ଉତ୍ତେଜନା ଦେଖାଦେଇଥିଲା।



# ରାଜ୍ୟର ୧୦ ସ୍ଥାନରେ ଅଗ୍ନି ନିରାପତ୍ତା ମକ୍‌ଡ୍ରିଲ

କଟକ,୧।୧୧(କାର୍ତ୍ତିକ ସାହୁ)

ବସ୍‌ଯାତ୍ରୀଙ୍କ ସୁରକ୍ଷା ଦୃଷ୍ଟିରୁ ଅଗ୍ନି ନିରାପତ୍ତା ବ୍ୟବସ୍ଥାର ବିଶେଷ ଅନୁପାଳନ ପାଇଁ ସକ୍ରିୟତାର ସହ ଏକ ମିଳିତ ପ୍ରୟାସ ଆରମ୍ଭ ହୋଇଛି। ପ୍ରତି ଶନିବାର ଅଗ୍ନି ନିରାପତ୍ତା ସଚେତନତା ମକ୍‌ଡ୍ରିଲ କାର୍ଯ୍ୟକ୍ରମ କରାଯିବାକୁ ସ୍ଥିର ହୋଇଛି। ଏହି କ୍ରମରେ ରାଜ୍ୟର ୧୦ଟି ପ୍ରମୁଖ ସ୍ଥାନରେ ନଭେମ୍ବର ପ୍ରଥମ ଶନିବାରରୁ ଆରମ୍ଭ ହୋଇଛି ମକ୍‌ଡ୍ରିଲ। ସୂଚନାନୁସାରେ, ଭୁବନେଶ୍ୱରର ବରମୁଣ୍ଡାସ୍ଥିତ ବାବା ସାହେବ ଆମ୍ବେଦକର ବସ୍ ଟର୍ମିନାଲ, କଟକର ନେତାଜୀ ବସ୍ ଟର୍ମିନାଲ, ସୁନ୍ଦରଗଡ଼ ନୂଆ ବସ୍‌ଷ୍ଟାଣ୍ଡ, ରାଉରକେଲା ବସ୍‌ଷ୍ଟାଣ୍ଡ, କୋରାପୁଟ ବସ୍‌ଷ୍ଟାଣ୍ଡ, ସମ୍ବଲପୁର ବସ୍‌ଷ୍ଟାଣ୍ଡ, ଅନୁଗୋଳ ନୂଆ ବସ୍‌ଷ୍ଟାଣ୍ଡ, ତାଳଚେର ବସ୍‌ଷ୍ଟାଣ୍ଡ, ଗଞ୍ଜାମ ଜିଲାର ହଳଦିଆପଦର ବସ୍‌ଷ୍ଟାଣ୍ଡ ଓ ଝାରସୁଗୁଡ଼ା ଫାୟାର ଷ୍ଟେସନରେ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅପରାହ୍ନରେ ଅନୁଷ୍ଠିତ ହୋଇଛି। ୨ରୁ ୩ ଘଣ୍ଟା ଧରି ଏହି କାର୍ଯ୍ୟକ୍ରମ ଚାଲିଥିଲା। ଅଗ୍ନି ନିର୍ବାପନ ପାଇଁ ପ୍ରତିଟି କୌଶଳର ଲାଇଭ୍ ଉପସ୍ଥାପନ କରିଥିଲା ଅଗ୍ନିଶମ ବାହିନୀ। ବସ୍ କର୍ମଚାରୀମାନେ ଏହି ବିଷୟକୁ ବୁଝିଥିଲେ। ଏହାସହ ଯାତ୍ରୀବାହୀ ବସ୍ ପାଇଁ ଥିବା ଅଗ୍ନି ନିରାପତ୍ତା ଗାଇଡ୍‌ଲାଇନ ଓ ଏହାର ଆବଶ୍ୟକତା ସମ୍ପର୍କରେ ବସ୍ ମାଲିକମାନଙ୍କୁ ଅବଗତ କରାଯାଇଛି। ଅଗ୍ନିଶମ ବାହିନୀ ବସ୍ କର୍ମଚାରୀମାନଙ୍କୁ ଅଗ୍ନି ନିରାପତ୍ତାର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଦିଗ ସମ୍ପର୍କରେ ବୁଝାଇଛି। ଏଥିସହ କୌଣସି ଅଘଟଣ ଘଟିଲେ ନିଆଁକୁ ନିୟନ୍ତ୍ରଣ କରିବା ବିଷୟରେ ଏକ ପ୍ରାକ୍ଟିକାଲ ଟ୍ରେନିଂ ଦିଆଯାଇଛି। ଉଭୟ ବସ୍ କର୍ମଚାରୀ ଓ ସାଧାରଣ ଯାତ୍ରୀ ଉତ୍ସାହର ସହ କାର୍ଯ୍ୟକ୍ରମରେ ସାମିଲ ହୋଇଛନ୍ତି। ଆପାତକାଳୀନ ଦ୍ୱାର, ଅଗ୍ନି ନିର୍ବାପକ ଯନ୍ତ୍ରର ବ୍ୟବହାର, ତୁରନ୍ତ ନିଆଁ ଲିଭାଇବାର କୌଶଳ, ଡ୍ରାଇଭର-କଣ୍ଡକ୍ଟର ଓ ଯାତ୍ରୀଙ୍କ ଦାୟିତ୍ୱ ସମ୍ପର୍କରେ ଆଲୋଚନା କରାଯାଇଛି। ଅଗ୍ନିଶମ ଓ ଜରୁରିକାଳୀନ ନିର୍ଦ୍ଦେଶାଳୟ ଏବଂ ରାଜ୍ୟ ବସ୍ ମାଲିକ ସଂଘ ସହଭାଗିତାରେ ବାଣିଜ୍ୟ ଓ ପରିବହନ ବିଭାଗ ଦ୍ୱାରା ଏହି କାର୍ଯ୍ୟକ୍ରମ କରାଯାଇଛି। ଆସନ୍ତା ୩ ଶନିବାର ମଧ୍ୟରେ ପର୍ଯ୍ୟାୟକ୍ରମେ ରାଜ୍ୟର ଅବଶିଷ୍ଟ ସମସ୍ତ ଆର୍‌ଟିଓଙ୍କ ଦ୍ୱାରା ଏହି କାର୍ଯ୍ୟକ୍ରମ ଆୟୋଜନ ହେବ। ଯାତ୍ରୀଙ୍କ ସୁରକ୍ଷାକୁ ଧ୍ୟାନରେ ରଖି ସମସ୍ତ ସ୍ଥାନରେ ପ୍ରଶିକ୍ଷଣ ଶେଷ ପରେ ବସ୍‌ରେ ଅଗ୍ନି ନିରାପତ୍ତା ସମ୍ପର୍କରେ ଏନ୍‌ଫୋର୍ସମେଣ୍ଟକୁ କଡ଼ାକଡ଼ି କରାଯିବ। ତେବେ ବସ୍‌ରେ ଅଗ୍ନି ଅଘଟଣ ଭଳି ଘଟଣା କିଛି ରାଜ୍ୟରେ ସାମ୍ନାକୁ ଆସିବା ପରେ ଓଡ଼ିଶାରେ ଏଭଳି ବିପଦର ନିରାକରଣ ପାଇଁ ପଦକ୍ଷେପ ଗ୍ରହଣ କରାଯାଉଛି। ପୂର୍ବରୁ ଅଗ୍ନିଶମ ଡିଜି ଡ. ସୁଧାଂଶୁ ଷଡ଼ଙ୍ଗୀ ଓ ପରିବହନ ଆୟୁକ୍ତ ଅମିତାଭ ଠାକୁର ଏ ସଂକ୍ରାନ୍ତରେ ବସ୍ ମାଲିକ ସଂଘ ସହ ବୈଠକ କରି ଆଲୋଚନା କରିଥିଲେ। ଅଗ୍ନି ନିରାପତ୍ତା ପାଇଁ ଥିବା ନିୟମ ପାଳନକୁ ସୁନିଶ୍ଚିତ କରିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ପରବର୍ତ୍ତୀ ସମୟରେ ଅଗ୍ନିଶମ ନିର୍ଦ୍ଦେଶାଳୟ ଦ୍ୱାରା ଯାତ୍ରୀବାହୀ ବସ୍‌ରେ ଅଗ୍ନି ସୁରକ୍ଷା ବ୍ୟବସ୍ଥା ସମ୍ପର୍କରେ ଏକ ବିସ୍ତୃତ ନିର୍ଦ୍ଦେଶାବଳୀ ଜାରି କରାଯାଇଥିଲା।



ଅଗ୍ନି ନିରାପତ୍ତା ସଚେତନତା ମକ୍‌ଡ୍ରିଲ କାର୍ଯ୍ୟକ୍ରମ।

**ବସ୍‌ଯାତ୍ରୀଙ୍କ ସୁରକ୍ଷା ପାଇଁ ପଦକ୍ଷେପ**

■ ପ୍ରଶିକ୍ଷଣ ନେଲେ ବସ୍ କର୍ମଚାରୀ
■ ପ୍ରତି ଶନିବାର ହେବ ତାଲିମ କାର୍ଯ୍ୟକ୍ରମ
■ ନିରାପତ୍ତା ପାଇଁ ମିଳିତ ପ୍ରୟାସ

ଈଶ୍ୱରଙ୍କ ହାତରେ ସବୁତକ ସମୟ ଅଛି – ତେଣୁ ସେ କୌଣସି କାର୍ଯ୍ୟରେ ତରବର ହୁଅନ୍ତି ନାହିଁ। ସେ ମଧ ତାଙ୍କ ଲକ୍ଷ୍ୟ ସମ୍ବନ୍ଧେ ନିଶ୍ଚିତ। ତାଙ୍କର ସଫଳତା ସମ୍ବନ୍ଧେ ବି ନିଶ୍ଚିତ। ତେଣୁ ସେ ସହସ୍ରବାର କାର୍ଯ୍ୟରୁ ବିରତ ହେଲେ ବି, ବ୍ୟସ୍ତ ହୁଅନ୍ତି ନାହିଁ। କାରଣ ତଦ୍ୱାରା ସେ ପୂର୍ଣ୍ଣତାର ନିକଟବର୍ତ୍ତୀ ହୁଅନ୍ତି। – ଶ୍ରୀଅରବିନ୍ଦ

ଦେବୋତ୍‌ଥାପନ (ବଡ଼) ଏକାଦଶୀ, ଭୀଷ୍ମ ପଞ୍ଚକ ବ୍ରତ



# ସ୍ମାର୍ଟ ସିଟିର ବାସ୍ତବତା



ଆକାର ପଟେଲ

ମୁଁ ଯେତେବେଳେ ଘରୁ ବାହାରି ରାସ୍ତାକୁ ଯାଏ ଏବଂ ଚାରିପାଖକୁ ଦେଖେ, ସେତେବେଳେ ୧୦ ବର୍ଷ ପୂର୍ବର ସ୍ଥିତିରେ ଭିନ୍ନତା ଦେଖିବାକୁ ପାଏ ନାହିଁ, କେବଳ ଅଧିକ ସଂଖ୍ୟାରେ ଯାନବାହନ ଯାତାୟାତ କରୁଥିବା ଲକ୍ଷ୍ୟକରେ। କିଛିଦିନ ପୂର୍ବରୁ ସ୍ମାର୍ଟ ସିଟି ମିଶନରେ ଭିତ୍ତିଭୂମିର ବିକାଶ ସମ୍ପର୍କିତ ଏକ ଖବର ପ୍ରକାଶ ପାଇଥିଲା। ଏଥିରେ କୁହାଯାଇଥିଲା, ଯେଉଁମାନେ ସେମାନଙ୍କ ଚାରିପାଖରେ କ'ଣ ଘଟିଛି ବୋଲି ଯଦି ନିରୀକ୍ଷଣ କରିବେ ତେବେ ଜାଣିବାକୁ ପାଇବେ ଯେ, ଚଳିତ ବର୍ଷ ଶେଷ ହୋଇଥିବା ଏକ ୧୦ ବର୍ଷିଆ କାର୍ଯ୍ୟକ୍ରମର କୌଣସି ପ୍ରଭାବ ପଡ଼ିନାହିଁ। ବର୍ତ୍ତମାନ ଏହା ପୂରା ବନ୍ଦ ହୋଇଗଲାଣି ଏବଂ ଏହା ଉପରେ ଆଉ କୌଣସି ପ୍ରତିଶ୍ରୁତି ଦିଆଯିବ ନାହିଁ। ଏବେ ଏହି ମିଶନ ମାଧ୍ୟମରେ କ'ଣ କରାଯାଇଛି ତାହା ଆମେ ବିଚାର କରିପାରିବା।

ସ୍ମାର୍ଟ ସିଟି ମିଶନରେ ପ୍ରସ୍ତାବିତ ପରିଯୋଜନାର ରୂପରେଖକୁ ନେଇ ସହରାଞ୍ଚଳ ମନ୍ତ୍ରଣାଳୟ ଏକ ସଂକ୍ଷିପ୍ତ ରିପୋର୍ଟ ପ୍ରସ୍ତୁତ କରିଥିଲା। ସେଥିରେ କୁହାଯାଇଥିଲା, ଏହାର ଲକ୍ଷ୍ୟ ହେଉଛି ଏପରି ସହର ତିଆରି କରିବା ଯେଉଁଥିରେ ପ୍ରତ୍ୟେକ ବାସିନ୍ଦାଙ୍କୁ ଉପଯୁକ୍ତ ଜୀବନଯାପନ ବିକଳ୍ପ ମିଳିବ ଏବଂ ଯେକୌଣସି ବିକଶିତ ୟୁରୋପୀୟ ସହର ସହ ତୁଳନୀୟ ଉଚ୍ଚମାନର ଜୀବନଯାପନ ଶୈଳୀ ପ୍ରଦାନ କରିବ। ସରକାର କହିଥିଲେ, ଏହା ୨୦୨୦ ସୁଦ୍ଧା ଘଟିବ। ୨୦୧୪ରେ ଅରୁଣ ଜେଟ୍‌ଲୀ ସଂସଦରେ କହିଥିଲେ, ମଧ୍ୟବିତ୍ତ ବର୍ଗର ସେବା ପାଇଁ ଏହି ସ୍ମାର୍ଟ ସିଟି ଆବଶ୍ୟକ। ୨୦୧୫ରେ ମିଶନର ଲକ୍ଷ୍ୟକୁ ଅଧିକ ସାଧାରଣ କରିବା ପାଇଁ କଥା ବଦଳାଯାଇ ୟୁରୋପୀୟ ସହରକୁ ଅନୁକରଣ କରିବା କଥା କୁହାଯାଇ ନ ଥିଲା। ଏହା ପରିବର୍ତ୍ତେ ଭାରତର ସ୍ମାର୍ଟ ସିଟି ନାଗରିକଙ୍କୁ ପର୍ଯ୍ୟାପ୍ତ ଜଳ ଯୋଗାଣ, ନିଶ୍ଚିତ ବିଦ୍ୟୁତ୍ ଯୋଗାଣ, ପରିମଳ, ସାଧାରଣ ପରିବହନ, ଗରିବଙ୍କ ପାଇଁ ସୁଲଭ ଗୃହ, ମହିଳାଙ୍କ ସୁରକ୍ଷା, ସ୍ୱାସ୍ଥ୍ୟ ଏବଂ ଶିକ୍ଷା ପ୍ରଦାନ କରାଯିବ ବୋଲି ଦର୍ଶାଯାଇଥିଲା। ଏହା ନିଶ୍ଚିତ ଯେ, ସମସ୍ତ ସହରର ପୌରପାଳିକାଗୁଡ଼ିକ ଯାହା ଉପରେ ଧ୍ୟାନ ଦିଅନ୍ତି ତା'ଠାରୁ ଏହା କିଛି ଭିନ୍ନ ନୁହେଁ। ୨୦୨୧ ମସିହାରେ 'ସ୍ମାର୍ଟ ସିଟି ପ୍ରକଳ୍ପ ସଫଳ ହୋଇପାରିଲା ନାହିଁ, ଏହାର ଅଧା ପାଣ୍ଠି ଖର୍ଚ୍ଚ ହୋଇନାହିଁ' ଶୀର୍ଷକ ଏକ ରିପୋର୍ଟ ପ୍ରକାଶ ପାଇଥିଲା। ଏଥିରେ ସୂଚିତ କରାଯାଇଥିଲା ଯେ ପ୍ରକଳ୍ପ ୨୦୨୦ ବେଳକୁ ଏହାର ସଫଳତାର ପଥ ଅତିକ୍ରମ କରିବା ଉଚିତ ଥିଲା, କିନ୍ତୁ ବାସ୍ତବତା ହେଉଛି ୨୦୧୯ ସୁଦ୍ଧା ୨୦୧୫-୧୯ ମଧ୍ୟରେ ଅନୁମୋଦିତ ମୋଟ ୪୮,୦୦୦ କୋଟି ଟଙ୍କା ମଧ୍ୟରୁ କେବଳ ଅଧା ବଣ୍ଟନ କରାଯାଇଥିଲା। ପ୍ରକୃତରେ ଏହାର ତିନି-ଚତୁର୍ଥାଂଶ ଦିଆଯାଇଥିଲା ଏବଂ ସେଥିରୁ ମାତ୍ର ୩୬ ପ୍ରତିଶତ ଖର୍ଚ୍ଚ କରାଯାଇଥିଲା। ଅର୍ଥାତ୍ ୪୮,୦୦୦ କୋଟି ଟଙ୍କାରୁ କେବଳ ୬,୧୬୦ କୋଟି ଟଙ୍କା ଖର୍ଚ୍ଚ ହୋଇଥିଲା।

ନଗର ଉନ୍ନୟନ ପାଇଁ ଗଠିତ ସଂସଦୀୟ ଷ୍ଟାଣ୍ଡିଂ କମିଟି (ପିଏସ୍‌ସି) କହିଥିଲା ଯେ, ମିଶନ ଅଧୀନରେ ତୃଣମୂଳ ସ୍ତରରେ ଏପର୍ଯ୍ୟନ୍ତ ହୋଇଥିବା ପ୍ରକୃତ ପ୍ରଗତି ବିଷୟରେ ଏହା ଦ୍ୱନ୍ଦ୍ୱରେ ରହିଛି ଏବଂ ଗୋଟିଏ ସଂସ୍ଥା ଅନ୍ୟ ଏକ ସଂସ୍ଥାର କାର୍ଯ୍ୟର ବିଫଳତାକୁ ଦର୍ଶାଇବାର ଅନେକ ଉଦାହରଣ ଦେଖିଛି। ଦେଶରେ ୨୬ଟି ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳକୁ ଦିଆଯାଇଥିବା ପାଣ୍ଠିର ୨୦ ପ୍ରତିଶତରୁ କମ୍ ଖର୍ଚ୍ଚ ହୋଇଛି। ଷ୍ଟାଣ୍ଡିଂ କମିଟି କହିଛି ଯେ, ଉପଲବ୍ଧ ବ୍ୟବସ୍ଥା ସତ୍ତ୍ୱେ ମିଶନ ଅଧୀନରେ ଖରାପ କାମ ବିଷୟରେ ଅଭିଯୋଗଗୁଡ଼ିକ କମିଟି ପାଖକୁ ଆସିବା ନିଶ୍ଚିତ ଭାବେ ଆଶ୍ଚର୍ଯ୍ୟଜନକ। ଏହି ପ୍ରସଙ୍ଗରେ ଆଗ୍ରହୀ ଥିବା ସଂସ୍ଥାଗୁଡ଼ିକର ରିପୋର୍ଟ ସବୁ ସ୍ମାର୍ଟ ସିଟି ମିଶନର କିଛି ପ୍ରାଥମିକ ତ୍ରୁଟିକୁ ସୂଚାଇଥିଲେ। ମିଶନ ଉଚ୍ଚମାନର ଭିତ୍ତିଭୂମି ଏବଂ ପ୍ରଯୁକ୍ତିବିଦ୍ୟା-ଚାଳିତ ନିରୀକ୍ଷଣ ଉପରେ ଗୁରୁତ୍ୱ ଦେଇଥିଲା। କିନ୍ତୁ ପାଣି, ସ୍କୁଲ, ସରକାରୀ ହସ୍ପିଟାଲ, ଗୃହ ସମସ୍ୟାର ସମାଧାନ ଉପରେ ଗୁରୁତ୍ୱ ଦେଇ ନ ଥିଲା। ନିର୍ଦ୍ଦିଷ୍ଟ ଅଞ୍ଚଳରେ ବିକାଶକୁ ଏହା ଜୋର ଦେଇଥିଲା, ବିଶେଷକରି ପୂର୍ବରୁ ବିକଶିତ ହୋଇଥିବା ସହରର ଛୋଟ ଛୋଟ ଅଂଶରେ ହିଁ ଅଧିକ ଅର୍ଥ ବ୍ୟୟ କରିବା ଉପରେ ଧ୍ୟାନ ଦେଇଥିଲା। ଉଦାହରଣ ସ୍ୱରୂପ, ବେଙ୍ଗାଲୁରୁରେ ସ୍ମାର୍ଟ ସିଟି ମିଶନରେ ଦିଆଯାଇଥିବା ଅର୍ଥ ଚର୍ଚ୍ଚ ଷ୍ଟ୍ରିଟ୍ କ୍ଷେତ୍ରରେ କରାଯାଇଥିଲା, ଯାହା ସହରର ଅଧିକାଂଶ ସ୍ଥାନ ଅପେକ୍ଷା ଅଧିକ ବିକଶିତ। ଏହି ଅଞ୍ଚଳର ଇନ୍‌ଫାଣ୍ଟ୍ରି ରୋଡ୍, କାମରାଜ ରୋଡ୍, ଟାଟା ଲେନ୍, ଉଡ୍ ଷ୍ଟ୍ରିଟ୍, କ୍ୟାସଲ ଷ୍ଟ୍ରିଟ୍, ଡିକେନ୍‌ସନ ରୋଡ୍, କେନସିଂଟନ ରୋଡ୍, ସେଣ୍ଟ ଜନ୍ସ ରୋଡ୍, ରେସିଡେନ୍ସି ରୋଡ୍, କସ୍ତୁରବା ରୋଡ୍, ବୋରିଂ ହସ୍ପିଟାଲ ରୋଡ୍, ମିଲର୍ସ ରୋଡ୍, ଲାଭେଲ ରୋଡ୍, ମ୍ୟାକ୍‌ଗ୍ରାଥ୍ ରୋଡ୍, କନ୍‌ଭେଣ୍ଟ ରୋଡ୍, କୁଇନ୍ସ ରୋଡ୍, ହେସ୍ ରୋଡ୍, ରାଜା ରାମମୋହନ ରାୟ ରୋଡ୍ ଏବଂ ରେସ୍‌କୋର୍ସ ରୋଡର ବିକାଶ ପାଇଁ ଅର୍ଥ ଖର୍ଚ୍ଚ କରାଯାଇଥିଲା। ଦିଲ୍ଲୀରେ, ନୂଆଦିଲ୍ଲୀ ମ୍ୟୁନିସିପାଲ କର୍ପୋରେଶନ ଅଧୀନରେ ଥିବା ଅଞ୍ଚଳ ପୂର୍ବରୁ ଜାତୀୟ ରାଜଧାନୀ ଅଞ୍ଚଳର ସବୁଠାରୁ ବିକଶିତ ଭାଗ ଥିଲା। ହେଲେ ଏହି ମିଶନର ଲକ୍ଷ୍ୟ ଦିଲ୍ଲୀର କୌଣସି ମଧ୍ୟବିତ୍ତ ଶ୍ରେଣୀ ପାଇଁ ନ ଥିଲା, ବରଂ ଜନସଂଖ୍ୟାର ଅତି କ୍ଷୁଦ୍ର ଅଂଶ ଥିବା ଏକ ନିର୍ଦ୍ଦିଷ୍ଟ ବର୍ଗ(ଉଚ୍ଚବର୍ଗ)ଙ୍କ ପାଇଁ ଏହି ମିଶନ ଉଦ୍ଦିଷ୍ଟ ଥିଲା। ଏହି ଅଭିଜାତ୍ୟବାଦ ମଧ୍ୟ ପୁଣେ, ଦିଲ୍ଲୀ, ଭୋପାଳ ଏବଂ କୋଏମ୍ବାଟୁର ସମେତ ଅନେକ ସହର ଦ୍ୱାରା କାର୍ଯ୍ୟକାରୀ ହୋଇଥିବା ସାର୍ବଜନୀନ ସାଇକେଲ ଶେୟାରିଂ ପ୍ରକଳ୍ପରେ ଲକ୍ଷ୍ୟ କରାଯାଇଥିଲା। କମ୍ପାନୀର ୱେବ୍‌ସାଇଟରେ ସାଇକେଲ ଭଡ଼ା ପାଇଁ ନିର୍ଦ୍ଦେଶାବଳୀ କେବଳ ଇଂରାଜୀରେ ଥିଲା ଏବଂ ଏହା କେବଳ ଅନ୍‌ଲାଇନ ପେମେଣ୍ଟ ଗ୍ରହଣ କରୁଥିଲା। ସ୍ମାର୍ଟ ସିଟି ଭାରତର ସହରାଞ୍ଚଳ ଗରିବଙ୍କୁ ଆହୁରି ସମସ୍ୟାରେ ପକାଉଥିଲା। ୨୦୧୯ରେ ଆବଣ୍ଟିତ ପାଣ୍ଠି ୨୦୧୮ ପରି ସମାନ ଥିଲା ଏବଂ ୨୦୨୧ ବଜେଟରେ 'ସ୍ମାର୍ଟ ସିଟି' ଶବ୍ଦାଂଶ ବ୍ୟବହାର କରାଯାଇ ନ ଥିଲା। ଶିମ୍‌ଲାର ପୂର୍ବତନ ଡେପୁଟି ମେୟର ଟିକେନ୍ଦର ସିଂହ ପନ୍‌ୱାର କହିଥିଲେ, ଏହି ସ୍ମାର୍ଟ ସିଟିଗୁଡ଼ିକ ଦେଶର ଅନ୍ୟ ସହର ପାଇଁ ଆଲୋକବର୍ତ୍ତିକା ହେବା କଥା। ହେଲେ ବଜେଟ ଏହା ଉପରେ ସମ୍ପୂର୍ଣ୍ଣ ନୀରବ, କାରଣ ଏହାର ବିଫଳତା ମୋଦି ସରକାରଙ୍କ ପାଇଁ ସବୁଠାରୁ ବଡ଼ ଲଜ୍ଜା ମଧ୍ୟରୁ ଗୋଟିଏ। ଏହା ପ୍ରକୃତରେ କେଉଁ ପରିବର୍ତ୍ତନ ଆଣିଛି କିମ୍ବା ପ୍ରକୃତରେ କାର୍ଯ୍ୟକ୍ରମଟି ସମାପ୍ତ ହୋଇଯାଇଛି କି ନାହିଁ ସେ ବିଷୟରେ ଆଉ କେବେ ମଧ୍ୟ ଆଲୋଚନା କରାଯିବ ନାହିଁ।

Email:aakar.patel@gmail.com

# ଅହିଂସ ଆନ୍ଦୋଳନ ବେଶି ପ୍ରାସଙ୍ଗିକ



ସହଦେବ ସାହୁ

ସ୍ୱୈରତନ୍ତ୍ରୀ ଅତ୍ୟାଚାରୀ ସରକାରକୁ ତଡ଼ିପାରିବାର ସାର୍ଥକ ଉପାୟ ହେଉଛି ଅହିଂସ ସଂଘର୍ଷ – ଯେଉଁ ସମ୍ରାଜ୍ଞୀଙ୍କ ସାମ୍ରାଜ୍ୟରେ ସୂର୍ଯ୍ୟ ଅସ୍ତ ହେଉ ନ ଥିଲା ତାଙ୍କ ଶାସନକୁ ହଟାଇ ଦେଇପାରିଲେ ନିରସ୍ତ୍ର ଭାରତୀୟମାନେ – ମହାତ୍ମା ଗାନ୍ଧୀଙ୍କ ଆହ୍ୱାନରେ। ହିଂସାତ୍ମକ ଆନ୍ଦୋଳନ ଶାସକର ଦମନକାରୀ ହିଂସାକାଣ୍ଡକୁ ନିମନ୍ତ୍ରଣ କରେ, ଭୀଷଣ ଧ୍ୱଂସଲୀଳା ଓ ରକ୍ତପାତ ଆଣେ। ସଶସ୍ତ୍ର ବିଦ୍ରୋହ ବହୁଦିନ ଧରି ଚାଲିଲେ ଆନ୍ଦୋଳନକାରୀମାନେ ବାହାରୁ ଅସ୍ତ୍ରଶସ୍ତ୍ର ଆଣିବାକୁ ବାଧ୍ୟ ହୁଅନ୍ତି। ଅହିଂସ ଆନ୍ଦୋଳନ ସାଧାରଣ ଲୋକଙ୍କ ସାମର୍ଥ୍ୟ ଉପରେ ନିର୍ଭର କରେ। ସେ ସାମର୍ଥ୍ୟ ହେଉଛି ସରକାର ଗଢ଼ିଥିବା ଆଇନକୁ ନ ମାନିବା, କୌଣସି ଗୋଟିଏ କାରଣ ଖୋଜିବା ଯାହା ସମସ୍ତଙ୍କୁ ବାଧୁଥିବ – ଯେପରି ଲୁଣ ମାରିବା ଅଧିକାର ବା ସୋସିଆଲ ମିଡିଆ ବ୍ୟବହାରର ଅଧିକାର। ଅହିଂସ ଆନ୍ଦୋଳନ ସଫଳ ହୁଏ ଉଚ୍ଚ ମାନର ନୈତିକତା ଯୋଗୁ ନୁହେଁ, ଶାସନଗାଦିରେ ବସିଥିବା ବ୍ୟକ୍ତିଙ୍କ ପ୍ରତି ଘୃଣା ଆସିବା ଯୋଗୁ। ସମୟ ଯେତେ ଗଡ଼େ ଆନ୍ଦୋଳନକାରୀଙ୍କ ସଂଖ୍ୟା ସେତେ ବଢ଼େ। ଜନତାର ଲହରି ଶାସନ-ଗାଦିରେ ବସିଥିବା ଗୋଷ୍ଠୀକୁ ଭସାଇ ଦିଏ, ସେମାନେ ଗାଦି ଛାଡ଼ିବାକୁ ବାଧ୍ୟ ହୁଅନ୍ତି କିମ୍ବା ଆଇନ ବଦଳାଇ ଆନ୍ଦୋଳନକାରୀଙ୍କ ମତ ଅନୁଯାୟୀ ଶାସନ ଚଳାନ୍ତି, ଅର୍ଥାତ୍ ଗଣତନ୍ତ୍ର ସଂସ୍ଥାପନ ହୁଏ। ଆଗ କାଳରେ ଗୁଜବ ଆକାରରେ ଖବର ବ୍ୟାପୁଥିଲା, ତେଣୁ ଲୋକେ ତାକୁ ବିଶ୍ୱାସ କରି ଏକାଠି ହେବାକୁ ସମୟ ଲାଗୁଥିଲା ଓ ପ୍ରଶାସନ ତାକୁ ରୋକିବାର ପଦକ୍ଷେପ ନେବାକୁ ବହୁତ ସମୟ ପାଉଥିଲା। ଆଜିକାଲି ଇଣ୍ଟରନେଟ୍ ଯୁଗରେ ସୋସିଆଲ୍ ମିଡିଆ ଭଳି ମଞ୍ଚ କେଇ ଘଣ୍ଟା ଭିତରେ ଲକ୍ଷ ଲକ୍ଷ ଲୋକଙ୍କୁ ରୁଣ୍ଡ କରିପାରୁଛି, କେବଳ ସଂଖ୍ୟା ବିପ୍ଳବକୁ ସଫଳ କରୁଛି। ଏବେ ନୂଆ ପିଢ଼ିର ଶିକ୍ଷିତ ଯୁବଗୋଷ୍ଠୀ (ଯାହାଙ୍କୁ ଜେନ୍ ଜେଡ୍ କୁହାଯାଉଛି) ଆନ୍ଦୋଳନର ଆଗୁଆ ଧାଡ଼ିକୁ ଆସୁଛନ୍ତି, ମାତ୍ର କେଇ ଦିନରେ ଆନ୍ଦୋଳନ ସଫଳ ହେଉଛି ଯେପରି ଶ୍ରୀଲଙ୍କା, ବାଂଲାଦେଶ ଓ ନେପାଳରେ ସମ୍ପ୍ରତି ଘଟିଛି। ଶହେ ବର୍ଷରୁ ବେଶି କାଳ ପାଲେଷ୍ଟିନୀୟଙ୍କ ସଶସ୍ତ୍ର ଆନ୍ଦୋଳନରେ ଲକ୍ଷ ଲକ୍ଷ ଲୋକ ପ୍ରାଣ ହରାଇଛନ୍ତି ବା ବାସହରା ହୋଇଛନ୍ତି, ସେମାନେ ଅହିଂସା ଓ ଅସହଯୋଗର ମାର୍ଗ ଧରିଥିଲେ ପରିଣାମ କ'ଣ ଏତେ ଖରାପ ହୋଇଥାନ୍ତା? ସୁଦାନ, ମ୍ୟାନମାର୍, ୟେମେନ୍, ଡେମୋକ୍ରାଟିକ୍ ରିପବ୍ଲିକ୍ ଅଫ୍ କଙ୍ଗୋ ଭଳି କେତେକ ଗୃହଯୁଦ୍ଧରେ ସେହି ପ୍ରଶ୍ନ ଉଠାଇପାରିବା। ଅହିଂସ ପ୍ରତିବାଦ ବା ଅଭିଯାନ ବହୁତ କମ୍ ଜୀବନହାନିରେ ବହୁତ ବେଶି ସଫଳ ହୋଇଥାନ୍ତା କହିଲେ ସରକାର ବିରୋଧରେ ସଂଗ୍ରାମରେ ଲାଗିଥିବା ଲୋକେ ସମ୍ଭବତଃ ଆମର ଏ ପରାମର୍ଶକୁ ପିଲାଳିଆ ଭାବିବେ। ସେମାନେ କହିବେ ପ୍ରତ୍ୟେକ ସଂଘର୍ଷର ଇତିହାସ ଭିନ୍ନ, ହିଂସାକାଣ୍ଡ ଘଟିବା କାହାର ମର୍ଜି ଉପରେ ନିର୍ଭର କରେନାହିଁ, ଏ ଗୋଟିଏ ବାଧ୍ୟବାଧକତା। ତେଣୁ ଅହିଂସ ପ୍ରତିବାଦ ସଫଳ ହେବ ବୋଲି ଅନେକେ ଭାବି ପାରୁନାହାନ୍ତି। କିନ୍ତୁ ୧୯୦୦ ପରଠୁ ଆମେ ଦେଖି ଆସିଛୁ ଯେ ହିଂସାକାଣ୍ଡ ତୁଳନାରେ ଅହିଂସ ଆନ୍ଦୋଳନ ବେଶି ସଫଳ ହୋଇଛି। ଆମ ଦେଶରୁ ବ୍ରିଟିଶ୍ ଶାସନ ହଟିଯିବା ତ ଏକ ପ୍ରକୃଷ୍ଟ ଉଦାହରଣ। ଦକ୍ଷିଣ ଆଫ୍ରିକାରେ ବର୍ଣ୍ଣବିଦ୍ୱେଷୀ ଶାସକଙ୍କ ଆଗରେ ନେଲ୍‌ସନ୍ ମଣ୍ଡେଲାଙ୍କ ଲଢ଼େଇ ସଫଳ ହେବା ମୂଳରେ ଅହିଂସ ଆନ୍ଦୋଳନ। ୧୯୦୦ରୁ ୨୦୨୧ ଭିତରେ ସାରା ପୃଥିବୀରେ ଘଟିଥିବା ସରକାର-ବିରୋଧୀ ଆନ୍ଦୋଳନର ବିଶ୍ଳେଷଣ କରି ଦୁଇଜଣ ରାଜନୀତି ବିଜ୍ଞାନର ଅଧ୍ୟାପକ ଏରିକା ଚେନ ୱେଥ୍ ଓ ମାରିଆ ଷ୍ଟିଫେନ୍ ଦର୍ଶାଇଛନ୍ତି ଯେ ଅହିଂସ ଆନ୍ଦୋଳନଗୁଡ଼ିକର ସଫଳତା ହାର ୫୩% ହୋଇଥିବା ବେଳେ ହିଂସାକାଣ୍ଡ ସହ ଆନ୍ଦୋଳନ ମାତ୍ର ୨୬% ସଫଳ ହୋଇଛି। ସଶସ୍ତ୍ର ଯୁଦ୍ଧ ତୁଳନାରେ ଅହିଂସ ଆନ୍ଦୋଳନର ସଫଳତା ହାର ଦୁଇଗୁଣ ବୋଲି ପରିସଂଖ୍ୟାନ ସଂସ୍ଥା –Nonviolent and Violent Campaigns and Outcomes, Navco, – ୧୯୦୦ରୁ ୨୦୦୬ ଯାଏ ସଂଗ୍ରହ କରିଥିବା ତଥ୍ୟାବଳୀରୁ ଏହା ହିସାବ କରିଛି। ସେତିକିରେ କଥା ସରିନାହିଁ, ନାଭକୋ ତଥ୍ୟ କହେ ଯେ ଅହିଂସ ଉପାୟରେ ସ୍ୱୈରତନ୍ତ୍ରୀ ଶାସନ ବଦଳିଗଲା ପରେ ଯେଉଁ ଶାସନ ଆସେ ତାହା ଶାନ୍ତିପୂର୍ଣ୍ଣ ଓ ଗଣତାନ୍ତ୍ରିକ ହେବାର ସମ୍ଭାବନା ବେଶି। ସଶସ୍ତ୍ର ବିଦ୍ରୋହ ଯୋଗୁ ଯେଉଁ ନୂଆ ଶାସନ ଆସେ ତାହା ସ୍ୱୈରତନ୍ତ୍ରୀ (ଡିକ୍ଟେଟରଶିପ୍) ହେବାର ସମ୍ଭାବନା ବେଶି ଏବଂ ନାଗରିକମାନେ ଅଧିକତର ଦମନର ଶିକାର ହେବାର ଆଶଙ୍କା ଥାଏ।

ନିନ୍ଦୁକମାନେ କହିବେ ଏପରି ପରିସଂଖ୍ୟାନଗତ (ଡାଟା) ବିଶ୍ଳେଷଣ କିଛି ପ୍ରମାଣ କରେ ନାହିଁ। ଯେଉଁ ମାର୍ଗ ବେଶି ଫଳପ୍ରଦ ହେବ ବୋଲି ଲୋକେ ଭାବନ୍ତି ସେହି ମାର୍ଗକୁ ସେମାନେ ଅନୁସରଣ କରନ୍ତି, ଅହିଂସ ହେଉ କି ହିଂସ୍ର। କେତେକ କହନ୍ତି, ପ୍ରତିପକ୍ଷ ସୈନ୍ୟବାହିନୀ ଓ ପୋଲିସ ଲଗାଇ ହିଂସାକାଣ୍ଡ କଲେ ଜନସାଧାରଣଙ୍କ ଅହିଂସା କାମ କରିବ ନାହିଁ। ଆଉ କେତେକ ସମାଲୋଚକ କହନ୍ତି- ଅହିଂସା କେବଳ ଗଣତାନ୍ତ୍ରିକ ଶାସନ କରୁଥିବା ସରକାରରେ ସଫଳ ହୁଏ, ଅତ୍ୟାଚାରୀମାନେ ତ ବଳ ପ୍ରୟୋଗ କରି ଅହିଂସ ଆନ୍ଦୋଳନକୁ ଭଣ୍ଡୁର କରନ୍ତି। ନାଭକୋ ତଥ୍ୟ ଅହିଂସ ଆନ୍ଦୋଳନର ବହୁତ ସଫଳ ଉଦାହରଣ ଦେଇଛି। ୧୯୮୬ରେ ଫିଲିପାଇନ୍ସରେ ପିପୁଲ୍‌ସ ପାୱାର ରିଭୋଲ୍ୟୁଶନ୍ ଏକଚ୍ଛତ୍ରବାଦୀ ରାଷ୍ଟ୍ରପତି ଫର୍ଡିନାଣ୍ଡ ମାର୍କୋସ୍‌ଙ୍କୁ ଗାଦି ଛାଡ଼ିବାକୁ ବାଧ୍ୟ କରିଥିଲା, ସେ ଦେଶ ଛାଡ଼ି ପଳାୟନ କଲେ। ଚିଲିରେ ୧୯୮୮ରେ ଅଗଷ୍ଟୋ ପିନୋଚେଟ୍‌ଙ୍କ ସାମରିକ ଏକଚ୍ଛତ୍ରବାଦ ଶାସନକୁ ନାସ୍ତି ସୂଚକ ରେଫେରଣ୍ଡମ୍ ଦେଇ ସେ ଦେଶର ନାଗରିକମାନେ ଅଗଷ୍ଟୋଙ୍କୁ ହଟାଇ ଦେଲେ। ୧୯୮୯ରେ ଚେକୋସ୍ଲୋଭାକିଆରେ ଭେଲ୍‌ଭେଟ୍ ବିପ୍ଳବ କମ୍ୟୁନିଷ୍ଟ ସରକାରକୁ ତଡ଼ିଦେଲା, ତହିଁରୁ ଶାନ୍ତିପୂର୍ଣ୍ଣ ଭାବେ ଦୁଇଟି ସ୍ୱାଧୀନ ଦେଶ ଜନ୍ମ ନେଲା – ଚେକ୍ ରିପବ୍ଲିକ୍ ଓ ସ୍ଲୋଭାକିଆ। ଅବଶ୍ୟ ଅନେକ ଶାନ୍ତିପୂର୍ଣ୍ଣ ପ୍ରତିବାଦ ସ୍ଥାୟୀ ଶାନ୍ତି ଆଣିନାହିଁ – ଯଥା ଟ୍ୟୁନିସିଆର ମଲ୍ଲୀ (Jasmine) ବିପ୍ଳବ। ମାତ୍ର ହିଂସ୍ର ବିପ୍ଳବ ଯେ ବେଶି ସଫଳ ହୋଇଛି ତାହାର ବିଶେଷ ପ୍ରମାଣ ନାହିଁ। ନାଭକୋ ଡାଟା ଦେଖାଉଛି ଯେ ବିଭିନ୍ନ ସାମାଜିକ, ଅର୍ଥନୈତିକ ଓ ରାଜନୀତିକ ଢାଞ୍ଚାରେ ଅର୍ଥାତ୍ ସବୁ ପରିସ୍ଥିତିରେ ଅହିଂସ ଅଭିଯାନ ସଫଳ ହୋଇପାରିବ। ଚେନୋୱେଥ୍ ଓ ଷ୍ଟେଫାନ୍ ନାମକ ଦୁଇ ଲେଖକ ସେମାନଙ୍କ ୨୦୧୧ରେ ବହି କାହିଁକି 'ଆଇନ ଅମାନ୍ୟ ଆନ୍ଦୋଳନ କାମ କରେ' ରେ ଏହା ଲେଖିଛନ୍ତି, ବହିର ନାମ ସହ ଯୋଡ଼ିଛନ୍ତି ଅହିଂସ ବିଦ୍ରୋହର ରଣକୌଶଳଗତ ଯୁକ୍ତି। ସେ ଦୁହେଁ ମାନିଛନ୍ତି – ମିଡିଆ ହିଂସାକାଣ୍ଡ ଭିଆଉଥିବା ଆନ୍ଦୋଳନକୁ ବେଶି ପ୍ରକାଶ କରିଥାଏ – ତଥାପି ଅହିଂସ ଆନ୍ଦୋଳନ ବଢ଼ିବାରେ ଲାଗିଛି, ତୁଣ୍ଡ ବାଇଦ ସହସ୍ର କୋଶ ବ୍ୟାପେ, ମିଡିଆ ଚୁପ୍ ରହିଥିଲେ ବି! ୧୯୮୪ ଅକ୍ଟୋବର ୩୧ରେ ରାଜୀବ ଗାନ୍ଧୀ କଲିକତାରୁ ଦିଲ୍ଲୀକୁ ଅପରାହ୍ନ ୪ଟାରେ ଫେରିବା ଯାଏ ସରକାର ଇନ୍ଦିରା ଗାନ୍ଧୀଙ୍କ ମୃତ୍ୟୁ ଘୋଷଣା କରି ନ ଥିଲେ ବି କଟକ ଆଉ ଭୁବନେଶ୍ୱରରେ ଲୋକେ ସକାଳ ସାଢ଼େ ନଅଟାରେ ଜାଣିସାରିଥିଲେ। ଯେଉଁ ଆଫ୍ରିକୀୟ ଅଞ୍ଚଳରେ ଲୋକ-ମୁଖ-ଖବର ଶୀଘ୍ର ବ୍ୟାପେ, ସେଠାରେ ବି ହିଂସାତ୍ମକ ଘରୋଇ ଯୁଦ୍ଧ ସଂଖ୍ୟା ତୁଳନାରେ ଅହିଂସ ବିପ୍ଳବ ଅଧିକ ସଫଳ ହେବା ଦେଖାଯାଏ, ଅର୍ଥାତ୍ ଦେଶ ବା ମହାଦେଶ ନିର୍ବିଶେଷରେ ଅହିଂସ ବିପ୍ଳବ ସଫଳ ହେବାର ସମ୍ଭାବନା ଅଧିକତର।



ହିଂସାତ୍ମକ ଆନ୍ଦୋଳନ ଅସ୍ତ୍ରଶସ୍ତ୍ର ପାଇଁ ଦେଶବାହାରର ସାହାଯ୍ୟ ଦରକାର କରେ, ଅହିଂସ ଆନ୍ଦୋଳନ ଦେଶ ଭିତରର ଜନତା ଭିତରୁ ଶକ୍ତି ସଂଗ୍ରହ କରେ। ତେଣୁ ତାହା ସଫଳ ହୁଏ ଧୀର ପାଣି ପଥର କାଟେ ନ୍ୟାୟରେ। ସଶସ୍ତ୍ରର ଅସ୍ତ୍ର ଭାଙ୍ଗି ପାରେ, ନିରସ୍ତ୍ରର ମନ ଭାଙ୍ଗିବା ସହଜ ନୁହେଁ। ଯେଉଁ ବହୁରାଷ୍ଟ୍ରୀୟ ସଂଗଠନମାନେ ତଥା ଧନୀ ରାଷ୍ଟ୍ରମାନେ ସ୍ୱେଚ୍ଛାଚାରୀ ଶାସନ ବିରୋଧରେ ଜନପ୍ରତିବାଦକୁ ସାହାଯ୍ୟ କରନ୍ତି ସେମାନଙ୍କ ନୀତିକୁ ଏ ବିଶ୍ଳେଷଣ ବାଟ ଦେଖାଇବ: ହିଂସାତ୍ମକ ବିଦ୍ରୋହରେ ଲାଗିଥିବା ସଂଗଠନଗୁଡ଼ିକୁ ସାହାଯ୍ୟ ଦେବା ବନ୍ଦ କରନ୍ତୁ, ଯୁବପିଢ଼ିର ଅହିଂସ ବିଦ୍ରୋହକୁ ଉତ୍ସାହିତ କରନ୍ତୁ।

sahadevas@yahoo.com

# 'ମୁଁ' ରାକ୍ଷସ



ଡ. ଦେବୀଲାଲ ମିଶ୍ର

ଏବେ ଚାରିଆଡ଼େ 'ମୁଁ' ରାକ୍ଷସର ପ୍ରାଦୁର୍ଭାବ। ଯାହା ସହ କଥା ହେବା, ତା' ଭିତରେ 'ମୁଁ'। ମୁଁ ଏଇଟା କରିଛି, ମୁଁ ସେଇଟା କରିଛି। ମୋ' ବିନା କିଛି ସମ୍ଭବ ନୁହେଁ। ମୋ'ଠୁଁ ବଡ଼ ଦାନୀ, ଜ୍ଞାନୀ, କର୍ମୀ କେହି ନାହାନ୍ତି। ହୁଏତ ପ୍ରତିଦିନ ଆମେ ଏମିତି ଅନେକ କଥା କହୁ ବା ଶୁଣୁ। ତେବେ ଏହି 'ମୁଁ' ପଛରେ କ'ଣ ରହିଛି? ଏ ପ୍ରଶ୍ନ ବୋଧହୁଏ ଆମେ କେବେ ନିଜକୁ ପଚାରି ନାହେଁ। ଆମ ପାଖରେ ହୁଏତ ଆତ୍ମସମୀକ୍ଷା କରିବାର ସମୟ ନାହିଁ ବା ଆମେ ଆତ୍ମସମୀକ୍ଷା କରିବାକୁ ଗୁରୁତ୍ୱ ଦେଉନାହୁଁ।

ସ୍ୱାମୀ ବିବେକାନନ୍ଦ କହିଥିଲେ- ଏ ଜୀବନ ହେଉଛି କ୍ଷଣସ୍ଥାୟୀ। ଏ ପୃଥିବୀରେ ଥିବା ସମସ୍ତ ଗର୍ବ, ଅହଂକାର ଓ ଆତ୍ମବଡ଼ିମା ଅଧିକ ଦିନ ରହେନାହିଁ। ଏଇଠି କେବଳ ସେଇମାନେ ହିଁ ବଞ୍ଚନ୍ତି, ଯେଉଁମାନେ ଅନ୍ୟ ପାଇଁ ବଞ୍ଚନ୍ତି। ଏହାର ମାର୍ମିକ ଅର୍ଥ ହେଉଛି: ମଣିଷ ତା'ର ଅହଂକାରକୁ ନେଇ ବେଶିଦିନ ବଞ୍ଚି ପାରେନାହିଁ। ଅହଙ୍କାରର ପତନ ହୁଏ। ତେଣୁ ମଣିଷ ପ୍ରଥମରୁ ନମ୍ର ଏବଂ କୃତଜ୍ଞତାପୂର୍ଣ୍ଣ ଆଚରଣ କଲେ ତାହାର ଜୀବନରେ ସକାରାତ୍ମକ ପରିବର୍ତ୍ତନ ଆସିବ।

ଅହଂକାର ବ୍ୟକ୍ତିକୁ ଶିକ୍ଷାଠାରୁ ଦୂରେଇଦିଏ। ପ୍ରେମ ଏବଂ ତ୍ୟାଗଠାରୁ ଦୂରେଇ ରଖେ। ନା ମଣିଷ କିଛି ଶିଖିପାରେ ନା ତା'ର ଚେତନାର ପୂର୍ଣ୍ଣ ବିକାଶ ସମ୍ଭବ ହୋଇପାରେ। ଅହଂକାର ଅଜ୍ଞତାକୁ ଜନ୍ମଦିଏ, ଅଜ୍ଞତା ମଣିଷକୁ ବିନାଶମୁଖୀ କରାଏ। ମହାନ୍ ଯୋଗୀ ଶ୍ରୀ ଅରବିନ୍ଦଙ୍କ ଭାଷାରେ, ଅହଂକାର ଏମିତି ଏକ ଭୟଙ୍କର ବନ୍ଧନ, ଯାହା ଆମକୁ ଅଜ୍ଞାନତା ସହ ବାନ୍ଧିରଖେ। ଅହଂକାର ହିଁ ପ୍ରତ୍ୟେକ ମଣିଷର ଦୁଃସ୍ଥିତି ବା ଦୁର୍ଦ୍ଦଶାର ପ୍ରମୁଖ କାରଣ। ସେ କହିଥିଲେ ଯେ ଭଗବତ୍ ଚେତନାରେ ଅହଂକାରର କୌଣସି ସ୍ଥାନ ନାହିଁ। ଯଦି କୌଣସି ବ୍ୟକ୍ତି ନିଜ ଅହଂକାର ତ୍ୟାଗ ପାଇଁ ପ୍ରସ୍ତୁତ ନୁହେଁ, ତେବେ ସେ ସାମାନ୍ୟ ମନୁଷ୍ୟ ସତ୍ତାରୁ ଆଗକୁ ବଢ଼ିପାରିବ ନାହିଁ। ଅର୍ଥାତ୍ ଅହଂକାର ତ୍ୟାଗ ବିନା କୌଣସି ମହାନ୍ ଉପଲବ୍ଧି ସମ୍ଭବ ନୁହେଁ।

ଏହି ପରିପ୍ରେକ୍ଷୀରେ ସ୍ୱାମୀ ବିବେକାନନ୍ଦ ଶିକାଗୋ ଧର୍ମ ସମ୍ମିଳନୀରେ ସେପ୍ଟେମ୍ବର ୧୫ରେ ରଖିଥିବା ବକ୍ତବ୍ୟର କିଛି ଅଂଶ ପ୍ରଣିଧାନଯୋଗ୍ୟ। ଏହିଦିନ ସେ ଶୁଣାଇଥିବା କାହାଣୀଟି ଏପରି ଥିଲା: ଗୋଟିଏ କୂପରେ ବେଙ୍ଗଟିଏ ରହୁଥିଲା। ସେ ଜନ୍ମରୁ କୂପରେ ଥିଲା। ଏକଦା ସମୁଦ୍ରରୁ ଗୋଟିଏ ବେଙ୍ଗ ଆସି ସେ କୂପ ନିକଟରେ ପହଞ୍ଚିଲା। ସମୁଦ୍ରରୁ ଆସିଥିବା ବେଙ୍ଗକୁ ଦେଖି କୂପରେ ରହୁଥିବା ବେଙ୍ଗଟି ପଚାରିଲା: ତୁ କିଏ? କେଉଁଠୁ ଆସିଛୁ? ଏକଥା ଶୁଣି ସମୁଦ୍ରରୁ ଆସିଥିବା ବେଙ୍ଗଟି କହିଲା: ମୁଁ ସମୁଦ୍ରରୁ ଆସିଛି। ସେଇଠୁ କୂପରେ ରହୁଥିବା ବେଙ୍ଗ ହଠାତ୍



କୂପର ଗୋଟିଏ ପଟରୁ ଅନ୍ୟପଟକୁ ଡେଇଁ ପଡ଼ିଲା ଏବଂ ପଚାରିଲା ତୋ' ସମୁଦ୍ର କ'ଣ ଏତେ ବଡ଼। ଏକଥା ଶୁଣି ସମୁଦ୍ରରୁ ଆସିଥିବା ବେଙ୍ଗଟି ହସିବାକୁ ଲାଗିଲା ଏବଂ ଏକ କୂପକୁ ସମୁଦ୍ର ସହିତ ତୁଳନା କରୁଥିବାରୁ ସେ ବେଙ୍ଗଟିକୁ ଅଜ୍ଞ ବୋଲି କହିଲା। ଏକଥା ଶୁଣି କୂପବେଙ୍ଗଟି ଭୀଷଣ କ୍ରୋଧିତ ହୋଇ କହିଲା, ଏ ବେଙ୍ଗ ମିଛ କହୁଛି। ମୁଁ ଯାହା କହୁଛି ତାହା ସତ୍ୟ। ମୋ'କୂପଠାରୁ ସଂସାରରେ କିଛି ବି ବଡ଼ ନୁହେଁ। ଏ ବେଙ୍ଗ ମିଛ କହୁଛି। ଏହାକୁ ତୁରନ୍ତ ଏଠାରୁ ବାହାର କରିଦିଆଯାଉ। କାହାଣୀଟି ଶୁଣାଇ ସାରି ସ୍ୱାମୀଜୀ କହିଥିଲେ, ଆମ ସମସ୍ତଙ୍କର ପ୍ରମୁଖ ସମସ୍ୟା ହେଉଛି ଯେ ଆମେ ନିଜ ନିଜ ଛୋଟିଆ କୂପରେ ବସିଛେ ଏବଂ ଭାବୁଛେ ଯେ ଆମର ଏହି ଛୋଟ କୂପ ହେଉଛି ସମଗ୍ର ପୃଥିବୀ। ଯେଉଁ ପର୍ଯ୍ୟନ୍ତ ଆମ ପ୍ରକୃତି ବା ଚରିତ୍ରରେ ଲୁଚି ରହିଥିବା ଏହି ସଂକୀର୍ଣ୍ଣତାରୁ ଆମେ ମୁକ୍ତ ହୋଇପାରିବା ନାହିଁ, ସେ ପର୍ଯ୍ୟନ୍ତ ଆତ୍ମଜ୍ଞାନର ସନ୍ଧାନ କରିପାରିବା ନାହିଁ କି ଆମ ବ୍ୟକ୍ତିତ୍ୱର ପ୍ରକୃତ ବିକାଶ ହୋଇପାରିବ ନାହିଁ। ଅହଂକାର ଦ୍ୱାରା ସୃଷ୍ଟ ଅଜ୍ଞତା ଏହି ସଂକୀର୍ଣ୍ଣତାର ମୁଖ୍ୟ କାରଣ।

ଅହଂକାର ଯୋଗୁ ଆମର ସାମର୍ଥ୍ୟ, ଊର୍ଜା ଓ ବ୍ୟକ୍ତିତ୍ୱ ନକାରାତ୍ମକ ଭାବେ ପ୍ରଭାବିତ ହୋଇଥାଏ। ଆମେ ଅନ୍ୟଠାରୁ କିଛି ଭଲ ଜିନିଷ ଶିଖିବା ପରିବର୍ତ୍ତେ ତା' ସହ ପ୍ରତିଦ୍ୱନ୍ଦ୍ୱିତା କରୁ; ଯଦ୍ୱାରା ଆମର ଶକ୍ତି, ସମୟ ଓ ସାମର୍ଥ୍ୟର ଅଯଥା ଅପଚୟ ହୁଏ ଏବଂ ଆମ ଭିତରେ ନକାରାତ୍ମକ ବିଚାର ଓ ବାତାବରଣ ସୃଷ୍ଟି ହୋଇଥାଏ। ପରିସ୍ଥିତି ଏମିତି ବିକଟ ହୋଇଯାଏ ଯେ, ନିଜର ଆତ୍ମସମୀକ୍ଷା ନ କରି ଆମେ ଅନ୍ୟର ବ୍ୟବହାର ଓ ଚରିତ୍ର ଉପରେ ମତାମତ ଦେଇ ଖୁସି ହେଉ। ଅନ୍ୟମାନଙ୍କୁ ଅକାରଣରେ ଉପଦେଶ ଦେଇଥାଉ। ନିଜ ବ୍ୟକ୍ତିତ୍ୱର ବିକାଶ ଓ ଚାରିତ୍ରିକ ଶୁଦ୍ଧତା ପ୍ରତି ସଚେତନ ନ ହୋଇ ଆମେ ଅନ୍ୟର ଆଲୋଚନା କରୁ। ଜ୍ଞାନ ବାଣ୍ଟିବା ନାଁରେ ଆମେ ଅନ୍ୟ ସହ ନିଜ ଅଜ୍ଞତା ବାଣ୍ଟିଥାଉ, ଯାହାର ପ୍ରଭାବ ଅତ୍ୟନ୍ତ ନକାରାତ୍ମକ ହୋଇଥାଏ। ଆମ ଭିତରେ ଅନ୍ୟ ପ୍ରତି ଈର୍ଷା ଓ ଦ୍ୱେଷ ସୃଷ୍ଟି ହୁଏ। ଅସହିଷ୍ଣୁତା ବଢ଼େ ଏବଂ ଅନ୍ୟର ଖୁସିକୁ ଆମେ ସହଜରେ ଗ୍ରହଣ କରିପାରୁ ନାହୁଁ।

ଏ ଜୀବନ ଅତି ମୂଲ୍ୟବାନ୍। ଯେତେ ସମ୍ଭବ ଜୀବନକୁ ଆମେ ସକାରାତ୍ମକ ଭାବନା, ବିଚାର ଓ ବ୍ୟବହାରରେ ଭରିଦେବା ଦରକାର। କିଏ ଜାଣେ, କାଲି ଏ ଜୀବନର ଗତି କୁଆଡେ! ତେଣୁ ପ୍ରତ୍ୟେକ ମୁହୂର୍ତ୍ତକୁ ଆମେ ସକାରାତ୍ମକ ଊର୍ଜା, ଉଦ୍ଦେଶ୍ୟ ଓ କୃତଜ୍ଞତା ସହ ବଞ୍ଚିବା ଉଚିତ। ଏ ଜୀବନ, ଏ ଶରୀର କେବଳ ଆମର ନୁହେଁ। ଏଥିରେ ଅନ୍ୟମାନଙ୍କର ତ୍ୟାଗ ଓ ଅବଦାନ ମଧ୍ୟ ଲୁଚି ରହିଛି। ତେଣୁ ଆମେ କୃତଜ୍ଞ ରହିବା ଜରୁରୀ।

ସ୍ୱାମୀ ବିବେକାନନ୍ଦ କହିଥିଲେ, ଯେ ନିଜ ଉପରେ ବିଜୟ ପାଇପାରେ, ତା' ପାଇଁ କିଛି ଅସମ୍ଭବ ନୁହେଁ। ନିଜ ଉପରେ ବିଜୟ ପାଇବାର ଅର୍ଥ ହେଉଛି ନିଜ ଅହଂକାର ଓ ନକାରାତ୍ମକ ଭାବନା ଉପରେ ବିଜୟ ପାଇବା ଏବଂ ନିଜକୁ ସକଳ ଚାରିତ୍ରିକ ସଂକୀର୍ଣ୍ଣତାରୁ ମୁକ୍ତ କରିବା। ତେଣୁ ନିଜ ଭିତରେ ଥିବା 'ମୁଁ' ରାକ୍ଷସ କବଳରୁ ସମସ୍ତେ ନିଜକୁ ସୁରକ୍ଷିତ ଭାବେ ଉଦ୍ଧାର କରିବା ଆବଶ୍ୟକ। ଆତ୍ମସମୀକ୍ଷା, ଆତ୍ମସଚେତନତା ଓ ଆତ୍ମଶୁଦ୍ଧି ସମସ୍ତଙ୍କର ଧ୍ୟେୟ ହେବା ଜରୁରୀ।

ଅଧ୍ୟାପକ, ରେଭେନ୍ସା ବିଶ୍ୱବିଦ୍ୟାଳୟ
ମୋ: ୯୪୩୭୯୫୮୦୧୪

## ଏଇ ଭାରତରେ

ଭାରତର ବିଭିନ୍ନ ସ୍ଥାନରେ ଜଳାଶୟର ସୁରକ୍ଷା କରା ନ ଯିବା ଏବଂ ଜଳଉତ୍ସଗୁଡ଼ିକୁ ପ୍ରଦୂଷିତ କରିବା ଯୋଗୁ ପାନୀୟ ଜଳାଭାବ ସମସ୍ୟା ସୃଷ୍ଟି ହେଉଛି। ଏଭଳି ସମସ୍ୟା ଦେଖାଯାଇଥିଲା ତାମିଲନାଡୁର କୋଏମ୍ବାଟୁରରେ। ସେଠାକାର କୂଅ ସବୁ ଶୁଖିଯିବା ସହ ହ୍ରଦ ଓ ଅନ୍ୟସବୁ ଜଳଉତ୍ସଗୁଡ଼ିକର ଜଳଧାରଣ କ୍ଷମତା ହ୍ରାସ ପାଇବା ଏବଂ ପ୍ରଦୂଷଣ ବୃଦ୍ଧି ହେତୁ ଜଳ ବ୍ୟବହାରଯୋଗ୍ୟ ହୋଇପାରୁ ନ ଥିଲା। ଏହାକୁ ଲକ୍ଷ୍ୟ କରି ମଣିକନ୍ଦନ ଆର୍ ସେଠାକାର ହ୍ରଦ ଓ କେନାଲର ପୁନରୁଦ୍ଧାର ପାଇଁ ଆଗକୁ ଆସିଥିଲେ। ଅଧାରୁ ସ୍କୁଲ ଶିକ୍ଷା ଛାଡ଼ି ଦେଇଥିବା ମଣିକନ୍ଦନ କୋଭାଇ କୁଲାଙ୍ଗାଲ ଆମାଇପୁ ନାମକ ନାଗରିକ ଅଭିଯାନ ଆରମ୍ଭ କରି ଏବେ ସେ କୋଏମ୍ବାଟୁର ସମେତ ସାରା ଭାରତରେ ୧୫ଟି ହ୍ରଦର ପୁନରୁଦ୍ଧାର କରିସାରିଲେଣି। କୋଏମ୍ବାଟୁରରେ ୨୦କି.ମି. କେନାଲରୁ ପ୍ରଦୂଷଣ ହଟାଇ ପାରିଛନ୍ତି। ମୋଟରେ ସେ ୨୦୦ ଟନ ପ୍ଲାଷ୍ଟିକ ବର୍ଜ୍ୟ ସଂଗ୍ରହ କରିଛନ୍ତି। ପୁନରୁଦ୍ଧାର ପରେ ହ୍ରଦ, କେନାଲ ଓ ଅନ୍ୟ ଜଳଉତ୍ସଗୁଡ଼ିକର ସୁରକ୍ଷା ମଧ୍ୟ କରୁଛନ୍ତି। ଏହି କାର୍ଯ୍ୟରେ ସେ ଏବେ ୩୩,୦୦୦ ସ୍ୱେଚ୍ଛାସେବୀଙ୍କୁ ଯୋଡ଼ିପାରିଛନ୍ତି। କେନାଲ ଓ ହ୍ରଦ କଡ଼ରେ ସେ ୫୦,୦୦୦ ଗଛ ଲଗାଇଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୨ ନଭେମ୍ବର ୧୯୭୬

- କାନାଡ଼ାର ଶ୍ରମିକ ନେତା ତଥା ବିଶ୍ୱ ଶ୍ରମିକ ଫେଡେରେସନର ସଭାପତି ଶ୍ରୀ ମାର୍ଶଲ ପେପିଙ୍କୁ ବଲିଭିୟାଠାରେ ଗିରଫ କରାଯାଇଛି।
- ଭାରତ ଓ ଇରାନ ମଧ୍ୟରେ ବୈଷୟିକ ସହଯୋଗ ନିମନ୍ତେ ଇରାନ ରେଳବାଇର ସଭାପତି ଓ ଭାରତୀୟ ରେଳବାଇ ବୋର୍ଡର ଚେୟାରମ୍ୟାନ୍‌ଙ୍କ ମଧ୍ୟରେ ଏକ ଚୁକ୍ତି ସ୍ୱାକ୍ଷରିତ।

## ଚିରନ୍ତନୀ

ତୁମରି ଦେହ ପରଶପ୍ରିୟ
ଲଭିବି ବୋଲି ଅଙ୍ଗେ
ଜଡ଼ାଏଁ ଦେହେ ଆପଣା ବାହୁ
ନିଶୀଥେ ନିଦ୍ରାଭଙ୍ଗେ
ସୁନ୍ଦର ମୁଁ ଦେଖଇଁ ଆଜି ନିଜରେ
ସୁଷମା ମୋର ନ ପାରେ ସହି ସଜରେ ।
–(ପ୍ରସାଧନ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 1 | | | | 4 | 5 | 9 | | |
| | | | | | 8 | | | |
| | | | | | 3 | | 4 | 5 |
| | 6 | | | | | | | |
| 9 | | | | | | 2 | | |
| 8 | | | 3 | 2 | 6 | | | 7 |
| 6 | | | | | | | | |
| 3 | 4 | | | 8 | 9 | 1 | | |
| | 1 | | 4 | 5 | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 7 | 1 | 3 | 2 | 4 | 9 | 6 | 5 |
| 2 | 4 | 9 | 1 | 5 | 6 | 7 | 3 | 8 |
| 5 | 6 | 3 | 9 | 8 | 7 | 1 | 2 | 4 |
| 9 | 2 | 8 | 5 | 7 | 3 | 4 | 1 | 6 |
| 1 | 5 | 4 | 8 | 6 | 9 | 2 | 7 | 3 |
| 6 | 3 | 7 | 2 | 4 | 1 | 5 | 8 | 9 |
| 4 | 1 | 6 | 7 | 9 | 8 | 3 | 5 | 2 |
| 3 | 9 | 5 | 6 | 1 | 2 | 8 | 4 | 7 |
| 7 | 8 | 2 | 4 | 3 | 5 | 6 | 9 | 1 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଔଷଧ ଦୋକାନରେ ବାୟୋ-ପ୍ଲାଷ୍ଟିକର ବ୍ୟବହାର

ମହାଶୟ,

ସମ୍ପ୍ରତି କିଛି ଔଷଧ ଦୋକାନୀ ପରିବେଶ ଅନୁକୂଳ କମ୍ପୋଷ୍ଟେବଲ ବ୍ୟାଗ (ଜୈବ-ପ୍ଲାଷ୍ଟିକ) ବ୍ୟବହାର କରୁଛନ୍ତି, ଯାହାକି ସ୍ୱାଗତଯୋଗ୍ୟ। କମ୍ପୋଷ୍ଟେବଲ ବ୍ୟାଗ ହେଉଛି ଏକ ପ୍ରକାରର ବାୟୋ-ଡିଗ୍ରେଡେବଲ ବ୍ୟାଗ, ଯାହା ବିଭିନ୍ନ ଜୈବିକ ପଦାର୍ଥରୁ ତିଆରି ହୋଇଥାଏ ଏବଂ କମ୍ପୋଷ୍ଟିଂ ପରିସ୍ଥିତିରେ ଏହା କୌଣସି ବିଷାକ୍ତ ପଦାର୍ଥ ନିର୍ଗତ ନ କରି ଏକ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସମ୍ପୂର୍ଣ୍ଣ ପ୍ରାକୃତିକ ଉପାଦାନରେ ରୂପାନ୍ତରିତ ହୁଏ। ପରିବେଶ ସୁରକ୍ଷା ପାଇଁ କମ୍ପୋଷ୍ଟେବଲ ବ୍ୟାଗର ଗୁରୁତ୍ୱ ରହିଛି। ଏହି ପରିପ୍ରେକ୍ଷୀରେ, କର୍ତ୍ତୃପକ୍ଷ ସମସ୍ତ ସରକାରୀ ଏବଂ ବେସରକାରୀ ଔଷଧ ଦୋକାନକୁ କମ୍ପୋଷ୍ଟେବଲ ବ୍ୟାଗ/କାଗଜ ପ୍ୟାକ ବ୍ୟବହାର କରିବାକୁ ପରାମର୍ଶ ଦେଇପାରନ୍ତି। ସ୍ୱଚ୍ଛ ଏବଂ ଅନୁକୂଳ ପରିବେଶ ସୃଷ୍ଟି କରିବାରେ ଜୈବ-ପ୍ଲାଷ୍ଟିକର ବ୍ୟବହାର ଏକ ସକାରାତ୍ମକ ପଦକ୍ଷେପ ହୋଇପାରିବ।

– ନବନିତ ପାଣିଗ୍ରାହୀ, ରାୟଗଡ଼ା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଖୋଲିଲା ମହେନ୍ଦ୍ରଗିରି

ପାରଳାଖେମୁଣ୍ଡି,(ଗିରିଧାରୀ ପରିଚ୍ଛା): ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳୀ ମହେନ୍ଦ୍ରଗିରି ଶନିବାରଠାରୁ ପର୍ଯ୍ୟଟକମାନଙ୍କ ପାଇଁ ଖୋଲିଛି। ଗମନାଗମନ, ବାତ୍ୟା 'ମୋନ୍ଥା'ର ପ୍ରଭାବରେ ପାହାଡ ଧସିବା ଆଶଙ୍କା କରି ପର୍ଯ୍ୟଟକଙ୍କ ସୁରକ୍ଷାକୁ ଦୃଷ୍ଟିରୁ ଗତ ୨୫ ତାରିଖରୁ ଏହା ବନ୍ଦ ଥିଲା। ବାତ୍ୟା 'ମୋନ୍ଥା'ର ପ୍ରଭାବ ସରିବା ପରେ ଏହାକୁ ପୁଣି ଥରେ ଖୋଲିବାକୁ ପ୍ରଶାସନ ଅନୁମତି ଦେଇଥିଲା। ଫଳରେ ଆଜିଠାରୁ ଏହି ପର୍ଯ୍ୟଟନ ସ୍ଥଳୀ ଖୋଲିଛି। ଏନେଇ ଗଜପତି ଏସ୍‌ପି, ପାରଳାଖେମୁଣ୍ଡି ଡିଏଫଓ ଓ ରାୟଗଡ ବିଡିଓଙ୍କୁ ଜିଲା ପର୍ଯ୍ୟଟନ ବିଭାଗ ଚିଠି ଲେଖି ଜଣାଇଛି।



## ପେନ୍‌ସନ ଉପଭୋକ୍ତାଙ୍କୁ ଜୀବନ ପ୍ରମାଣପତ୍ର ପ୍ରଦାନ

ବାଲିଗୁଡା,୧।୧୧
(ସଞ୍ଜୟ କୁମାର ପାଣିଗ୍ରାହୀ)

ବାଲିଗୁଡା ଉପ କୋଷାଗାର କାର୍ଯ୍ୟାଳୟ ପରିସରରେ ବିନା ଶୁଳ୍କରେ ପେନସନ ଉପଭୋକ୍ତାଙ୍କ ବାର୍ଷିକ ଜୀବନ ପ୍ରମାଣପତ୍ର ଦାଖଲ ପାଇଁ ମୋ ସେବା କେନ୍ଦ୍ର ସହାୟତା କେନ୍ଦ୍ରରେ କାର୍ଯ୍ୟ ଆରମ୍ଭ ହୋଇଛି। ଉପ କୋଷାଗାର ଅଧିକାରୀ ସୁଧାକର କହଁର, ପ୍ରଭାତ ନାୟକ, ବନିତା ବେହେରା, ମିନତି ମିଶ୍ର, ମୋ ସେବା କେନ୍ଦ୍ରର ଜିଲା ପରିଚାଳକ ତୁଷାରକାନ୍ତ ପ୍ରଧାନ, ଅଫିସରେ କାର୍ଯ୍ୟରତ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ଏଥିରେ ବାଲିଗୁଡ଼ା ଅଞ୍ଚଳର ବହୁ ପେନସନ ଉପଭୋକ୍ତା ବିନା ଶୁଳ୍କରେ ସେମାନଙ୍କ ଜୀବନ ପ୍ରମାଣପତ୍ର ପାଇଥିଲେ।

# ଗଜସାଥୀଙ୍କ ପାଇଁ ଦକ୍ଷତା ଅଭିବୃଦ୍ଧି ପ୍ରଶିକ୍ଷଣ

ଜଗନ୍ନାଥ ପ୍ରସାଦ,୧।୧୧(ବିଭୁ ପ୍ରସାଦ ପଟ୍ଟନାୟକ)

ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଓଡ଼ିଶା ସରକାର ନିର୍ଦ୍ଦେଶରେ ଗଜସାଥୀଙ୍କ ନିମନ୍ତେ ବନାଞ୍ଚଳସ୍ତରୀୟ ଏକ ଦିବସୀୟ ଦକ୍ଷତା ଅଭିବୃଦ୍ଧି ପ୍ରଶିକ୍ଷଣ ଶିବିର ଜଗନ୍ନାଥ ପ୍ରସାଦ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ହୋଇଛି। ଏଥିରେ ବମଲ ବିମଲ ପ୍ରଧାନ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟଅତିଥି ଭାବେ ପୂର୍ବତନ ପିସିସିଏଫ ଆଇଏଫଏସ୍ ଡାକ୍ତର ଦେବବ୍ରତ ସ୍ୱାଇଁ, ମୁଖ୍ୟ ବକ୍ତା ଭାବେ ଡାକ୍ତର ରଜନୀ କାନ୍ତ ଜେନା, ସମ୍ମାନିତ ଅତିଥି ଭାବେ କିଟ ବିଶ୍ୱବିଦ୍ୟାଳୟ ପ୍ରଫେସର ଡାକ୍ତର ତୁଳିଶ୍ରୀ ପ୍ରଧାନ, ଆବାହକ ଉତ୍ତର ଘୁମୁସର ବନାଞ୍ଚଳଜଗନ୍ନାଥ ପ୍ରସାଦ ଅଧିକାରୀ ସୁଜାତା ରାଣୀ ପଣ୍ଡା ମଞ୍ଚାସୀନ ଥିଲେ। ଅନ୍ୟାନ୍ୟ ନିମନ୍ତ୍ରିତ ଅତିଥି ଭାବେ ବ୍ଲକ୍ ଉପାଧ୍ୟକ୍ଷ



ପ୍ରଶିକ୍ଷଣ ଶିବିରରେ ଉପସ୍ଥିତ ଅତିଥି।

ନୀଳାଞ୍ଚଳ ଖିଲାର, ଲୋକନାଥ ଆଚାର୍ଯ୍ୟ ଉପସ୍ଥିତ ରହିଥିଲେ। ଅତିଥିମାନଙ୍କୁ ଭବ୍ୟ ସ୍ୱାଗତ ଜଣାଇବା ପରେ ପ୍ରାରମ୍ଭ ସଙ୍ଗୀତ ଗାନ କରାଯାଇଥିଲା।ଜ୍ୟୋର୍ତିବିଦ ଅର୍ଣ୍ଣଦା ତ୍ରିପାଠୀ ମଞ୍ଚ ପରିଚାଳନା କରିଥିବା ବେଳେ ତାରାସିଂଙ୍ଗ ରେଞ୍ଜର ପ୍ରଶାନ୍ତ ବେହେରା, ଗାଲେରି ରେଞ୍ଜର ଜ୍ଞାନେନ୍ଦ୍ର ଜେନା ଉପସ୍ଥିତ ଥିଲେ। କିଟ୍ ବିଶ୍ୱବିଦ୍ୟାଳୟ ପ୍ରଫେସର ଡାକ୍ତର ତୁଳିଶ୍ରୀ ପ୍ରଧାନଙ୍କ ଦ୍ୱାରା କିଭଳି ଚାଷୀଙ୍କୁ ଡାକବାଜି ଯନ୍ତ୍ର ଦ୍ୱାରା ସ୍ଥାନୀୟରେ ସଚେତନତା ଓ ବନ୍ୟ ପ୍ରାଣୀଙ୍କ ଠାରୁ ସତର୍କତା ଅବଲମ୍ବନ କରାଇବା, ଆଇନକୁ ସମ୍ମାନ ଦେବା ଉପରେ ବକ୍ତବ୍ୟ ରଖିଥିଲେ। ଜଗନ୍ନାଥ ପ୍ରସାଦ ବନାଞ୍ଚଳ ବିଶେଷ କରି ହାତୀଙ୍କ ପାଇଁ ଅଭୟ ବାସସ୍ଥଳୀ ପାଲଟିଛି। ତେବେ ହାତୀ ଆମର ସଂସ୍କୃତି ସହିତ ଯୋଡି ହୋଇଥିବା କାରଣରୁ ତାକୁ ଆମେ ମାଆ ଲକ୍ଷ୍ମୀଙ୍କ ବାହାନ ଭାବେ ପୂଜା କରୁଛେ। ହାତୀକୁ ସୁରକ୍ଷା ଦେବା ସହିତ ନିଜର ସୁରକ୍ଷା ପ୍ରତି ଧ୍ୟାନ ଦେବାକୁ ମୁଖ୍ୟ ଅତିଥି ଶିକ୍ଷା ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବନସରନକ୍ଷଣ ସମିତି, ରେଞ୍ଜ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ, ସମସ୍ତ ଗଜ ସାଥୀ ଉପସ୍ଥିତ ଥିଲେ।

## କଳିଙ୍ଗାଘାଟିରେ ଗଡ଼ିବନି ବସ୍, ଟ୍ରକ୍

ଫୁଲବାଣୀ, ୧।୧୧(ରାକେଶ କୁମାର ରାଉତ)

କଳିଙ୍ଗା ଘାଟିରେ ଦୀର୍ଘ ୪୬ ଦିନ ପରେ ଗାଡ଼ି ଚଳାଚଳ କରିଛି। କିଛି ଟ୍ରକ୍ ମଧ ଯାତାୟତ ହେଉଥିବା ଦେଖିବାକୁ ମିଳିଥିଲା। କିନ୍ତୁ ବିଧିବଧ ଭାବେ ଗାଡ଼ି ଚଳାଚଳକୁ ନେଇ ଜିଲା ପ୍ରଶାସନ ପକ୍ଷରୁ ଅନୁମତି ଦିଆ ଯାଇ ନ ଥିଲା। ଶନିବାର ଜିଲାପାଳ ବେଦଭୁଷଣ ଏକ ବିଜ୍ଞପ୍ତି ଜାରି କରିଛନ୍ତି। ବର୍ତ୍ତମାନ ପାଇଁ କେବଳ ୨ ଚକିଆ, କାର୍ ଆଦି ଯାନ ଚଳାଚଳ କରିବ। ଭାରୀ ଯାନ ବସ୍ କି ଟ୍ରକ ଆଦୌ ଚଳାଚଳ କରିବ ନାହିଁ। ଯେ ପର୍ଯ୍ୟନ୍ତ ନୂତନ ବିଜ୍ଞପ୍ତି ଜାରି ହୋଇନି, ସେ ପର୍ଯ୍ୟନ୍ତ ଏହି ଆଦେଶନାମା ବଳବତ୍ତର ରହିବ। ବର୍ଷା ଏବଂ କୁହୁଡି ସମୟରେ ଏହି ସ୍ଥାନ ଅତିକ୍ରମ ନ କରିବା ପାଇଁ ସ୍ପଷ୍ଟ ଭାବେ ନିର୍ଦ୍ଦେଶ ଦିଆଯାଇଛି। ମାତ୍ରାଧିକ ବର୍ଷା କିମ୍ବା ଭୁସ୍ଖଳନ ପରିସ୍ଥିତି ସୃଷ୍ଟି ହେଲେ ସମସ୍ତ ଯାତାୟତ ବନ୍ଦ ରହିବ ବୋଲି ଜିଲାପାଳ ସୂଚନା ଦେଇଛନ୍ତି।

## ଦୁର୍ନୀତିର ମୂଳୋତ୍ପାଟନ ଉପରେ ଗୁରୁତ୍ୱ

ପାରଳାଖେମୁଣ୍ଡି,୧।୧୧(ଗିରିଧାରୀ ପରିଚ୍ଛା)

ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲାସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଜିଲାପାଳ ମଧୁମିତାଙ୍କ ସହ ଏସ୍‌ପି ଯତୀନ୍ଦ୍ର କୁମାର ପଣ୍ଡା, ଦୁର୍ନୀତି ନିବାରଣ ଖଣ୍ଡ ବ୍ରହ୍ମପୁର ପ୍ରଦୀପ ପ୍ରଧାନ, ଅତିରିକ୍ତ ଜିଲାପାଳ ଫାଲ୍‌ଗୁନୀ ମାଝୀ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଶଙ୍କର କେର୍‌କେଟା, ଡିଇଓ ମାୟାଧର ସାହୁ , ଶିକ୍ଷୟିତ୍ରୀ ଶିକ୍ଷକ, ଛାତ୍ରୀଛାତ୍ର ଓ ଅନ୍ୟମାନେ ଉପସ୍ଥିତ ରହି ଦୁର୍ନୀତି ନିବାରଣ ନେଇ ଶପଥ ପାଠ କରିଥିଲେ। 'ଦୁର୍ନୀତି ନିବାରଣ ଆମ ସାମୂହିକ ଦାୟିତ୍ୱ' ଶୀର୍ଷକ ଆଲୋଚନାଚକ୍ରରେ ଅତିଥିମାନେ ନିଜ ମତ ରଖିଥିଲେ। ଜିଲାପାଳ ମଧୁମିତା ସାଧୁତା ଓ ସଚ୍ଚୋଟତା ଉପରେ ଗୁରୁତ୍ୱାରୋପକରି ସରକାର, ନାଗରିକ, ଘରୋଇ କ୍ଷେତ୍ରରେ ସମସ୍ତେ ଏକତ୍ରିତ ହୋଇ କାର୍ଯ୍ୟକଲେ ଦୁର୍ନୀତିର ମୂଳୋତ୍ପାଟନ ହୋଇପାରିବ ବୋଲି କହିଥିଲେ। ଏହି ଅବସରରେ ମିଶନ ଶକ୍ତି ବିଭାଗ ପକ୍ଷରୁ ମହିଳାମାନଙ୍କୁ ନେଇ ଦୁର୍ନୀତି ନିବାରଣ ସଚେତନତା ଶୋଭାଯାତ୍ରା କରାଯାଇଥିଲା। ଉଚ୍ଚ ବିଦ୍ୟାଳୟ ଓ ମହାବିଦ୍ୟାଳୟ ମଧ୍ୟରେ ଓଡ଼ିଆ ପ୍ରବନ୍ଧ ଓ ବକ୍ତୃତା ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

## ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି




ଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ।

ଗୋପାଳପୁର,୧।୧୧
(ନବୀନ ରାଜ ଆଚାରୀ)

ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ଦ୍ୱରା ସ୍ଥିତ ନ୍ୟାସନାଲ ହାଇସ୍କୁଲରେ ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟଅତିଥି ଭାବେ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ଯୁଗ୍ମ ନିର୍ଦ୍ଦେଶକ ପବିତ୍ର ମୋହନ ସାହୁ, ସ୍ୱତନ୍ତ୍ର ଅତିଥି ଗଞ୍ଜାମ ଜିଲା ପରିଷଦର ଉପସଭାପତି ରାଜେଶ୍ୱରୀ ଦୋରା, ସମ୍ମାନିତ ଅତିଥି ଭାବେ ଗୋପାଳପୁର କଲେଜ ଅଧ୍ୟକ୍ଷ ଡ.ରାମ ଚନ୍ଦ୍ର ପଣ୍ଡା, ନ୍ୟାସନଲ ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଭାରତୀ ପ୍ରଧାନ, ଭୂପେନ ଚନ୍ଦ୍ର ମହନ୍ତ ଓ ଦ୍ୱରା ସରପଞ୍ଚ ବିଷ୍ଣୁପ୍ରିୟା ବେହେରା ଯୋଗଦେଇ ଉଦ୍‌ଘାଟନ କରିଥିଲେ। ରଙ୍ଗେଇଲୁଣ୍ଡା ଗୋଷ୍ଠୀ ଶିକ୍ଷାଧିକାରୀ ଦେବେନ୍ଦ୍ର ବେହେରା ଅଧ୍ୟକ୍ଷତା କରିଥିଲେ। ଅତିଥି ମାନେ ଉଦ୍‌ବୋଧନ ଦେଇ ଛାତ୍ରୀଛାତ୍ରମାନଙ୍କୁ ଉତ୍ସାହିତ କରିଥିଲେ। ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଚିତ୍ରାଙ୍କନ, ସଂଗୀତ, ବିତର୍କ, ଚିତ୍ର କଳା, ଶିଳ୍ପ କଳା, ପ୍ରବନ୍ଧ ଆଦି ପ୍ରତିଯୋଗିତାରେ ବ୍ରହ୍ମପୁର ମହାନଗର ଓ ରଙ୍ଗେଇଲୁଣ୍ଡା ବ୍ଲକ୍ ଅଧିନସ୍ଥ ୧୬୨ ସ୍କୁଲର ୬୦୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ହାସଲ କରିଥିବା ପ୍ରତିଯୋଗିତା ମାନେ ଜିଲାସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଭାଗ ନେବେ ବୋଲି ସୂଚନା ମିଳିଛି। ଅପରାହ୍ନ ଉଦଯାପନୀ ଉତ୍ସବରେ ମୁଖ୍ୟବକ୍ତା ଭାବେ ଡ.କୁଳମଣି ଓଝା, ରାଜ୍ୟ ଖଣି ଇସ୍ପାତ ଓ ବାଣିଜ୍ୟ ପରିବହନ ମନ୍ତ୍ରୀଙ୍କ ପ୍ରତିନିଧି ବ୍ରଜମୋହନ ନାହକ, ଗଙ୍ଗାଧର ଶତପଥୀ, ଅବସରପ୍ରାପ୍ତ ଅଧ୍ୟକ୍ଷ ଡ଼.ତାରା ପ୍ରସାଦ ଦାଶ, ସ୍ୱାମୀଜୀ ସଦାଶିବାନନ୍ଦଜୀ ଆଚାର୍ଯ୍ୟ, କୋଲଥି ଗାଁ ସରପଞ୍ଚ ଜଗମୋହନ ପାତ୍ର ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଏବିଇଓ ଜଗନ୍ନାଥ ଭୂଇଁଆ, କୁସୁମ ପାଢ଼ୀ, ସୁକାନ୍ତ ଜେନା, ଶିକ୍ଷୟତ୍ରୀ ଶିକ୍ଷକମାନେ ସହଯୋଗ କରିଥିଲେ।

## ବିଦ୍ୟାଳୟ ସମୂହ କ୍ରୀଡ଼ା ପ୍ରତିଯୋଗିତା

ରାୟଗଡ଼,୧।୧୧(ଜ୍ୟୋତି ପ୍ରସାଦ ପାଣି):

ରାୟଗଡ଼ ବ୍ଲକ ସଦର ମହକୁମାସ୍ଥିତ ସରକାରୀ ଏସଏସଡି ଉଚ୍ଚ ମାଧମିକ ବିଦ୍ୟାଳୟଠାରେ ୧୧ତମ ଜିଲାସ୍ତରୀୟ ବିଦ୍ୟାଳୟ ସମୂହ କ୍ରୀଡା ପ୍ରତିଯୋଗିତା ଶନିବାର ଆରମ୍ଭ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଜିଲା ଆରକ୍ଷୀ ଅଧିକ୍ଷକ ଯତୀନ୍ଦ୍ର କୁମାର ପଣ୍ଡା ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲାପାଳ ଫଲଗୁନି ମାଝୀ, ବ୍ଲକ ଅଧକ୍ଷା ପୂର୍ଣ୍ଣବାସୀ ନାୟକ, ଉପାଧକ୍ଷ ଜ୍ୟୋତି ପ୍ରସାଦ ପାଣି, ଜିଲା ଶାରୀରିକ ଶିକ୍ଷା ଅଧିକାରୀ ସୁରେନ୍ଦ୍ର କୁମାର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିଛୁ, ସେମାନେ ଭଲ ପ୍ରଦର୍ଶନ କରି ସୁନାମ ଆଣନ୍ତୁ ବୋଲି ଆରକ୍ଷୀ ଅଧିକ୍ଷକ ପଣ୍ଡା କହିଛନ୍ତି । ୩ ଦିନ ଧରି ହେବାକୁ ଥିବା ଏହି ପ୍ରତିଯୋଗିତାରେ କବାଡି, ଖୋଖୋ, ଯୋଗାସନ,ଦୌଡ଼କୁଦ, ରଗବୀ, ଫୁଟବଲ ଆଦି ଖେଳ ହେବ। ଜିଲା ଅନ୍ତର୍ଗତ ବିଭିନ୍ନ ବ୍ଲକର ୧୭ ଓ ୧୪ ବର୍ଷରୁ କମ ୮୨୦ଜଣ ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଛନ୍ତି। ପ୍ରଧାନ ଶିକ୍ଷକ ସୁରେଶ କୁମାର ସାହୁକାର ଉଦ୍‌ଘାଟନୀ କାର୍ଯକ୍ରମ ପରିଚାଳନା କରିଥିବା ବେଳେ ଜିଲ୍ଲାର ୯୬ଜଣ କ୍ରୀଡା ଶିକ୍ଷକ ଓ ଶିକ୍ଷୟିତ୍ରୀ ଉପସ୍ଥିତ ରହି କ୍ରୀଡ଼ା ପରିଚାଳନାରେ ସହଯୋଗ କରିଥିଲେ।

# ଅଙ୍ଗଦାନ କରି ଚର୍ଚ୍ଚାରେ ମହିଳା

ମୋହନା,୧।୧୧(ମନ୍ମଥ ମିଶ୍ର)

ଗଜପତି ଜିଲା ମୋହନା ବ୍ଲକରେ ଅଙ୍ଗଦାନ କରି ଜଣେ ମହିଳା ଚର୍ଚ୍ଚାକୁ ଆସିଛନ୍ତି। ସେ ହେଲେ ଖାରିଗୁମ୍ମା ଗାଁର ଅବଳା। ଖବରରୁ ଜଣାପଡିଛି, ଗତ ରବିବାର ଅବଳା ଆଉ ଉଦୟଗିରି ବ୍ଲକ ଛେଳିଗଡ଼ ଗାଁକୁ ତାଙ୍କର ଜଣେ ସମ୍ପର୍କୀୟଙ୍କ ସହ ବାଇକ୍‌ରେ ଯାଉଥିବା ବେଳେ ଦୁର୍ଘଟଣାରେ ଗୁରୁତର ହୋଇଥିଲେ। ତାଙ୍କୁ ପ୍ରଥମେ ଛେଳିଗଡ଼, ପରେ ଚନ୍ଦ୍ରଗିରି ଡାକ୍ତରଖାନାରେ ଚିକିତ୍ସା କରାଯାଇଥିଲା। ଅବସ୍ଥାରେ ସୁଧାର ନ ଆସିବାରୁ ବ୍ରହ୍ମପୁର ମେଡିକାଲ ଏବଂ ପରେ ଭୁବନେଶ୍ୱରସ୍ଥିତ ଏମ୍‌ସକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ଅବଳାଙ୍କ ବ୍ରେନ ଡେଡ୍ ଘୋଷଣା କରିଥିଲେ। ପରେ ପରିବାର ଲୋକେ ତାଙ୍କୁ ଉତ୍କଳ ହସ୍ପିଟାଲକୁ ନେଇଥିଲେ। ଅବଳା ଖୁବ କମ ଦିନ ବଞ୍ଚିବେ ବୋଲି ପରିବାର ଲୋକେ ଡାକ୍ତରଙ୍କ ନିକଟରୁ ଶୁଣି ଦୁଃଖରେ ଭାଙ୍ଗି ପଡିଥିଲେ। ଏହା ଜାଣି ଅବଳା ନିଜ ଅଙ୍ଗଦାନ କରିବାକୁ ଆଗ୍ରହ ପ୍ରକାଶ କରିଥିଲେ। ଡାକ୍ତରଙ୍କୁ ଏନେଇ ଜଣାଇବା ପରେ ସମସ୍ତ ବ୍ୟବସ୍ଥା ପରେ ଅବଳା ତାଙ୍କ କିଡ଼ନୀ ଓ ଫୁସଫୁସ ଦାନ କରିଥିଲେ। ଶନିବାର ଅବଳାଙ୍କ ମୃତଦେହ ଗାଁକୁ ଆସିବା ପ ରେ ମୋହନା ଥାନା ଅଧିକାରୀ ବସନ୍ତ ସେଠୀ ଓ ଟିମ ସହ ପୋଲିସ ବିଭାଗ ପକ୍ଷରୁ ତାଙ୍କୁ ଗାର୍ଡ ଅଫ ଅନର ପ୍ରଦାନ କରି ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା।

## ପ୍ରହରାଜ ନାହାକଙ୍କ ପାଇଁ ସ୍ମୃତି ସଭା

ରମ୍ଭା,୧।୧୧(ବନବାସୀ ସେଠୀ)

ରମ୍ଭା ମିଞ୍ଚିନି ପାଟଣା ବାବା ଆଖଣ୍ଡଳମଣି ମନ୍ଦିର ପରିସରରେ ସମାଜିକ କର୍ମୀ ପ୍ରହରାଜ ନାହାକଙ୍କ ସ୍ମୃତି ଉଦ୍ଦେଶ୍ୟରେ ଏକ ସ୍ମୃତିସଭା ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବାନାମ୍ବର ପଲେଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଛି। ଉପସ୍ଥିତ ବ୍ୟକ୍ତିମାନେ ତାଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ନୀରବ ପ୍ରାର୍ଥନା କରିଥିଲେ। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଜୟ ବିଶ୍ୱାଳ ଓ ସୁରେଶ ଚନ୍ଦ୍ର ନାହାକ ସଭା ସଞ୍ଚାଳନ କରିଥିଲେ। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବାଲକୃଷ୍ଣ ମହାରଣା, ଭାସ୍କର ଚନ୍ଦ୍ର ନାହାକ, ରବୀନ୍ଦ୍ର ନାହାକ, ପ୍ରସନ୍ନ ମିଶ୍ର, ରାମଚନ୍ଦ୍ର ବାଡ଼ତ୍ୟା, ଗ୍ରାମ ସଭାପତି ଆର. ସୋମନାଥ ରେଡ୍ଡୀ ଶ୍ରୀଧର ପ୍ରଧାନ, ଓ ଅନ୍ୟମାନେ ଉପସ୍ଥିତ ଥିଲେ।

## ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳିତ

ଚିକିଟି,୧।୧୧(ପ୍ରକାଶଚନ୍ଦ୍ର ସାହୁ)

ଗଞ୍ଜାମ ଜିଲା ଚିକିଟି ଗଡ଼ ସ୍ଥିତ ମହାବିଦ୍ୟାଳୟ ପରିସରରେ ଶନିବାର ଜାତୀୟ ସେବା ଯୋଜନା ଓ ଯୁବ ରେଡ଼କ୍ରସ ପକ୍ଷରୁ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳିତ ହୋଇଛି। ଏହି ଅବସରରେ ଅନୁଷ୍ଠିତସଭାରେ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ଭବାନୀ ପ୍ରସାଦ ପଣ୍ଡା ସଭାପତିତ୍ୱ କରିଥିଲେ। କେ. ନୂଆଗାଁ ଥାନା ଭାରପ୍ରାପ୍ତ ଥାନାଧିକାରୀ କିଶୋର ସାମଲ ଅତିଥି ରୂପେ ଯୋଗଦେଇ ଦୁର୍ନୀତି ବିରୋଧରେ ସମସ୍ତେ ଏକଜୁଟ ହୋଇ ଭାରତକୁ ଏକ ଦୁର୍ନୀତିମୁକ୍ତ ଦେଶ ଭାବେ ଗଢି ତୋଳିବାକୁ ଆହ୍ୱାନ ଦେଇଥିଲେ। ଅଧ୍ୟକ୍ଷ ଡ. ପଣ୍ଡା ଦୁର୍ନୀତି ନିବାରଣ ସପ୍ତାହ ପାଳନର ଉଦ୍ଦେଶ୍ୟ ଓ ଆବଶ୍ୟକତା ସମ୍ପର୍କରେ ଉଲ୍ଲେଖ କରିଥିଲେ। ଯୁବ ରେଡ଼କ୍ରସ ଅଧିକାରୀ ଅଧ୍ୟାପକ ଆଶୁତୋଷ ସାହୁ ଅତିଥି ପରିଚୟ ଦେଇଥିଲେ। ଜାତୀୟ ସେବା ଯୋଜନା ଅଧିକାରୀ ଡ. ସୁଜାତା ସାମନ୍ତରାୟ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ କୁଇଜ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ଛାତ୍ରୀଛାତ୍ର ଓ ମହାବିଦ୍ୟାଳୟର ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀ ସାଧୁତାର ଶପଥ ପାଠ କରିଥିଲେ।


### ବିଜ୍ଞାପନ

ନୟାଗଡ଼ ଅନାଥ ପରିତ୍ୟକ୍ତ ବାଳାଶ୍ରମ (ଏକ ସରକାରୀ ସହାୟତାପ୍ରାପ୍ତ ପୋଷ୍ୟ ସନ୍ତାନ ପ୍ରତିଷ୍ଠାନ)ରେ ଏହି ପଦବୀଗୁଡାକ ଯଥା – **ସମାଜ କର୍ମୀ ତଥା ଏଆର୍ଲି ଚାଇଲ୍‌ଡହୁଡ୍ ଏଜୁକେଟର, ନର୍ସ, ଆୟା (ମହିଳା), ରାତ୍ର ଜଗୁଆଳି** ପଦବୀ ଖାଲି ରହିଅଛି। ଯଦି କେହି ଆବେଦନ କରିବାକୁ ଚାହାଁନ୍ତି, ତେବେ ଅନ୍‌ଲାଇନ୍‌ରେ ଆବେଦନ ଆମନ୍ତ୍ରିତ କରିବେ। ବିଜ୍ଞାପନ ବିବରଣୀ ଏବଂ ଅନ୍‌ଲାଇନ୍ ଆବେଦନ ପାଇଁ ଦୟାକରି www.apbnayagarh.org.in ର ନୋଟିସ୍ ସେକ୍ସନକୁ ଯାଆନ୍ତୁ।

ସମ୍ପାଦକ
ଅନାଥ ପରିତ୍ୟକ୍ତ ବାଳାଶ୍ରମ, ନୟାଗଡ଼

No.T-97

### ଓଡ଼ିଶା ସରକାର
### ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ
### ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ
**********
### ଜନସାଧାରଣଙ୍କ ନିମନ୍ତେ ବିଶେଷ ସୂଚନା

ଏତଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆସନ୍ତା ସୋମବାର, ଇଂରାଜୀ ତା.03.11.2025ରିଖ ଦିନ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଥିବାରୁ ଅଭିଯୋଗ ଶୁଣାଣି ବନ୍ଦ ରହିବ। ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ମାଧମରେ ଜଣାଇ ଦିଆଯିବ।

ଅତିରିକ୍ତ ମୁଖ୍ୟ ଶାସନ ସଚିବ
ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ
OIPR-09014/11/0204/2526

### NOTICE INVITING TENDER (NIT)

No.2609/STC/2025 Dated : 31.10.2025

Sealed tenders are invited from the reputed & credible firms/agencies for Supply of Pipe Band & Brass Band to PM SHRI Schools of Nabarangpur District in two bid systems (Technical & Commercial Bid) as detailed below.

| Name of the Tender | Bid processing fees | Amount of EMD | Last Date & time of receipt of Bid | Date & time of opening of Technical Bid |
|---|---|---|---|---|
| Supply of Pipe Band & Brass Band to PM SHRI Schools of Nabarangpur District | Rs.2500/- | Rs.80000/- | 24.11.2025 5.30 P.M. | 25.11.2025 11.00 A.M. |

The detailed BID document is available in the website www.ospea.odisha.gov.in & www.nabarangpur.odisha.gov.in. Interested and eligible agency / firm may download BID DOCUMENT from the above website and apply accordingly. Corrigendum/addendum, if required will be uploaded in the above website. Hence potential bidders are requested to be in continuous touch with the above website.

The Tender Inviting Authority (TIA) reserves the right to accept/reject any full or part/all BID/cancel the entire selection process at any stage without assigning any reason thereof.

Sd./- District Project Coordinator, Samagra Shiksha, Nabarangpur

### OFFICE OF THE ASKA CO-OPERATIVE SUGAR INDUSTRIES LTD., NUAGAM (ASKA)
P.O - NUAGAM (ASKA)-761111, GANJAM DISTRICT, ODISHA
Phones : 06822-273464, email : askasugar@yahoo.co.in, website : askasugar.com
Letter No - Engg./1711/date. 01.11.2025

**TENDER CALL NOTICE**

Sealed Tenders are invited from licensed labour Contractors/Firm/Agencies/ Organizations etc. for undertaking **"Repairing of damage structural items (Steel & piping) by engaging skilled & unskilled labour including painting"** at the Aska Co-operative Sugar Industries Ltd., Nuagam, Aska. Interested Contractors can download the tender form our website www.askasugar.com. The cost of tender paper is Rs.590/- non-refundable including taxes in shape of D.D. in Nationalized Bank. Filled tender forms can be sent by Speed post./Registered post only which should reach in the office by dated 07.11.2025 by 5.00 P.M. interested parties may visit our website www.askasugar.com for details of the tender call notice. For any future correction please refer our above website.

Sd./- Managing Director, A.C.S.I.Ltd., Aska

### केन्द्रीय विद्यालय, भंजनगर / KENDRIYA VIDYALAYA, BHANJANAGAR
At-Old Boys Hostel, KSUB College Campus, Bhanjanagar,
Dist.-Ganjam-761126 (Odisha)

**प्रत्यक्ष साक्षात्कार / WALK-IN-INTERVIEW**

विद्यालय में शैक्षणिक वर्ष 2025-26 में अंशकालिन अनुबंध के आधार पर प्रशिक्षित स्नातक शिक्षक (गणित) का पैनल तैयार करने हेतु हेतु प्रत्यक्ष साक्षात्कार का आयोजन किया जाएगा। इच्छुक एवं योग्य आवेदक साक्षात्कार में भाग ले सकते हैं। पंजीकरण दिनांक 06.11.2025 को प्रात: 08:00 से 10:00 बजे तक। साक्षात्कार प्रात: 10:00 बजे के उपरांत। इस साक्षात्कार से सम्बंधित अधिक जानकारी के लिए कृपया विद्यालय की वेबसाइट देखे : **https://bhanjnagar.kvs.ac.in** / अथवा दूरभाष संख्या 06821-296583 पर संपर्क करें।

A walk-in-interview will be held at the Vidyalaya for preparing a panel of Trained Graduate teacher (Mathematics) on a part-time contractual basis for the academic year 2025-26. Interested and eligible candidates may appear for the interview. Registration will take place on 06.11.2025, from 08:00 AM to 10:00 AM and the interview will start at 10:00 AM onwards. For more details please visit the school website : https://bhanjnagar.kvs.ac.in or contact 06821-296583

Sd./- प्राचार्य

No.CAD-2125

### obcc
### ଓଡ଼ିଶା ସେତୁ ଓ ନିର୍ମାଣ ନିଗମ ଲିଃ
(ଓଡ଼ିଶା ସରକାରଙ୍କ ପୂର୍ତ୍ତ ବିଭାଗ ଅଧୀନର ଏକ ଉଦ୍ୟୋଗ)
### ODISHA BRIDGE & CONSTRUCTION CORPORATION LIMITED
(A Government of Odisha Undertaking under Works Department)

No.9220 Date. 28.10.2025
File : SMT-2082

**NOTICE INVITING TENDER**

| Sl. No. | Name of work | Bid Identification No. | Date of availability of bid document in e-procurement portal | Last date and time of receipt of online bid | Bid Processing Fee (Through Demand Draft) | Period of Completion | Class of Contractor |
|---|---|---|---|---|---|---|---|
| 1 | Selection of an Agency for preparation of DPR for a) 4-lane carriage way from Jalaharpur Chhak to Chari Chhak. b) 4-lane carriage way from Chari Chhak to Astaranga. | 25/Tender/ OBCC /2025-26 | From 03.11.2025 | On or before 5.00 PM of 24.11.2025 | ₹ 11,800/- (Including GST) | 05 (Five) Calendar Months | Empanelled Agencies with OBCC for "Preparation of DPR for Roads Projects" |

2. Further details with any addendum, corrigendum, cancellation can be seen from the e-procurement portal https://www.tendersodisha.gov.in.
3. OBCC has the right to accept or reject the Notice / RFP without assigning any reasons thereof.

OIPR-34161/11/0035/2526 Sd./- Chief Engineer (Civil)

### वन विभाग छत्तीशगढ़, बस्तर (सामान्य) वनमंडल, जगदलपुर
### ई-ऑक्सन विज्ञापन

सर्व साधारण को सुचनार्थ प्रकाशित किया जाता है कि, बस्तर सामान्य वनमंडल जगदलपुर के सरगीपाल काष्ठागार में दिनांक 04.11.2025 को इमारती काष्ठ का ई-ऑक्सन द्वारा निम्नानुसार किया जावेगा। इच्छुक व्यापारियों से अनुरोध है कि, ई-ऑक्सन में भाग लेकर डिपो में रखी वनोपज की भली-भांति अवलोकन कर ई-ऑक्सन से संबंधित जानकारी वनमंडल कार्यालय जगदलपुर अथवा काष्ठागार सरगीपाल से कार्यालयीन दिवसों मे प्राप्त किया जा सकता है। प्रस्तावित मात्रा में कमी या अधिकता हौ सकती है, कृपया ईऑक्शन में बीड लगाने के पूर्व वनोपज का निरीक्षण करने के बाद बीड लगावें।

1. क्रेताओं को ई-ऑक्सन से पूर्व एम.एस.टी.सी. ई-कॉमर्स पोर्टल, में रजिस्ट्रेसन करना अनिवार्य है।
2. क्रेताओं को ई-ऑक्सन के पूर्व क्रय लाटों के अपसेट प्राईज मूल्य के 10 प्रतिशत की राशि अपने वालेट में रखना अनिवार्य है। सफल बोलीदार को एक सप्ताह के भीतर शेष 15 प्रतिशत ई.एम.डी. की राशि जमा करना अनिवार्य है।
3. लॉट की थप्पी सूची एवं फोटो एम.एस.टी.सी. ई-कॉमर्स पोर्टल में अपने आई.डी से लॉग इन करके देख सकते है।
4. ई-ऑक्सन में लॉट क्रय के पश्चात् प्रथम क्रेता को 40 सेकण्ड का समय प्राप्त होगा, उसी लॉट में अन्य क्रेताओ द्वारा 40 सेकण्ड के पूर्व क्रय करने पर 30 सेकण्ड का समय प्राप्त होगा।

**काष्ठागार सरगीपाल ई-अक्सन समय 9.00 बजे प्रातः दिनांक 04.11.2025**

**काष्ठागार सरगीपाल नीलाम में रखे गये वनोपज की मात्रा**

| प्रजाति | वनोपज की मात्रा | | | | | |
|---|---|---|---|---|---|---|
| | नया काष्ठ | | | पुराना काष्ठ | | |
| | घनमीटर (अनुमानित) | बल्ली | डेंगरी | घनमीटर | बल्ली | डेंगरी |
| 1 | 2 | 3 | 4 | 5 | 6 | 7 |
| सागौन | 68.000 | 6 | 6 | 1081.736 | 10440 | 2937 |
| साल | 375.000 | 17 | 9 | 2383.387 | 58 | 20 |
| बीजा | 6.000 | 0 | 0 | 92.504 | 7 | 0 |
| साजा | 9.000 | 0 | 3 | 49.724 | 0 | 12 |
| हल्दु | 3.000 | 1 | 0 | 83.170 | 0 | 0 |
| शीशम | 0.000 | 0 | 0 | 0.000 | 0 | 0 |
| सिवना | 0.000 | 0 | 0 | 1.150 | 0 | 0 |
| तिंसा | 0.000 | 0 | 0 | 4.706 | 2 | 0 |
| नीलगिरी | 0.000 | 0 | 0 | 0.000 | 0 | 0 |
| धावड़ा | 17.000 | 0 | 0 | 40.109 | 0 | 0 |
| अन्य | 3.000 | 2 | 0 | 51.939 | 18 | 14 |
| पाईन | 0.000 | 0 | 0 | 0.000 | 0 | 0 |
| अकेशिया | 0.000 | 0 | 0 | 99.268 | 3547 | 1030 |
| मुलायन काष्ठ | 0.000 | 0 | 0 | 0.000 | 0 | 0 |
| योग: | 481.000 | 26 | 18 | 3887.693 | 14072 | 4013 |

अविक्रित सागोन चट्टा - 315 चट्टा
अविक्रित अकेशिया चट्टा - 125 चट्टा
अविक्रित मिश्रित चट्टा - 03 चट्टा
अविक्रित औद्योगिक बांस - 64.249 नो.टन

स्वा./- वन मंडलाधिकारी
बस्तर वन मंडल, जगदलपुर

G-252604480/2

### କାନରା ବ୍ୟାଙ୍କ Canara Bank (ସିଣ୍ଡିକେଟ Syndicate)
କ୍ଷେତ୍ରୀୟ କାର୍ଯ୍ୟାଳୟ, କଟକ
ଶ୍ରୀଜୀ କମ୍ପ୍ଲେକ୍ସ, କଟକ ଟାଉନ, ୟୁନିଟ୍ ନଂ.:୧୭, ମାଛୁଆ ବଜାର, ପାଣ୍ଡାଲୁନ୍ସ ପଛପାର୍ଶ୍ୱ, କଟକ-୭୫୩୦୦୧

**ଦଖଲ ନୋଟିସ୍**
(ସ୍ଥାବର ସମ୍ପତ୍ତିଗୁଡିକ ନିମନ୍ତେ)

ନିମ୍ନସ୍ୱାକ୍ଷରକାରୀ **କାନାରା ବ୍ୟାଙ୍କର** କ୍ଷମତାପ୍ରାପ୍ତ ଅଧିକାରୀ, ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍‌ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ (୨୦୦୨ର ଆକ୍ଟ ୫୪) (ଏହା ପରେ "ଆକ୍ଟ"କୁହାଯିବ)ର ଧାରା ୧୩(୧୨) ଏବଂ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୩ ରେ ପ୍ରଦାନ କରାଯାଇଥିବା କ୍ଷମତା ପ୍ରୟୋଗ କରାଯାଇ ନିମ୍ନ ପ୍ରଦତ୍ତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତାମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ପ୍ରଦତ୍ତ ରାଶି ସହିତ ସୁଧ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ ୬୦ ଦିନ ମଧ୍ୟରେ ପରିଶୋଧ କରିବାକୁ କୁହାଯାଇଥିଲା। ଯେହେତୁ, ଋଣଗ୍ରହୀତାମାନେ ଋଣ ପରିଶୋଧ କରିବାରେ ବିଫଳ ହେଲେ ତେଣୁ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତା ଏବଂ ସର୍ବସାଧାରଣଙ୍କୁ ଏହି ନୋଟିସ୍ ମାଧ୍ୟମରେ ଜଣାଇ ଦିଆଯାଉଛି କି ଏହି ଆକ୍ଟର ଧାରା ୧୩(୪)ସହିତ କଥିତ ରୁଲ୍ସର ରୁଲ୍ ୮ ଏବଂ ୯ ଅନୁଯାୟୀ ପ୍ରଦତ୍ତ କ୍ଷମତାବଳରେ ନିମ୍ନସ୍ୱାକ୍ଷରକାରୀ ନିମ୍ନ ପ୍ରଦତ୍ତ ସମ୍ପତ୍ତିକୁ **ଦଖଲ** କରିଛନ୍ତି। ଏତଦ୍‌ଦ୍ୱାରା ବିଶେଷ କରି ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତା ଏବଂ ସର୍ବସାଧାରଣଙ୍କୁ ସତର୍କ କରାଇ ଦିଆଯାଉଛି କି, ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଯଦି ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର କରନ୍ତି, ତେବେ **କାନାରା ବ୍ୟାଙ୍କର, ଜଗତ୍‌ସିଂହପୁର ଶାଖା (୧୮୦୨୭)** ନିକଟରେ ନିମ୍ନଲିଖିତ ବକେୟା ରାଶି ସହିତ ସେବାବଦ ସୁଧ ଏବଂ ଖର୍ଚ୍ଚ ପାଇଁ ଉତ୍ତରଦାୟୀ ରହିବେ। **ଏତଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି ସରଫେଶୀ ଆକ୍ଟର ଧାରା ୧୩(୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ଜଗତ୍‌ସିଂହପୁର ଶାଖା (୧୮୦୨୭) / ଋଣଗ୍ରହୀତା/ବନ୍ଧକଦାତାମାନଙ୍କ ନାମ ଓ ଠିକଣା | (କ) ସ୍ଥାବର ସମ୍ପତ୍ତିର ସଂପୂର୍ଣ୍ଣ ବିବରଣୀ / (ଖ) ଧାରା ୧୩(୨) ନୋଟିସ୍ ତାରିଖ / (ଗ) ଧାରା ୧୩ (୪) ନୋଟିସ୍ ତାରିଖ / (ଘ) ବକେୟା ପରିମାଣ |
|---|---|
| ଋଣଗ୍ରହୀତା/ବନ୍ଧକଦାତା: ଶ୍ରୀ ସୁଶିଲ କୁମାର ଦାଶ, ପିତା: ରବିନ୍ଦ୍ର କୁମାର ଦାସ, ସା: ଜାହାନପୁର, ପୋ: ମଣ୍ଡାସାହି, ଗ୍ରାମ: ଜାହାନପୁର, ଜିଲ୍ଲା: ଜଗତ୍‌ସିଂହପୁର, ଓଡ଼ିଶା - ୭୫୪୧୧୪ | କ) ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୧୭୩୨, ଖାତା ନଂ.: ୬୯, ମୌଜା: ଚାଟରା, ଗ୍ରାମ: ଜାହାନପୁର, କ୍ଷେତ୍ର: ଏକର ୦.୦୪ ଡିସିମିଲି, କିସମ: ଘରବାରୀ, ପଞ୍ଜିକୃତ ସବ୍‌ଡିଷ୍ଟ୍ରିକ୍ଟ: ଜଗତ୍‌ସିଂହପୁର ଅଧିନସ୍ଥ ଏବଂ ଜିଲ୍ଲା: ଜଗତ୍‌ସିଂହପୁର, ଏହାର ଚାରିପାର୍ଶ୍ୱରେ ଉତ୍ତର: ସରକାରୀ ରାସ୍ତା, ଦକ୍ଷିଣ: ନିତ୍ୟାନନ୍ଦ ମହାନ୍ତି, ପୂର୍ବ: ରାଧା ଚରଣ ମହାନ୍ତି, ପଶ୍ଚିମ: ଗୋପିନାଥ ମହାନ୍ତି / ଖ) ୨୫.୦୮.୨୦୨୫ / ଗ) ୩୧.୧୦.୨୦୨୫ / ଘ) ଟ.୧୪,୪୮,୮୪୨.୭୦ (ଚଉଦ ଲକ୍ଷ ଅଠଚାଳିଶ ହଜାର ଆଠ ଶହ ବୟାଳିଶି ଟଙ୍କା ଏବଂ କୋଡିଏ ପଇସା ମାତ୍ର) ଏବଂ ସେବାବଦ ସୁଧ ଓ ଅନ୍ୟାନ୍ୟ ଖର୍ଚ୍ଚ। |

ସ୍ଥାନ: କଟକ, ତାରିଖ: ୦୧.୧୧.୨୦୨୫ ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, କାନାରା ବ୍ୟାଙ୍କ

### कार्यपालक अभियंता का कार्यालय
पथ निर्माण विभाग, पथ प्रमण्डल, रामगढ़
रामगढ़ थाना के सामने, गांधी चौक, रामगढ़ कैन्ट, जिला– रामगढ़, झारखण्ड– 829122, ई-मेल– eercdramgarh-jhr@nic.in

एस०बी०डी० आधारित अल्पकालीन ई–निविदा आमंत्रण सूचना
ई–निविदा प्रसंग संख्या :– RCD/RAMGARH/ 1064 /2025-26
दिनांक :– 29-10-2025

| | | |
|---|---|---|
| 1. | कार्य का नाम | IRQP Work of Badki Pona to Kulhi Road from KM 0.00 to 13.85 KM (Total Length- 13.85 KM) Under Road Divison, Ramgarh for the of Year 2025-26 |
| 2. | प्राक्कलित राशि (रूपये में) | रुपये 7,82,50,000.00 (सात करोड़ बयासी लाख पचास हजार) मात्र |
| 3. | कार्य समाप्ति की अवधि | 06(छः) माह |
| 4. | वेबसाईट पर निविदा प्रकाशित होने की तिथि एवं समय | 14/11/2025 03:00 बजे अपराह्न |
| 5. | निविदा प्राप्ति की अंतिम तिथि एवं समय | 22/11/2025 12:00 बजे दिन तक |
| 6. | निविदा आमंत्रित करने वाले पदाधिकारी का नाम एवं पता | कार्यपालक अभियंता, पथ निर्माण विभाग, पथ प्रमण्डल, रामगढ़ |
| 7. | प्रोक्योरमेंट पदाधिकारी का सम्पर्क नंबर | 98351–25637 |
| 8. | ई–प्रोक्योरमेट सेल का हेल्प लाईन नंबर | 0651–2401010 |

- निविदा की अन्य शर्तें वेबसाइट http://jharkhandtenders.gov.in पर देखी जा सकती है।
- पथ निर्माण विभाग, झारखण्ड में निबंधित निविदाकारों को UCAN से संबंधित प्रमाण पत्र की छायाप्रति संलग्न करना अनिवार्य है।
- निविदा की राशि घट–बढ़ सकती है।
- **Cost of bidding document (Non-refundable fee) & Bid Security as indicated shall be payable online through** http://jharkhandtenders.gov.in.

कार्यपालक अभियंता
प०नि०वि० पथ प्रमण्डल रामगढ़

PR 365006 (Road)25-26*D

## ଖଜୁରିପଡ଼ାରେ ଖୋଲିଲା ସବ୍‌ରେଜିଷ୍ଟ୍ରାର କାର୍ଯ୍ୟାଳୟ

ଖଜୁରିପଡ଼ା, (ବିଦୁର ବେହେରା): ସରକାରଙ୍କ ନିର୍ଦ୍ଦେଶ କ୍ରମେ ଓଡ଼ିଶାରେ ୪୪ଟି ସବ୍‌ରେଜିଷ୍ଟ୍ରର କାର୍ଯ୍ୟାଳୟ ଖୋଲି ଥିବା ବେଳେ ସେଥି ମଧ୍ୟରୁ କନ୍ଧମାଳ ଜିଲାର ଖଜୁରିପଡ଼ା, ଚକାପାଦ, ଫିରିଙ୍ଗିଆ ତହସିଲଠାରେ ମଧ୍ୟ ଶନିବାର ସବ୍‌ରେଜିଷ୍ଟ୍ରର କାର୍ଯ୍ୟାଳୟ ଖୋଲିଛି। ଖଜୁରିପଡ଼ା ତହସିଲ ଅଞ୍ଚଳରେ ସବ୍‌ରେଜିଷ୍ଟ୍ରର କାର୍ଯ୍ୟାଳୟ ନ ଥିବାରୁ ଫୁଲବାଣୀ ଉପରେ ନିର୍ଭର କରି ଲୋକମାନେ ହଇରାଣ ହେଉଥିଲେ। ଏବେ ଆଉ ହଇରାଣ ହେବାକୁ ପଡ଼ିବ ନାହିଁ। ଖଜୁରିପଡ଼ା ତହସିଲରେ ନୂତନ ସବ୍‌ରେଜିଷ୍ଟ୍ରର କାର୍ଯ୍ୟାଳୟର ବିଡ଼ିଓ ଶୁଭ ଦତ୍ତାତ୍ରେୟ ବାହିନୀପତି ଏବଂ ତହସିଲଦାର ଶୁଭଶ୍ରୀ ରଥ ଉଦ୍‌ଘାଟନ କରିଛନ୍ତି।ଏହି ସମୟରେ ସମସ୍ତ ତହସିଲ କର୍ମଚାରୀ ଉପସ୍ଥିତ ଥିଲେ।



**ସଂକ୍ଷେପରେ**

## ୨ ବାଇକ୍ ମୁହାଁମୁହିଁ, ୨ ଗୁରୁତର

ମୋହନା,୧।୧୧(ମନ୍ମଥ ମିଶ୍ର): ମୋହନା ଥାନା ଅନ୍ତର୍ଗତ ରଙ୍ଗମାଟିଆ ସ୍କୁଲ ନିକଟରେ ଶନିବାର ୨ ବାଇକ୍ ମୁହାଁମୁହିଁ ଧକ୍କା ହେବାରୁ ୨ ଜଣ ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ ରଙ୍ଗମାଟିଆ ସ୍କୁଲର ପ୍ରଧାନ ଶିକ୍ଷକ ହାବେଲ ଗମାଙ୍ଗ ( ୪୬) ଓ ଅଡବା ଥାନା ଡେଙ୍ଗାସଖାଲ ପଞ୍ଚାୟତ ରାଇଜୁଙ୍କା ନୂଆସାହିର ବିଶ୍ୱ ମଲ୍ଲିକ ( ୨୦ )। ମୋହନାଠାରୁ ବାଇକ ( ନଂ.ଓଡି ୨୦ ଡି ୫୯୮୧) ପ୍ରଧାନ ଶିକ୍ଷକ ଗମାଙ୍ଗ ବିଦ୍ୟାଳୟକୁ ଯାଉଥିବାବେଳେ ସ୍କୁଲ ନିକଟରେ ଅପର ପାର୍ଶ୍ୱରୁ ବାଇକ୍ (ନଂଓଡ଼ି ୦୭ ୱାଇ ୭୯୧୪)ରେ ଆସୁଥିବା ବିଶ୍ୱଙ୍କ ସହ ମୁହାଁମୁହିଁ ଧକ୍କା ହୋଇଥିଲେ। ଏଥିରେ ଉଭୟେ ରାସ୍ତାକୁ ଛିଟିକି ପଡି ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ଉଭୟଙ୍କୁ ଏକ ଅଟୋ ଯୋଗେ ମୋହନା ମେଡିକାଲକୁ ନେଇଥିଲେ। ହେବଲଙ୍କୁ ଅଧିକ ଚିକିତ୍ସା ପାଇଁ ବ୍ରହ୍ମପୁର ବଡ଼ ମେଡିକାଲ ପଠାଯାଇଛି। ମୋହନା ପୋଲିସ ବାଇକ ଦୁଇଟିକୁ ଜବତ କରି ତଦନ୍ତ ଚଳାଇଛି।

## ଗ୍ୟାସ୍ ଦୁର୍ଘଟଣାରେ ମୃତକଙ୍କ ପରିବାରକୁ ରେଡ୍‌କ୍ରସ୍‌ରୁ ସହାୟତା

ଚିକିଟି,୧।୧୧ (ପ୍ରକାଶ ଚନ୍ଦ୍ର ସାହୁ ) ଗଞ୍ଜାମ ଜିଲା ଚିକିଟି ବିଜ୍ଞାପିତ ଅଞ୍ଚଳ ପରିଷଦ ଅନ୍ତର୍ଗତ କରବାଲୁଆ ଗ୍ରାମରେ ଗ୍ୟାସ୍ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ଗଙ୍ଗାଧର ବାଡତ୍ୟାଙ୍କ ପରିବାରଙ୍କୁ ଶନିବାର ରେଡ୍‌କ୍ରସ୍ ପକ୍ଷରୁ ୩୦ ହଜାର ଟଙ୍କାର ସହାୟତା ପ୍ରଦାନ କରାଯାଇଛି। ଚିକିଟି ତହସିଲଦାର ବିଶ୍ୱରଞ୍ଜନ କହଁର ଗଙ୍ଗାଧରଙ୍କ ବାସଭବନରେ ପହଞ୍ଚି ଏହି ଟଙ୍କା ପ୍ରଦାନ କରିଛନ୍ତି। ସୂଚନାଯୋଗ୍ୟ, ଚିକିଟି ପେଣ୍ଠସ୍ଥିତ ବସ୍‌ଷ୍ଟାଣ୍ଡ ନିକଟରେ ଥିବା ଏକ ଜଳଖିଆ ଦୋକାନରେ ଗତ ରବିବାର ସକାଳେ ଗ୍ୟାସ୍ ଲିକ୍ ହୋଇ ଦୋକାନ ଜଳିଯିବା ସହ ସେଠାରେ ଉପସ୍ଥିତ ଥିବା କରବାଲୁଆ ଗ୍ରାମରେ ରାଜେନ୍ଦ୍ର ବେହେରା ଓ ଗଙ୍ଗାଧର ଆହତ ହୋଇଥିଲେ। ଉଭୟଙ୍କୁ ଚିକିଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରେ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ମଙ୍ଗଳବାର ବିଳମ୍ବିତ ରାତିରେ ଗଙ୍ଗାଧରଙ୍କର ମୃତ୍ୟୁ ହୋଇଥିଲା।

## ବିଦାୟ ନେଲେ ମା’ ଶ୍ୟାମାକାଳୀ

ବେଲଗୁଣ୍ଠା,୧।୧୧(କୃଷ୍ଣଚନ୍ଦ୍ର ପଟ୍ଟନାୟକ) ଗୋବରା ଓ ବାସୁଦେବପୁର ମେଇନ୍ ରୋଡବାସୀ ମା’ ଶ୍ୟାମାକାଳୀଙ୍କୁ ଭାବ ବିହ୍ୱଳ ବିଦାୟ ଦେଇଛନ୍ତି। ଅକ୍ଟୋବର ୧୮ରୁ ଗୋବରା ଶ୍ରୀକପିଳେଶ୍ୱର ଯୁବକ ସଂଘ ଦ୍ୱାରା ଆୟୋଜିତ ମା’ଶ୍ୟାମାକାଳୀ ପୂଜାର ବିସର୍ଜନ ଉତ୍ସବ ଅନୁଷ୍ଠିତ ହୋଇଛି। ମା’ ଶ୍ୟାମାକାଳୀଙ୍କ ପୂଜା ଅବସରରେ ଅକ୍ଟୋବର ୨୧ରୁ ପ୍ରତ୍ୟେକ ସନ୍ଧ୍ୟାରେ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରତ୍ୟେକ ସନ୍ଧ୍ୟାରେ ମା’ଙ୍କ ଆଳତି ଦେଖିବା ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ଦେଖିବା ପାଇଁ ଆଖପାଖ ଅଞ୍ଚଳରୁ ବହୁ ଜନସମାଗମ ହେଉଥିଲା। ଶୁକ୍ରବାର ମା’ଙ୍କ ଭସାଣୀ କାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ ଗୋବରା ଗ୍ରାମ, ବାସୁଦେବପୁର ଗ୍ରାମ ଏବଂ ଗୋବରା ମୁଖ୍ୟ ସଡ଼କରେ ମା’ଙ୍କ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଶ୍ରୀ କପିଳେଶ୍ୱର ଯୁବକ ସଂଘର ସଭାପତି ସବ୍ୟସାଚୀ ନାୟକଙ୍କ ନେତୃତ୍ୱରେ ଉପସଭାପତି କୃଷ୍ଣଚନ୍ଦ୍ର ପଟ୍ଟନାୟକ, ସମ୍ପାଦକ ସୁଶାନ୍ତ ଜେନା, କୋଷାଧ୍ୟକ୍ଷ ଏ.ଜିତେନ୍ଦ୍ର ପାତ୍ର, ଉପଦେଷ୍ଟା କୈଳାସ ଚନ୍ଦ୍ର ସାହୁ ଏବଂ ଅନୁଷ୍ଠାନର ସମସ୍ତ ସଦସ୍ୟ ସାମିଲ ହୋଇଥିଲେ।

## ସୁକନ୍ୟା ସମୃଦ୍ଧି ପ୍ରୋତ୍ସାହନ ଶିବିର

ଫୁଲବାଣୀ, ୧।୧୧(ରାକେଶ କୁମାର ରାଉତ) ଫୁଲବାଣୀ ସ୍ଥିତ ସତ୍ୟ ସାଇ ଉଚ୍ଚ ବିଦ୍ୟାଳୟରେ ସଞ୍ଚୟ ପକ୍ଷ ପାଳନ ଅବସରରେ ସୁକନ୍ୟା ସମୃଦ୍ଧି ଶିବିର ଆୟୋଜିତ ହୋଇଛି। ପ୍ରଧାନଶିକ୍ଷକ ପ୍ରମୋଦ ଦାସ, ସହକାରୀ ଶିକ୍ଷକ ସଞ୍ଜୀବ ନାୟକ, ଡାକ ବିଭାଗ ଅଧିକାରୀ ଶେଷଦେବ ସାହୁ ଅତିଥି ଭାବେ ଯୋଗଦେଇ ଏହି ଯୋଜନାର ଗୁରୁତ୍ୱ ବିଷୟରେ ଉପସ୍ଥିତ ଛାତ୍ରୀ ଓ ଅଭିଭାବକଙ୍କୁ ବୁଝାଇଥିଲେ। ଜିଲା ସ୍ୱଳ୍ପ ସଞ୍ଚୟ ଅଧିକାରୀ ବିଜୟ ଚନ୍ଦ୍ର ପାଳ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଏନ୍‌ଏସି ସ୍ୱଚ୍ଛତା, ସୌନ୍ଦର୍ଯ୍ୟକରଣ ବୁଲି ଦେଖିଲେ ପ୍ରତିନିଧିଦଳ

ଆସିକା,୧।୧୧ (ସୁରେନ୍ଦ୍ର ନାଥ ସାହୁ): ସ୍ୱଚ୍ଛତା ଲାଗି ଆସିକା ଦେଶରେ ଦ୍ୱିତୀୟ ଶ୍ରେଷ୍ଠ ଏନଏସି ଏବଂ ରାଜ୍ୟରେ ପ୍ରଥମ ବିବେଚିତ ହୋଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ପୁରସ୍କୃତ ହୋଇଛି। ଏ ସମ୍ପର୍କରେ ତଥ୍ୟ ନେବା ଓ ଉନ୍ନୟନମୂଳକ କାର୍ଯ୍ୟ ଦେଖିବା ପାଇଁ ଶନିବାର ରାଜ୍ୟର ୫ଟି ଏନ୍‌ଏସି ଓ ମ୍ୟୁନିସିପାଲିଟିର ପ୍ରତିନିଧି ଆସିକା ଗସ୍ତରେ ଆସିଥିଲେ। ସେମାନେ ଏନ୍‌ଏସିର ୧୮ଟି ୱାର୍ଡରେ ହୋଇଥିବା ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ପରିଦର୍ଶନ କରିଥିଲେ। ପ୍ରତିନିଧି ଦଳ ଏନଏସିର ପରିଷ୍କାର ପରିଚ୍ଛନ୍ନତା, ରାସ୍ତାଘାଟ, ଆଦର୍ଶ ଶ୍ମଶାନ, ପୋଖରୀ, ବର୍ଜ୍ୟବସ୍ତୁ ପ୍ରକ୍ରିୟାକରଣ କେନ୍ଦ୍ର, ପାର୍କ, ସର୍ବସାଧାରଣଙ୍କ ଲାଗି ଶୌଚାଳୟ, ସହରର ସୌନ୍ଦର୍ଯ୍ୟକରଣ ଆଦି ଦେଖିବା ସହ ଏହାର ପରିଚାଳନା ସମ୍ପର୍କରେ ବିସ୍ତୃତ



ଆସିକା ଏନ୍‌ଏସିକୁ ଆସିଥିବା ପ୍ରତିନିଧି ଦଳ।

ତଥ୍ୟ ପଚାରି ବୁଝିଥିଲେ। କୋରାପୁଟ, ବାଲିଗୁଡା, ଓଡଗାଁ, ବାଣପୁର ଓ ବେଲପାହାଡ ପୌର ସଂସ୍ଥାର ପ୍ରତିନିଧି ଦଳରେ ବାଲିଗୁଡା ଏନଏସି ନିର୍ବାହୀ ଅଧିକାରୀ ବିବେକାନନ୍ଦ ଦଳାଇ ଓ ଅନ୍ୟ ଏନଏସି ଏବଂ ମ୍ୟୁନିସିପାଲଟିର କର୍ମଚାରୀମାନେ ସାମିଲ ଥିଲେ। ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ରାଜେଶ କୁମାର ମହାପାତ୍ରଙ୍କ ନେତୃତ୍ୱରେ ସିଇଓ ମାନସୀ ରାଣୀ ସାହୁ, ପରିମଳ ବିଶେଷଜ୍ଞ ଦିପ୍ତିମୟୀ ସାହୁ ଏବଂ ସ୍ୱଚ୍ଛ ସୁପରଭାଇଜର, ସ୍ୱଚ୍ଛସାଥୀମାନେ ପ୍ରତିନିଧି ଦଳକୁ ବିଭିନ୍ନ କାର୍ଯ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ସେହିଭଳି ରାଜ୍ୟ ସରକାରଙ୍କ ଏକ ସ୍ୱତନ୍ତ୍ର ଟିମ ମଧ୍ୟ ଶୁକ୍ରବାର ଆସିକା ଏନଏସି ଗସ୍ତରେ ଆସି ବିଭିନ୍ନ ଯୋଜନା ପରିଦର୍ଶନ କରିଛନ୍ତି।

# ନଦୀରେ ନିଖୋଜ ବ୍ୟକ୍ତିଙ୍କ ମୃତଦେହ ମିଳିଲା

ରାୟଗଡ଼,୧।୧୧(ଜ୍ୟୋତି ପ୍ରସାଦ ପାଣି): ରାୟଗଡ ବ୍ଲକ ଅଧୀନ ଜଲାଙ୍ଗ ପଞ୍ଚାୟତ ଭାଲିଆସାହି ଗ୍ରାମର ଭୀମ ମଣ୍ଡଳ ନଦୀରେ ଭାସିଯାଇ ନିଖୋଜ ଥିଲେ। ଶନିବାର ତାଙ୍କ ମୃତଦେହ ମିଳିଛି। ଭାଲିଆସାହି ଗ୍ରାମର ଭୀମ ଗତ ଗୁରୁବାର ବାତ୍ୟା ଆଶ୍ରୟସ୍ଥଳୀରୁ ଘରକୁ ଆସିଥିଲେ। ଘରେ ସଉଦା ନ ଥିବାରୁ ଦୋକାନରୁ କିଣି ଆଣିବାକୁ ନିକଟସ୍ଥ ନୂଆସାହି ଗ୍ରାମକୁ ନଦୀ ପାର ହୋଇ ଯିବା ସମୟରେ ପାଣିରେ ଭାସିଯାଇଥିଲେ। ନଦୀ କୂଳରେ ଛେଳି ଚରାଉଥିବା ସୁନାନ୍ତି ରଇତ ଏହାଦେଖି ଗ୍ରାମବାସୀଙ୍କୁ ଜଣାଇଲେ। ଗାଁ ଲୋକେ ଆସି ବିଳମ୍ବିତ ରାତି ପର୍ଯ୍ୟନ୍ତ ଭୀମଙ୍କୁ ଖୋଜା ଖୋଜି କରି ତାଙ୍କ ଚପଲ ପାଇଥିଲେ ମଧ୍ୟ ଭୀମଙ୍କର କୌଣସି ପତ୍ତା ମିଳି ନ ଥିଲା। ଖବରପାଇ ରାୟଗଡ ବିଡ଼ିଓ ସନ୍ତୋଷ କୁମାର ବାରିକ ପହଞ୍ଚି ଅଗ୍ନିଶମ ଓ ଓଡ୍ରାଫ ଟିମକୁ ସେଠାକୁ ଡକାଇଥିଲେ। ଶୁକ୍ରବାର ସନ୍ଧ୍ୟା ପର୍ଯ୍ୟନ୍ତ କୌଣସି ସନ୍ଧାନ ମିଳିନଥିଲା। ଶନିବାର ସକାଳେ ପୁଣି ଅଗ୍ନିଶମ ଓ ଓଡ୍ରାଫ ଟିମ ମିଳିତ ଭାବେ ଖୋଜୁଥିବା ବେଳେ ମୁହାଣ ଗ୍ରାମ ନିକଟସ୍ଥ ନଦୀରେ ଭୀମଙ୍କ ମୃତଦେହ ମିଳିଥିଲା। ପାରଳାଖେମୁଣ୍ଡି ଜିଲା ମୁଖ୍ୟ ଚିକିତ୍ସାଳୟରେ ମୃତଦେହ ବ୍ୟବଚ୍ଛେଦ ହୋଇଛି। ଘଟଣାର ତଦନ୍ତ ପରେ ମୃତକଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦିଆଯିବ ବୋଲି ବିଡ଼ିଓ ବାରିକ କହିଛନ୍ତି। ତେବେ ଏଭଳି ସ୍ପର୍ଶକାତର ଘଟଣାରେ ରାୟଗଡ ତହସିଲଦାର ସୁକାନ୍ତ ପ୍ରଧାନ ଆଦୌ ଘଟଣାସ୍ଥଳକୁ ଯାଇନଥିବା କିମ୍ବା କ୍ଷତିଗ୍ରସ୍ତ ପରିବାରକୁ ଭେଟିନଥିବାରୁ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି।

# ଉଷାକୋଠି ପର୍ବ ଉଦ୍‌ଯାପିତ

କବିସୂର୍ଯ୍ୟନଗର,୧।୧୧(କୃପାସିନ୍ଧୁ ସ୍ୱାଇଁ): କବିସୂର୍ଯ୍ୟନଗର କନକପାଟଣା ସାହିଠାରେ ଦଶହରାରୁ ଚାଲିଥିବା କନକଦୁର୍ଗା ଉଷାକୋଠି ପର୍ବ ଉଦ୍‌ଯାପିତ ହୋଇଛି। ରବିବାର ଭସାଣି ଅନୁଷ୍ଠିତ ହେବ। ଶନିବାର ପୂର୍ବାହ୍ନରେ ଗଣ୍ଡି ଗାହାଣି ଆରମ୍ଭ ହୋଇଥିଲା। ସାମାଜିକ କର୍ମୀ ତଥା ବରିଷ୍ଠ ଭାଜପା ନେତା ସୀତାରାମ ପାଣିଗ୍ରାହୀ ଏହାର ଉଦଘାଟନ କରିଥିଲେ। ଅନ୍ୟ ଅତିଥିଙ୍କ ମଧ୍ୟରେ କବିସୂର୍ଯ୍ୟନଗର ମଣ୍ଡଳ ସଭାପତି ଅଶୋକ କୁମାର ଜେନା, ଆସିକା ଏମ୍‌ପି ପ୍ରତିନିଧି ଶ୍ରୀକାନ୍ତ ମହାପାତ୍ର,ବିଶ୍ୱଜିତ ମହାପାତ୍ର, ରଞ୍ଜନ ଗୌଡ଼ ଓ ହୀନ ଖୁଣ୍ଟିଆ ଥିଲେ।। ଅତିଥିମାଙ୍କୁ କନକପାଟଣା ସାହିବାସୀ କୋଠିଶାଳ ନିକଟକୁ ପାଛୋଟି ଆଣିଥିଲେ। ଗାହଣ ଗାୟକ ସିମାଞ୍ଚଳ ନାହାକ(ହୁମୁକି), କବିରାଜ ସ୍ୱାଇଁ( ଗୋଠଗାଁ), ନିରଞ୍ଜନ ପାତ୍ର (ଶେରଗଡ଼) ଓ ବ୍ରହ୍ମପୁରର ପଣ୍ଡିତ ବିଶ୍ୱନାଥ ଶତପଥୀ ଓ ଦୁର୍ଯ୍ୟୋଧନ ଡାକୁଆଙ୍କ ସହ ସ୍ଥାନୀୟ ଗାହଣ ଉପସ୍ଥିତ ଥିଲେ। ସୁବାସ ଚନ୍ଦ୍ର ଜେନା ଓ ତ୍ରିପତି ମହାରଣା ପରିଚାଳନା କରିଥିଲେ। ଗଣ୍ଡି ଗାହାଣି ଶୁଣିବାକୁ ବହୁ ଶ୍ରୋତାଙ୍କ ଭିଡ଼ ଜମିଥିଲା।

# ଅଲିଭ ରିଡ଼ଲେ କଇଁଛ ସୁରକ୍ଷା ଅଭିଯାନ ଆରମ୍ଭ

ଗଞ୍ଜାମ,୧।୧୧(ବିଦ୍ୟାଧର ସାହୁ) ଆଉ କିଛି ଦିନ ପରେ ସାମୁଦ୍ରିକ ଅଲିଭ ରିଡ଼ଲେ କଇଁଛଙ୍କ ମିଳନ ପର୍ବ ଆରମ୍ଭ ହେବ। ଅଲିଭ ରିଡଲେଙ୍କ ସୁରକ୍ଷା ପାଇଁ ଶନିବାର ଜିଲା ବନଖଣ୍ଡ ଅଧିକାରୀ ଶନି ଖୋଖର ସମୁଦ୍ର ମଧ୍ୟରେ ପାଟ୍ରୋଲିଂର ଶୁଭାରମ୍ଭ କରିଛନ୍ତି। ଏଥିରେ ଏସିଏଫ୍ ଦିବ୍ୟ ଶଙ୍କର ବେହେରା, ରମ୍ଭା ଫରେଷ୍ଟର ଡି.ପ୍ରଶାନ୍ତ ରାଓ ପ୍ରମୁଖ ଉପସ୍ଥିତ ଥିଲେ। ପୁରୁଣା ବନ୍ଧ ଜେଟି ନିକଟସ୍ଥ ଋଷିକୂଲ୍ୟା ନଦୀ ମୁହାଣ ଦେଇ ସମୁଦ୍ରର୪ କିଲୋମିଟର ପର୍ଯ୍ୟନ୍ତ ଡ଼ିଏଫ୍‌ଓଙ୍କ ସମେତ ବନ ବିଭାଗ କର୍ମଚାରୀ ବୋଟ ସାହାର୍ଯ୍ୟରେ ଭ୍ରମଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଖଲିକୋଟ ବନ କର୍ମଚାରୀ, ସମସ୍ତ ପାରା ଷ୍ଟାଫ, କେମ୍ପ



ବନ ବିଭାଗ ପକ୍ଷରୁ ପାଟ୍ରୋଲିଂ କରାଯାଉଛି।

**ପାଟ୍ରୋଲିଂ ଶୁଭାରମ୍ଭ କଲେ ଡିଏଫଓ**

ୱାଚର ଉପସ୍ଥିତ ଥିଲେ। ଏହି ପ୍ରକ୍ରିୟା ଆସନ୍ତା ମେ’ ମାସ ପର୍ଯ୍ୟନ୍ତ ଚାଲିବ। ଚଳିତମାସ ଠାରୁ ମେ ମାସ ପର୍ଯ୍ୟନ୍ତ ମତ୍ସ୍ୟଜୀବୀଙ୍କୁ ଡ଼ଙ୍ଗା ନେଇ ମାଛ ମାରିବା ନିଷେଧ କରାଯାଇଛି। ମିଳନ ପରେ ପାଗ ଅନୁକୂଳ ହେଲେ କଇଁଛଙ୍କ ଗଣ ଅଣ୍ଡାଦାନ ପ୍ରକ୍ରିୟା ଆରମ୍ଭ ହେବ ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଛି।

## ୫୮ ବର୍ଷର ପଞ୍ଚାୟତକୁ ନାହିଁ ରାସ୍ତା

### ଆନ୍ଦୋଳନ ନିଷ୍ପତ୍ତି ନେଲେ ସରପଞ୍ଚ, ଏକତ୍ରିତ ହେବେ ବିଲାବାଡ଼ି ପଞ୍ଚାୟତବାସୀ

ଖଜୁରିପଡ଼ା, ୧।୧୧ (ବିଦୁର ବେହେରା) ଗ୍ରାମାଞ୍ଚଳ ବିକାଶ ପାଇଁ ସରକାର ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ କ୍ଷେତ୍ରରେ ବହୁ ଅର୍ଥ ଖର୍ଚ୍ଚ କରୁଛନ୍ତି। ମାତ୍ର କନ୍ଧମାଳ ଜିଲା ବି. ଖଜୁରିପଡ଼ା ବ୍ଲକ୍ ଅନ୍ତର୍ଗତ ବିଲାବାଡ଼ି ପଞ୍ଚାୟତରେ କୌଣସି ବିକାଶ ହୋଇପାରୁନାହିଁ। ଏଯାଏ ବି.ପାଣିଶାଳଠାରୁ ବିଲାବାଡି ପଞ୍ଚାୟତ ପର୍ଯ୍ୟନ୍ତ ରାସ୍ତାଟିଏ ନିର୍ମାଣ ହୋଇ ପାରିନାହିଁ। ପଞ୍ଚାୟତବାସୀ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି। ରାସ୍ତା ନିର୍ମାଣ ପାଇଁ ଅନେକ ଥର ପ୍ରଶାସନକୁ ଦାବିପତ୍ର ପ୍ରଦାନ କରାଯାଇଥିଲେ ସୁଦ୍ଧା କିଛି ସୁଫଳମିଳିନାହିଁ। ଫଳରେ ସରପଞ୍ଚ ରବୀନ୍ଦ୍ର ଭୁକ୍ତା ଆନ୍ଦୋଳନ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ୧୯୬୭ରେ ୧୨ ୱାର୍ଡକୁ ନେଇ ଗଠିତ ବିଲାବାଡି ପଞ୍ଚାୟତ ୫୮ ବର୍ଷ ବିତିଥିଲେ ସୁଦ୍ଧା ରାସ୍ତା ନିର୍ମାଣ ହୋଇପାରିନାହିଁ। ଫଳରେ ୨୩ ଖଣ୍ଡ ଗାଁର ୩୨୧୮ ଲୋକ ସମସ୍ୟା ଘେରରେ କାଳାତିପାତ କରୁଥିବା ସରପଞ୍ଚ ଭୁକ୍ତା କହିଛନ୍ତି। ସରକାରଙ୍କୁ ବାରମ୍ବାର ଜଣାଇ ନ ଶୁଣିବାରୁ ଏବେ ଆନ୍ଦୋଳନ କରିବାକୁ ସେ ନିଷ୍ପତ୍ତି ନେଇଛନ୍ତି। ଏଥିରେ ପଞ୍ଚାୟତବାସୀ ମଧ୍ୟ ସାମିଲ ହେବେ ବୋଲି ସେ ପ୍ରକାଶ କରିଛନ୍ତି।

# ନିଜେ ବଦଳିଲେ ଦୁର୍ନୀତି ଆପେ ହଟିବ

ଫୁଲବାଣୀ, ୧।୧୧(ରାକେଶ କୁମାର ରାଉତ) ଫୁଲବାଣୀ ସ୍ଥିତ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ଉପଲକ୍ଷେ ଦୁର୍ନୀତି ନିବାରଣ ଆମ ସାମୂହିକ ଦାୟିତ୍ୱ ଉପରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି। ବୈଠକରେ ମୁଖ୍ୟଅତିଥି ଭାବେ ଜିଲାପାଳ ବେଦଭୂଷଣ ଯୋଗଦେଇ ଦୁର୍ନୀତିର ମୂଳୋତ୍ପାଟନ କରିବାକୁ ହେଲେ ଆମ ସମସ୍ତଙ୍କୁ ପ୍ରଥମେ ବଦଳି ବାକୁ ପଡିବ। ପ୍ରତ୍ୟେକ ନିଜକୁ ବଦଳାଇ ଦେଲେ ଦୁର୍ନୀତି ଦେଖିବାକୁ ମିଳିବ ନାହିଁ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲାପାଳ ରମେଶ ଚନ୍ଦ୍ର ଜେନା, ଫୁଲବାଣୀ ଉପ ଜିଲାପାଳ ଭିକାରୀ ସାହୁ, ଫୁଲବାଣୀ ପିଏ ଆଇଟିଡିଏ ଗଦାଧର ପାତ୍ର ଓ ବାଲିଗୁଡା କୃପାସିନ୍ଧୁ ବେହେରା, ଜିଲା ମୁଖ୍ୟ ଜନସ୍ୱାସ୍ଥ୍ୟ ଅଧିକାରୀ ଡା.ସନ୍ତୋଷ କୁମାର ପାଢ଼ୀ, ଅତିରିକ୍ତ ଏସ୍‌ପି ବିଭୁତି ଭୁଷଣ ମହାପାତ୍ର, ଅତିରିକ୍ତ ମୁଖ୍ୟ ନିର୍ବାହୀ ଅଧିକାରୀ ନରେନ୍ଦ୍ର ନାୟକ ଯୋଗଦେଇ ନିଜ ବକ୍ତବ୍ୟ ରଖିଥିଲେ। ଆଇନଜୀବୀ ଭିଜି ରାମଦାସ ଓ ବିଜୟ କୃଷ୍ଣ ପଟ୍ଟନାୟକ ମୁଖ୍ୟବକ୍ତା ଭାବେ ନିଜ ଅଭିଭାଷଣ ରଖିଥିଲେ। ସହରାଞ୍ଚଳ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ପ୍ରବୀଣ କୁମାର ବାଣୁଆ ସମସ୍ତଙ୍କୁ ସାଧୁତାର ଶପଥ ପାଠ କରାଇଥି ଲେ। ଏହି ସପ୍ତାହ ପାଳନ ଉପଲକ୍ଷେ ପୂର୍ବରୁ ଆୟୋଜିତ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ।

# ପରିବହନ ବିଭାଗ, ପୋଲିସ ପକ୍ଷରୁ ନାଇଟ୍ ବସ୍ ଯାଞ୍ଚ



ଛତ୍ରପୁର,୧।୧୧(ଦିଲ୍ଲୀପ ସାମଲ): ଗଞ୍ଜାମ ଜିଲାରେ ସଡକ ଦୁର୍ଘଟଣା ସଂଖ୍ୟା ବୃଦ୍ଧିପାଉଛି। ଏହାକୁ ରୋକିବା ପାଇଁ ଏନଫୋର୍ସମେଣ୍ଟକୁ କଡାକଡି କରିବାକୁ ଜିଲାପାଳ ଭି.କୀର୍ତ୍ତି ଭାସନ ନିର୍ଦ୍ଦେଶ ଦେଇଥିଲେ। ଏବେ ଜିଲାରେ ରାତ୍ର ସମୟରେ ଯାତାୟାତ କରୁଥିବା ଦ୍ରୁତଗାମୀ ବସଗୁଡିକରେ ଯାଞ୍ଚ କରାଯାଉଛି। ଯାତ୍ରୀଙ୍କ ସୁରକ୍ଷାକୁ ଗୁରତ୍ୱ ଦେଇ ବସରେ ଅଗ୍ନି ନିରାପତ୍ତା ଅଛି କି ନାହିଁ, ଚାଳକ ନିଶାସକ୍ତ ହୋଇ ଗାଡି ଚଳାଉଛନ୍ତି କି ଓ ଅନ୍ୟ ସୁରକ୍ଷା ବ୍ୟବସ୍ଥାକୁ ନେଇ ଯାଞ୍ଚ କରାଯାଉଛି। ଗଞ୍ଜାମ, ବ୍ରହ୍ମପୁର ପୋଲିସ ଓ ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ବ୍ରହ୍ମପୁର, ଛତ୍ରପୁର, ଭଞ୍ଜନଗର, ଖଲ୍ଲିକୋଟ ଆଦି ବିଭିନ୍ନ ଛକସ୍ଥାନରେ ରାତ୍ର ସମୟରେ ନଇଟ ବସ ଗୁଡିକର ଯାଞ୍ଚ ହେଉଛି। ବ୍ରହ୍ମପୁର, ଖଲ୍ଲିକୋଟ ନିକଟରେ ଜାତୀୟ ରାଜପଥରେ ଗାଡି ଯାଞ୍ଚ ବେଳେ ୩ ଜଣ ଗାଡି ଚାଳକ ମଦ୍ୟପାନ କରିଥିବା ଧରାପଡିଥିଲା। ସେ ସବୁ ବସ ଉପରେ ୧୦ ହଜାର ଲେଖାଏ ଜରିମାନା ପକାଯାଇଥିଲା। ସମ୍ପୃକ୍ତ ମଦ୍ୟପ ଚାଳକଙ୍କୁ ଗାଡି ଚଲାଇବା ପାଇଁ ବାରଣ କରାଯିବା ସହ ଅନ୍ୟ ଜଣେ ଗାଡି ଧରି ଯାତ୍ରୀକୁ ନେଇଥିବା ଗଞ୍ଜାମ ଆରଟିଓ ଇ.ଦେବାଶିଷ ସ୍ୱାଇଁ ସୂଚନା ଦେଇଛନ୍ତି। ସେହିପରି ଭଞ୍ଜନଗର ପରିବହନ ବିଭାଗ ପକ୍ଷରୁ ୧୪ରୁ ଉର୍ଦ୍ଧ ଗାଡି ଯାଞ୍ଚ ବେଳେ ୨ଟି ଗାଡିର ଅଗ୍ନି ନିରାପତ୍ତା ବ୍ୟବସ୍ଥା ନ ଥିବାରୁ ଜରିମାନା ଦେଇଥିବା ଭଞ୍ଜନଗର ଆରଟିଓ ଭାଗିରଥି ନାୟକ ସୂଚନା ଦେଇଛନ୍ତି। ଏଭଳି ଯାଞ୍ଚ ପ୍ରକ୍ରିୟା ଜାରି ରହିବ। ସମସ୍ତ ଜନସାଧାରଣ ସଡକ ସୁରକ୍ଷା ନିୟମ ମାନିବାକୁ ଜିଲାପାଳ ଅନୁରୋଧ କରିଛନ୍ତି।

## ଇନ୍ଦିରା ଗାନ୍ଧୀଙ୍କ ଶ୍ରାଦ୍ଧଦିବସ ପାଳିତ

ଦିଗପହଣ୍ଡି, ୧।୧୧(ଅଶେଷ ନାଥ ମିଶ୍ର) ଗଞ୍ଜାମ ଜିଲା ଦିଗପହଣ୍ଡି ନଗର କଂଗ୍ରେସ କମିଟି ପକ୍ଷରୁ ଭାରତର ପ୍ରଥମ ମହିଳା ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଇନ୍ଦିରା ଗାନ୍ଧୀଙ୍କ ଶ୍ରାଦ୍ଧ ଦିବସ ପାଳିତ ହୋଇଯାଇଛି। ଏନଏସି ଅଧ୍ୟକ୍ଷ ପ୍ରଫୁଲ୍ଲ ପଣ୍ଡାଙ୍କ ତତ୍ତ୍ୱାବଧାନରେ ବହୁ ସଂଖ୍ୟକ କର୍ମୀ, ସମର୍ଥକ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ସେଠାରେ ଥିବା ଇନ୍ଦିରା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଦେଶ ପ୍ରତି ଇନ୍ଦିରାଙ୍କ ଅବଦାନ ସମ୍ପର୍କରେ କର୍ମକର୍ତ୍ତାମାନେ ସ୍ମୃତିଚାରଣ କରିଥିଲେ। ଏନଏସି ଉପାଧ୍ୟକ୍ଷା କେ. ପୂଜା, କାଉନସିଲର ଦୀପକ ମିଶ୍ର, ମାମିନି ବେହେରା, ସ୍ୱଚ୍ଛଳ ପାତ୍ର, ରଞ୍ଜିତ ବେହେରା, ମନୋଜ ପଟ୍ଟନାୟକ, ଶଙ୍କର ମହାପାତ୍ର, ଆଇନଜୀବୀ ରସାନନ୍ଦ ରାଉତ, ଇ.ଶଙ୍କର, ପି. ଯୋଗୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

# ଜି.ଉଦୟଗିରି ପୋଲିସ ପକ୍ଷରୁ ଗଣଦୌଡ଼




ପୋଲିସ ପକ୍ଷରୁ ଆୟୋଜିତ ଗଣଦୌଡ଼ରେ ସାମିଲ ହୋଇଥିବା କର୍ମଚାରୀ ଓ ଅନ୍ୟମାନେ।

ଜି.ଉଦୟଗିରି,୧।୧୧(ଶିଶିର ପଟ୍ଟନାୟକ/ ଚିନ୍ମୟ କୁମାର ସେଠୀ) ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ ତମ ଜୟନ୍ତୀ ତଥା ରାଷ୍ଟ୍ରୀୟ ଏକତା ଦିବସ ଅବସରରେ ସ୍ଥାନୀୟ ପୋଲିସ ପ୍ରଶାସନ ତରଫରୁ ଗଣଦୌଡ଼ର ଆୟୋଜନ କରାଯାଇଛି। ଆଇଆଇସି ବିଜୟ ସ୍ୱାଇଁଙ୍କ ନେତୃତ୍ୱରେ ଅୟୋଜିତ ଏହି ରନ୍‌ଫର୍ ୟୁନିଟି କାର୍ଯ୍ୟକ୍ରମରେ ଶତାଧିକ ଯୁବକଙ୍କ ସହ ବୟସ୍କ ଯୋଗଦେଇ ସର୍ଦ୍ଦାର ବଲଭଭାଇ ପଟେଲଙ୍କ ଅଖଣ୍ଡ ଭାରତର ଭାବନାକୁ ସମ୍ମାନ ଜଣାଇବା ସହ ଆତ୍ମନିର୍ଭରଶୀଳ ଭାରତ ଗଠନରେ ଅଂଶୀଦାର ହେବା ନିମନ୍ତେ ବାର୍ତ୍ତା ରହିଥିଲା। ଏକତା ପାଇଁ ଦୌଡ଼ କାର୍ଯ୍ୟକ୍ରମରେ ଉପସ୍ଥିତ ଜନସାଧାରଣ ସ୍ଥାନୀୟ ପୋଷ୍ଟ ଅଫିସ ଛକ ଠାରୁ ଆରମ୍ଭ କରି ସହର ପରିକ୍ରମା କରିଥିଲେ। କାର୍ଯ୍ୟକ୍ରମରେ ମହିଳା ଇନ୍ସପେକ୍ଟର ରଞ୍ଜିତା ବେହେରା, ଏସଆଇ କାମରାଜୁ ରେଡି, ଏସଆଇ ରୂପକ ଦଲେଇ, ଏଏସଆଇ ରବୀନ୍ଦ୍ରନାଥ ସେଠୀ, ବୁଲୁ ବେହେରା, ବଣ୍ଟି ଦଣ୍ଡିଆଙ୍କ ସହ ସମସ୍ତ ମହିଳା ପୁରୁଷ ପୋଲିସ ବାହିନୀ ଉପସ୍ଥିତ ଥିଲେ।

# ଶିଶୁକନ୍ୟା ଉଦ୍ଧାର, ଅପହରଣକାରୀ ଅଟକ

ଖଜୁରିପଡ଼ା,୧।୧୧ (ବିଦୁର ବେହେରା) ଖଜୁରିପଡ଼ା ଥାନା ଅଞ୍ଚଳରେ ୩ ଦିନ ତଳେ ଜଣେ ଅଢ଼େଇ ବର୍ଷର ଶିଶୁକନ୍ୟା ହଜିଥିବା ନେଇ ଭାଲିଆପଡା ଗୁଡ଼ି ସାହିର ସାବିତ୍ରୀ ଦିଗାଲ ଅଭିଯୋଗ କରିଥିଲେ। ଅଭିଯୋଗ ପାଇ ୨୪୩/୨୫ ମାମଲା ରୁଜୁ କରି ପୋଲିସ ବାହିନୀ ଏକ ଟିମ ଗଠନ କରି ସବ ଇନ୍ସପେକ୍ଟର ଦୀନବନ୍ଧୁ ପ୍ରଧାନଙ୍କ ନେତୃତ୍ୱରେ ଉଦ୍ଧାର କାର୍ଯ୍ୟ ଜାରି କରିଥିଲା। ଶୁକ୍ରବାର ବରଗଡ଼ ଜିଲା ଭେଡ଼େନ ଥାନା ଅଞ୍ଚଳରୁ ହଜିଥିବା ଅଢେଇ ବର୍ଷର ଶିଶୁକନ୍ୟାକୁ ଉଦ୍ଧାର କରିବା ସହିତ ଅପହରଣକାରୀ ଉମାକାନ୍ତ ବିଳାସକୁ ଆଣି ଥାନାରେ ପଚରା ଉଚରା କରୁଥିବା ଥାନା ଅଧିକାରୀ ଚାପଧାରୀ ପ୍ରଧାନ ସୂଚନା ଦେଇଛନ୍ତି।

# ଛେଳି ପାଳନ ସମ୍ପର୍କିତ ୩ଦିନିଆ ତାଲିମ

ଆର୍. ଉଦୟଗିରି,୧।୧୧(ମନୋଜ ପାଢ଼ୀ) ଗଜପତି ଜିଲା କୃଷି ବିଜ୍ଞାନ କେନ୍ଦ୍ରଠାରେ ପ୍ରାଣୀସମ୍ପଦ ବିକାଶ ବିଭାଗ ପକ୍ଷରୁ ଛେଳି ପାଳନ ସମ୍ପର୍କିତ ଏକ ୩ଦିନିଆ ଦକ୍ଷତା ବୃଦ୍ଧି ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ନୂଆଗଡ ବ୍ଲକ୍‌ର ଅତରସିଂ, ରମୁଣ୍ଡା ଗ୍ରାମର ୨୦ ଜଣ ଚାଷୀ ସାମିଲହୋଇ ତାଲିମ ନେଇଥିଲେ। କୃଷିବିଜ୍ଞାନ କେନ୍ଦ୍ରର ଉଦ୍ୟାନବିଜ୍ଞାନୀ ଡ. ସୁଶ୍ରୀ ଚୌଧୁରୀ ସ୍ୱାଗତ ସୂଚନା ଦେଇଥିଲେ। ଜିଲା ମୁଖ୍ୟ ପ୍ରାଣୀ ସମ୍ପଦ ଅଧିକାରୀ ଛେଳି ପାଳନରେ ଗୃହ ପରିଚାଳନା, ଖାଦ୍ୟ, ବିଭନ୍ନ ରୋଗ ଓ ଏହାର ନିରାକରଣ ଉପରେ ଚାଷୀଙ୍କୁ ତାଲିମ ଦେଇଥିଲେ। ପାରଳାଖେମୁଣ୍ଡି ଏବଂ ନୂଆଗଡ଼ ପ୍ରାଣୀ ସମ୍ପଦ ବିଭାଗ ଅଧିକାରୀମାନେ ଛେଳି ପ୍ରଜନନ, ଛେଳି ଓ ମେଣ୍ଢା ପାଳନ କ୍ଷେତ୍ରରେ ରହିଥିବା ସରକାରୀ ଯୋଜନା ଓ ସହାୟତା ସମ୍ପର୍କରେ ଚାଷୀଙ୍କୁ ବୁଝାଇଥିଲେ। ଏହି ଅବସରରେ ତାଲିମର ଦ୍ୱିତୀୟ ଦିବସରେ ଚାଷୀମାନେ ଲସମିପୁର କ୍ଷେତ୍ର ପରିଦର୍ଶନକରି ଜ୍ଞାନ ଲାଭକରିଥିଲେ। ତୃତୀୟ ଦିବସରେ ତାଲିମରେ ଅଂଶଗ୍ରହଣ କରିଥିବା ସମସ୍ତ ଚାଷୀଙ୍କୁ ବିଜ୍ଞାନକେନ୍ଦ୍ରର ମୁଖ୍ୟ ଡ. ସଂଗ୍ରାମ ପରମଗୁରୁ ପ୍ରମାଣପତ୍ର ପ୍ରଦାନକରି ଛେଳିଚାଷ ପ୍ରତି ଆକର୍ଷିତ ହୋଇ ସରକାରଙ୍କ ରହିଥିବା ବିଭିନ୍ନ ସୁବିଧା ସୁଯୋଗ ହାସଲ କରିବାକୁ ପରାମର୍ଶ ଦେଇଥିଲେ। ବୈଜ୍ଞାନିକ ଜାନୁଆରୀୟସ କୁଜୁର , ଜୟଶଙ୍କର ପ୍ରଧାନ ଓ ମନୋଜ ସାହୁ ତାଲିମରେ ସହଯୋଗ କରିଥିଲେ।

# କୋରମ ଅଭାବରୁ ହୋଇପାରିଲାନି ଭୋଟ

ଶେରଗଡ଼,୧।୧୧(ସୂର୍ଯ୍ୟ ନାରାୟଣ ଦାଶ) ଗଞ୍ଜାମ ଜିଲା ଶେରଗଡ଼ ବ୍ଲକ ଅନ୍ତର୍ଗତ ପିତ୍ତଳ ପଞ୍ଚାୟତର ସରପଞ୍ଚଙ୍କ ବିରୋଧରେ ଶନିବାର (୧।୧୧।୨୫) ଅନାସ୍ଥା ପ୍ରସ୍ତାବ ବିରୋଧରେ ଭୋଟ ପାଇଁ ଭଞ୍ଜନଗର ଉପଜିଲାପାଳ ଦିନ ଧାର୍ଯ୍ୟ କରିଥିଲେ। ମାତ୍ର ସଭ୍ୟାସଭ୍ୟଙ୍କ ଅନୁପସ୍ଥିତି ଯୋଗୁ କୋରମ ଅଭାବରୁ ଭୋଟ ହୋଇପାରିନାହିଁ। ଏହି ଅନାସ୍ଥା ଭୋଟ ପାଇଁ ତହସିଲଦାର ତ୍ରିଦେବ ରଥ ନିର୍ବାଚନ ଅଧିକାରୀ ଓ ବିଡ଼ିଓ ତୃପ୍ତିମୟୀ ଜେନା ସହ ନିର୍ବାଚନ ଅଧିକାରୀ ଭାବେ ଧାର୍ଯ୍ୟ ସମୟ ପୂର୍ବାହ୍ନ ୧୧ଟା ପୂର୍ବରୁ ଉପସ୍ଥିତ ଥିଲେ। ପିତ୍ତଳ ପଞ୍ଚାୟତର ମୋଟ ୱାର୍ଡ ସଭ୍ୟ ସଂଖ୍ୟା

**ପିତ୍ତଳ ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ**



ଭେଟ ଦେବାକୁ ଆସିଥିବା ୱାର୍ଡସଭ୍ୟାସଭ୍ୟମାନେ ଅପେକ୍ଷା କରିଛନ୍ତି।

୧୮ ଥିଲା। ପୂର୍ବରୁ ଜଣେ ସଭ୍ୟାଙ୍କ ସଭ୍ୟପଦ ରଦ୍ଦ ହୋଇଥିବାରୁ ଶନିବାର ୧୭ ଜଣ ସଭ୍ୟାସଭ୍ୟ ଅନାସ୍ଥା ପ୍ରସ୍ତାବ ଭୋଟରେ ଭାଗ ନେଇଥାନ୍ତେ। ତେବେ ମାତ୍ର ୮ଜଣ ସଭ୍ୟାସଭ୍ୟ ପ୍ରସ୍ତାବ ବିରୋଧରେ ଭୋଟ ଦେବାକୁ ଆସିଥିଲେ। ୯ ଜଣ ଆସିଥିଲେ ଅନସ୍ଥା ପାଇଁ ଭୋଟ ହୋଇଥାନ୍ତା। ଧାର୍ଯ୍ୟ ସମୟ ସରିବା ପର୍ଯ୍ୟନ୍ତ ୮ ଜଣ ସଭ୍ୟାସଭ୍ୟ ରହିବାରୁ ଅନାସ୍ଥା ପାଇଁ କୋରମ ଅଭାବରୁ ଭୋଟ ହୋଇପାରି ନ ଥିଲା। ଫଳରେ ନିର୍ବାଚନ ଅଧିକାରୀ ତହସିଲଦାର ରଥ କୋରମ ଅଭାବରୁ ଅନସ୍ଥା ପାଇଁ ଭୋଟ ଗ୍ରହଣ କରାଯାଇ ପାରୁ ନ ଥିବା ସୂଚନା ଦେଇଥିଲେ। ୨୯।୧୧।୨୦୨୪ରେ ପିତ୍ତଳ ପଞ୍ଚାୟତର ସଂଖ୍ୟାଧିକ ୱାର୍ଡ ସଭ୍ୟାସଭ୍ୟ ସରପଞ୍ଚ ରାମରାଘବ ପାତ୍ରଙ୍କ ମନୋମୁଖୀ କାର୍ଯ୍ୟର ବିରୋଧ କରି ତାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ପାଇଁ ଭଞ୍ଜନଗର ଉପଜିଲାପାଳଙ୍କୁ ଭେଟି ଦରଖାସ୍ତ ଦେଇଥିଲେ। ଏହି ପତ୍ରକୁ ଭିତ୍ତିକରି ଉପ ଜିଲାପାଳ ଅନାସ୍ଥା ବିରୋଧରେ ଭୋଟ ଗ୍ରହଣ ପାଇଁ ନଭେମ୍ବର ୧ ,୨୦୨୫କୁ ଧାର୍ଯ୍ୟ କରିଥିଲେ। ଜିପିଓ ରବି କୁମାର ଓ ଗ୍ରାମସେବକ ପ୍ରଦ୍ୟୁମ୍ନ ଦାଶ ନିର୍ବାଚନ କାର୍ଯ୍ୟରେ ସହଯୋଗ କରିଥିଲେ।

## ଲଙ୍କାଗୁଣ୍ଡ ଫିଙ୍ଗି ଲୁଟ ଉଦ୍ୟମ

ହିଞ୍ଜିଳିକାଟୁ, (ହ୍ରିତିକୃଷ୍ଣ ପଣ୍ଡା):ଗଞ୍ଜାମ ଜିଲା ହିଞ୍ଜିଳି ଥାନା ଅନ୍ତର୍ଗତ କିଁଡିପୁର ଗ୍ରାମରେ ଶନିବାର ଜଣେ ଲୁଟେରା ବାଇକ୍‌ରେ ଯାଉଥିବା ଦମ୍ପତିଙ୍କଠାରୁ ଲୁଟ କରିବା ଉଦ୍ଦେଶ୍ୟରେ ତାଙ୍କ ଉପରକୁ ଲଙ୍କାଗୁଣ୍ଡପକାଇଥିଲେ। ତେବେ ଦମ୍ପତି ଖସିଯାଇ ଗ୍ରାମରେ ଜଣାଇବାରୁ ଗ୍ରାମବାସୀ ଲୁଟେରାଙ୍କୁ ଧରି ମାଡ଼ ମାରି ପୋଲିସ ଜିମା ଦେଇଥିଲେ। ପୋଲିସ ତାଙ୍କୁ ଗିରଫ କରିଛି। ସେ ହେଲେ କୋଟିନଡା ଥାନା ମଣ୍ଡାପଡା ଗ୍ରାମର କୁନା ଜେନା (୩୦)। ଏ ନେଇ ହିଞ୍ଜିଳି ଥାନାରେ ନଂ.୮୯୧/୨୫ରେ ଏକ ମାମଲା ରୁଜୁ ହୋଇଛି।

# ଦୁର୍ଘଟଣାରେ ଆହତ ଯୁବକଙ୍କ ମୃତ୍ୟୁ

ଗୋପାଳପୁର,୧।୧୧

(ନବୀନ ରାଜ ଆଚାରୀ)

ଗୋପାଳପୁର ଥାନା ଅଞ୍ଚଳର ଏକ ଦୁର୍ଘଟଣାରେ ଗୁରୁତର ଆହତ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ନାରାୟଣପୁର ଗ୍ରାମର ନିରଞ୍ଜନ ନାୟକ (୪୫)। ନିରଞ୍ଜନ ନିଜର କାମ ପାଇଁ ବାଇକ୍ ଯୋଗେ ଅକ୍ଟୋବର ୩୦ରେ ଗୋପାଳପୁର ଯାଇଥିଲେ। କାମ ସାରି ସନ୍ଧ୍ୟାରେ ଫେରୁଥିବା ବେଳେ ପାଠାଗାର ନିକଟରେ ଅନ୍ୟ ବାଇକ ସହ ଧକ୍କା ହୋଇ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକ ଓ ପୋଲିସ ଉଦ୍ଧାର କରି ବ୍ରହ୍ମପୁର ବଡ଼ ମେଡିକାଲରେ ଭର୍ତ୍ତି କରିଥିଲେ। ଶୁକ୍ରବାର ରାତିରେ ଚିକିତ୍ସାଧିନ ଅବସ୍ଥାରେ ନିରଞ୍ଜନ ମୃତ୍ୟୁବରଣ କରିଥିଲେ। ଖବର ପାଇ ଗୋପାଳପୁର ପୋଲିସ ଶନିବାର ମେଡିକାଲରେ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠେଇଥିଲା। ଏ ନେଇ କେଶ୍ ନଂ ୩୮୧/୨୫ ରେ ମାମଲା ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ କରିଛି।

# ଜମି ବିକ୍ରି ନାଁରେ ୪୪ ଲକ୍ଷ ଠକେଇ, ୨ ଗିରଫ

ବ୍ରହ୍ମପୁର,୧।୧୧(ସୁବାସ ଚନ୍ଦ୍ର ପାଢ଼ୀ)

ଜମି ବିକ୍ରି ନାଁରେ ଜଣେ ବ୍ୟକ୍ତିଙ୍କ ଠାରୁ ୪୪ ଲକ୍ଷ ୫୧ ହଜାର ଟଙ୍କା ଠକେଇ ହୋଇଥିଲା। ଅଭିଯୋଗ ପରେ ଗୋଷାଣିନୂଆଗାଁ ଥାନା ପୋଲିସ ଜଣେ ବିଲଡର ଓ ତାଙ୍କ ସହଯୋଗୀଙ୍କୁ ବାନ୍ଧିଛି। ସେମାନେ ହେଲେ ନୀଳକଣ୍ଠନଗର ପ୍ରଥମ ଲାଇନ ସଂପ୍ରସାରଣ ଅଞ୍ଚଳର ବିଲଡର ଦୀଲିପ କୁମାର ପଶୁପାଳକ(୫୫) ଓ ତାଙ୍କ ସହଯୋଗୀ ବଦ୍ରିରାଜନଗର ୩ ଲାଇନର ପ୍ରଦୀପ ପାଣିଗ୍ରାହୀ(୬୨)। ମାମଲା ନଂ. ୪୧୪/୨୫ରେ ଉଭୟଙ୍କୁ ଶନିବାର କୋର୍ଟ ଚାଲାଣ କରାଯାଇଛି। ଜ୍ୟୋତିନଗର ୫ମ ଲାଇନର ସନ୍ତୋଷ କୁମାର ଶତପଥି ଏକ ବଡ ବ୍ୟବସାୟ କରିବା ଉଦ୍ଦେଶ୍ୟରେ ଜାତୀୟ ରାଜପଥ କଡରେ ଏକ ଜମି ଖୋଜୁଥିଲେ। ଗତବର୍ଷ ଜୁନରେ କନିଷି ଗ୍ରାମର ବ୍ୟବସାୟୀ ଜୟରାମ ନାୟକ ସହ ତାଙ୍କର ଦେଖା ହୋଇଥିଲେ। ଟାଟାଷ୍ଟିଲ ମୁଖ୍ୟ ଫାଟକ ସମ୍ମୁଖ ଜାତୀୟ ରାଜପଥ କଡରେ ୨ ଏକର(୧୦ ଭରଣ) ଜମି ରହିଛି ବୋଲି ସେ ସନ୍ତୋଷଙ୍କୁ ଜଣାଇବା ସହ ହ୍ୱାଟସଆପ ଜରିଆରେ ଉକ୍ତ ଜମିର ମ୍ୟାପ ପଠାଇଥିଲେ। ଏହାପର ଦିନ ଉଭୟ ମିଶି ଉକ୍ତ ଜମି ଦେଖିବାକୁ ଯାଇଥିଲେ। ସେହି ଜମିଟି ଚମାଖଣ୍ଡି ମୌଜାର ପ୍ଲଟ ନଂ.୧୬୨୫ରେ ରହିଥିବା ବେଳେ ଚମାଖଣ୍ଡି ଗ୍ରମାର ପି. ଯଦୁମଣି ରେଡି ଓ ତାଙ୍କ ପରିବାର ଲୋକଙ୍କ ନାମରେ ଥିବା ଜଣାପଡିଥିଲା। ଏହି ଜମିର ପାୱାର ଅଫ ଅଟର୍ଣ୍ଣି ବିଲଡର ଦୀଲିପ କୁମାର ପଶୁପାଳକଙ୍କ ନିକଟରେ ଥିବା ଜୟରାମ କହିବା ସହ ସେ ଏହି ଜମି ବିକ୍ରି ପାଇଁ ମାର୍କେଟିଂ କରୁଥିବା ଜଣାଇଥିଲେ। ଏହାପର ଦିନ ଜମରାମ ସନ୍ତୋଷଙ୍କୁ ଧରି ହିଲପାଟଣା ୩ୟ ଲାଇନରେ ଥିବା ପଶୁପାଳକଙ୍କ ବିଲଡର କାର୍ଯ୍ୟାଳୟକୁ ନେଇଥିଲେ।ସେଠାରେ ପଶୁପାଳକ ଉକ୍ତ ଜମିର ପଟ୍ଟା, ମ୍ୟାପ ଦେବା ପରେ ଅପରାହ୍ନରେ ସମସ୍ତେ ମିଶି ପୁଣି ଉକ୍ତ ଜମି ନିକଟକୁ ଯାଇଥିଲେ। ପଶୁପାଳକ ତାଙ୍କୁ ଜମିର ପାଚେରୀ ଓ ସୀମା ଦେଖାଇଥିଲେ। ଏହି ଜମିର ଭରଣ ୪୫ ଲକ୍ଷ ଟଙ୍କା ପଡିବ ବୋଲି କହିଥିଲେ। ଅର୍ଥାତ ମୋଟ ଜମିର ମୂଲ୍ୟ ୪ କୋଟି ୫୦ ଲକ୍ଷ ବୋଲି ସେ କହିଥିଲେ। ମୁଲଚାଲ ପରେ ଭରଣ ପିଛା ୪୦ ଲକ୍ଷ ୫୦ ହଜାର ଟଙ୍କା ନିଷ୍ପତ୍ତି ହୋଇଥିଲା। ସେହିକ୍ରମରେ ପ୍ରଥମେ ୧୦ ଲକ୍ଷ ଟଙ୍କା ଅଗ୍ରୀମ ଦେବାକୁ ପଶୁପାଳକ କହିଥିଲେ। ସନ୍ତୋଷ ନିଜ ପୁଅର ଆକାଉଣ୍ଟରୁ ପଶୁପାଳକଙ୍କ ସହଯୋଗୀ ପ୍ରଦୀପଙ୍କ ଆକାଉଣ୍ଟକୁ ଟଙ୍କା ପଠାଇଥିଲେ। ଏହାପରେ ଉଭୟ ପକ୍ଷ ମଧ୍ୟରେ ଚୁକ୍ତିନାମା ସ୍ୱାକ୍ଷର ହେବା ସହ ଜଣେ ଅମିନକୁ ଡାକି ଉକ୍ତ ଜମିର ମାପଚୁପ କରାଯାଇଥିଲା। କିଛି ଦିନ ପରେ ପୁଣି ଅଗ୍ରୀମ ବାବଦକୁ ଟଙ୍କା ମାଗିଥିଲେ। ସନ୍ତୋଷ ପର୍ଯ୍ୟାୟକ୍ରମରେ ପଶୁପାଳକ ଓ ପ୍ରଦାପଙ୍କୁ ୪୪ ଲକ୍ଷ ୫୧ ହଜାର ଟଙ୍କା ଦେଇଥିଲେ। ୧ ମାସ ଭିତରେ ଉକ୍ତ ଜମି ପଞ୍ଜିକରଣ ହୋଇଯିବ ବୋଲି ପଶୁପାଳକ ପ୍ରତିଶ୍ରୁତି ଦେଇଥିଲେ। ଏକାଧିକ ମାସ ବିତିବା ପରେ ମଧ୍ୟ ଜମି ପଞ୍ଜିକରଣ ହୋଇନଥିଲା। ସନ୍ତୋଷ ଏ ବିଷୟରେ ପଚାରିବାରୁ ଜମିର ମାଲିକ ଓ ପରିବାର ଲୋକେ ବାହାରେ ଚାକିରି କରୁଥିବାରୁ ବିଳମ୍ବ ହେଉଥିବା ପଶୁପାଳକ କହିଥିଲେ। ଏହା ଭିତରେ ବର୍ଷାଧିକ କାଳ ବିତି ସାରିଥିବା ବେଳେ ପଶୁପାଳକଙ୍କ ଠାରୁ କେବଳ ପ୍ରତିଶ୍ରୁତି ହିଁ ମିଳିଥିଲା। ସନ୍ଦେହ ହେବାରୁ ସନ୍ତୋଷ ବିଭିନ୍ନ ଲୋକଙ୍କୁ ପଚରାଉଚରା କରିଥିଲେ। ଏହି ଜମିର ପ୍ରକୃତ ମାଲିକ କାହାକୁ ଜମି ବିକ୍ରି କରିନାହାନ୍ତି ଏବଂ ପଶୁପାଳକ ଓ ତାଙ୍କ ସହଯୋଗୀମାନେ ନକଲି କାଗଜପତ୍ର ପ୍ରସ୍ତୁତ କରି ତାଙ୍କ ଠାରୁ ୪୪ ଲକ୍ଷ ୫୧ ହଜାର ଟଙ୍କା ଠକି ନେଇଥିବା ସେ ଜାଣିବାକୁ ପାଇଥିଲେ। ଏହାକୁ ନେଇ ସେ ଉପରୋକ୍ତ ଥାନାରେ ସନ୍ତୋଷ ଆଜି ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ କରିଥିଲା।

# ନୂତନ ଜିଲା ଜଜ୍‌ଙ୍କୁ ସମ୍ବର୍ଦ୍ଧନା



ବ୍ରହ୍ମପୁର, ୧।୧୧ (ସୁବାସ ଚନ୍ଦ୍ର ପାଢ଼ୀ)

ଗଞ୍ଜାମ ଜିଲା ଓକିଲ ସଂଘ ପକ୍ଷରୁ ଶନିବାର ନୂତନ ଗଞ୍ଜାମ ଜିଲା ଓ ଦୌରାଜଜ୍ ଅଶାନ୍ତ କୁମାର ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ସେ ପୂର୍ବରୁ ହାଇକୋର୍ଟରେ ରେଜିଷ୍ଟ୍ରାର ଥିଲେ। ବାର ଓ ବେଞ୍ଚ ମିଳିତ ଭାବେ କାମ କଲେ ସାଧାରଣ ଲୋକଙ୍କୁ ନ୍ୟାୟ ମିଳି ପାରିବ। ତେଣୁ ସମସ୍ତେ ସମନ୍ୱୟ ରକ୍ଷା କରିବା ଉଚିତ ବୋଲି ସେ କହିଥିଲେ। ସେହିପରି ବିଭିନ୍ନ ମାମଲାର ରାୟ ପ୍ରକାଶ ବେଳେ କୋର୍ଟଙ୍କ ଆଦେଶକୁ ସମ୍ମାନ ଦେବାକୁ ସେ କହିଥିଲେ। ଏଥିରେ ଗଞ୍ଜାମ ଓକିଲ ସଂଘ ସଭାପତି ମନୋଜ ପଟ୍ଟନାୟକ, ସମ୍ପାଦକ ଟି. ଭେଙ୍କଟ ରାଓ, ଉପସଭାପତି ତ୍ରିମୁଲ କୁମାର ରେଡ୍ଡୀ, ଯୁଗ୍ମ ସମ୍ପାଦକ ଅସିତ କୁମାର ସାବତ ଉପସ୍ଥିତ ଥିଲେ। ପରେ ସେ ସମସ୍ତ ନିମ୍ନ ଅଦାଲତ ପରିଦର୍ଶନ କରିଥିଲେ। ଜଜ ଓ ମାଜିଷ୍ଟ୍ରେଟଙ୍କୁ ଭେଟିଥିଲେ। ପବ୍ଲିକ ପ୍ରସିକ୍ୟୁଟର (ପିପି) ବିଶ୍ୱଜିତ ବରାଳ , ଏପିପି ରଜତ କୁମାର ଦାସ ପ୍ରମୁଖ ଜିଲା ଜଜଙ୍କୁ ଭେଟି ତାଙ୍କୁ ସମ୍ବର୍ଦ୍ଧନା ଦେଇଥିଲେ।

# ଗଞ୍ଜାମ କଳା ପରିଷଦର ମାସିକ ସଂଗୀତ ଆସର

ବ୍ରହ୍ମପୁର,୧।୧୧(ଅଶୋକ କୁମାର ସାହୁ)



ଓଡିଶାର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ଗଞ୍ଜାମ କଳା ପରିଷଦରେ ମାସିକ ସଂଗୀତ ଆସର ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଅନୁଷ୍ଠାନର ବରିଷ୍ଠ ସଦସ୍ୟ ଦେବେନ୍ଦ୍ର ନନ୍ଦ, ଡ଼ଃ ବାସନ୍ତୀ ପାଣିଗ୍ରାହୀ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଉପସଭାପତି ସୂର୍ଯ୍ୟକାନ୍ତ ପାତ୍ର, ସାଧାରଣ ସମ୍ପାଦକ ଇଂ ଅପୂର୍ବ ପଟ୍ଟନାୟକ, ସାଂସ୍କୃତିକ ସମ୍ପାଦକ ଇଂ ମନୋଜ ଦଣ୍ଡପାଟ, ପ୍ରାକ୍ତନ ସମ୍ପାଦକ ସୁବୋଧ ପଟ୍ଟନାୟକ,ଉପଦେଷ୍ଟା ସରୋଜିନୀ ସାମଲ, ଆଜୀବନ ସଦସ୍ୟା ବାସନ୍ତୀ ପ୍ରଧାନ, ଲୋକ ସମ୍ପର୍କ ସମ୍ପାଦକ ଅମୀୟ ତ୍ରିପାଠୀ, ବିଜୟ ପାଣିଗ୍ରାହୀ, ରବିନାରାୟଣ ବେହେରା, ଗିରିଜା ଶଙ୍କର ଦାସ, ସୁବାସ ମହାରଣା, ସନ୍ଦୀପ ପଟ୍ଟନାୟକ, ତାପସ ପାଣିଗ୍ରାହୀ, ନଳିନୀ ଗୌଡ଼ ପ୍ରମୁଖ ଉପସ୍ଥିତ ଥିଲେ। ବରିଷ୍ଠ ସଂଗୀତ ନିର୍ଦ୍ଦେଶକ, କଣ୍ଠ ଶିଳ୍ପୀ ଗୁରୁ ଅଶ୍ୱିନୀ ମହାପାତ୍ର ଓ ଗୁରୁ ନୀଳାଞ୍ଚଳ ବେହେରା ସଂଗୀତ ସଂଯୋଜନା କରିଥିଲେ। କଣ୍ଠ ଶିଳ୍ପୀ ଦେବେନ୍ଦ୍ର ନନ୍ଦ, ଆଇନଜୀବୀ କୃଷ୍ଣ ଚନ୍ଦ୍ର ପଣ୍ଡା, ଅପୂର୍ବ ପଟ୍ଟନାୟକ, ଅଶ୍ୱିନୀ ମହାପାତ୍ର, ଲକ୍ଷ୍ମୀପ୍ରିୟା ସେନାପତି, ଶୁଭ୍ର ସୌରଭ, ରାଜ ନନ୍ଦିନୀ, ବି.ମାଳତୀ, କେଭିନ, ରାଜଲକ୍ଷ୍ମୀ ପଣ୍ଡା, ବିଘ୍ନେଶ ମହାରଣା କଣ୍ଠ ଦାନ କରିଥିଲେ। ବାଦ୍ୟ ଓ ଯନ୍ତ୍ର ସଂଗୀତରେ ଜିତୁ, ଜୀବନ, ନିତିନ ଓ ସୁଜଳ ସହଯୋଗ କରିଥିଲେ।

# ଏମ୍‌କେସିଜିରେ ସହାୟତା ଆଳରେ ଲୁଟ୍: ୨ ଗିରଫ, ସୁନାହାର ଜବତ

ବ୍ରହ୍ମପୁର, ୧।୧୧( ସୁବାସ ଚନ୍ଦ୍ର ପାଢ଼ୀ)

ଏମକେସିଜି ମେଡିକାଲକୁ ଆସୁଥିବା ରୋଗୀ ଓ ସମ୍ପର୍କୀୟଙ୍କୁ ସ୍ୱାସ୍ଥ୍ୟସେବା ସହାୟତା ଯୋଗାଇଦେବା ଆଳରେ ଦଲାଲ ସକ୍ରିୟ ହୋଇଛନ୍ତି। ଏଭଳି ଏକ ଘଟଣାରେ ବୈଦ୍ୟନାଥପୁର ପୋଲିସ ୨ ଲୁଟେରାଙ୍କୁ ବାନ୍ଧିଛି। ଅଭିଯୁକ୍ତ ଦ୍ୱୟ ହେଲେ କବିସୂର୍ଯ୍ୟନଗର ବଡ ଆଗୁଳ ନୂଆ ସାହିର ବିପିନ ସାହୁ(୪୨) ଓ ନିମଖଣ୍ଡି ଥାନା ଅନ୍ତର୍ଗତ ଲୋଚାପଡା କାଲୁଆ ସାହିରେ ରହୁଥିବା ବିଚିତ୍ର ସାହୁ (୩୫)। ଜେରା ବେଳେ ସେମାନେ ପୂର୍ବରୁ ଏମକେସିଜି ମେଡିକାଲରେ ସମାନ ଢଙ୍ଗରେ ଦୁଇଟି ଅପରାଧ କରିଥିବା ପୋଲିସ ନିକଟରେ ସ୍ୱୀକାର କରିଛନ୍ତି। ପୋଲିସ ସେମାନଙ୍କ ଠାରୁ ସୁନା ହାର, ବାଇକ ନଂ ଓ ଏ– ୬୯୩୫ ଓ ଏକ ମୋବାଇଲ ଜବତ କରିଛି। ମାମଲା ନଂ ୨୭୬/୨୫ ରେ ସେମାନଙ୍କୁ ଶନିବାର କୋର୍ଟ ଚାଲାଣ କରାଯାଇଛି। ଗଜପତି ଜିଲା ଆର. ଉଦୟଗିରି ଥାନା ଅନ୍ତର୍ଗତ ମହେନ୍ଦ୍ରଗଡର ଶଶୀ ସାହୁ ଓ ତାଙ୍କ ସ୍ୱାମୀ ଜୁରିଆ ସାହୁ ଜୁନ ୯ତାରିଖରେ ଏମକେସିଜି ମେଡିକାଲକୁ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ଆସିଥିଲେ। ଓପିଡ଼ି ଟିକେଟ କାଉଣ୍ଟର ନିକଟରେ ୨ ଯୁବକ ଉକ୍ତ ଦମ୍ପତିଙ୍କୁ ଭେଟି ତାଙ୍କୁ ଭଲ ଡାକ୍ତରଙ୍କ ସହ ସାକ୍ଷାତ କରାଇ ଉତ୍ତମ ଚିକିତ୍ସା କରାଇଦେବାକୁ କହିଥିଲେ। ପରେ ଶଶୀ ବେହେରାଙ୍କ ରକ୍ତ ପରୀକ୍ଷା କରିବାକୁ ଅନ୍ୟତ୍ର ଯିବାକୁ କହି ତାଙ୍କୁ ନେଇଥିଲେ। ରାସ୍ତାରେ ଏକ ନିର୍ଜନ ସ୍ଥାନରେ ମହିଳାଙ୍କ ତଣ୍ଟି ଚିପି ହତ୍ୟା ଉଦ୍ୟମ କରିବା ସହ ତାଙ୍କୁ ଭୟଭୀତ କରି ତାଙ୍କ ବେକରୁ ସୁନା ହାର ଝାମ୍ପି ସେଠାରୁ ଚମ୍ପଟ ମାରିଥିଲେ। ପରେ ଏନେଇ ତାଙ୍କ ପୁଅ ସନ୍ନ୍ୟାସୀ ସାହୁ ଥାନାରେ ଅଭିଯୋଗ କରିଥିଲେ।

# ରୟାଲ ଫାର୍ମାସୀ କଲେଜ ନିର୍ଦ୍ଦେଶକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା




ବ୍ରହ୍ମପୁର,୧।୧୧(ସୁବାସ ଚନ୍ଦ୍ର ପାଢ଼ୀ)

ସ୍ଥାନୀୟ ଅମ୍ବପସରା ରୋଡ ରୟାଲ ଫାର୍ମାସୀ କଲେଜରେ ପରିଚାଳନା କମିଟି ନିର୍ଦ୍ଦେଶକ ପ୍ରଫେସର ପି.ଏନ.ମୂର୍ତ୍ତିଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। କଲେଜ ଅଧ୍ୟକ୍ଷ ପ୍ରଫେସର ସୁଶାନ୍ତ କୁମାର ପଣ୍ଡା କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ପରିଚାଳନା କମିଟିର ଅଧ୍ୟକ୍ଷ ଡଃ. ଟି.ପ୍ରକାଶ ରାଓ,ଆରଇଆରଏସର ସମ୍ପାଦକ ଶାକା ଶ୍ରୀକାନ୍ତ, କଲେଜ ଅଧ୍ୟକ୍ଷ ପ୍ରଫେସର ପଣ୍ଡା ପ୍ରମୁଖ ମଞ୍ଚାସିନ ଥିଲେ। ପ୍ରଫେସର ପି.ଏନ.ମୂର୍ତ୍ତି ଓ ତାଙ୍କ ପତ୍ନୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମୂର୍ତ୍ତିଙ୍କ ଜୀବନୀ ଉପରେ କଲେଜର ପ୍ର.ଅଞ୍ଜନ କୁମାର ମହାପାତ୍ର ଆଲୋକପାତ କରିଥିଲେ। ସେହିପରି ମହୁଡା ଫାର୍ମାସୀ କଲେଜ ପରିଚାଳନା କମିଟିର ଅଧ୍ୟକ୍ଷ ଭି.ଜଗନ୍ନାଥ ରାଓ, କଲେଜ ଉପାଧ୍ୟକ୍ଷ ରମେଶ ଚନ୍ଦ୍ର ଦାଶ, ଜି.ପି.ସି.ଡି.ଏ.ର ସମ୍ପାଦକ ତଥା ୟୁ.ସି.ଡି.ଏ.ର ସଭାପତି ପି.ସତ୍ୟନାରାୟଣା, ଅବସରପ୍ରାପ୍ତ କର୍ମଚାରୀ ମନମୋହନ ବିଷୋୟୀ, ଜୟଦେବ ପାଢୀ, ପ୍ରଶାନ୍ତ କୁମାର ଦାସ ଏବଂ ରୋଲାଣ୍ଡ ଫାର୍ମାସୀ କଲେଜର ପରିଚାଳନା କମିଟି ଅଧ୍ୟକ୍ଷା ଜେ.ଜୟଲକ୍ଷ୍ମୀ, ନିର୍ଦ୍ଦେଶିକା ଜେ.ଶ୍ରୁତି, କଲେଜ ଅଧ୍ୟକ୍ଷ ଡଃ.ବି.ଭି.ଭି.ରବି କୁମାର, ଉପାଧ୍ୟକ୍ଷ ସି.ଏଚ.ନିରଞ୍ଜନ ପାତ୍ର ପ୍ରମୁଖ ଯୋଗ ଦେଇ ପ୍ରଫେସର ମୂର୍ତ୍ତିଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ମୂର୍ତ୍ତି ଫାର୍ମାସୀ ଶିକ୍ଷା କ୍ଷେତ୍ରରେ ଦୀର୍ଘ ୪୭ ବର୍ଷ ବିଭିନ୍ନ ଶିକ୍ଷାନୁଷ୍ଠାନରେ କାର୍ଯ୍ୟକରି ଅନେକ ଛାତ୍ରୀଛାତ୍ର ଗଢ଼ିଥିବା କହିଥିଲେ। କଲେଜ ଉପାଧ୍ୟକ୍ଷ ପ୍ର. ଉମାଶଙ୍କର ମିଶ୍ର, ମଧୁସ୍ମିତି ଖଣ୍ଡେଇ, ପ୍ର. ପ୍ରଶାନ୍ତ କୁମାର ଚୌଧୁରୀ ଧନ୍ୟବାଦ ଦେଇଥିଲେ।

# ରାଜ୍ୟସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

ବ୍ରହ୍ମପୁର,୧।୧୧(ସ୍ମୃତି ରଞ୍ଜନ ମହାଲିକ)

ବ୍ରହ୍ମପୁର ମହାନଗର ନିଗମ ସମ୍ମିଳନୀ କକ୍ଷରେ ଶନିବାର ରାଜ୍ୟସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳିତ ହୋଇଯାଇଛି। ଏଥିରେ ଦକ୍ଷିଣାଂଚଳ ଆଇଜି ନିତି ଶେଖର ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ଦୁର୍ନୀତି ନିବାରଣ ଉପରେ ନିଜ ମତ ରଖିଥିଲେ। ମୁଖ୍ୟବକ୍ତା ରୂପେ ଖଲିକୋଟ ଏକକ ବିଶ୍ୱବିଦ୍ୟାଳୟ ଭୂତତ୍ତ୍ୱ ବିଭାଗର ସହକାରୀ ପ୍ରଫେସର ମନୋଜ କୁମାର ପଟ୍ଟନାୟକ, ସମ୍ମାନନୀୟ ଅତିଥି ରୂପେ ବ୍ରହ୍ମପୁର ଏସପି ଡା ସର୍ବଣା ବିବେକ ଏମ, ବିଏମସି କମିଶନର ପ୍ରଥମେଶ ଅରବିନ୍ଦ ରାଜଶିର୍କେ ଓ ଯୋଗ ଦେଇଥିଲେ। ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଭିଜିଲାନ୍ସ ଏସପି ପ୍ରଦୀପ କୁମାର ପ୍ରଧାନ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ।

# ଜେଲରେ ବିକ୍ରମ ଖାଇପାରିବେ ଘରଖାଦ୍ୟ

ବ୍ରହ୍ମପୁର,୧।୧୧(ସୁବାସ ଚନ୍ଦ୍ର ପାଢ଼ୀ): ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲାରେ ବ୍ରହ୍ମପୁର ଜେଲରେ ଥିବା ବ୍ରହ୍ମପୁରର ପୂର୍ବତନ ବିଧାୟକ ବିକ୍ରମ କୁମାର ପଣ୍ଡା ଜେଲ ଭିତରେ ଆବଶ୍ୟକସ୍ଥଳେ ଘରର ରନ୍ଧାଖାଦ୍ୟ ଖାଇପାରିବେ। ବିକ୍ରମ ନିୟମିତ ଔଷଧ ସେବନ କରୁଛନ୍ତି। ତେଣୁ ଜେଲ ଖାଦ୍ୟ ପରିବର୍ତ୍ତେ ଘର ରନ୍ଧାଖାଦ୍ୟ ମଗାଇବା ଦିଗରେ ଅନୁମତି ଦେବାକୁ ସେ ନିଜ ଓକିଲଙ୍କ ଜରିଆରେ ଶନିବାର ଏସଡିଜେଏମ କୋର୍ଟରେ ଆବେଦନ କରିଥିଲେ। କୋର୍ଟ ଏହାକୁ ଗ୍ରହଣ କରି ବିକ୍ରମଙ୍କୁ ଆବଶ୍ୟକ ସ୍ଥଳରେ ଘର ରନ୍ଧାଖାଦ୍ୟ ଯୋଗାଇ ଦେବାକୁ ଜେଲ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

# ସାନଖେମୁଣ୍ଡିରେ ବ୍ଲକସ୍ତରୀୟ 'ସୁରଭି'

ଦିଗପହଣ୍ଡି/ପାଟପୁର, ୧।୧୧

(ଅଶେଷ ନାଥ ମିଶ୍ର/ସୀମାଞ୍ଚଳ ସାହୁ)

ଗଞ୍ଜାମ ଜିଲା ସାନଖେମୁଣ୍ଡି ବ୍ଲକସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' ମୌଳାଭଞ୍ଜା ନୋଡାଲ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଛି। ପ୍ରଧାନଶିକ୍ଷୟତ୍ରୀ ଭାରତୀ ମହାରଣାଙ୍କ ସଭାପତିତ୍ୱରେ ହୋଇଥିବା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଇଓ କୋରେଶୁ ସେଠୀ, ମୁଖ୍ୟବକ୍ତା ଭାବେ ପାଟପୁରସ୍ଥିତ ବିଶ୍ୱାସରାୟ ବିଜ୍ଞାନ କଲେଜ ଅଧ୍ୟାପକ ଡ. କୈଳାସଚନ୍ଦ୍ର ସ୍ୱାଇଁ, ସମ୍ମାନିତ ଅତିଥି ଭାବେ ଏବିଇଓ ଶୁକଦେବ ମଲ୍ଲିକ, ଗୋଷ୍ଠୀ ସାଧନ କେନ୍ଦ୍ର ସଂଯୋଜିକା ରୀତାଞ୍ଜଳି ରଥ, ଛଣମେରି ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଅଧ୍ୟକ୍ଷ ଜଗଦୀଶ ମୁନି, ସ୍କୁଲ ପରିଚାଳନା କମିଟି ସଭାନେତ୍ରୀ ପ୍ରତିମା ମହାରଣା ସରପଞ୍ଚ ବର୍ଷାରାଣୀ ସେଠୀ, ସମିତି ସଭ୍ୟ ଶରତ ସ୍ୱାଇଁ, ପୂର୍ବତନ ସରପଞ୍ଚ ସୂର୍ଯ୍ୟ ନାରାୟଣ ଦଳବେହେରା ଯୋଗଦେଇ ଛାତ୍ରୀଛାତ୍ରଙ୍କ ଗୁଣାତ୍ମକ ଶିକ୍ଷା, ସୃଜନ ଶକ୍ତି ଓ ସେମାନଙ୍କ ଅର୍ନ୍ତନିହିତ ପ୍ରତିଭା ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ। ସାଂସ୍କୃତିକ ପ୍ରତିଯୋଗିତାରେ ଲୋକନୃତ୍ୟ ଗୁରୁ ଆଲୋକ ବିଷୋୟୀ, ଓଡ଼ିଶୀ ନୃତ୍ୟଗୁରୁ ପ୍ରଦୀପ ରଥ ଯୋଗ ଦେଇଥିଲେ। ପ୍ରବନ୍ଧ ,ବକ୍ତୃତା, କଣ୍ଠ ସଙ୍ଗୀତ, ନୃତ୍ୟ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଏହି ବ୍ଲକସ୍ତରୀୟ ସୁରଭିରୁ ଜିଲାସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି'କୁ ପ୍ରତିଯୋଗୀ ଚୟନ ହୋଇଛନ୍ତି। ସିଆରସିସି ଡି. ମୁକେଶ ପାତ୍ର, ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଓ ବିଦ୍ୟାଳୟ ଶିକ୍ଷୟତ୍ରୀଶିକ୍ଷକମାନେ ପରିଚାଳନା କରିଥିଲେ।

# ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ଆନ୍ତଃ ମହାବିଦ୍ୟାଳୟ ଭଲିବଲ ପ୍ରତିଯୋଗିତା

ବ୍ରହ୍ମପୁର, ୧।୧୧(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କ୍ରୀଡ଼ା ପରିଷଦ ପକ୍ଷରୁ ଶନିବାର ମିନି ଷ୍ଟାଡିୟମ ଠାରେ ରବିବାର ୫୪ ତମ ଆନ୍ତଃ ମହାବିଦ୍ୟାଳୟ ଭଲିବଲ (ପୁରୁଷ) ପ୍ରତିଯୋଗିତା ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ କ୍ରୀଡ଼ା ପରିଷଦ ସମ୍ପାଦକ ପ୍ରଫେସର ଧ୍ରୁବ ଚରଣ ପଣ୍ଡା,ଅତିଥି ଭାବେ ଭଞ୍ଜନଗର କେଏସୟୁବି କଲେଜ ପିଇଟି ପି.ଆନନ୍ଦ ରାଓ,ଚୟନ କମିଟିର ସଭ୍ୟ ଅକ୍ଷୟ ପଟନାୟକ,ଭାସ୍କର ମିଶ୍ର, କ୍ରୀଡ଼ା ପରିଷଦର କାର୍ଯ୍ୟକାରିଣୀ ସଭ୍ୟ ଶିବ ପ୍ରସାଦ ବେହେରା,ଶିବାନନ୍ଦ ବର୍ମା ଯୋଗ ଦେଇଥିଲେ। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଅଧୀନ ୧୩ କଲେଜ ସାମିଲ ଥିଲେ। ପ୍ରଥମ ଦିନ ଫୁଲବାଣୀ ସହ କାଶୀନଗର ମଧ୍ୟରେ ଖେଳ ହୋଇଥିଲା। ଫୁଲବାଣୀ ବିଜୟୀ ହୋଇଥିଲା। ଭଞ୍ଜନଗର ସହ ବ୍ରହ୍ମପୁର ଏମକେସି ଜି ମେଡିକାଲ ମଧ୍ୟରେ ହୋଇଥିବା ବେଳେ ଏମକେସିଜି ମେଡିକାଲ ଟିମ୍ ବିଜୟ ହୋଇଥିଲା। ବାଲିଗୁଡା ସହ ଦିଗପହଣ୍ଡି ମଧ୍ୟରେ ହୋଇଥିବା ବେଳେ ଦିଗପହଣ୍ଡି କଲେଜ ବିଜୟ ହୋଇଥିଲା। ଆରସିଏମ ଖଲ୍ଲିକୋଟ ସହ ଚାନ୍ଦିପୁଟ ମଧ୍ୟରେ ହୋଇଥିବା ବେଳେ ଚାନ୍ଦିପୁଟ କଲେଜ ବିଜୟ ହୋଇଥିଲା। ବୁଗୁଡ଼ା ସହ ଫୁଲବାଣୀ ହୋଇଥିବା ମ୍ୟାଚରେ ଫୁଲବାଣୀ ବିଜୟ ହୋଇଥିଲା। ବ୍ରହ୍ମପୁର ଏମ କେ ସି ଜି ମେଡିକାଲ ସହ ଢୁରା କଲେଜ ମଧ୍ୟରେ ହୋଇଥିଲା। ଏମ କେ ସି ଜି ବିଜୟୀ ହୋଇଥିବା କ୍ରୀଡ଼ା ପରିଷଦର କୋଚ ରାଜେଶ କୁମାର ମହାନ୍ତି କହିଛନ୍ତି।

# ଛାତ୍ରୀଙ୍କୁ ଅସଦାଚରଣ ଅଭିଯୋଗ, ଶିକ୍ଷକ ଅଟକ

ଗଞ୍ଜାମ,୧।୧୧(ଅଖିଳ ତରାଇ/ବିଦ୍ୟାଧର ସାହୁ)

ଜଣେ ପଞ୍ଚମ ଶ୍ରେଣୀର ଛାତ୍ରୀଙ୍କୁ ଅସଦାଚରଣ କରିବା ଅଭିଯୋଗରେ ହୁମ୍ମା ଫାଣ୍ଡି ପୋଲିସ ଜଣେ ଶିକ୍ଷକଙ୍କୁ ଅଟକ ରଖିଛି। ହେଲେ ଗଡ଼ହୁମ୍ମା ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ଲିଙ୍ଗରାଜ ମହାକୁଡ଼ (୪୦)। ଶନିବାର ସକାଳେ ସ୍କୁଲରେ ପାଠପଢ଼ା ଚାଲିଥିବା ବେଳେ ଏକୁଟିଆର ସୁଯୋଗ ନେଇ ଶିକ୍ଷକ ଲିଙ୍ଗରାଜ ମହାକୁଡ଼ ଛାତ୍ରୀଙ୍କୁଅସଦାଚରଣ କରିଥିଲେ। ସ୍କୁଲ ଛୁଟି ପରେ ଛାତ୍ରୀ ଜଣଙ୍କ ଏ ବିଷୟରେ ତାଙ୍କ ମା'ବାପାଙ୍କୁ ଜଣାଇଥିଲେ। ସେମାନେ ଏହାକୁ ବିରୋଧ କରି ରମ୍ଭା ଥାନା ଅଧୀନ ହୁମ୍ମା ଫାଣ୍ଡି ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ କେଶ୍ ନଂ. ୮୪/୨୫ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଶିକ୍ଷକ ଲିଙ୍ଗରାଜ ମହାକୁଡ଼ଙ୍କୁ ଅଟକ ରଖି ପଚରାଉଚରା କରଯାଇଛି।

# ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ ପକ୍ଷରୁ ଦୁର୍ନୀତିମୁକ୍ତ ସମାଜ ଗଠନର ବାର୍ତ୍ତା




ଏସବିଆଇ କର୍ମଚାରୀମାନେ ୱାକାଥନ କରୁଛନ୍ତି।

ବ୍ରହ୍ମପୁର,୧।୧୧(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ଷ୍ଟେଟ ବ୍ୟାଙ୍କ ପକ୍ଷରୁ ଦୁର୍ନୀତି ନିବାରଣ ସପ୍ତାହ ରବିବାର ପାଳିତ ହୋଇଛି। ଏହି ଅବସରରେ ଆୟୋଜିତ ୱାକାଥନକୁ ଦକ୍ଷିଣ ରେଞ୍ଜ ପୋଲିସ ମହାନିରୀକ୍ଷକ ନୀତି ଶେଖର ଶୁଭାରମ୍ଭ କରିଥିଲେ। ଦୁର୍ନୀତିମୁକ୍ତ ସମାଜ ଗଠନ ବାର୍ତ୍ତା ନେଇ ୱାକାଥନ ଏସବିଆଇ ମୁଖ୍ୟ କାର୍ଯ୍ୟାଳୟରୁ ବାହାରି ପୋଲିସ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲା। ବ୍ରହ୍ମପୁରସ୍ଥିତ ଏସବିଆଇ ପ୍ରଶାସନିକ କାର୍ଯ୍ୟାଳୟର ଡେପୁଟି ଜେନେରାଲ ମ୍ୟାନେଜର ଆଲୋକ କୁମାର ସିହ୍ନା, ବ୍ରହ୍ମପୁର ଭିଜିଲାନ୍ସ ଏସପି ପ୍ରଦୀପ କୁମାର ପ୍ରଧାନ ଏବଂ ବ୍ରହ୍ମପୁରସ୍ଥିତ ଏସବିଆଇ ଆଞ୍ଚଳିକ ବ୍ୟବସାୟ କାର୍ଯ୍ୟାଳୟର ଆଞ୍ଚଳିକ ପ୍ରବନ୍ଧକ ହରିକୃଷ୍ଣ ପଣ୍ଡା ସମ୍ମାନନୀୟ ଅତିଥ ଥିଲେ। ଅତିଥିମାନେ କହିଥିଲେ ଯେ, ସାଧାରଣ ଜୀବନରେ ନୈତିକ ଆଚରଣ ଏବଂ ସ୍ୱଚ୍ଛତା ବିଷୟରେ କର୍ମଚାରୀ ଏବଂ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବାରେ ଏସବିଆଇର ପ୍ରୟାସ ଜାରି ରହିଛି। ସ୍ୱଚ୍ଛ ଏବଂ ଦୁର୍ନୀତିମୁକ୍ତ ଭାରତ ଗଠନ ଦିଗରେ ସହଯୋଗ କରିବା ପାଇଁ ଏସବିଆଇର ସମସ୍ତ କର୍ମଚାରୀ ପ୍ରତିଶ୍ରୁତି ଦେଇଥିଲେ।

# ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ ପକ୍ଷରୁ ୱାକାଥନ

ବ୍ରହ୍ମପୁର,୧।୧୧(ସ୍ମୃତି ରଞ୍ଜନ ମହାଲିକ)




ୟୁନିୟନ ବ୍ୟାଙ୍କ ଅଫ ଇଣ୍ଡିଆ ପକ୍ଷରୁ ପଦଯାତ୍ରା।

ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ (ବ୍ରହ୍ମପୁର) କ୍ଷେତ୍ରୀୟ କାର୍ଯ୍ୟାଳୟ ପକ୍ଷରୁ ସତର୍କତା ସଚେତନତା ସପ୍ତାହ ପାଳିତ ହୋଇଯାଇଛି। ଏହି ଅବସରରେ ୱାକାଥନ ଆୟୋଜିତ ହୋଇଥିଲା। ଏଥିସହ ବୃକ୍ଷରୋପଣ, ଗ୍ରାମ ସଭା, କୁଇଜ ଓ ଚିତ୍ରାଙ୍କନ ପ୍ରତିଯୋଗିତା ହୋଇଥିଲା। କ୍ଷେତ୍ରୀୟ କାର୍ଯ୍ୟାଳୟ ଅଧିନ ସମସ୍ତ ଶାଖା, ବିଭାଗ ଓ କରେନ୍ସି ଚେଷ୍ଟରେ ସତ୍ୟନିଷ୍ଠା ଶପଥ ପାଠ କରାଯାଇଥିଲା। କ୍ଷେତ୍ରୀୟ ମୁଖ୍ୟ ରଜତ କୁମାର ପଣ୍ଡା କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ବ୍ରହ୍ମପୁର ଶାଖା ମୁଖ୍ୟ ପ୍ରବନ୍ଧକ ସଞ୍ଜୀବ କୁମାର ସାହୁ ସମସ୍ତଙ୍କୁ ସଚେତନତାର ଗୁରୁତ୍ୱ ବିଷୟରେ ଅବଗତ କରାଇଥିଲେ। ବିଶେଷ କରି ଠକେଇ ମାମଲାରେ ଏହାର ଆବଶ୍ୟକତା ସଂପର୍କରେ ସେ କହିଥିଲେ। ଉପ କ୍ଷେତ୍ରୀୟ ମୁଖ୍ୟ ମେଘ୍ରାଇ ମାର୍ଣ୍ଡି ଏବଂ ବିଭୂତି ଭୂଷଣ ମହାନ୍ତି ସତର୍କତା ସଚେତନତା ସପ୍ତାହର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ସତର୍କତା ରାଲି କ୍ଷେତ୍ରୀୟ କାର୍ଯ୍ୟାଳୟ ପରିସରରୁ ବାହାରି ଟାଟା ବେଞ୍ଜ ଛକ, ଗିରି ରୋଡ, ଷ୍ଟେସନ ରୋଡ, ଖଲ୍ଲିକୋଟ କଲେଜ, ସୁବାରାଓ ଛକ ଓ ଜନନା ହସ୍ପିଟାଲ ରୋଡ ଦେଇ କ୍ଷେତ୍ରୀୟ କାର୍ଯ୍ୟାଳୟରେ ପହଂଚିଥିଲା। ଏଥିରେ କ୍ଷେତ୍ରୀୟ କାର୍ଯ୍ୟାଳୟର ସମସ୍ତ ବିଭାଗୀୟ ମୁଖ୍ୟ, କର୍ମଚାରୀ, ବ୍ରହ୍ମପୁରର ସମସ୍ତ ଶାଖା ପ୍ରବନ୍ଧକ ଓ ଅଧିକାରୀ ଯୋଗ ଦେଇଥିଲେ। ମୁଖ୍ୟ ପ୍ରବନ୍ଧକ ଆଶିଷ ଜ୍ଞାନବର୍ଦ୍ଧନ (ପି ଆଣ୍ଡ ଡି) ଏବଂ ପ୍ରବନ୍ଧକ ଶିବ ପ୍ରସାଦ ନନ୍ଦ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

No.A-814

GOVERNMENT OF ODISHA
OFFICE OF THE SUPERINTENDING ENGINEER
NIMAPARA IRRIGATION DIVISION, NIMAPARA

Notice Invitation of Tenders

e-Procurement Notice No.-04/2025-26 on dated 28.10.2025

E-mail Id : eenidnimapara@gmail.com

1. Type of Work : Canal, Road & Bridge & River Embankment Works.
2. Total No. of Work : 15 (Fifteen) Nos.
3. Estimated Cost : Varies from Rs.12.80 to Rs.44.63 Lakhs
4. Period of Completion : 4 (Four) Calendar Months to 6 (Six) Calendar Months

| Procurement Officer | Bid Identification No. | Bid Amount in Lakh Rs. | Availability & Submission of Bids online |
|---|---|---|---|
| Superintending Engineer, Nimapara Irrigation Division, Nimapara | NID-134/2025-26 to NID-148/2025-26 | Rs.12.80 to Rs.44.63 | From 03.11.2025 11.00 A.M. to 17.11.2025 5.30 P.M. |

Date of opening of the Bid : 18.11.2025 at 11.00 A.M.
Date of lottery : 25.11.2025 at 11.30 A.M.
Further details can be seen from the Govt. Website www.tendersodisha.gov.in

Sd./- Superintending Engineer
Nimapara Irrigation Division, Nimapara

OIPR-32097/11/0028/2526

Government of Odisha
Information and Public Relations Department
Lok Sampark Bhawan, Bhubaneswar

No.Z-:

No.IPR-FP-GP-0004-2025/16405/IPR, Bhubaneswar Dated:31.10.2025

REQUEST FOR PROPOSAL SHORT TENDER NOTICE

1. The Director, Information & Public Relations Department, Government of Odisha (The Client) invites Request For Proposal (RFP) from eligible bidders for Conceptualisation, Design and Fabrication of a Tableau to be presented on the occasion of the Republic Day Parade-2026 in New Delhi.
2. Key objectives, scope of work, eligibility requirement, technical specifications and other details may be seen in and downloaded from https://inpr.odisha.gov.in or https://odisha.gov.in.
3. Last date for receipt of sealed proposal is 06.11.2025 by 05.00 P.M.
4. RFP will be opened on 07.11.2025 at 11.30 AM in the Conference Hall, Lok-Sampark Bhawan, Unit-V, Keshari Nagar, Bhubaneswar.
5. The I&PR Department have the right to accept or reject the Tender(s) without assigning any reason thereof.


Sd./-
DIRECTOR

OIPR-15001/11/1249/2526

# ଡିଜିଟାଲ୍ ସନ୍‌ସେଟ୍

**ପ୍ରତିଦିନ ସୂର୍ଯ୍ୟାସ୍ତ ପରେ ବା ରାତିରେ ଶୋଇବାର କିଛି ଘଣ୍ଟା ପୂର୍ବରୁ ଡିଜିଟାଲ୍ ଗ୍ୟାଜେଟ୍‌ଗୁଡ଼ିକଠାରୁ ସମ୍ପୂର୍ଣ୍ଣ ଭାବେ ଦୂରେଇ ରହିବାର ଅଭ୍ୟାସକୁ ଡିଜିଟାଲ୍ ସନ୍‌ସେଟ୍ କୁହାଯାଏ, ଯାହାକି ମଣିଷକୁ ଉଭୟ ଶାରୀରିକ ଏବଂ ମାନସିକ ସ୍ତରରେ ସୁସ୍ଥ ରଖିବାରେ ସାହାଯ୍ୟ କରିଥାଏ। ତେଣୁ ସୁସ୍ଥ ରହିବା ଲାଗି ସମସ୍ତେ ବିଶେଷକରି ଯୁବପିଢ଼ି ଏହି ଉପାୟ ଆପଣାଇବା ଦରକାର...**





ବର୍ତ୍ତମାନ ଅଧିକାଂଶ ଯୁବପିଢ଼ିଙ୍କଠାରେ ଦିନ ହେଉ ଅବା ରାତି, ସବୁ ସମୟରେ ମୋବାଇଲ୍ ଓ ଲାପ୍‌ଟପ୍ ଆଦି ଇ-ଗ୍ୟାଜେଟ୍ ବ୍ୟବହାର କରିବା ଯେମିତି ଏକ ନିଶାରେ ପରିଣତ ହୋଇଯାଇଛି। ଯାହା ବିନା କିଛି ସମୟ ବିତାଇବା ଯେମିତି ସେମାନଙ୍କ ପାଇଁ ଅସମ୍ଭବ ପାଲଟିଯାଇଛି। ହେଲେ ଏହାର ଅଧିକ ବ୍ୟବହାର ସେମାନଙ୍କ ଉଭୟ ଶାରୀରିକ ଏବଂ ମାନସିକ ସ୍ୱାସ୍ଥ୍ୟ ଉପରେ ନକାରାତ୍ମକ ପ୍ରଭାବ ପକାଉଛି, ଯେଉଁଥିରୁ ଦୂରେଇ ରହିବା ଲାଗି ବର୍ତ୍ତମାନ ଅନେକଙ୍କ ପାଇଁ ଡିଜିଟାଲ୍ ସନ୍‌ସେଟ୍ ଏକ ଭଲ ଉପାୟ ପାଲଟିଛି। ଜାଣନ୍ତୁ ଏହା କ'ଣ ଏବଂ ଏହାର କେଉଁ ସବୁ ଉପକାରିତା ରହିଛି...

➔ ଅସ୍ତ ପରେ ସୂର୍ଯ୍ୟ ଆଲୋକ ଚାଲିଯାଏ ଏବଂ ରାତିର ଅନ୍ଧାର ଆସିଯାଏ। ଆଉ ଏହି ସମୟରେ କୌଣସି କୃତ୍ରିମ ଡିଜିଟାଲ୍ ଗ୍ୟାଜେଟ୍‌ର ଆଲୋକଠାରୁ ନିଜକୁ ଦୂରେଇ ରଖିବା ବା ଏହାକୁ ଅସ୍ତ କରିଦେବା ବିଚାରଧାରାକୁ ନେଇ ଏହି ଉପାୟର ନାମ ଡିଜିଟାଲ୍ ସନ୍‌ସେଟ୍ ରଖାଯାଇଛି।

➔ ଦୀର୍ଘ ସମୟ ଡିଜିଟାଲ୍ ଗ୍ୟାଜେଟ୍ ବ୍ୟବହାର ବିଶେଷକରି ରାତିରେ ବ୍ୟବହାର କରିବା ଦ୍ୱାରା ଏଥିରୁ ନିର୍ଗତ ହେଉଥିବା ନୀଳ ରଶ୍ମି(ବ୍ଲୁ ରେ) ଆମ ମସ୍ତିଷ୍କକୁ ପ୍ରଭାବିତ କରିଥାଏ, ଯାହାକି ନିଦ ପାଇଁ ଆବଶ୍ୟକ ହେଉଥିବା ମେଲାଟୋନିନ୍ ହର୍ମୋନ୍ କ୍ଷରଣକୁ ହ୍ରାସ କରିଦେଇଥାଏ।

➔ ମେଲାଟୋନିନ୍ କମ୍ କ୍ଷରଣ ହେବା କାରଣରୁ ଭଲ ଭାବେ ଏବଂ ଠିକ୍ ସମୟରେ ନିଦ ହୋଇ ନ ଥାଏ। ନିଦର ଗୁଣବତ୍ତା ଖରାପ ହୋଇଥାଏ। ଫଳସ୍ୱରୂପ ପରବର୍ତ୍ତୀ ଦିନରେ ଥକା ଲାଗିବା, ମୁଣ୍ଡ ବୁଲାଇବା, କାର୍ଯ୍ୟକ୍ଷମତା ହ୍ରାସ ପାଇବା ଭଳି ଲକ୍ଷଣ ଦେଖାଦେଇଥାଏ।

➔ ରାତିରେ ଅଧିକ ସମୟ ଡିଜିଟାଲ୍ ଗ୍ୟାଜେଟ୍ ବ୍ୟବହାର ଯୋଗୁ ନିଦ ବାଧାପ୍ରାପ୍ତ ହୋଇଥାଏ। ଫଳରେ ବିରକ୍ତି ଏବଂ ଚିଡ଼ିଚିଡ଼ା ଲାଗିବା କିମ୍ବା ମାନସିକ ଚିନ୍ତା, ଅବସାଦ ଭଳି ସମସ୍ୟା ବି ଉପୁଜିଥାଏ।

➔ ରାତିରେ ଅଧିକ ସମୟ ଇ-ଗ୍ୟାଜେଟ୍ ବ୍ୟବହାର କଲେ ଏହାର ଲାଇଟ୍ ଆଖି ଉପରେ ନକାରାତ୍ମକ ପ୍ରଭାବ ପକାଇଥାଏ। ଫଳରେ ଆଖି ଲାଲ୍ ପଡ଼ିବା, କୁଣ୍ଡେଇ ହେବା, ଦୃଷ୍ଟିଶକ୍ତି ହ୍ରାସ ହେବା ଭଳି ସମସ୍ୟା ଉପୁଜିଥାଏ।

**କିପରି କରିବେ:**

★ ମୋବାଇଲ୍ ଏବଂ ଅନ୍ୟ ଡିଜିଟାଲ୍ ଗ୍ୟାଜେଟ୍‌ଠୁ ଦୂରେଇ ରହିବା ଲାଗି ସର୍ବପ୍ରଥମେ ମାନସିକ ସ୍ତରରେ ପ୍ରସ୍ତୁତ ହୁଅନ୍ତୁ। କାରଣ ମାତ୍ର କିଛି ସମୟ ମନକୁ ବୁଝାଇ ରଖି ପୁନର୍ବାର ଏହାକୁ ବ୍ୟବହାର କରିବା ଦ୍ୱାରା କୌଣସି ସୁଫଳ ମିଳି ନ ଥାଏ। ତେଣୁ ପ୍ରତିଦିନ ସଂଧ୍ୟା ପରେ କିମ୍ବା ଶୋଇବାର ୨-୩ ଘଣ୍ଟା ପୂର୍ବରୁ ଏସବୁଠାରୁ କିପରି ଦୂରେଇ ରହିବେ, ସେଥିପାଇଁ ଏକ ନିର୍ଦ୍ଦିଷ୍ଟ ସମୟସୀମା ଧାର୍ଯ୍ୟ କରନ୍ତୁ।

★ କେବଳ ପଢ଼ିବା ପାଇଁ କିମ୍ବା କୌଣସି ଅତ୍ୟାବଶ୍ୟକ ଅନ୍‌ଲାଇନ୍ କାର୍ଯ୍ୟ ନ ଥିଲେ ମୋବାଇଲ୍ ଓ ଲାପ୍‌ଟପ୍ ଆଦିଠୁ ସମ୍ପୂର୍ଣ୍ଣ ଦୂରରେ ରଖନ୍ତୁ। ଧୀରେ ଧୀରେ ସେହି ସମୟ ଅବଧିକୁ ବଢ଼ାଇବା ଦ୍ୱାରା ଅଧିକ ଉପକୃତ ହୋଇପାରିବେ।

★ ଏହି ସମୟରେ ଫୋନ୍‌ର ନୋଟିଫିକେଶନ୍ ଅଫ୍ କରିଦିଅନ୍ତୁ। ନଚେତ୍ ବାରମ୍ବାର ଏଥିପାଇଁ ଆସୁଥିବା ପପ୍‌ଅପ୍ ଏବଂ ସାଉଣ୍ଡ ମନକୁ ଡିଷ୍ଟର୍ବ କରିପାରେ। ନୋଟିଫିକେଶନ୍ ନ ଆସିବା ଲାଗି ଫୋନର ଡାଟା ଅଫ୍ ରଖିବା ସବୁଠୁ ଭଲ ଉପାୟ। ଏହାଦ୍ୱାରା କେବଳ କଲ୍ ଆସିଲେ ଉଠାଇ ପାରିବେ।

★ ପ୍ରଥମେ ପ୍ରଥମେ ଡିଜିଟାଲ୍ ଗ୍ୟାଜେଟ୍‌ଠୁ ଦୂରେଇବା କଷ୍ଟ ହୋଇପାରେ ହେଲେ ଅସମ୍ଭବ ନୁହେଁ। ତେଣୁ ସଂଧ୍ୟା ପରେ ଯଦି ଛାତ୍ରୀ ଛାତ୍ର ହୋଇଥାନ୍ତି ତେବେ ପଢା ପାଇଁ ଅଧିକ ସମୟ ଦିଅନ୍ତୁ। ଏହାପରେ ପରିବାର ସହ କ୍ଲାସି ଟାଇମ୍ ବିତାନ୍ତୁ, ଏକାଠି ବସି ଖାଆନ୍ତୁ, ନିଜ ପସନ୍ଦର ବହି ପଢନ୍ତୁ, ପେଣ୍ଟିଂ କିମ୍ବା ଅନ୍ୟ କୌଣସି ରୁଚି ଥିଲେ ଏଥିପାଇଁ କିଛି ସମୟ ଦିଅନ୍ତୁ, ଯୋଗ, ବ୍ୟାୟାମ ଆଦି କରନ୍ତୁ, ହଷ୍ଟେଲ୍ କିମ୍ବା ମେସ୍‌ରେ ରହୁଥିଲେ ସାଙ୍ଗସାଥିଙ୍କ ସହ ଗପ୍‌ସପ୍ କରନ୍ତୁ।

## କ'ଣ ରହିଛି ଉପକାରିତା

❖ ଆଜିକାଲି ଯୁବପିଢ଼ି ରାତିବେଳା ଫୋନ୍, ଲାପଟପ୍ ଆଦି ଇ-ଗ୍ୟାଜେଟ୍‌କୁ ପାଠପଢ଼ା ବ୍ୟତୀତ ସୋସିଆଲ୍ ମିଡିଆଠୁ ଆରମ୍ଭ କରି ଗେମିଂ ଓ ଅନ୍ୟ ଆପ୍ ବ୍ୟବହାର କରିବା ଲାଗି ଅଧିକ ସମୟ ଦେଉଛନ୍ତି। ହେଲେ ରାତିରେ ଆଦୌ ଏସବୁ ବ୍ୟବହାର ନ କରିବା ଦ୍ୱାରା ମନ ସ୍ଥିର ହୋଇଥାଏ ଏବଂ ପାଠପଢ଼ାରେ ଧ୍ୟାନ କେନ୍ଦ୍ରିତ ହୋଇଥାଏ।

❖ ରାତିରେ ଡିଜିଟାଲ୍ ଗ୍ୟାଜେଟ୍ ବ୍ୟବହାର ନ କଲେ ମେଲାଟୋନିନ୍ ହରମୋନ୍ କ୍ଷରଣ ଠିକ୍ ଭାବେ ହୋଇ ନିଦ ଭଲ ଭାବେ ପୂରା ହୋଇଥାଏ। ଫଳରେ ମସ୍ତିଷ୍କକୁ ପର୍ଯ୍ୟାପ୍ତ ବିଶ୍ରାମ ମିଳିଥାଏ, ଫଳରେ ଉଭୟ ମାନସିକ ଏବଂ ଶାରୀରିକ ସ୍ତରରେ ମଣିଷ ଫିଟ୍ ରହିଥାଏ।

❖ ଡିଜିଟାଲ୍ ସନ୍‌ସେଟ୍ ଦ୍ୱାରା ସ୍କ୍ରିନ୍ ଟାଇମ୍ କମ୍ ହେବା ଯୋଗୁ ଆଖିକୁ ରେଷ୍ଟ ମିଳିଥାଏ, ଯାହାକି ବ୍ଲର ଆଇ ଭିଜନ୍, ରେଡ୍ ଆଇ, ଡ୍ରାଏ ଆଇ ଏବଂ ମୁଣ୍ଡବିନ୍ଧା ଭଳି ସମସ୍ୟାଠୁ ଦୂରେଇ ରଖିଥାଏ।

❖ ଏହି ଉପାୟ ଆପଣେଇଲେ ଅଧିକ ସମୟ ଇ-ଗ୍ୟାଜେଟ୍ ବ୍ୟବହାର ପାଇଁ ବସିବା ପୋଷ୍ଚର ଖରାପ ହେବା ଯୋଗୁ ହେଉଥିବା କାନ୍ଧ, ବେକ ଆଦି ବିନ୍ଧା ଭଳି କେତେକ ସମସ୍ୟାଠୁ ଦୂରେଇ ରଖିବାରେ ସାହାଯ୍ୟ କରିଥାଏ।









## ଏ ସପ୍ତାହର ପ୍ରଶ୍ନ

୧- ସାଇଲେଣ୍ଟ ଭ୍ୟାଲି ନ୍ୟାଶନାଲ୍ ପାର୍କ .......... ରାଜ୍ୟରେ ଅବସ୍ଥିତ?
୨- ଗ୍ଲୋବାଲ୍ ଆଣ୍ଟିବାୟୋଟିକ୍ ରେଜିଷ୍ଟାନ୍ସ ସର୍ଭିଲାନ୍ସ ରିପୋର୍ଟ ୨୦୨୫ ........ ପକ୍ଷରୁ ପ୍ରକାଶ ପାଇଛି?
୩- ଏକ୍ସରସାଇଜ୍ ଓସିଆନ୍ ସ୍କାଏ ୨୦୨୫ ......... ଦେଶରେ ଆୟୋଜିତ ହୋଇଛି?
୪- ନାୟିଙ୍ଗ୍ ହାଇଡ୍ରୋଇଲେକ୍ଟ୍ରିକ୍ ପ୍ରୋଜେକ୍ଟ ........... ରାଜ୍ୟରେ ଅବସ୍ଥିତ?
୫- ଷ୍ଟର୍ମ ଶ୍ୟାଡୋ ମିଶାଇଲ୍ ଦୁଇ ଦେଶ ୟୁନାଇଟେଡ୍ କିଙ୍ଗ୍‌ଡମ୍ ଏବଂ ......... ର ମିଳିତ ଉଦ୍ୟମରେ ନିର୍ମିତ ହୋଇଛି?

## ଗତ ଥରର ଉତ୍ତର

୧ ଜମ୍ମୁ-କାଶ୍ମୀର
୨ ଡିଫେନ୍ସ ରିସର୍ଚ୍ଚ ଆଣ୍ଡ ଡେଭେଲପ୍‌ମେଣ୍ଟ ଅର୍ଗାନାଇଜେଶନ୍
୩ ଇଟାଲୀ
୪ ଇଣ୍ଡୋନେସିଆ
୫ ଡେନିସ୍ ପାପିନ୍

## ଉତ୍ତରଦାତା



ନିର୍ବିକଳ୍ପ ନାଥ, ଘଣ୍ଟେଶ୍ୱର



ଶେଖ୍ ୟାକୁବ୍, ଗୋପ

## ଟପ୍ ଟେନ୍ ୧୦

### ସବୁଠୁ ଅଧିକ ଦେଖାଯାଇଥିବା ଫିଲ୍ମ-୨୦୨୫

୧ .......... ଏ ମାଇନ୍‌କ୍ରାଫ୍ଟ ମୁଭି
୨ .......... ଲିଲୋ ଆଣ୍ଡ ସ୍ଟିଚ୍
୩ .......... ସୁପରମ୍ୟାନ୍
୪ .......... ଜୁରାସିକ୍ ୱାର୍ଲ୍ଡ: ରିବାର୍ଥ
୫ .......... ସିନର୍ସ
୬ .......... ଦି ଫାଣ୍ଟାଷ୍ଟିକ୍ ଫୋର୍: ଫାଷ୍ଟ ଷ୍ଟେପ୍ସ
୭ .......... ହାଉ ଟୁ ଟ୍ରେନ୍ ୟୋର୍ ଡ୍ରାଗନ୍
୮ .......... କ୍ୟାପ୍‌ଟେନ୍ ଆମେରିକା: ବ୍ରେଭ୍ ନ୍ୟୁ ୱାର୍ଲ୍ଡ
୯ .......... ମିଶନ୍ ଇମ୍ପସିବଲ୍- ଦି ଫାଇନାଲ୍ ରେକନିଂ
୧୦ .......... ଦି କଞ୍ଜୁରିଂ: ଲାଷ୍ଟ ରାଇଟ୍ସ

**ସୂଚନା:** ଆଗାମୀ ଆଶା ପୃଷ୍ଠାରେ ଦିଆଯାଇଥିବା ପ୍ରଶ୍ନର ଉତ୍ତର ସହ ନିଜ ନାମ, ଠିକଣା, ଫଟୋ ଏବଂ ମତାମତ ଲେଖି ପଠାନ୍ତୁ।
**ଇ-ମେଲ୍ ଠିକଣା:** dharitriagamiasha@gmail.com


# ଅଜବ ସ୍ଥାପତ୍ୟ

**ପୃଥିବୀର ବିଭିନ୍ନ ସ୍ଥାନରେ ଏମିତି କେତେକ ଅଜବ ସ୍ଥାପତ୍ୟ ରହିଛି, ଯାହାକୁ ଦେଖିଲେ ଯେ କେହି ଆଶ୍ଚର୍ଯ୍ୟ ହୋଇଯିବେ। ସେହିଭଳି କେତେକ ସ୍ଥାପତ୍ୟ ସମ୍ପର୍କରେ...**



**ଏନ୍‌ଗେଜ୍‌ମେଣ୍ଟ:** କାନାଡ଼ାର କଲମ୍ବିଆରେ ଥିବା ଭାନ୍‌କଭର୍‌ରେ ରହିଛି ସନ୍‌ସେଟ୍ ବିଚ୍, ଯେଉଁଠାରେ ରହିଛି ୨ଟି ୩୦ ଫୁଟ୍ ଉଚ୍ଚତା ବିଶିଷ୍ଟ ଏନ୍‌ଗେଜ୍‌ମେଣ୍ଟ ରିଙ୍ଗ୍‌ର ସ୍ଥାପତ୍ୟ, ଯାହାକୁ ୨୦୦୫ ମସିହାରେ ଡେନିସ୍ ଓପେନ୍‌ହେମ୍‌ଙ୍କ ନିର୍ମାଣ କରିଥିଲେ। ଏହାକୁ ନିର୍ମାଣ କରିବା ଲାଗି ସେ ଆଲୁମିନିୟମ, ଷ୍ଟେନ୍‌ଲେସ୍ ଷ୍ଟିଲ୍ ଏବଂ ଟ୍ରାସ୍‌ଲୁସେଣ୍ଟ ପ୍ଲେକ୍ସିଗ୍ଲାସ୍ ବକ୍ସ ବ୍ୟବହାର କରିଛନ୍ତି।

**ଦି ଫୋର୍କ:** ସ୍ୱିଜରଲାଣ୍ଡର ଭିଭେ ସହରସ୍ଥିତ ଜେନେଭା ହ୍ରଦରେ ରହିଛି ଏକ ଷ୍ଟେନ୍‌ଲେସ୍ ଷ୍ଟିଲ୍‌ରେ ପ୍ରସ୍ତୁତ ଫୋର୍କର ସ୍ଥାପତ୍ୟ। ଆକାଶରୁ ପାଣି ଭିତରୁ ଖସୁଥିବା ଭଳି ଡିଜାଇନ୍ ହୋଇଥିବା ଏହି ଫୋର୍କର ଓଜନ ୯୨୯ ପାଉଣ୍ଡ ହୋଇଥିବା ବେଳେ ଉଚ୍ଚତା ୨୬ ଫୁଟ। ସେଥିପାଇଁ ପୃଥିବୀର ସବୁଠୁ ବଡ଼ ଫୋର୍କ ଭାବେ ଏହା ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସରେ ମଧ୍ୟ ସ୍ଥାନ ପାଇଛି। ତେବେ ପୃଥିବୀର ପ୍ରଥମ ଫୁଡ୍ ମ୍ୟୁଜିୟମ୍ ଆଲମେଣ୍ଟାରିଅମ୍‌ର ୧୦ମ ବାର୍ଷିକ ଉତ୍ସବ ଅବସରରେ ସ୍ୱିସ୍ ଆର୍ଟିଷ୍ଟ ଜିନ୍ ପିରେ ଜାଉଗ୍ ଏହି ଫୋର୍କକୁ ନିର୍ମାଣ କରିଥିଲେ। ଏହା ସେଠାକାର ଏକ ଲୋକପ୍ରିୟ ପର୍ଯ୍ୟଟନସ୍ଥଳ ପାଲଟିଛି।



**ହ୍ୟାଣ୍ଡ ଅଫ୍ ଦ ଡେଜର୍ଟ:** ଚିଲିସ୍ଥିତ ଆଟାକାମ ମରୁଭୂମିରେ ରହିଛି ଏକ ବିଶାଳ ହାତର କଳାକୃତି। ଏହାକୁ ନିର୍ମାଣ କରିଛନ୍ତି ମ୍ୟାରିଓ ଇରାଜାବାଲ୍। ମରୁଭୂମି ଭିତରୁ ବାହାରିଥିବା ପ୍ରାୟ ୩୬ ଫୁଟ ଉଚ୍ଚତା ବିଶିଷ୍ଟ ଏହି ହାତ ଦେଖିବାକୁ ସେଠାରେ ପର୍ଯ୍ୟଟକଙ୍କ ଭିଡ଼ ଜମେ।



**ଯୁବ ପ୍ରତିଭା**

# ସଙ୍ଗୀତ ମାଧ୍ୟମରେ କ୍ୟାନ୍‌ସର ରୋଗୀଙ୍କ ସେବାରେ ବ୍ରତୀ

ସଙ୍ଗୀତରେ ଏଭଳି ଯାଦୁକରି ଶକ୍ତି ରହିଛି, ଯାହାକି ଏକ ଅବସାଦଗ୍ରସ୍ତ ମନକୁ ଶାନ୍ତ କରି ଖୁସି ଭରିଦେଇପାରେ, ଏକ କଷ୍ଟଭରା ଜୀବନରେ ପ୍ରାଣ ଭରିଦେଇପାରେ ; ଯେଉଁଥିପାଇଁ ମେଡିକାଲ୍ ସାଇନ୍ସରେ ମ୍ୟୁଜିକ୍‌କୁ ଏକ ଥେରାପି ଭାବେ ଗ୍ରହଣ କରାଯାଇଛି। ଆଉ ଏ କଥାକୁ ସେ କେବଳ ବୁଝିନାହାନ୍ତି ବରଂ ନିଜ ସଙ୍ଗୀତ ଦ୍ୱାରା କ୍ୟାନ୍‌ସର ରୋଗୀଙ୍କ କଷ୍ଟଭରା ଜୀବନରେ ଖୁସି ଭରିଦେବାକୁ ଜୀବନର ବ୍ରତ ଭାବେ ବାଛି ନେଇଛନ୍ତି। ସେ ହେଉଛନ୍ତି ନିକଟରେ ଇଣ୍ଡିଆନ୍ ଆଇଡଲ୍ ଭଳି ଏକ ଜାତୀୟସ୍ତରୀୟ ସଙ୍ଗୀତ ପ୍ରତିଯୋଗିତାରେ ଶ୍ରେଷ୍ଠ ୧୬ତମ ସ୍ଥାନ ପାଇଁ ମନୋନୀତ ହୋଇଥିବା କଣ୍ଠଶିଳ୍ପୀ ଜ୍ୟୋତିର୍ମୟୀ ନାୟକ। ସେ ଭୁବନେଶ୍ୱର ପଳାଶୁଣୀରେ ମା' ଗୌରୀ ଏବଂ ବାପା ଚକ୍ରଧର ନାୟକଙ୍କ ସହ ରହୁଛନ୍ତି।

ଓଡ଼ିଆରେ ଅନେକ ସିନେମା ସମେତ ଭଜନ, ୟୁଟ୍ୟୁବ୍ ଚ୍ୟାନେଲ୍‌ର ବିଭିନ୍ନ ଆଲ୍‌ବମ୍ ପାଇଁ କଣ୍ଠଦାନ କରି ଲୋକପ୍ରିୟ ହୋଇ ପାରିଛନ୍ତି। ପିଲାବେଳୁ ଗୀତ ଗାଇବାରେ ତାଙ୍କର ବିଶେଷ ରୁଚି ରହିଥିଲା। ସେ ଯେକୌଣସି ଗୀତ ଶୁଣିବାମାତ୍ରେ ଏହାକୁ ମନେରଖିବା ସହ ସ୍ୱର, ଲୟରେ ଗୁଣୁଗୁଣଉ ଥିବା ଦେଖି ଅଭିଭାବକ ୪ର୍ଥ ଶ୍ରେଣୀରେ ପଢ଼ିବା ବେଳେ ତାଙ୍କର ସଙ୍ଗୀତ ଶିକ୍ଷା ଆରମ୍ଭ କରିଥିଲେ। ସେ ହିନ୍ଦୁସ୍ତାନ କ୍ଲାସିକାଲ୍ ଏବଂ ଅନ୍ୟ ମ୍ୟୁଜିକ୍ ଶିକ୍ଷା କରିଛନ୍ତି। ସେ କିଟ୍ ବିଶ୍ୱବିଦ୍ୟାଳୟରୁ କମ୍ପ୍ୟୁଟର ସାଇନ୍ସ ବିଭାଗରେ ବି.ଟେକ୍ ସମାପ୍ତ କରିବା ପରେ ଚେନ୍ନାଇର ସ୍କୁଲ୍ ଅଫ୍ ମ୍ୟୁଜିକ୍ ଥେରାପିରେ ପିଜିଡିଏମ୍ ଶିକ୍ଷା ଗ୍ରହଣ କରିଛନ୍ତି। ୨୦୨୩ରୁ କ୍ୟାନ୍‌ସର ରୋଗୀଙ୍କୁ ମ୍ୟୁଜିକ୍ ଥେରାପି ଦେଇଆସୁଛନ୍ତି। ସେ କୁହନ୍ତି, କ୍ୟାନ୍‌ସର ପୀଡ଼ିତଙ୍କୁ ମ୍ୟୁଜିକ୍ ଥେରାପି ଦେବା ମୋ' ଜୀବନର ଏକ ବଡ଼ ଉପଲବ୍ଧି। କାରଣ ମୋ ସଙ୍ଗୀତ ସେମାନଙ୍କ ମାନସିକ ଓ ଶାରୀରିକ ସ୍ତରରେ ସକାରାତ୍ମକ ପ୍ରଭାବ ପକାଉଛି ବୋଲି କହି ଯେବେ ସେମାନେ ଆଶୀର୍ବାଦ ଦିଅନ୍ତି, ନିଜ ସଙ୍ଗୀତ କଳା ସାଧନା ସଫଳ ହୋଇପାରିଛି ବୋଲି ମନେହୁଏ। ଏହା ସଙ୍ଗୀତ ସେବା ମାଧ୍ୟମରେ ସେମାନଙ୍କ କଷ୍ଟ କିଛିମାତ୍ରାରେ ଲାଘବ କରି ପାରୁଥିବାରୁ ଯେଉଁ ଅପୂର୍ବ ଆନନ୍ଦ ମିଳୁଛି ତାହା ଅବର୍ଣ୍ଣନୀୟ। ତେବେ ଇଣ୍ଡିଆନ୍ ଆଇଡଲ୍ ମଞ୍ଚରେ ବିଚାରକଙ୍କଠାରୁ ଆରମ୍ଭ କରି ମ୍ୟୁଜିସିଆନ୍, ଦର୍ଶକଙ୍କ ପର୍ଯ୍ୟନ୍ତ ସମସ୍ତେ ଏହି ମହତ୍ କାର୍ଯ୍ୟ ସମ୍ପର୍କରେ ଜାଣି ଅତ୍ୟନ୍ତ ଖୁସି ହୋଇଥିଲେ ଏବଂ ସାଧୁବାଦ ଜଣାଇଥିଲେ, ଯାହାକି ମୋର ମନୋବଳକୁ ଆହୁରି ସୁଦୃଢ଼ କରିଥିଲା। ଆଗକୁ ସଙ୍ଗୀତ କ୍ଷେତ୍ରରେ ଯେତେ ଆଗକୁ ଗଲେ ମଧ୍ୟ ଏହି ସେବାକାର୍ଯ୍ୟ ସବୁବେଳେ ଜାରି ରଖିବି।



ସେ ବର୍ତ୍ତମାନ ସୁଦ୍ଧା ଓଡ଼ିଆ ଚଳଚ୍ଚିତ୍ର ମନ ମୋ କାଗଜ ଗୁଡ଼ିର ଚୋରି ଚୋରି ଚାନ୍ଦିନୀକୁ ରାଜନନ୍ଦିନୀ, ଚାରି ଧାମ ଭିତରୁ ଗୋଟିଏ ଧାମ ଭଳି ଭଜନ, ଆମ ଗାଁ ଝିଅ ଖାଣ୍ଟି ଗୁଆ ଘିଅ, ପାଗଳ ଭଅଁର ଭଳି ଅନେକ ହିଟ୍ ଆଲବମ୍ ଗୀତ ଗାଇ ଲୋକପ୍ରିୟତା ହାସଲ କରିପାରିଛନ୍ତି। କେବଳ ଏତିକି ନୁହେଁ ତାଙ୍କର ଦୁଇଟି ୟୁଟ୍ୟୁବ୍ ଚ୍ୟାନେଲ୍ ରହିଛି, ଯେଉଁଥିରେ ଲକ୍ଷାଧିକ ସବ୍‌ସ୍କ୍ରାଇବର ମଧ୍ୟ ରହିଛନ୍ତି। ଏଥିରେ ସେ କ୍ଲାସିକାଲ୍, ମଡର୍ଣ୍ଣ, ଭଜନ ଆଦି ବିଭିନ୍ନ ଷ୍ଟାଇଲ୍‌ର ଗୀତ ଗାଇ ଦର୍ଶକଙ୍କ ଠାରୁ ବେଶ୍ ପ୍ରଶଂସା ସାଉଁଟି ପାରିଛନ୍ତି। ସେ ରାଜ୍ୟସ୍ତରୀୟ ଅକ୍ଷୟ ସଙ୍ଗୀତ କାର୍ଯ୍ୟକ୍ରମରେ ପ୍ରଥମ, ସମ୍ଭାବନା ପକ୍ଷରୁ ଆୟୋଜିତ ଲତାଜୀ ସଙ୍ଗ୍ କମ୍ପିଟିଶନ୍‌ରେ ପ୍ରଥମ ହେବା ସହ ଅନେକ ସଙ୍ଗୀତ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ପୁରସ୍କୃତ ହୋଇଛନ୍ତି। ସେ ନିଜ ସମସ୍ତ ସଫଳତାର ଶ୍ରେୟ ଅଭିଭାବକ, ଗୁରୁଙ୍କୁ ଦେଇଛନ୍ତି। ତେବେ ପ୍ରଭୁ ଜଗନ୍ନାଥଙ୍କ ଆଶୀର୍ବାଦରୁ ଇଣ୍ଡିଆନ୍ ଆଇଡଲ୍ ଭଳି ଏକ ଜାତୀୟସ୍ତରୀୟ ସଙ୍ଗୀତ ପ୍ରତିଯୋଗିତାରେ ଶ୍ରେଷ୍ଠ ୧୬ତମ ସ୍ଥାନ ପାଇଁ ମନୋନୀତ ହୋଇପାରିଥିବାରୁ ବହୁତ ଖୁସି ଏବଂ ଆଗକୁ ଭଲ ସଙ୍ଗୀତ ପରିବେଷଣ କରି ଓଡ଼ିଶା ପାଇଁ ଗୌରବ ଆଣିବା ଲକ୍ଷ୍ୟ ରଖିଛନ୍ତି ବୋଲି ପ୍ରକାଶ କରିଛନ୍ତି ଜ୍ୟୋତିର୍ମୟୀ।

-ପୌର୍ଣ୍ଣମାସୀ



ମା' ଗୌରୀ ଏବଂ ବାପା ଚକ୍ରଧରଙ୍କ ସହ ଜ୍ୟୋତିର୍ମୟୀ



ନୂଆଦିଲ୍ଲୀର ରାଷ୍ଟ୍ରପତି ଭବନ ନିକଟରେ ବାୟୁ ପ୍ରଦୂଷଣକୁ ରୋକିବା ଲାଗି ଆଣ୍ଟି-ସ୍ମୋଗ୍ ଗନ୍‌ରୁ ଜଳକଣା ସ୍ପ୍ରେ କରାଯାଉଛି। ଶନିବାର ଦିଲ୍ଲୀ ବାୟୁ ଗୁଣବତ୍ତା ସୂଚକାଙ୍କ(ଏକ୍ୟୁଆଇ) ୨୫୧ ରହିଛି।

## ଆଜି ସବୁଠୁ ଓଜନଦାର ସାଟେଲାଇଟ୍ ଲଞ୍ଚ୍ କରିବ ଇସ୍ରୋ



**ଶ୍ରୀହରିକୋଟା,୧।୧୧(ପି.ଟି.)**

ଭାରତୀୟ ମହାକାଶ ଗବେଷଣା ପ୍ରତିଷ୍ଠାନ (ଇସ୍ରୋ) ରବିବାର ଆନ୍ଧ୍ରପ୍ରଦେଶ ଶ୍ରୀହରିକୋଟାସ୍ଥିତ ସତୀଶ ଧାୱନ୍ ମହାକାଶ କେନ୍ଦ୍ରରୁ ସିଏମ୍‌ଏସ୍-୦୩ ଯୋଗାଯୋଗ ଉପଗ୍ରହକୁ କକ୍ଷପଥକୁ ଛଡ଼ାଯିବ। ଏହି ସାଟେଲାଇଟ୍‌ର ଓଜନ ୪,୪୧୦ କିଲୋଗ୍ରାମ ଯାହାକି ଭାରତ ମାଟିରୁ ଉତ୍କ୍ଷେପଣ ହୋଇ ଏକ ଭୂ-ସମକାଳୀକ ସ୍ଥାନାନ୍ତର କକ୍ଷ(ଜିଟିଓ)ରେ ଅବସ୍ଥାପିତ ହେବାରେ ସବୁଠୁ ଓଜନଦାର ଉପଗ୍ରହ ହେବ ବୋଲି ଇସ୍ରୋ ପକ୍ଷରୁ କୁହାଯାଇଛି। ସବୁଠୁ ଶକ୍ତିଶାଳୀ ଏଲ୍‌ଭିଏମ୍‌୩-ଏମ୍‌୫ ରକେଟରେ ଏହି ସାଟେଲାଇଟ୍‌କୁ ଉତ୍କ୍ଷେପଣ କରାଯିବ। ୪୩.୫ ମଟର ଉଚ୍ଚର ଉକ୍ତ ବାହୁବଳୀ ରକେଟକୁ ସମ୍ପୂର୍ଣ୍ଣ ଆସେମ୍ବ୍ଲି କରାଯିବା ସହ ଏୟାରକ୍ରାଫ୍ଟରେ ସଂଯୋଗ କରାଯାଇଛି। ଲଞ୍ଚ୍ ପୂର୍ବରୁ ଏହାକୁ ଦ୍ୱିତୀୟ ଲଞ୍ଚ୍ ପ୍ୟାଡ୍‌କୁ ନିଆଯିବ ବୋଲି ବେଙ୍ଗାଲୁରୁସ୍ଥିତ ସ୍ପେସ୍ ଏଜେନ୍ସି କହିଛି।

## ସଂକ୍ଷେପରେ

### ମାନବ ବୋମା ଆତଙ୍କ: ହାଇଦ୍ରାବାଦ ଯାଉଥିବା ବିମାନ ମୁମ୍ବାଇ ଫେରିଲା

**ହାଇଦ୍ରାବାଦ,୧।୧୧**

ଜେଦାହରୁ ହାଇଦ୍ରାବାଦ ଯାଉଥିବା ଇଣ୍ଡିଗୋ ଏୟାରଲାଇନ୍ସର ଏକ ବିମାନରେ ମାନବ ବୋମା ରହିଥିବାର ଧମକପୂର୍ଣ୍ଣ ଇମେଲ୍ ଶନିବାର ରାଜୀବ ଗାନ୍ଧୀ ଅନ୍ତର୍ଜାତୀୟ ଏୟାରପୋର୍ଟକୁ ମିଳିବା ପରେ ଉକ୍ତ ବିମାନକୁ ମୁମ୍ବାଇ ନିଆଯାଇ ସୁରକ୍ଷିତ ଅବତରଣ କରାଯାଇଛି। ବିମାନବନ୍ଦର କର୍ତ୍ତୃପକ୍ଷ ପୋଲିସରେ କରିଥିବା ଅଭିଯୋଗ ଅନୁଯାୟୀ, ସକାଳ ୫ଟା ୩୦ରେ ସେମାନେ ଏକ ଧମକପୂର୍ଣ୍ଣ ଇମେଲ୍ ପାଇଥିଲେ। ହାଇଦ୍ରାବାଦ ବିମାନବନ୍ଦରରେ ଇଣ୍ଡିଗୋର ୬ଇ୬୮ ନମ୍ବର ବିମାନ ଅବତରଣକୁ ରୋକିବା ପାଇଁ ସେଥିରେ ସତର୍କ କରିଦିଆଯାଇଥିଲା। ବିମାନରେ ଏଲ୍‌ଟିଟିଇ-ଆଇଏସ୍‌ଆଇର କେତେଜଣ ଅପରେଟିଭ୍ ରହିଛନ୍ତି। ସେମାନେ ୧୯୮୪ର ମାଡ୍ରାସ ଏୟାରପୋର୍ଟ ବିସ୍ଫୋରଣ ଭଳି ଅନୁରୂପ ଆକ୍ରମଣ କରିବାକୁ ଯୋଜନା କରିଥିବା ଇମେଲ୍‌ରେ କୁହାଯାଇଥିଲା। ଏନେଇ ସମସ୍ତଙ୍କୁ ସତର୍କ କରିଦିଆଯିବା ସହ ବିମାନକୁ ମୁମ୍ବାଇ ଏୟାରପୋର୍ଟ ନିଆଯାଇଥିଲା। ସେଠାରେ ସମସ୍ତ ସୁରକ୍ଷାଗତ ଯାଞ୍ଚ କରାଯାଇଥିବାବେଳେ ମାନବବୋମା ଥିବାର କୌଣସି ସୂଚନା ମିଳିନାହିଁ।

### ନ୍ୟାୟ ପାଇଁ ୫୦ ବର୍ଷର ଆଇନଗତ ଲଢ଼େଇ

**ଭୋପାଳ,୧।୧୧**

ଏକ ହିନ୍ଦୀ ଫିଲ୍ମରେ ଅଭିନେତା ସନ୍ନି ଦେଓଲ ଅଦାଲତରେ କହିଥିଲେ, 'କେବଳ ତାରିଖ ପରେ ତାରିଖ ଚାଲିଛି, କିନ୍ତୁ ନ୍ୟାୟ ମିଳୁନାହିଁ। ଗ୍ୱାଲିୟରର ଜଣେ ୭୯ ବର୍ଷୀୟା ମହିଳାଙ୍କ କ୍ଷେତ୍ରରେ ଅନୁରୂପ ଘଟଣା ଘଟିଛି। ମିଥିଲେଶ ଶ୍ରୀବାସ୍ତବ ନାମ୍ନୀ ମହିଳା ତାଙ୍କ ସ୍ୱାମୀଙ୍କ ଗ୍ରାଚ୍ୟୁଇଟି, ପେନ୍‌ସନ ଆଦି ପାଇଁ ୫୦ ବର୍ଷ ହେଲା କୋର୍ଟରେ ଅଇନଗତ ଲଢ଼େଇ କରିଆସୁଛନ୍ତି। ଏହି ୫୦ ବର୍ଷରେ ସେ କେବଳ କୋର୍ଟ ସମନ ଓ ନୂଆ ଶୁଣାଣି ତାରିଖ ବ୍ୟତୀତ ଅନ୍ୟ କିଛି ପାଇ ନାହାନ୍ତି। ମିଥିଲେଶଙ୍କ ସ୍ୱାମୀ ଶଙ୍କରଲାଲ୍ ମଧ୍ୟପ୍ରଦେଶ ପୋଲିସରେ ୨୩ ବର୍ଷ କାର୍ଯ୍ୟ କରିବା ପରେ ୧୯୭୧ରେ ଇସ୍ତଫା ଦେଇଥିଲେ। ୧୯୮୫ରେ ତାଙ୍କର ମୃତ୍ୟୁ ଘଟିଥିଲା। ସେବେଠାରୁ ତାଙ୍କ ବିଧବା ସ୍ତ୍ରୀ ମାସିକ ମାତ୍ର ୩୩ ଟଙ୍କା ଅସ୍ଥାୟୀ ପେନ୍‌ସନରେ ବଞ୍ଚିଛନ୍ତି। ସ୍ୱାମୀଙ୍କ ପେନ୍‌ସନ, ଗ୍ରାଚ୍ୟୁଇଟି ଓ ଅବସରକାଳୀନ ଅନ୍ୟାନ୍ୟ ସୁବିଧା ପାଇଁ ସେ ବାରମ୍ବାର ବିଭାଗ ନିକଟରେ ଆବେଦନ କରିଥିଲେ ମଧ୍ୟ ପ୍ରଶାସନିକ ସ୍ତରରେ ତାଙ୍କ ଫାଇଲ୍ ହଜିଯାଇଥିଲା। ଶେଷରେ ସେ ଅଦାଲତଙ୍କ ଦ୍ୱାରସ୍ଥ ହୋଇଥିଲେ। ୨୦୦୫ରେ ସିଭିଲ୍ କୋର୍ଟ ତାଙ୍କ ସପକ୍ଷରେ ରାୟ ଦେଇଥିଲେ ମଧ୍ୟ ବିଭାଗ ବିଭିନ୍ନ ଆଳ ଦେଖାଇ ଟଙ୍କା ଦେଇ ନ ଥିଲା। ଏପରିକି ମଧ୍ୟପ୍ରଦେଶ ହାଇକୋର୍ଟ ମଧ୍ୟ ତାଙ୍କୁ କୌଣସି ସହାୟତା କରିପାରି ନାହାନ୍ତି। ହାଇକୋର୍ଟଙ୍କ ଗ୍ୱାଲିୟର ବେଞ୍ଚ୍ ଶେଷ ଶୁଣାଣି ବେଳେ କହିଛନ୍ତି, ଯଦି ଅଦାଲତଙ୍କ ନିର୍ଦ୍ଦେଶ ନଭେମ୍ବର ସୁଦ୍ଧା କାର୍ଯ୍ୟକାରୀ ନ ହୁଏ ତେବେ ଶେଓପୁର ଏସ୍‌ପି କୋର୍ଟରେ ହାଜର ହୋଇ ସ୍ପଷ୍ଟୀକରଣ ଦେବାକୁ ହେବ। ପ୍ରଶାସନ ନ୍ୟାୟ ପ୍ରଦାନରେ ମୌଳିକ କର୍ତ୍ତବ୍ୟକୁ ଭୁଲିଯାଉଥିବା କହି ଅଦାଲତ ଗଭୀର ଅସନ୍ତୋଷ ବ୍ୟକ୍ତ କରିଛନ୍ତି।

# ଭାରତ ମାଓବାଦୀମୁକ୍ତ ହେବାକୁ ଯାଉଛି

## ଛତିଶଗଡ଼ ବିଧାନସଭା ସୌଧ ଉଦ୍‌ଘାଟନ କଲେ ପ୍ରଧାନମନ୍ତ୍ରୀ

**ରାୟପୁର,୧।୧୧**



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଛତିଶଗଡ଼ର ନୂଆ ବିଧାନସଭା ସୌଧକୁ ଉଦ୍‌ଘାଟନ କରୁଛନ୍ତି।

ଛତିଶଗଡ଼ ପୂର୍ବରୁ ମାଓବାଦୀ ହିଂସାପ୍ରବଣ ଏବଂ ପଛୁଆ ରାଜ୍ୟ ଭାବେ ପରିଚିତ ହୋଇଆସୁଥିବାବେଳେ ଏହାର ଗତ ୨୫ ବର୍ଷର ଯାତ୍ରା ପ୍ରେରଣାଦାୟକ, ଯାହା ରାଜ୍ୟକୁ ସମୃଦ୍ଧି, ସୁରକ୍ଷା ଏବଂ ସ୍ଥିରତାର ପ୍ରତୀକ କରିପାରିଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି। ଶନିବାର ଛତିଶଗଡ଼ର ନବ ରାୟପୁର ଅଟଳ ନଗରରେ ନୂଆ ବିଧାନସଭା ସୌଧକୁ ଉଦ୍‌ଘାଟନ କରିବା ଅବସରରେ ଉଦ୍‌ବୋଧନ ଦେଇ ପ୍ରଧାନମନ୍ତ୍ରୀ କହିଛନ୍ତି, ବିଧାନସଭାରୁ ବାହାରୁଥିବା ପ୍ରତ୍ୟେକ ବିଚାରରେ ଜନସେବା, ବିକାଶର ପ୍ରତିଶ୍ରୁତିବଦ୍ଧତା ଏବଂ ଭାରତକୁ ଆହୁରି ଉପରକୁ ନେଇଯିବାର ଆତ୍ମବିଶ୍ୱାସ ଭାବନା ପ୍ରତିଫଳିତ ହେବା ଉଚିତ। ବିଧାନସଭା କେବଳ ଆଇନ ପ୍ରଣୟନର ଏକ ସ୍ଥାନ ନୁହେଁ, ବରଂ ଛତିଶଗଡ଼ର ଭାଗ୍ୟ ନିର୍ଦ୍ଧାରଣର ଏହା ଏକ ଜୀବନ୍ତ କେନ୍ଦ୍ର ଏବଂ ବଳିଷ୍ଠ ଶକ୍ତି ବୋଲି ଆମକୁ ମନେରଖିବାକୁ ହେବ। ଏଠାରେ ଏଭଳି ଆଇନ ପ୍ରଣୟନ ହେବା ଆବଶ୍ୟକ, ଯାହା ସଂସ୍କାରକୁ ଆଗେଇନେବା ସହ ଲୋକଙ୍କ ଜୀବନଯାପନକୁ ସହଜ କରିବ ଏବଂ ସେମାନଙ୍କ ଦୈନନ୍ଦିନ ଜୀବନରୁ ଅନାବଶ୍ୟକ ସରକାରୀ ହସ୍ତକ୍ଷେପକୁ ଦୂର କରିବ। ସରକାରଙ୍କ ଉପସ୍ଥିତିର ଅଭାବ କିମ୍ବା ଅନାବଶ୍ୟକ ପ୍ରଭାବ ରହିବା ଉଚିତ ନୁହେଁ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

ଆତଙ୍କବାଦ ଓ ମାଓବାଦୀ ବିରୋଧୀ ଲଢ଼େଇରେ ଭାରତର ସଫଳତା ସମ୍ପର୍କରେ ପ୍ରଧାନମନ୍ତ୍ରୀ କହିଥିଲେ, ଭାରତ ଆତଙ୍କବାଦୀଙ୍କ ମେରୁଦଣ୍ଡ ଭାଙ୍ଗିଦେଇଛି। ଏବେ ଛତିଶଗଡ଼ ମଧ୍ୟ ମାଓବାଦୀ ହିଂସାରୁ ମୁକ୍ତ ହେବାକୁ ଯାଉଛି। ଏଥିପାଇଁ ଛତିଶଗଡ଼ ଜନସାଧାରଣଙ୍କ କଠିନ ପରିଶ୍ରମ ଏବଂ ସଫଳ ସରକାରର ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱକୁ ପ୍ରଧାନମନ୍ତ୍ରୀ ଶ୍ରେୟ ଦେଇଛନ୍ତି। ଭାରତ ଐତିହ୍ୟ ଏବଂ ବିକାଶକୁ ବିକାଶକୁ ସାଙ୍ଗରେ ନେଇ ଆଗକୁ ବଢ଼ୁଛି ଏବଂ ସରକାରଙ୍କ ପ୍ରତ୍ୟେକ ନୀତି ଓ ନିଷ୍ପତ୍ତିରେ ଏହି ମାନସିକତାର ପ୍ରମାଣ ରହିଛି। ଛତିଶଗଡ଼ର ୨୫ତମ ପ୍ରତିଷ୍ଠା ଦିବସ ପାଳନ ଏକ ବୃହତର ଲକ୍ଷ୍ୟର ଆରମ୍ଭକୁ ସୂଚିତ କରୁଛି। ୨୦୪୭ରେ ଭାରତ ସ୍ୱାଧୀନତାର ୧୦୦ ବର୍ଷ ପାଳନ କରିବାକୁ ଯାଉଥିବାବେଳେ ବିକଶିତ ଭାରତ ଲକ୍ଷ୍ୟ ହାସଲରେ ଛତିଶଗଡ଼ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଏହା ପୂର୍ବରୁ ନୂଆ ବିଧାନସଭା ଭବନ ପରିସରରେ ପ୍ରଧାନମନ୍ତ୍ରୀ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ପ୍ରତିମୂର୍ତ୍ତିକୁ ଅନାବରଣ କରିଥିଲେ। କାର୍ଯ୍ୟକ୍ରମରେ ଲୋକ ସଭା ବାଚସ୍ପତି ଓମ୍ ବିର୍ଲା, ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁ ଦେଓ ସାଇ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

## ତାଞ୍ଜାନିଆ ନିର୍ବାଚନରେ ରାଷ୍ଟ୍ରପତି ହାସନ ବିଜୟୀ



ସାମିଆ ସୁଲୁହୁ ହାସନ

**କାମ୍ପାଲା,୧।୧୧**

ତାଞ୍ଜାନିଆରେ ଅନୁଷ୍ଠିତ ବିବାଦୀୟ ନିର୍ବାଚନରେ ରାଷ୍ଟ୍ରପତି ସାମିଆ ସୁଲୁହୁ ହାସନ ୯୭ ପ୍ରତିଶତରୁ ଊର୍ଦ୍ଧ୍ୱ ଭୋଟ ପାଇ ବିଜୟୀ ହୋଇଛନ୍ତି। ସେ ପ୍ରଶାସନିକ ରାଜଧାନୀ ଡୋଡୋମାରେ ଏକ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ନିର୍ବାଚନ କର୍ତ୍ତୃପକ୍ଷଙ୍କଠାରୁ ବିଜୟ ପ୍ରମାଣପତ୍ର ଗ୍ରହଣ କରିଛନ୍ତି। ଜଣେ ମହିଳା ନେତାଙ୍କ ସପକ୍ଷରେ ତାଞ୍ଜାନିଆ ଜନସାଧାରଣ ବହୁଳ ଭାବେ ଭୋଟ ଦେଇଥିବା ଫଳାଫଳରୁ ସ୍ପଷ୍ଟ ହୋଇଛି ବୋଲି ହାସନ କହିଛନ୍ତି। ଏବେ ଏକାଠି ହେବାର ସମୟ ଆସିଛି। ୬ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ମଧ୍ୟରେ ଆମେ ଯାହା ଗଢ଼ିଛେ, ତାକୁ ଧ୍ୱଂସ ହେବାକୁ ଦେବା ନାହିଁ। ଦେଶରେ ଶାନ୍ତି ସୁନିଶ୍ଚିତ କରିବା ଲାଗି ସୁରକ୍ଷା ବଳ ସହ ସାମିଲ ହୋଇ ସମସ୍ତ ଆବଶ୍ୟକ ପଦକ୍ଷେପ ନେବା ବୋଲି ରାଷ୍ଟ୍ରପତି କହିଛନ୍ତି। ସୂଚନାଯୋଗ୍ୟ, ତାଞ୍ଜାନିଆରେ ନିର୍ବାଚନୀ ଅନିୟମିତତାକୁ ନେଇ ବିକ୍ଷୋଭ ବେଳେ ୭୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ଘଟିଥିବା ବିରୋଧୀ ଦଳ ଦାବି କରିଥିଲା। ରାଷ୍ଟ୍ରପତି ହାସନ୍‌ଙ୍କ ୨ ବଡ଼ ଚ୍ୟାଲେଞ୍ଜରଙ୍କୁ ନିର୍ବାଚନୀ ଦୌଡ଼ରୁ ବାଦ୍ ଦିଆଯାଇଥିବାରୁ ଦେଶବ୍ୟାପୀ ଉତ୍ତେଜନା ଦେଖାଦେଇଥିଲା।

## ଇଜିପ୍ଟରେ ବିଶ୍ୱର ସର୍ବବୃହତ୍ ସଂଗ୍ରହାଳୟ ଉନ୍ମୋଚିତ



**କାଇରୋ,୧।୧୧**

ଇଜିପ୍ଟରେ ବହୁ ପ୍ରତୀକ୍ଷିତ ଗ୍ରାଣ୍ଡ ଇଜିପ୍ଟିଆନ୍ ମ୍ୟୁଜିୟମ ଶନିବାର ଉଦ୍‌ଘାଟିତ ହୋଇଯାଇଛି, ଯାହାକି ବିଶ୍ୱର ସର୍ବବୃହତ୍ ସଂଗ୍ରହଳାୟ। ଏହାକୁ ଇଜିପ୍ଟର ପ୍ରାଚୀନ ସଭ୍ୟତାକୁ ଉତ୍ସର୍ଗ କରାଯାଇଛି। ଦେଶର ପର୍ଯ୍ୟଟନ ଶିଳ୍ପ ଓ ଆର୍ଥିକ ଅଭିବୃଦ୍ଧି ବଢ଼ାଇବା ଏହି ମେଗା ପ୍ରକଳ୍ପର ଲକ୍ଷ୍ୟ। କାଇରୋର ଗିଜା ପିରାମିଡ୍ ନିକଟରେ ଅବସ୍ଥିତ ଏହି ମ୍ୟୁଜିୟମ ନିର୍ମାଣ ଲାଗି ୨ ଦଶନ୍ଧି ଲାଗିଛି। ଏଥିରେ ପୁରାତନ ଇଜିପ୍ଟର ଜୀବନଯାପନ ସମ୍ପର୍କିତ ୫୦ ହଜାରରୁ ଊର୍ଦ୍ଧ୍ୱ କଳାକୃତି ପ୍ରଦର୍ଶିତ ହୋଇଛି। ଇଜିପ୍ଟ ରାଜଧାନୀରେ ଅନୁଷ୍ଠିତ ଉଦ୍‌ଘାଟନୀ ସମାରୋହରେ ଅନେକ ବିଶ୍ୱନେତା, ରାଜା, ରାଷ୍ଟ୍ର ଓ ସରକାରର ମୁଖ୍ୟମାନେ ଯୋଗଦେଇଥିଲେ।

## ରାୟ ପ୍ରଦାନ କରି ଭାରତ-ରୁଷିଆ ସମ୍ପର୍କକୁ ଆଘାତ ଦେବାକୁ ଚାହୁଁନାହୁଁ: ସୁପ୍ରିମକୋର୍ଟ

### ସନ୍ତାନକୁ ହେପାଜତକୁ ନେବା ମାମଲା

**ନୂଆଦିଲ୍ଲୀ,୧।୧୧(ପି.ଟି.)**

ଜଣେ ରୁଷୀୟ ମହିଳା ତାଙ୍କ ପିଲାକୁ ନେଇ ଭାରତ ଛାଡ଼ି ମସ୍କୋ ପଳାଇଥିବାବେଳେ ସନ୍ତାନକୁ ପାଇବା ନେଇ ତାଙ୍କଠାରୁ ଦୂରେଇ ଯାଇଥିବା ଭାରତୀୟ ସ୍ୱାମୀ ମାମଲା ଦାଏର କରିଥିଲେ। ରୁଷୀୟ ମହିଳାଙ୍କୁ ଖୋଜି ବାହାର କରିବାରେ ଆନ୍ତରିକ ଉଦ୍ୟମର ଅଭାବକୁ ନେଇ ସୁପ୍ରିମକୋର୍ଟ ଚିନ୍ତା ପ୍ରକଟ କରିଥିବାବେଳେ କୌଣସି ରାୟ ପ୍ରଦାନ କରି ଭାରତ-ରୁଷିଆ ସମ୍ପର୍କକୁ ଆଘାତ ଦେବାକୁ ଚାହୁଁ ନ ଥିବା କହିଛନ୍ତି। ଏହି ମାମଲାର ସମାଧାନ ପନ୍ଥା ବାହାର କରିବା ଏବଂ ପିଲାକୁ ସୁପ୍ରିମକୋର୍ଟଙ୍କ ହେପାଜତକୁ ଆଣିବା ଲାଗି ପଦକ୍ଷେପ ନେବାରେ କୂଟନୈତିକ ଚ୍ୟାଲେଞ୍ଜ ରହିଛି। ତେଣୁ ଭାରତର ବହିର୍ବ୍ୟାପାର ମନ୍ତ୍ରଣାଳୟ, ମସ୍କୋରେ ଥିବା ଭାରତୀୟ ଦୂତାବାସ ଏବଂ ଦିଲ୍ଲୀରେ ଥିବା ରୁଷିଆ ଦୂତାବାସ ଉପଯୁକ୍ତ ସମନ୍ୱୟ ରକ୍ଷାକରି ସମାଧାନର ସୂତ୍ର ବାହାର କରିବାକୁ ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଏବଂ ଜୟମାଲ୍ୟ ବାଗ୍‌ଚୀଙ୍କ ଖଣ୍ଡପୀଠ କହିଛନ୍ତି। ପାରସ୍ପରିକତା ଓ ସୌହାର୍ଦ୍ଦ୍ୟ ସିଦ୍ଧାନ୍ତ ଆଧାରରେ ସହାୟତା ଏବଂ ସହଯୋଗ ପାଇଁ ଭାରତୀୟ ଦୂତାବାସ ରୁଷିଆର ପ୍ରୋସିକ୍ୟୁଟର ଜେନେରାଲଙ୍କ କାର୍ଯ୍ୟାଳୟର ଦ୍ୱାରସ୍ଥ ହୋଇ ପାରସ୍ପରିକ ଆଇନଗତ ସହାୟତା ଚୁକ୍ତି (ଏମ୍‌ଏଲ୍‌ଏଟି) ଅନୁଯାୟୀ ସାନି ନିବେଦନ କରିଛି। ଏଥିରେ ନେପାଳୀ ନାଗରିକଙ୍କ ସମେତ ଅନ୍ୟମାନଙ୍କ ସମ୍ପୃକ୍ତି ସମ୍ପର୍କରେ ଜାଣିବା ପାଇଁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଦିଲ୍ଲୀ ପୋଲିସ ସହ ସମନ୍ୱୟ ରକ୍ଷାକରି ଅଧିକ ତଦନ୍ତ ଜାରି ରଖିଛି ବୋଲି ଅତିରିକ୍ତ ସଲିସିଟର ଜେନେରାଲ ଐଶ୍ୱର୍ଯ୍ୟା ଭଟ୍ଟି ଅଦାଲତଙ୍କୁ କହିଛନ୍ତି। ରୁଷିଆ ଦୂତାବାସ ସହାୟତାରେ ମହିଳା ଜଣକ ନେପାଳ ଏବଂ ୟୁଏଇର ଶାରଜା ଦେଇ ମସ୍କୋ ପଳାଇଯାଇଥିବା କୁହାଯାଉଛି। ଦିଲ୍ଲୀ ପୋଲିସ ରୁଷିଆ କର୍ତ୍ତୃପକ୍ଷଙ୍କୁ ନୋଟିସ ପଠାଇ ଅଧିକ ତଥ୍ୟ ମାଗିଥିବାବେଳେ ଏପର୍ଯ୍ୟନ୍ତ ଉପଯୁକ୍ତ ପ୍ରମାଣ ମିଳିନାହିଁ। ମହିଳା ଜଣକ ଏକ୍ସ-୧ ଭିଜା ଜରିଆରେ ୨୦୧୯ରେ ଭାରତ ଆସି ରହିଥିଲେ। ତାଙ୍କ ଭିଜା କାର୍ଯ୍ୟକାଳ ଶେଷହେବା ପରେ ମାମଲା ବିଚାରାଧୀନ ଥିବାରୁ ଏହାର ଅବଧି ବଢ଼ାଇବା ପାଇଁ କୋର୍ଟ ନିର୍ଦ୍ଦେଶ ଦେଇଥିଲେ। ପିଲାଟି ମା' ପାଖରେ ଥିବାରୁ ଭଲରେ ଥିବ ଏବଂ ଏହା ମାନବ ଚାଲାଣ ମାମଲା ହୋଇ ନ ଥିବ ବୋଲି ଅଦାଲତ ଆଶାବ୍ୟକ୍ତ କରିଛନ୍ତି।

## ୟୁନେସ୍କୋ ସୃଜନାତ୍ମକ ସହର ତାଲିକାରେ ଲକ୍ଷ୍ନୌ

**ଜାତିସଂଘ,୧।୧୧**

ଉତ୍ତରପ୍ରଦେଶର ଲକ୍ଷ୍ନୌ ସହର ଏହାର ସମୃଦ୍ଧ ତଥା ବିବିଧ ଭୋଜନ ପ୍ରସ୍ତୁତି ଐତିହ୍ୟ ପାଇଁ ୟୁନେସ୍କୋର ସୃଜନାତ୍ମକ ସହର ତାଲିକାରେ ସାମିଲ ହୋଇଛି। ଜାତିସଂଘର ଶୈକ୍ଷିକ, ବିଜ୍ଞାନିକ ଓ ସାଂସ୍କୃତିକ ସଂଗଠନ (ୟୁନେସ୍କୋ) ସୃଜନାତ୍ମକ ସହର ନେଟ୍‌ୱର୍କରେ ୫୮ଟି ସହରକୁ ନୂଆ ସଦସ୍ୟ ଭାବେ ନିଆଯାଇଛି। ଫଳରେ ଉକ୍ତ ନେଟ୍‌ୱର୍କର ମୋଟ ସହର ସଂଖ୍ୟା ୪୦୮ରେ ପହଞ୍ଚିଛି। ଲକ୍ଷ୍ନୌକୁ ଦିବ୍ୟ ଭୋଜନ ପ୍ରସ୍ତୁତି କଳା ବର୍ଗରେ ସ୍ୱୀକୃତି ମିଳିଛି।



ଆନ୍ଧ୍ରପ୍ରଦେଶର ଶ୍ରୀକାକୁଲମ ଜିଲା ଅନ୍ତର୍ଗତ କାସିବୁଗା ସହରରେ ଥିବା ଭେଙ୍କଟେଶ୍ୱର ମନ୍ଦିରରେ ଶନିବାର ଦଳାଚକଟା ଘଟି ୯ ଜଣଙ୍କ ମୃତ୍ୟୁ ହୋଇଛି। ଏକାଦଶୀ ଥିବାରୁ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ହୋଇଥିଲା।

## ବଢୁଛି ରଶ୍ମିକାଙ୍କ କ୍ରେଜ୍



ରଶ୍ମିକା ମନ୍ଦାନା

**ମୁମ୍ବାଇ:** ବଲିଉଡ ସିନେମାରେ ବୁଲବୁଲି ରଶ୍ମିକା ମନ୍ଦାନାଙ୍କ କ୍ରେଜ୍ କାହିଁରେ କେତେ। ସେ ଯେଉଁ ସିନେମା ପାଇଁ ହଁ କହୁଛନ୍ତି ତାହା ବକ୍ସ ଅଫିସରେ ଭଲ ବ୍ୟବସାୟ କରୁଛି। ଏଇ ଯେମିତି ନିକଟରେ ରିଲିଜ ହୋଇଥିବା 'ଥାମା'କୁ ଦେଖନ୍ତୁ।

ସିନେମା ହଲ୍‌ରେ ରିଲିଜର ୧୦ ଦିନ ମଧ୍ୟରେ ଭଲ କଲେକ୍ସନ କରିଛି 'ଥାମା'। ସେମିତି ଦେଖିଲେ ଅଭିନେତା ଆୟୁଷ୍ମାନ ଖୁରାନାଙ୍କ ଫିଲ୍ମଗୁଡ଼ିକର ବଜେଟ ଏତେ ଅଧିକ ନ ଥାଏ। ନିର୍ମାତା କାହାଣୀ ଉପରେ ପୂରା ଫୋକସ୍ କରିଥାନ୍ତି। ହେଲେ 'ଥାମା'ରେ କିଛି ଭିନ୍ନ ଦେଖିବାକୁ ମିଳିଛି। ବଡ଼ ବଜେଟରେ ଏହି ଫିଲ୍ମ ନିର୍ମାଣ ହୋଇଥିବା ବେଳେ ଉଭୟଙ୍କ ଯୋଡ଼ିକୁ ଦର୍ଶକେ ବେଶ୍ ପସନ୍ଦ କରୁଛନ୍ତି।

ଆୟୁଷ୍ମାନ-ରଶ୍ମିକାଙ୍କ ଫିଲ୍ମ ବିଶ୍ୱସ୍ତରରେ ୧୭୩.୪୨ କୋଟି ଟଙ୍କା ରୋଜଗାର କରିଛି। ଏହା ୧୪୫ କୋଟିରେ ନିର୍ମିତ ଫିଲ୍ମ।

ଦର୍ଶକଙ୍କ ମତରେ ରଶ୍ମିକାଙ୍କ ଉପସ୍ଥିତି ଆୟୁଷ୍ମାନଙ୍କ ପାଇଁ ଲକି ସାବ୍ୟସ୍ତ ହୋଇଛି। ଆଗାମୀ ଦିନରେ ଯଦି ଏହା ଦୁଇ ଶହ କୋଟି କ୍ଲବରେ ସାମିଲ ହୁଏ ତେବେ ଅଭିନେତାଙ୍କ ଜୀବନର ଏହା ମାଇଲଖୁଣ୍ଟ ସାବ୍ୟସ୍ତ ହେବ ବୋଲି ଆଲୋଚନା ହେଉଛି।

# ଗହୀରମଥାରୁ ଟ୍ରଲର ଜବତ, ୮ ମତ୍ସ୍ୟଜୀବୀ ଗିରଫ

ରାଜନଗର,୧।୧୧(ଭାସ୍କର ରାଉତରାୟ)

କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକ ଗହୀରମଥା ସାମୁଦ୍ରିକ ନିଷିଦ୍ଧାଞ୍ଚଳରେ ବେଆଇନ ଭାବେ ମାଛ ମାରୁଥିବା ବେଳେ ବନ ବିଭାଗର ପାଟ୍ରୋଲିଂ ଟିମ୍ ଗୋଟିଏ ଟ୍ରଲର ଜବତ କରିବା ସହ ଏଥିରେ ଥିବା ୮ ମତ୍ସ୍ୟଜୀବୀଙ୍କୁ ଗିରଫ କରିଛି। ଗିରଫ ମତ୍ସ୍ୟଜୀବୀମାନେ ହେଲେ ନଗେନ୍ଦ୍ର ମାଝୀ, ପୁରୁଷୋତ୍ତମ ଜେନା, ବିଦ୍ୟାଧର ମାଝୀ, ଭରତ ଜେନା, ରାଜେଶ ଖଟୁଆ, ଅଜୟ ମାଝୀ, ଦୁଃଶାସନ ତରାଇ ଓ ନନ୍ଦୁ ସିଂ। ଏମାନଙ୍କୁ ଗିରଫ କରାଯାଇ ବନ୍ୟ ପ୍ରାଣୀ ଆଇନ ୧୯୭୨ରେ ମାମଲା ରୁଜୁ ପରେ କୋର୍ଟ ଚାଲାଣ କରାଯାଇଥିବା ନେଇ ବନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଗିରଫମାନେ ବାଲେଶ୍ୱର ସଦର ଜିଲାର ବୋଲି ଜଣାପଡିଛି।




ଗହୀରମଥା ଡେପୁଟି ରେଞ୍ଜର କପିଳେନ୍ଦ୍ର ପ୍ରଧାନଙ୍କ ନିର୍ଦ୍ଦେଶକ୍ରମେ ଫରେଷ୍ଟର ସଞ୍ଜୀବ କୁମାର ଦାଶ ଓ ମହନ୍ତ କୁମାର ମଲ୍ଲିକଙ୍କ ନେତୃତ୍ୱରେ ବନ ବିଭାଗ ପାଟ୍ରୋଲିଂ ଟିମ୍ ଗହୀରମଥାର ଏକକୁଳା ନିକଟରେ ଭାରତୀ ନାମକ ଏକ ଟ୍ରଲରକୁ ଜବତ କରିଥିଲେ। ସେଥିରୁ ୨୫ କେଜି ମାଛ, ୧ ଟିଜିପିଏସ୍,୨ଟିଭିଏଚ୍ଏଫ ଓ ୭ ଜାଲ ଜବତ କରାଯାଇଛି।

# ରାଜନଗର ପେଣ୍ଠର କ୍ଷତିଗ୍ରସ୍ତ ପଥରବନ୍ଧ

## ସ୍ଥିତି ଅନୁଧ୍ୟାନକଲେ ମୁଖ୍ୟଯନ୍ତ୍ରୀ, ଅଧୀକ୍ଷଣ ଯନ୍ତ୍ରୀ

ରାଜନଗର,୧।୧୧(ଭାସ୍କର ରାଉତରାୟ)

କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକ୍ ପେଣ୍ଠ ନିକଟରେ ବାତ୍ୟା ମୋନ୍ଥା ଯୋଗୁ ବଙ୍ଗୋପସାଗରର ଅଶାନ୍ତ ପ୍ରଭାବ ଦେଖିବାକୁ ମିଳିଥିଲା। ଏଠାରେ ଉଚ୍ଚ ଜୁଆର ଉଠି ପେଣ୍ଠ ନିକଟରେ ଥିବା ଓଡ଼ିଶାର ପ୍ରଥମ ଜିଓ ସିନ୍ଥେଟିକ୍ ୱାଲ୍ ଉପରେ ପ୍ରବଳ ମାତ୍ରାରେ ମାଡ ହୋଇଥିଲା। ଭୟଙ୍କର ଭାବେ ଜୁଆର ମାଡ ହେବା ଯୋଗୁ ସିନ୍ଥେଟିକ୍ ୱାଲ୍‌କୁ ସୁରକ୍ଷା ଦେବାକୁ ବାମ ଓ ଦକ୍ଷିଣ ପାର୍ଶ୍ୱରେ ନିର୍ମାଣ ହୋଇଥିବା ପଥର ବନ୍ଧ ବିଶେଷ ଭାବେ କ୍ଷତିଗ୍ରସ୍ତ ହୋଇଥିଲା। କ୍ଷତିଗ୍ରସ୍ତ ସ୍ଥାନକୁ ଶନିବାର ଜଳ ସମ୍ପଦ ବିଭାଗ ମହାନଦୀ, ବିରୂପା ଓ ବ୍ରାହ୍ମଣୀ ସିଷ୍ଟମ ମୁଖ୍ୟଯନ୍ତ୍ରୀ ବିଘ୍ନରାଜ ପୁରୋହିତ ଓ ଅଧୀକ୍ଷଣ ଯନ୍ତ୍ରୀ ସନ୍ଦୀପ ସାହୁ ପରିଦର୍ଶନ କରିଥିଲେ। ରାଜନଗର ଜଳସେଚନ ବିଭାଗ ସହକାରୀ ଯନ୍ତ୍ରୀ ଓ କନିଷ୍ଠ ଯନ୍ତ୍ରୀ ପ୍ରମୁଖ ଉପସ୍ଥିତ ରହି ପଥରବନ୍ଧ ଓ ଅନ୍ୟାନ୍ୟ ସମସ୍ୟା ବିଷୟରେ ବୁଝାଇଥିଲେ।

ସୂଚନାଯୋଗ୍ୟ, ୧୯୯୯ ମହାବାତ୍ୟା ପରଠାରୁ ପେଣ୍ଠ ନିକଟରେ ସମୁଦ୍ର ସ୍ଥଳଭାଗ ଆଡ଼କୁ ୩ କିଲୋମିଟର ମାଡ଼ିଆସିଛି। ପେଣ୍ଠ ନିକଟରେ ରାଜନଗରବାସୀଙ୍କ ସୁରକ୍ଷାକବଚ ଲୁଣାଘେରି ବନ୍ଧ ସମୁଦ୍ରର ଉଚ୍ଚ ଜୁଆରରେ ବାରମ୍ବାର କ୍ଷତିଗ୍ରସ୍ତ ହେବା ପରେ ସୁରକ୍ଷା ପାଇଁ ପେଣ୍ଠ ନିକଟରେ ରାଜ୍ୟ ସରକାରଙ୍କ ପକ୍ଷରୁ ୫୦୫ ମିଟରର ଜିଓ ସିନ୍ଥେଟିକ୍ ୱାଲ୍ ତିଆରି କରାଯାଇଥିଲା। ଜିଓ ସିନ୍ଥେଟିକ୍ ଉପରେ ସମୁଦ୍ର ଜୁଆର ମାଡ଼ନେଇ ଗ୍ୟାବିନ ବକ୍ସକୁ କ୍ଷତି ପହଞ୍ଚାଇବା ପରେ ଏହି ୱାଲକୁ ସୁରକ୍ଷା ଦେବାପାଇଁ ସମୁଦ୍ର ଭିତରେ ଓ ସିନ୍ଥେଟିକ୍ ୱାଲ୍‌ର ଦୁଇ ପାର୍ଶ୍ୱରେ ପଥର ବନ୍ଧ ତିଆରି କରାଯାଇଥିଲା।

# Classified Everyday

**0674-2580101, 9692975378**



## MATRIMONIAL

### Bride Wanted

ଶୁଣ୍ଢୀ ମହାଜନ, ଯୌତୁକ ବିରୋଧି, ପ୍ରତିଷ୍ଠିତ ଆଧ୍ୟାତ୍ମିକ ପରିବାର, ଏକମାତ୍ର ପୁତ୍ର(39), ୫'୮" ଇଂଜିନିୟରିଂ ପାଶ୍, ଭୁବନେଶ୍ୱରରେ ଜାଗାବାଡି, ଘରଭଡ଼ା, ଦୁଇଟି ଲଜିଂ, ନିଜସ୍ୱ ବ୍ୟବସାୟ, ଶୀଘ୍ର ବାହାଘର। 9827385242.(whats). D-2338



## REAL ESTATE SALE

**3BHK flat, 1646 sqft., (Ready to move), near KIIT University. Contact No.- 9090030067, 9090090068.** D-2460

LIG House (136, 137, 138, 139) for sale At Sector- 3, Niladri Vihar, Near- Pani Tanki, Bhubaneswar. Contact- 9437229575. D-2398

ଭୁବନେଶ୍ୱର ନଖରାଛକ, ଉତ୍ତରାଛକ, ସୁନ୍ଦରପଦା, କଟକ ମହାନଦୀ ବିହାରରେ ଘରବାରି ପ୍ଲଟ୍, 2/3 BHK Flat/ Duplex ଅଛି– 8327785834. D-06

ପୁରୀ ମଙ୍ଗଳଘାଟ ଛକ ଶ୍ରୀସେତୁ ନିକଟରେ**200**ଫୁଟରାସ୍ତାପାଖରେ ସ୍ଥିତିବାନ୍ ପ୍ଲଟ୍ ବର୍ଗଫୁଟକୁ **2700**ଟଙ୍କା। **Registration, Conversion and Mutation Free. Contact: 9438220432/ 8144658008.** D-2438

ସ୍ଥିତିବାନ୍ ପ୍ଲଟ୍ ପିତାପଲ୍ଲୀ **N.H.-16** ପାଖରେ **Litigation free 30ft. Road,** ଇଲେକ୍ଟ୍ରି, **Possession** ଥାଇ ଉପଲବ୍ଧ। **6372526344.** D-04

ଭୁବନେଶ୍ୱର ଜଟଣୀଗେଟ୍‌ରୁ ଅଳ୍ପ ଦୂରତାରେ 1500 Sq.ft, 6,75,000/– ପ୍ଲଟ୍ ବିକ୍ରିହେବ– 9776974912. D-05

Bhubaneswar Gothapatna 100ft ମେନ୍‌ରୋଡକୁ ଲାଗି ଘରବାରି ପ୍ଲଟ୍ ମିଳୁଛି। 9090963952. D- 07

Gharabari bounded plot 10000sq.ft and 2400sq. ft for sale. Adjacent to Meera's Courtyard at Kurunti near Kuranga footballfield, 200mtr. from Niali-Nakhara SH Cuttack sadar. Contact- 7008815552. D-2364




**Commercial 2000sqft. second- floor hall with lift behind airport on 100ft. wide Bhimatangi Main road for office or commercial. 9958003695.** D- 76944

Fully furnished residential accommodation near Allen College Koustav Chandrasekharpur. 8895154066. D-2416




The massage felt totally professional & comfortable at all times- 7978109255. D-205

## AFFIDAVIT

By virtue of an affidavit sworn before Notary Public, dated- 31st Oct. 2025, I, Biba Huika, Address: At- Kolenge, Village- Tadama, P.O.- Todama, Dist.- Rayagada, Odisha, 765002 declare that I have changed my name from Lati Huika to Biba Huika. Henceforth, I shall be known as Biba Huika for all purposes.

Biba Huika D-2455

By virtue of an affidavit sworn before the Notary Public, Saintala, dtd.- 01.11.2025, Court Fees No. 95, I, Baladeb Majhi, S/o.- Kabiraj Majhi, R/O Village- Barahamal, P.O.- Khasbahal, P.S.- Saintala, Dist.- Balangir (Odisha), PIN- 767032 declare that now I have changed my daughter's name from Bhagyabati Majhi to Bhagabati Majhi. Henceforth, my daughter shall be known as Bhagabati Majhi for all purposes.

Baladeb Majhi D-2456

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

By virtue of an affidavit sworn before Notary Public, Dated- 23.09.2025, I, Anjan Kumar Sahoo, At- Kilipal, P.O.- Narijanga, P.S.- Tirtol, Dist.- Jagatsinghpur, PIN- 754137 declare that I have changed my name from Anjan Kumar Show to Anjan Kumar Sahoo. Henceforth, I shall be known as Anjan Kumar Sahoo for all purposes.

Anjan Kumar Sahoo D-2457

By virtue of an affidavit sworn before the Notary Public, Jajpur Road, dated- 09.10.2025, I, Omm Kumar, aged 18 years, Permanent address: At- Panthanivas Road, P.O.- Rambha , Dist.- Ganjam, State- Odisha, At present Kanheipur, Jajpur Road, Jajpur, 755019 do hereby declare that myself Om Kumar Sethy and Omm Kumar is one and same person. D-2458

By virtue of an affidavit sworn before the Executive Magistrate, Boudh, No.1470, date- 25.10.25, I, Anapurna Jhankar, W/o.- Ganesh Jhankar, R/o. village- Jhankarpada, P.O.- Ambajhari, P.S./ Dist.- Boudh, Odisha, PIN- 762015 declare that I have changed my name from Birajini Mallik to Anapurna Jhankar. Henceforth, I shall be known as Anapurna Jhankar for all purposes.

Anapurna Jhankar D-2459

By virtue of an affidavit sworn before Executive Magistrate, Bhubaneswar on 24.4.25, I, Ramesh Chandra Balabantaray, S/o.- Late Aparti Balabantaray, Resident of At- Nuasahi Sakhigopal, Near Market Gate No.2, P.S.- Satyabadi, Sakhigopal, Dist.- Puri, Odisha, PIN- 752014 state that my wife's actual name is Kiranbala Balabantray and date of birth is 17.07.1965 but in my ARMY PPO vide No. 240199702168 my wife's name has been mentioned as Kiran Bala Baalabantara. Hence Kiranbala Balabantray and Kiran Bala Baalabantara is one and same person who is my wife, aadher date of Birth is 17.07.1965. D-2449

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

## LEGAL NOTICE

1739/12.09.2025

ମାନ୍ୟବର ଅତିରିକ୍ତ ଆୟୁକ୍ତ ରିଭିଜନ୍ ଅଦାଲତ ନମ୍ବର–୪
ଶ୍ରୀ ପ୍ରଦୀପ କୁମାର ନାୟକ,(ଭା.ପ୍ର.ସେ) ଚତୁର୍ଥ ମହଲା,
ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଜିଲ୍ଲା– ଖୋର୍ଦ୍ଧା
ଓ.ଏସ୍.ଏସ୍. କେସ୍ ନମ୍ବର– ୯୧୪/୨୦୨୪

ନ୍ୟାୟ କାର୍ଯ୍ୟବିଧି ସଂହିତାର ଆଦେଶ ନମ୍ବର ୫ ଏବଂ ନିୟମ ନମ୍ବର ୨୦ ମୁତାବକ

ଅଜିତ୍ କୁମାର ସିହ୍ନା .....ବାଦୀ

ବନାମ

ତହସିଲଦାର, ଜଟଣୀ ଓଗେର ......ପ୍ରତିବାଦୀ

ପ୍ରତିବାଦୀ ନଂ. ୭– ଗୀତାଞ୍ଜଳି ମିଶ୍ର, ପ୍ରତିବାଦୀ ନଂ. ୮– ମିତାଞ୍ଜଳି ମିଶ୍ର, ଉଭୟଙ୍କ ପିତା– ନୃସିଂହ ଚରଣ ମିଶ୍ର, ପ୍ରତିବାଦୀ ନଂ. ୧୦– ଜେନାମଣି ମିଶ୍ର, ସ୍ୱାମୀ– ✓ଉଦ୍ୟନାଥ ମିଶ୍ର, ପ୍ରତିବାଦୀ ନଂ. ୧୬– ନେତ୍ରମଣି ମିଶ୍ର, ସ୍ୱାମୀ– ✓କାଶୀନାଥ ମିଶ୍ର, ଏ ସମସ୍ତଙ୍କର ଠିକଣା ସା– ଭାତଖୁରୀ, ପୋ– ଗଙ୍ଗପଡ଼ା, ଥାନା– ଚନ୍ଦକା,ଜିଲ୍ଲା– ଖୋର୍ଦ୍ଧା।

ନୋଟିସ ସି.ପି.ସି ଅର୍ଡର ୫ ରୁଲ୍ ୨୦ ମତେ ମୁତାବକ

ଉପରୋକ୍ତ ଓ.ଏସ୍.ଏସ୍. କେସ ବାଦୀ ଅଜିତ୍ କୁମାର ସିହ୍ନା, ଓଡ଼ିଶା ସର୍ଭେ ଓ ସେଟେଲମେଣ୍ଟ ଆଇନର ଧାରା ୧୫(ଖ) ଅନୁଯାୟୀ ମାନ୍ୟବର ଅତିରିକ୍ତ କମିଶନର ରିଭିଜନ୍ କୋର୍ଟଙ୍କ ଇଜିଲାସରେ ଦାଖଲ କରିଅଛନ୍ତି, ଯେହେତୁ ଉପରୋକ୍ତ ମାମଲାର ପ୍ରତିବାଦୀ ୭ ଓ ୮ଙ୍କର ଠିକଣା ଭୁଲ ବୋଲି ପୋଷ୍ଟାଲ ଏଣ୍ଡୋର୍ସମେଣ୍ଟ ହୋଇ ଶ୍ରୀ ହଜୁରଙ୍କ ଅଦାଲତରୁ ଯାଇଥିବା ନୋଟିସ୍‌ରେ ଦର୍ଶାଯାଇ ଅଦାଲତକୁ ଫେରସ୍ତ ଆସିଅଛି ଏବଂ ପ୍ରତିବାଦୀ ନଂ.– ୧୦ ଓ ୧୬ ମୃତ ବୋଲି ଯାଇଥିବା ନୋଟିସ୍‌ରେ ଦର୍ଶାଯାଇ ଅଦାଲତକୁ ମଧ୍ୟ ଫେରସ୍ତ ଆସିଅଛି ।

ଏଣୁ ତାଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଉପରୋକ୍ତ ମାମଲାର ଶୁଣାଣି ମାନ୍ୟବର ଅତିରିକ୍ତ କମିଶନର, କୋର୍ଟ ନଂ.୪ ଇଜିଲାସ କାର୍ଯ୍ୟାଳୟ ଠାରେ ଆସନ୍ତା ତା୧୦।୧୧।୨୦୨୫ରିଖ ଦିବା ଘ.୧୧.୩୦ ମିନିଟ୍ ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି। ବାଦୀଙ୍କ ଦ୍ୱାରା ଦାଖଲ ହୋଇଥିବା ତଫସିଲ ଜମିର ବିବରଣୀ ନିମ୍ନରେ ପ୍ରଦାନ କରାଗଲା।

ତଫସିଲ ସମ୍ପତ୍ତିର ବିବରଣୀ

ଥାନା– ଚନ୍ଦକା, ତହସିଲ– ଭୁବନେଶ୍ୱର, ଜିଲ୍ଲା–ଖୋର୍ଦ୍ଧା, ଥାନା ନଂ.– ୧୪, ମୌଜା– ଭାତଖୁରୀ

ସାବକ ଖାତା ନଂ.– ୩୭୫, ପ୍ଲଟ୍ ନଂ.– ୩୦୫, ଏରିଆ– ଏ୦.୧୯୦ଡି. ସ୍ୱଧରୁ ଏରିଆ ଏ୦.୦୩୦ଡି., ହାଲ୍ ଖାତା ନଂ.– ୪୮୬, ପ୍ଲଟ୍ ନଂ.– ୬୭୭, ଏରିଆ ଏ୦.୧୬୦ଡି. ସ୍ୱଧରୁ ଏ୦.୦୩୦ଡି.।

ଏଣୁ ଉପରୋକ୍ତ ମାମଲାର ପ୍ରତିବାଦୀ ୭, ୮ ଏବଂ ୧୦ ଓ ୧୬ଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ପ୍ରତିବାଦୀମାନେ ନିଜେ କିମ୍ବା ତାଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଜରିଆରେ ଉପର ନିର୍ଦ୍ଧାରିତ ତାରିଖରେ ଉକ୍ତ ଇଜିଲାସରେ ଉପସ୍ଥିତ ହୋଇ ଉପରୋକ୍ତ ମାମଲାରେ ପକ୍ଷଭୁକ୍ତ ହେବା ନିମନ୍ତେ ଆପତ୍ତି କରିପାରିବେ ଓ ଉପରୋକ୍ତ ମାମଲାରେ ଅଂଶ ଗ୍ରହଣ କରିପାରିବେ । ଅନ୍ୟଥା ଆଇନ ଅନୁସାରେ ଉକ୍ତ ମୋକଦ୍ଦମାର ଫଇସଲା କରାଯିବ ।

ଅତିରିକ୍ତ କମିଶନର ରିଭିଜନ କୋର୍ଟ ନଂ.୪ଙ୍କ ଆଦେଶକ୍ରମେ
ସ୍ୱା/– କୋର୍ଟ ଅଫିସର,କୋର୍ଟ ନଂ.୪, ଭୁବନେଶ୍ୱର
ଧ–୨୪୫୧

IR No.- 1560
Date- 10.10.2025

ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ୍ ଅଦାଲତ ନମ୍ବର–୨
(ଶ୍ରୀ ଆଶୁତୋଷ ସାମଲ, ଓ.ଏ.ସ୍., ଏସ୍.ଏ.ଜି), ଚତୁର୍ଥ ମହଲା,
ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର,ଜିଲ୍ଲା– ଖୋର୍ଦ୍ଧା,
ଓଡ଼ିଶା ସର୍ଭେ ଓ ସେଟେଲମେଣ୍ଟ ୧୯୫୮ ଆଇନର ଧାରା ୧୫(ଖ) ଅନୁଯାୟୀ
ଓ.ଏସ୍.ଏସ୍. କେସ୍ ନଂ.– ୮୩୯/୨୦୨୩

ପ୍ରମିତ କୁମାର ରଥ, ପିତା ପ୍ରଶାନ୍ତ କୁମାର ରଥ .....ବାଦୀ

ବନାମ

ଏମ୍/ଏସ୍ ଅନ୍ନପୂର୍ଣ୍ଣା ଡେଭଲପର୍ସ ଏବଂ ଅନ୍ୟମାନେ ......ପ୍ରତିବାଦୀ

ନୋଟିସ୍ ସି.ପି.ସି. ଅର୍ଡର– ୫ ରୁଲ– ୨୦ ମୁତାବକ

୧. ଏମ୍/ଏସ୍ ଅନ୍ନପୂର୍ଣ୍ଣା ଡେଭଲପର୍ସ, ଏହାର ପରିଚାଳନା ନିର୍ଦ୍ଦେଶକ ଅଭିଜିତ ମହାନ୍ତି, ପିତା ଗଙ୍ଗାଧର ମହାନ୍ତି, ସା–ପ୍ଲଟ୍ ନଂ.– ୬୦୫, ରସୁଲଗଡ଼, ଥାନା– ମଞ୍ଚେଶ୍ୱର, ଭୁବନେଶ୍ୱର, ଜିଲ୍ଲା– ଖୋର୍ଦ୍ଧା, ୪. ବିଶ୍ୱନାଥ ପରିଡ଼ା, ପିତା– ସ୍ୱର୍ଗତ ବାୟା@ବୟାଧର ପରିଡ଼ା, ସା/ପୋଷ୍ଟ– ତିରିମଲ, ଥାନା– ଜଟଣୀ, ଜିଲ୍ଲା– ଖୋର୍ଦ୍ଧା, ୫. ରଘୁନାଥ ସ୍ୱାଇଁ, ପିତା– ସ୍ୱର୍ଗତ ବାସୁ ସାଇଁ, ସା/ପୋଷ୍ଟ– ଜଜାରସିଂହ, ଥାନା/ଜିଲ୍ଲା– ଖୋର୍ଦ୍ଧା।

ଏତଦ୍ୱାରା ସମସ୍ତ ପ୍ରତିବାଦୀଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ବିଜ୍ଞାପନ ଦ୍ୱାରା ଜଣାଇ ଦିଆଯାଉଅଛି ଯେ, ଉପରୋକ୍ତ ମୋକଦ୍ଦମାର ବାଦୀ ନିମ୍ନୋକ୍ତ ଜମିର ହାଲ ଜମିଜମାର ଚୂଡାନ୍ତ ପ୍ରକାଶନର ରେକର୍ଡ ରିଭିଜନ୍ ନିମନ୍ତେ ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ୍ ଅଦାଲତ ନମ୍ବର– ୨ ରେ ଦାଖଲ କରିଛନ୍ତି। ପ୍ରତିବାଦୀଙ୍କୁ ମୋକଦ୍ଦମାର ଶୁଣାଣି ନିମନ୍ତେ ପଞ୍ଜୀକୃତ ଡାକ ଦ୍ୱାରା ନୋଟିସ ଜାରି ହୋଇଥିଲା, କିନ୍ତୁ ଉକ୍ତ ନୋଟିସ ବିଭିନ୍ନ କାରଣ ଦର୍ଶାଯାଇ ଫେରସ୍ତ ଆସିଅଛି। ଏଣୁ ଉପରଲିଖିତ ମୋକଦ୍ଦମାର ଶୁଣାଣି ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ୍ ଅଦାଲତ ନମ୍ବର– ୨, ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଇଜିଲାସରେ ଆସନ୍ତା ତା ୨୪।୧୧।୨୦୨୫ରିଖ ପୂର୍ବାହ୍ନ ୧୧.୩୦ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି ।

ଜମିର ବିବରଣୀ

ମୌଜା– ପାଣ୍ଡିଆବିଲ, ତହସିଲ– ଜଟଣୀ, ଥାନା– ଜଟଣୀ, ଜିଲା– ଖୋର୍ଦ୍ଧା

ସାବକ: ଖାତା ନଂ.– ୧୧୯, ପ୍ଲଟ୍ ନଂ– ୧୦୩, କିସମ– ବାଜେ– ଫସଲ–୨, ରକବା– ଏ୦.୭୧୫ଡି. ସ୍ୱଧରୁ ଏ୦.୦୫୫.୦୯ଡି., ସ୍ୱତ୍ୱ– ସ୍ଥିତିବାନ୍। ହାଲ: ଖାତା ନଂ.– ୪୦୧, ପ୍ଲଟ୍ ନଂ– ୧୩୯, କିସମ– ତଇଳା, ରକବା– ଏ୦.୧୭୯ଡି. ସ୍ୱଧରୁ ଏ୦.୦୫୫.୦୯ଡି., ସ୍ୱତ୍ୱ– ସ୍ଥିତିବାନ୍।

ଏଣୁ ଉପରୋକ୍ତ ମୋକଦ୍ଦମାର ପ୍ରତିବାଦୀମାନେ ନିଜେ କିମ୍ବା ସେମାନଙ୍କର ଉତ୍ତରାଧିକାରୀମାନେ ତାଙ୍କର କ୍ଷମତାପ୍ରାପ୍ତ ଓକିଲଙ୍କ ଜରିଆରେ ଏହି ଧାର୍ଯ୍ୟ ତାରିଖ ଏବଂ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶଗ୍ରହଣ କରିବେ, ଅନ୍ୟଥା ନିୟମ ଅନୁଯାୟୀ ଉକ୍ତ ମୋକଦ୍ଦମା ବିଚାର କରାଯିବ।

ତା:
ଭୁବନେଶ୍ୱର

ଅତିରିକ୍ତ ଆୟୁକ୍ତଙ୍କ ଆଦେଶ ଅନୁଯାୟୀ
ସ୍ୱା/– କୋର୍ଟ ଅଫିସର
ଧ–୨୪୫୪

1893/16.10.2025

ମାନ୍ୟବର ଅତିରିକ୍ତ ଆୟୁକ୍ତ ରିଭିଜନ୍ ଅଦାଲତ ନମ୍ବର–୪
ଶ୍ରୀ ପ୍ରଦୀପ କୁମାର ନାୟକ,(ଭା.ପ୍ର.ସେ) ଚତୁର୍ଥ ମହଲା,
ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଜିଲ୍ଲା– ଖୋର୍ଦ୍ଧା
ଓ.ଏସ୍.ଏସ୍. କେସ୍ ନମ୍ବର– ୪୭୧/୨୦୨୩

ନ୍ୟାୟ କାର୍ଯ୍ୟବିଧି ସଂହିତାର ଆଦେଶ ନମ୍ବର ୫ ଏବଂ ନିୟମ ନମ୍ବର ୨୦ ମୁତାବକ

ଶ୍ରୀମତୀ ସୌଦାମିନୀ ବେହେରା .....ବାଦୀ

ଦନାମ

ତହସିଲଦାର, ଭୁବନେଶ୍ୱର ଓଗେର ......ପ୍ରତିବାଦୀ

ପ୍ରତିବାଦୀ ନଂ.୩– ସୀମା ବେଓ୍ୱା, ସ୍ୱାମୀ– ମଦନ ନାୟକ, ସା/ପୋ/ଥାନା– ବରଗଡ଼, ଭୁବନେଶ୍ୱର, ଜିଲ୍ଲା– ଖୋର୍ଦ୍ଧା, ପ୍ରତିବାଦୀ ନଂ.୪– ରମା ନାୟକ, ପିତା– ✓ଦାସ ନାୟକ, ସା/ପୋ– ଘାଟିକିଆ, ଥାନା– ଚନ୍ଦକା, ଜିଲ୍ଲା–ଖୋର୍ଦ୍ଧା।

ନୋଟିସ ସି.ପି.ସି. ଅର୍ଡର ୫ରୁଲ୍ ୨୦ ମତେ ମୁତାବକ

ଉପରୋକ୍ତ ଓ.ଏସ୍.ଏସ୍. କେସ୍ ବାଦୀ ଶ୍ରୀମତୀ ସୌଦାମିନୀ ବେହେରା ଓଡ଼ିଶା ସର୍ଭେ ଓ ସେଟେଲ୍‌ମେଣ୍ଟ ଆଇନର ଧାରା ୧୫(ଖ) ଅନୁଯାୟୀ ମାନ୍ୟବର ଅତିରିକ୍ତ କମିଶନର ରିଭିଜନ୍ କୋର୍ଟଙ୍କ ଇଜିଲାସରେ ଦାଖଲ କରିଅଛନ୍ତି, ଯେହେତୁ ଉପରୋକ୍ତ ମାମଲାର ପ୍ରତିବାଦୀ ନଂ. ୩ ଓ ୪ଙ୍କ ଠିକଣା ଭୁଲ୍ ବୋଲି ଦର୍ଶାଯାଇ ଅଦାଲତରୁ ଯାଇଥିବା ନୋଟିସ୍‌ରେ ଦର୍ଶଯାଇ ଅଦାଲତକୁ ଫେରସ୍ତ ଆସିଅଛି।

ଏଣୁ ତାଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଉପରୋକ୍ତ ମାମଲାର ଶୁଣାଣି ମାନ୍ୟବର ଅତିରିକ୍ତ କମିଶନର କୋର୍ଟ ନଂ.୪ ଇଜିଲାସ କାର୍ଯ୍ୟାଳୟ ଠାରେ ଆସନ୍ତା ତା୨୪।୧୧।୨୦୨୫ରିଖ ଦିବା ଘ.୧୧.୩୦ମି. ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି । ବାଦୀଙ୍କ ଦ୍ୱାରା ଦାଖଲ ହୋଇଥିବା ତଫସିଲ ଜମିର ବିବରଣୀ ନିମ୍ନରେ ପ୍ରଦାନ କରାଗଲା।

ତଫସିଲ ସମ୍ପତ୍ତିର ବିବରଣୀ

ଥାନା– ଚନ୍ଦକା, ତହସିଲ– ଭୁବନେଶ୍ୱର, ଜିଲ୍ଲା–ଖୋର୍ଦ୍ଧା, ଥାନା ନଂ.– ୪୭, ମୌଜା– ଶଙ୍କରପୁର

ସାବକ ଖାତା ନଂ.– ୩୩୭, ପ୍ଲଟ୍ ନଂ.– ୧୨୨, ବିକ୍ରୟକୃତ ଏରିଆ ଏ୦.୫୯୦ଡି. ସ୍ୱଧରୁ ଏରିଆ ଏ୦.୦୮୪ଡି, ୧୯୬୨ ପଟ୍ଟା ଅନୁସାରେ ହାଲ୍ ଖାତା ନଂ.– ୧୭୧୭, ପ୍ଲଟ୍ ନଂ.– ୧୮୫୯, ଏ୦.୧୦୦ଡି.

ଏଣୁ ଉପରୋକ୍ତ ମାମଲାର ପ୍ରତିବାଦୀ ନଂ. ୩ ଓ ୪ଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ପ୍ରତିବାଦୀମାନେ ନିଜେ କିମ୍ବା ତାଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଜରିଆରେ ଉପର ନିର୍ଦ୍ଧାରିତ ତାରିଖରେ ଉକ୍ତ ଇଜିଲାସରେ ଉପସ୍ଥିତ ହୋଇ ଉପରୋକ୍ତ ମାମଲାରେ ପକ୍ଷଭୁକ୍ତ ହେବା ନିମନ୍ତେ ଆପତ୍ତି କରିପାରିବେ ଓ ଉପରୋକ୍ତ ମାମଲାରେ ଅଂଶ ଗ୍ରହଣ କରିପାରିବେ । ଅନ୍ୟଥା ଆଇନ ଅନୁସାରେ ଉକ୍ତ ମୋକଦ୍ଦମାର ଫଇସଲା କରାଯିବ।

ଅତିରିକ୍ତ କମିଶନର ରିଭିଜନ କୋର୍ଟ ନଂ.୪ଙ୍କ ଆଦେଶକ୍ରମେ
ସ୍ୱା/– କୋର୍ଟ ଅଫିସର,କୋର୍ଟ ନଂ.୪, ଭୁବନେଶ୍ୱର
ଧ–୨୪୫୨

ମାନ୍ୟବର ଅତିରିକ୍ତ କମିଶନର ନଂ.– ୩ ଇଜିଲାସ ୪ର୍ଥ ମହଲା,
ହେଡ୍ସ ଅଫ୍ ଡିପାର୍ଟମେଣ୍ଟ ବିଲ୍ଡିଂ ଭୁବନେଶ୍ୱର
ଓ.ଏସ୍.ଏସ୍. କେସ୍ ନଂ.– ୧୦୪୧/୨୦୨୩

ଅଭିମନ୍ୟୁ ପାତ୍ର .......ବାଦୀ

ବନାମ

ସପନି ଦାଶ ଏବଂ ଅନ୍ୟମାନେ .......ପ୍ରତିବାଦୀ

ନୋଟିସ ସି.ପି.ସି. ଅର୍ଡର– ୫ ରୁଲ– ୨୦ ମୁତାବକ

୧. ସପନି ଦାସ, ପିତା– ସ୍ୱର୍ଗତ ଭାଲୁ ଦାସ, ୩. ରଥିନ କୁମାର ଦାସ, ପିତା– ସ୍ୱର୍ଗତ ଅପରତି ଦାସ, ୫. ଧୂଳି ଦାସ, ପିତା– ଭଗବାନ ଦାସ, ୭. ଚତୁର୍ଭୁଜ ଦାସ, ୯. ନେତ୍ରାନନ୍ଦ ଦାସ, ଉଭୟଙ୍କର ପିତା– ସ୍ୱର୍ଗତ ବାଙ୍କ ବିହାରୀ ଦାସ, ସମସ୍ତ ପ୍ରତିବାଦୀ ମାନଙ୍କର ବାସସ୍ଥାନ ଗ୍ରାମ– ଚକେଇସିହାଣି, ପୋଷ୍ଟ– ରସୁଲଗଡ଼, ଥାନା– ମଞ୍ଚେଶ୍ୱର, ଜିଲ୍ଲା– ଖୋର୍ଦ୍ଧା।

ଉପରୋକ୍ତ ରିଭିଜନ୍ କେସ୍ ବାଦୀ ଓଡ଼ିଶା ସର୍ଭେ ଓ ସେଟଲମେଣ୍ଟ ଆଇନର ଧାରା ୧୫(ଖ) ଅନୁଯାୟୀ ମାନ୍ୟବର ସଦସ୍ୟ ରାଜସ୍ୱ ପର୍ଷଦଙ୍କ ଇଜିଲାସରେ ଦାଖଲ କରିଅଛନ୍ତି । ଯେହେତୁ ପ୍ରତିବାଦୀ ନଂ. ୧, ୩, ୫ ଏବଂ ୭ ନୋଟିସ ଜାରି ହୋଇ ମୃତ ଥିବା ହେତୁ ଏବଂ ପ୍ରତିବାଦୀ ନଂ. ୯ ଙ୍କୁ ନୋଟିସ ଜାରି ହୋଇ ବିଭିନ୍ନ କାରଣରୁ ଫେରସ୍ତ ଆସିଅଛି, ସେଥିପାଇଁ ଉକ୍ତ ବିଜ୍ଞାପନ ମାଧ୍ୟମରେ ତାଙ୍କର ଯଦି କେହି ଉତ୍ତରାଧିକାରୀ ଥାଆନ୍ତି, ତେବେ ସେମାନଙ୍କର ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ଉପରୋକ୍ତ ମାମଲାର ଶୁଣାଣି ମାନ୍ୟବର ଅତିରିକ୍ତ କମିଶନର ନଂ. ୩ ଇଜିଲାସ ୪ର୍ଥ ମହଲା, ହେଡ୍ସ ଅଫ୍ ଡିପାର୍ଟମେଣ୍ଟ ବିଲ୍ଡିଂ ଭୁବନେଶ୍ୱର କାର୍ଯ୍ୟାଳୟ ଠାରେ ଆସନ୍ତା ତା୧୮।୧୨।୨୦୨୫ ଦିବା ୩.୩୦ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି। ବାଦୀଙ୍କ ଦ୍ୱାରା ଦାଖଲ ହୋଇଥିବା ଉକ୍ତ ମାମଲାର ତଫସିଲ ଭୁକ୍ତ ଜମିର ବିବରଣୀ ନିମ୍ନରେ ପ୍ରଦାନ କରାଗଲା ।

ତଫସିଲ ସମ୍ପତ୍ତିର ବିବରଣୀ

ମୌଜା– ଗାଡ଼କଣ ୟୁନିଟ–୩୯, ତହସିଲ– ଭୁବନେଶ୍ୱର, ଥାନା– ମଞ୍ଚେଶ୍ୱର, ଜିଲ୍ଲା–ଖୋର୍ଦ୍ଧା

ସାବକ ଖାତା ନଂ.– ୪୨୯, ସାବକ ପ୍ଲଟ୍ ନଂ.– ୩୩୦୪, ସବ୍ ପ୍ଲଟ୍ ନଂ.– ୯, ଏରିଆ– ଏ୦.୦୫ଡି., ହାଲ୍ ଖାତା ନଂ.– ୧୫୪୧, ହାଲ୍ ପ୍ଲଟ୍ ନଂ.–୫୯୪୪/୧୦୩୧୭, ଏରିଆ– ଏ୦.୦୫୦ଡି.।

ଏଣୁ ଉପରୋକ୍ତ ମାମଲାର ଉପର ଲିଖିତ ପ୍ରତିବାଦୀମାନେ କିମ୍ବା ତାଙ୍କର କେହି ଉତ୍ତରାଧିକାରୀ ଥାଆନ୍ତି, ତେବେ ସେମାନେ ନିଜେ କିମ୍ବା ସେମାନଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଜରିଆରେ ଉପର ନିର୍ଦ୍ଧାରିତ ତାରିଖ ଓ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ହୋଇ ଉପରୋକ୍ତ ମାମଲାରେ ପକ୍ଷଭୁକ୍ତ ହେବା ନିମନ୍ତେ ଆପତ୍ତି କରିପାରିବେ, ଅନ୍ୟଥା ଆଇନ ଅନୁଯାୟୀ ଉକ୍ତ ମୋକଦ୍ଦମା ଫଇସଲା କରାଯିବ।

ଅତିରିକ୍ତ କମିଶନର ଅଦାଲତ ନଂ.୩ଙ୍କ ଆଦେଶକ୍ରମେ
ସ୍ୱା/– କୋର୍ଟ ଅଧିକାରୀ
ଧ–୨୪୫୩

# ମହିଳା ବନରକ୍ଷୀଙ୍କୁ ହତ୍ୟା ଉଦ୍ୟମ

## ଜବତ ଟ୍ରାକ୍ଟର ଛଡ଼ାଇନେଲେ, ଭିଡିଓ ଭାଇରାଲ

କେନ୍ଦୁଝର/ପାଟଣା,୧।୧୧(ନରେଶ ଚନ୍ଦ୍ର ପଟ୍ଟନାୟକ/ବୀର କିଶୋର ଦାଶ)

କେନ୍ଦୁଝର ଜିଲା ଘଟଗାଁ ଥାନା ପିଛୁଲାବେଡ଼ା ଗ୍ରାମ ଅଟେଇ ସଂରକ୍ଷିତ ଜଙ୍ଗଲରେ କାର୍ଯ୍ୟରତ ଜଣେ ମହିଳା ବନରକ୍ଷୀଙ୍କୁ ଶୁକ୍ରବାର ସନ୍ଧ୍ୟାରେ ଆକ୍ରମଣ ସହ ହତ୍ୟା ଉଦ୍ୟମ ହୋଇଛି। ସଂରକ୍ଷିତ ଜଙ୍ଗଲରୁ ଚୋରା ବାଲି ବୋଝେଇ ଟ୍ରାକ୍ଟରକୁ ମହିଳା ବନରକ୍ଷୀ ଅଟକାଇଥିଲେ। ହେଲେ କିଛି ସମୟ ପରେ ଅଭିଯୁକ୍ତମାନେ ତାଙ୍କୁ ଆକ୍ରମଣ କରି ବାଲିକୁ ଢାଳି ଟ୍ରାକ୍ଟର ଧରି ଚମ୍ପଟ ମାରିଥିଲେ। ସେ ସମୟର ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେଉଥିବା ବେଳେ ଘଟଣାକୁ ନେଇ ବନରକ୍ଷୀ ଜଣକ ଘଟଗାଁ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

ଅଭିଯୋଗ ଅନୁଯାୟୀ, ପିଛୁଲାବେଡ଼ା ନିକଟ ଅଟେଇ ସଂରକ୍ଷିତ ଜଙ୍ଗଲର ଏକ ନାଳରୁ ଶୁକ୍ରବାର ବେଆଇନ ଭାବେ ବାଲି ଚୋରାଚାଲାଣ ହେଉଥିଲା। ସୂଚନା ପାଇ



ଡ୍ରାଇଭର ଟ୍ରାକ୍ଟରକୁ ଜବରଦସ୍ତ ନେଇ ପଳାଉଛନ୍ତି।

ପାଟଣା ରେଞ୍ଜ ତଣ୍ଡୋବିଟ୍‌ରେ କାର୍ଯ୍ୟରତ ଫରେଷ୍ଟ ଗାର୍ଡ ଦେବଯାନୀ ମହାନ୍ତ ସ୍ୱାଡ କୈଳାସ ମହାନ୍ତଙ୍କ ସହିତ ଘଟଣାସ୍ଥଳକୁ ଯାଇଥିଲେ। ଏକ ଟ୍ରାକ୍ଟର (ଓଡି ୦୯– ଜେ– ୩୨୭୧)ରେ କିଛି ଲୋକ ବାଲି ଲୋଡ୍ କରୁଥିବା ଦେଖିଥିଲେ। ବନରକ୍ଷୀଙ୍କୁ ଦେଖି ବାଲି ଉତ୍ତୋଳନ କରୁଥିବା ଲୋକେ ଭୟରେ ପଳାଇଥିଲେ। ଘଟଣା ସମ୍ପର୍କରେ ରେଞ୍ଜ୍ ଅଧିକାରୀଙ୍କୁ ଫୋନ୍ ଯୋଗେ ଯୋଗାଯୋଗ କରି ସହାୟତା ଲୋଡ଼ିଥିଲେ। ଗାଡି ଜବତ ପାଇଁ ତାଲିକା ପ୍ରସ୍ତୁତ କରିବା ସମୟରେ ଟ୍ରାକ୍ଟର ମାଲିକ ପ୍ରହ୍ଲାଦ ପଲେଇ ୫ ଜଣ ସହଯୋଗୀଙ୍କ ସହ ଆସି ଅଶ୍ଲୀଳ ଭାଷାରେ ଗାଳିଗୁଲଜ କରିଥିଲେ। ତାଙ୍କୁ ଓ ତାଙ୍କ ପରିବାର ଲୋକଙ୍କୁ ହତ୍ୟା ଧମକ ଦେଇ ଟ୍ରାକ୍ଟର ନେଇ ପଳାଇଯିବାକୁ ଉଦ୍ୟମ କରିଥିଲେ। ପ୍ରତିବାଦ କରିବାରୁ ତାଙ୍କୁ ଧକ୍କା ମାରିବାରୁ ସେ ତଳେ ପଡ଼ିଯାଇଥିବା ମହିଳା ବନରକ୍ଷୀ କହିଛନ୍ତି। ଖାକି ପୋଷାକକୁ ଟଣାଓଟରା କରିବା ସହ ଦୁର୍ବ୍ୟବହାର କରିଥିବା ନେଇ ଅଭିଯୋଗ ପତ୍ରରେ ଦର୍ଶାଯାଇଛି। ଡ୍ରାଇଭର ସହାୟତାରେ ଟ୍ରାକ୍ଟରକୁ ଜଙ୍ଗଲରୁ ବାହାରକୁ ନେବାକୁ ଉଦ୍ୟମ ସମୟରେ ବନରକ୍ଷୀ ପୁନର୍ବାର ଗାଡ଼ି ଅଟକାଇବାରୁ ଧସ୍ତାଧସ୍ତି ହୋଇଥିଲା। ଗାଡ଼ି ଚଢ଼ାଇ ହତ୍ୟା ଉଦ୍ୟମ କରିଥିଲେ। ପରେ ସେଠାରେ ବାଲି ଢାଳି ଟ୍ରାକ୍ଟର ଧରି ଫେରାର ହୋଇଯାଇଥିଲେ ବୋଲି ବନରକ୍ଷୀ କହିଛନ୍ତି। ଗଲା ସମୟରେ ମଧ୍ୟ କଟୁ ମନ୍ତବ୍ୟ ଦେଇଥିବା ଅଭିଯୋଗ ପତ୍ରରେ ଉଲ୍ଲେଖ ରହିଛି। ଡିଏଫ୍ଓ ଧନ୍‌ରାଜ ଏଚ୍‌ଡି କହିଛନ୍ତି, ଘଟଣାକୁ ନେଇ ଥାନାରେ ପ୍ରମୋଦ ପଲେଇ ଓ ଅନ୍ୟମାନଙ୍କ ନାମରେ ଏତଲା ଦିଆଯାଇଛି। ଜଙ୍ଗଲ ଆଇନ ଅନୁଯାୟୀ ଏକ ମାମଲା କରାଯାଇଛି । ଅଭିଯୁକ୍ତଙ୍କୁ ହାଜର ହେବାକୁ ନୋଟିସ୍ ହୋଇଛି। ହାଜର ହୋଇ ସହାୟତା ନ କଲେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଅଭିଯୋଗ ଆଧାରରେ ଘଟଗାଁ ଥାନାରେ ଏକ ମାମଲା(ନଂ. ୫୦୮/୨୫) ରୁଜୁ ହୋଇଛି। ମାମଲାର ତଦନ୍ତ ଜାରି ରହିଛି ବୋଲି ଥାନା ଅଧିକାରୀ ଶୁଭ୍ରାନ୍ତ କୁମାର ଜେନା କହିଛନ୍ତି। ଟ୍ରାକ୍ଟର ମାଲିକ ପଲେଇ କହିଛନ୍ତି, ଗାର୍ଡଙ୍କ ଅଭିଯୋଗ ଭିତ୍ତିହୀନ। ଉଦ୍ଦେଶ୍ୟ ପ୍ରଣୋଦିତ। ଆଇନ ଅନୁଯାୟୀ ସମସ୍ତ ପ୍ରକାର ସହଯୋଗ କରିବେ ବୋଲି କହିଥିଲେ।

# ଜଙ୍ଗଲ ଭିତରୁ ଯୁବତୀଙ୍କ ଗଳିତ ମୃତଦେହ ଜବତ

## ହତ୍ୟା ଅଭିଯୋଗ ଆଣିଲେ ଗ୍ରାମବାସୀ

ପାଟଣାଗଡ଼,୧।୧୧ (ସଚ୍ଚିଦାନନ୍ଦ ମହାକୁର)



ମୃତଦେହ ଜବତ ସ୍ଥାନରେ ପୋଲିସ ଓ ସାଇଣ୍ଟିଫିକ୍ ଟିମ୍ ତଦନ୍ତ କରୁଛି।

ବଲାଙ୍ଗୀର ଜିଲ୍ଲା ପାଟଣାଗଡ଼ ଥାନା ଦେଷ୍ଟାପଦର ପଞ୍ଚାୟତ ରତାଖଣ୍ଡି ଗ୍ରାମ ନିକଟସ୍ଥ ଏକ ଜଙ୍ଗଲରୁ ପୋଲିସ ଜଣେ ଯୁବତୀଙ୍କ ଗଳିତ ମୃତଦେହ ଶନିବାର ଜବତ କରିଛି । ମୃତା ଯୁବତୀ ଜଣକ ହେଲେ ରତାଖଣ୍ଡି ଗ୍ରାମର ସୁନିତା ଷଣ୍ଢ (୨୦)। ତାଙ୍କୁ କେହି ହତ୍ୟାକରି ଜଙ୍ଗଲରେ ଫିଙ୍ଗିଦେଇଥିବା ଯୁବତୀଙ୍କ ପରିବାର ଓ ଗ୍ରାମବାସୀ ଅଭିଯୋଗ କରିଛନ୍ତି । ପ୍ରକାଶ ଯେ, ରତାଖଣ୍ଡି ଗ୍ରାମର କେତେଜଣ ବ୍ୟକ୍ତି ସକାଳେ ଜଙ୍ଗଲ ଭିତରକୁ କୌଣସି କାମରେ ଯାଇଥିବା ବେଳେ ଏକ ମୃତଦେହ ପଡ଼ିଥିବା ଦେଖିଥିଲେ । ସେମାନେ ଏ ସମ୍ପର୍କରେ ଆସି ଗ୍ରାମରେ କହିଥିଲେ । ଖବରପାଇ ପୋଲିସ ସାଇଣ୍ଟିଫିକ୍ ଟିମ୍ ସହ ପହଞ୍ଚି ମୃତଦେହ ଜବତ କରିଥିଲା । ଏ ନେଇ ପୋଲିସ ନଂ. ୩୩/୨୦୨୫ରେ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ ଚଳାଇଛି । ସୂଚନାଯୋଗ୍ୟ, ଜଗଦାନନ୍ଦ ଷଣ୍ଢ ଓରଫ ଇଙ୍ଗୁଙ୍କ ଝିଅ ସୁନିତା ଗତ ୮ ତାରିଖ ରାତି ପ୍ରାୟ ୯ ଟାରେ ଘରୁ ବାହାରକୁ ଯାଇ ଫେରି ନ ଥିଲେ । ପରିବାର ଲୋକେ ଖୋଜାଖୋଜି କରି ତାଙ୍କୁ ନ ପାଇବାରୁ ପରଦିନ ପାଟଣାଗଡ଼ ଥାନାରେ ଏତଲା ଦେଇଥିଲେ । ଅଭିଯୋଗ ଆଧାରରେ ପୋଲିସ ତଦନ୍ତ ଜାରି ରଖିଥିଲା । ତେବେ ନିଖୋଜର ୨୩ ଦିନ ପରେ ଜଙ୍ଗଲରୁ ଗଳିତ ଅବସ୍ଥାରେ ସୁନିତାଙ୍କ ମୃତଦେହ ମିଳିବା ପରେ ଅଞ୍ଚଳରେ ଚାଞ୍ଚଲ୍ୟ ଖେଳିଯାଇଛି । ଏ ସମ୍ପର୍କରେ ଉପଖଣ୍ଡ ପୋଲିସ ଅଧିକାରୀ ସଦାନନ୍ଦ ପୂଜାରୀଙ୍କୁ ପଚାରିବାରେ ତଦନ୍ତ ରିପୋର୍ଟ ଆସିଲା ପରେ ଘଟଣାର ସତ୍ୟାସତ୍ୟ ଜଣାପଡ଼ିବ ବୋଲି କହିଛନ୍ତି ।

# ଘର ଭିତରୁ ବୃଦ୍ଧ ଦମ୍ପତିଙ୍କ ମୃତଦେହ ଜବତ

ବରଗଡ,୧।୧୧(ପ୍ରେମାନନ୍ଦ ଖମାରୀ)

ବରଗଡ଼ ସଦର ଥାନା ଖୁଣ୍ଟପାଲି ପଞ୍ଚାୟତର ଗଞ୍ଜିଆଟିକ୍ରାରେ ଶୁକ୍ରବାର ରାତିରେ ଏକ ଅଭାବନୀୟ ଘଟଣା ଘଟିଛି। ଗ୍ରାମର ବୃଦ୍ଧ ଦମ୍ପତିଙ୍କ ମୃତଦେହକୁ ଝୁଲନ୍ତା ଅବସ୍ଥାରେ ଜବତ କରାଯାଇଛି । ସେମାନେ ହେଲେ, କିରଟୀ ପ୍ରଧାନ (୬୫) ଏବଂ ସ୍ତ୍ରୀ ଶାନ୍ତି (୬୦)। ଘର ଭିତରେ ରଶି ଲଗାଇ ଦମ୍ପତି ଆତ୍ମହତ୍ୟା କରିଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଅନୁମାନ କରୁଛି। ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାରେ ଦମ୍ପତିଙ୍କ ମୃତଦେହ ବ୍ୟବଚ୍ଛେଦ କରାଯାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ପୋଲିସ କହିଛି। ଏ ନେଇ ସ୍ଥାନୀୟ ସଦର ଥାନା ପୋଲିସ ୨ଟି ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

ସୂଚନା ଅନୁଯାୟୀ, ମୃତ ଦମ୍ପତିଙ୍କ ୨ପୁଅ। ଉଭୟେ ବିବାହିତ ହୋଇଥିବା ବେଳେ ସେମାନଙ୍କ ପିଲାଛୁଆ ଅଛନ୍ତି। ଗତ ପ୍ରାୟ ବର୍ଷକ ତଳେ ତାଙ୍କ ସାନପୁଅଙ୍କ ଦେହାନ୍ତ ହୋଇଥିଲା। ସେହିଦିନଠାରୁ ବୃଦ୍ଧ ଦମ୍ପତି ସାନପୁଅକୁ ହରାଇ ଚିନ୍ତିତ ରହୁଥିଲେ। ଅନ୍ୟପଟେ ଶୁକ୍ରବାର ରାତିରେ ଘର ଭିତରେ ଦମ୍ପତିଙ୍କ ମୃତଦେହ ଝୁଲୁଥିବା ପରିବାର ଲୋକେ ଦେଖିଥିଲେ। ଖବରପାଇ ସଦର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଥିଲା। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଡାକ୍ତରଖାନାକୁ ପଠାଇଥିଲା। ବ୍ୟବଚ୍ଛେଦ ପରେ ଶନିବାର ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଛି।

# ଦ୍ୱିବେନ୍ଦୁଙ୍କୁ ୩ ଦିନିଆ ରିମାଣ୍ଡରେ ନେଇ ସିବିଆଇର ଜେରା

ଭୁବନେଶ୍ୱର,୧।୧୧(ସତ୍ୟଜିତ ରାଉତ)

## କଲ୍‌ସେଣ୍ଟର ଜରିଆରେ ଜାପାନ ଲୋକଙ୍କୁ ଠକେଇ

### ଜେଲରେ ଅଛନ୍ତି ୬ ସହଯୋଗୀ

ଏକ ବଡ଼ଧରଣର ଅନ୍ତର୍ଜାତୀୟ ସାଇବର ଠକେଇ ମାମଲାରେ ସମ୍ପୃକ୍ତ ଥିବା ମୁଖ୍ୟ ଅଭିଯୁକ୍ତ କଟକର ଦ୍ୱିବେନ୍ଦୁ ମହାରଣାଙ୍କୁ ସିବିଆଇ ରିମାଣ୍ଡରେ ନେଇ ମାରାଥନ ଜେରା କରୁଛି। ଏନେଇ ଶନିବାର ସିବିଆଇ ପକ୍ଷରୁ ସୂଚନା ଦିଆଯାଇଛି। ଦିଲ୍ଲୀ ସିବିଆଇ ଟିମ୍ ଦ୍ୱିବେନ୍ଦୁଙ୍କୁ ଗିରଫ କରି ଶୁକ୍ରବାର ଭୁବନେଶ୍ୱରସ୍ଥିତ ସ୍ୱତନ୍ତ୍ର ସିବିଆଇ କୋର୍ଟରେ ହାଜର କରିବା ପରେ ତାଙ୍କୁ ୨ଦିନିଆ ଟ୍ରାଞ୍ଜିଟ୍ ରିମାଣ୍ଡରେ ନେଇଥିଲା। ପରେ ଦିଲ୍ଲୀସ୍ଥିତ ସ୍ୱତନ୍ତ୍ର ସିବିଆଇ କୋର୍ଟରେ ଦ୍ୱିବେନ୍ଦୁଙ୍କୁ ହାଜର କରାଯାଇଥିଲା। ସେଠାରୁ ତାଙ୍କୁ ୩ ଦିନିଆ ରିମାଣ୍ଡରେ ନେଇ ସିବିଆଇ ଜେରା କରୁଛି। ପୂର୍ବରୁ ଦ୍ୱିବେନ୍ଦୁଙ୍କ ୬ଜଣ ସହଯୋଗୀ ଗିରଫ ହୋଇ ଜେଲରେ ଅଛନ୍ତି ବୋଲି ସିବିଆଇ କହିଛି।

ସିବିଆଇର ସୂଚନା ଅନୁଯାୟୀ, ଦ୍ୱିବେନ୍ଦୁ ଦିଲ୍ଲୀ ନୋଇଡାରେ 'ଭିଓଆଇପି କନେକ୍ଟ ପ୍ରାଇଭେଟ୍ ଲିଃ' ନାମରେ ଏକ କଲ୍ ସେଣ୍ଟର ଖୋଲି ଜାପାନର ଲୋକମାନଙ୍କୁ ବହୁ କୋଟି ଟଙ୍କା ଠକେଇ କରିଥିଲେ। ଜାପାନୀ ଲୋକଙ୍କୁ କଲ୍ କରି ଅଭିଯୁକ୍ତମାନେ ବହୁଦେଶୀୟ କମ୍ପାନୀର ଟେକ୍ନିକାଲ ସପୋର୍ଟରେ ବୋଲି ପରିଚୟ ଦେଉଥିଲେ। କମ୍ପ୍ୟୁଟର ହ୍ୟାକ୍ ଓ ଅନ୍ୟାନ୍ୟ ସମସ୍ୟାର ସମାଧାନ କରିଦେବାକୁ କହି ଟଙ୍କା ଆଣି ଠକେଇ କରୁଥିଲେ। ଏନେଇ ଅଭିଯୋଗକ୍ରମେ ସିବିଆଇ ମାମଲା ରୁଜୁ କରିବା ସହ ଜାପାନର ନ୍ୟାଶନାଲ୍ ପୋଲିସ ଏଜେନ୍ସି ଓ ମାଇକ୍ରୋସଫ୍ଟ କୋର୍ପୋରେଶନ ସହାୟତାରେ ତଦନ୍ତ ଆରମ୍ଭ କରିଥିଲା। ଗତ ମେ' ୨୮ରେ ଦିଲ୍ଲୀ, ହରିୟାଣା ଓ ଉତ୍ତରପ୍ରଦେଶ ସମେତ ୧୯ ସ୍ଥାନରେ ଚଢ଼ାଉ କରି ଦ୍ୱିବେନ୍ଦୁଙ୍କ ୬ଜଣ ସହଯୋଗୀଙ୍କୁ ସିବିଆଇ ଗିରଫ କରିଥିଲା। ଦ୍ୱିବେନ୍ଦୁଙ୍କ କଲ୍ ସେଣ୍ଟରରେ ସିବିଆଇ ଚଢ଼ାଉ ସୂଚନା ପାଇ ସେ ମେ' ୨୯ରେ ଭୁବନେଶ୍ୱରରୁ ୟୁଏଇକୁ ଚାଲିଯାଇଥିଲେ। ତେବେ ସିବିଆଇର ଅନୁରୋଧକ୍ରମେ ବ୍ୟୁରୋ ଅଫ୍ ଇମିଗ୍ରେଶନ୍ ପକ୍ଷରୁ ଦ୍ୱିବେନ୍ଦୁଙ୍କ ବିରୋଧରେ ଲୁକ୍‌ଆଉଟ୍ ସର୍କୁଲାର୍ ଜାରି କରାଯାଇଥିଲା। ଗୁରୁବାର ସକାଳେ ସେ ୟୁଏଇରୁ ଫେରୁଥିବାବେଳେ ଭୁବନେଶ୍ୱର ବିମାନବନ୍ଦରରେ ଇମିଗ୍ରେଶନ୍ ଅଧିକାରୀମାନେ ତାଙ୍କୁ କାବୁ କରିଥିଲେ।

# ଏମ୍‌କେସିଜିରେ ରାଗିଂ ଅଭିଯୋଗ

ବ୍ରହ୍ମପୁର,୧।୧୧(ସୁବାସ ଚନ୍ଦ୍ର ପାଢ଼ୀ)

## ସତ୍ୟାସତ୍ୟ ଯାଞ୍ଚ ଦାବି କଲେ ଡାକ୍ତରୀ ଛାତ୍ରୀଛାତ୍ର

ବ୍ରହ୍ମପୁର ଏମ୍‌କେସିଜି ମେଡିକାଲ କଲେଜରେ ପୁଣି ଜଣଙ୍କୁ ରାଗିଂ କରାଯାଇଥିବା ନେଇ ଅଭିଯୋଗ ଆସିଛି। ଅଭିଯୋଗକାରୀ ତାଙ୍କ ନାମ ଦର୍ଶାଇ ନ ଥିବା ବେଳେ ଶନିବାର ଆଣ୍ଟି ରାଗିଂ ସେଲରେ ୫ଜଣ ବିଦ୍ୟାର୍ଥୀଙ୍କ ନାମରେ ରାଗିଂ ଅଭିଯୋଗ ଆଣିଛନ୍ତି। ହଷ୍ଟେଲ ନଂ.୨ରୁ ୩ ଜଣ ଓ ହଷ୍ଟେଲ ନଂ.୩ରୁ ୨ ଜଣ ରାଗିଂ କରିଥିବା ଚିଠି ଆସିଥିଲା। ଏହାକୁ ନେଇ ଶନିବାର ସନ୍ଧ୍ୟାରେ ଏମ୍‌କେସିଜି ପ୍ରିନ୍ସିପାଲଙ୍କ ସମ୍ମିଳନୀ କକ୍ଷରେ ଉଚ୍ଚସ୍ତରୀୟ ବୈଠକ ହୋଇଛି। ଏହାପୂର୍ବରୁ ଗତ ଅଗଷ୍ଟ ମାସରେ ମଧ୍ୟ ଅନୁରୂପ ଅଭିଯୋଗ ଆସିଥିଲା। ସେପ୍ଟେମ୍ବର ୨ ତାରିଖରେ ଡିନ୍ ଉକ୍ତ ଅଭିଯୋଗକୁ ଭିତ୍ତିହୀନ ବୋଲି ଦର୍ଶାଇଥିଲେ।

ତେବେ ବାରମ୍ବାର ଏପରି ଆସୁଥିବା ବେନାମୀ ରାଗିଂ ଅଭିଯୋଗର ସତ୍ୟାସତ୍ୟ ଯାଞ୍ଚ କରିବାକୁ ଛାତ୍ରୀଛାତ୍ରମାନେ ଦାବି କରିଛନ୍ତି। ମେଡିକାଲ କଲେଜ ନାଁରେ ଆସୁଥିବା ଭିତ୍ତିହୀନ ଅଭିଯୋଗ କାରଣରୁ ଶିକ୍ଷାନୁଷ୍ଠାନର ଶୈକ୍ଷିକ ବାତାବରଣ ପ୍ରଭାବିତ ହେଉଛି। ଏପରକି ପାଠପଢ଼ାରେ ବ୍ୟାଘାତ ହେବା ସହ ମାନସିକ ଚାପରେ ରହୁଥିବା ଅନେକ ଛାତ୍ରୀଛାତ୍ର କହିଛନ୍ତି। ସୂଚନାଯୋଗ୍ୟ, ପୂର୍ବରୁ ମଧ୍ୟ ଏପରି ଅନେକ ଅଭିଯୋଗ ଆସିଛି। ତଦନ୍ତ ପରେ ତାହା ଭିତ୍ତିହୀନ ବୋଲି କର୍ତ୍ତୃପକ୍ଷ ଗଣମାଧ୍ୟମ ଆଗରେ ସ୍ୱୀକାର କରିଛନ୍ତି। କର୍ତ୍ତୃପକ୍ଷଙ୍କ ଆଚରଣ ଭେଷଜ ମହାବିଦ୍ୟାଳୟର ଛବିକୁ ମଳିନ କରୁଥିବା ଅନେକ ପୂର୍ବତନ ଛାତ୍ର ମତବ୍ୟକ୍ତ କରିଛନ୍ତି।

**ସଂସ୍କୃତରେ ଡକ୍ଟରେଟ୍ ଉପାଧିପ୍ରାପ୍ତ**



ଶ୍ରୀ ଜନାର୍ଦ୍ଦନ ଭୋଇ ବିହାର ସ୍ଥିତ Mahatma Gandhi Central University (MGCU) ର ସଂସ୍କୃତ ବିଭାଗରୁ ପିଏଚଡି ଉପାଧି ଲାଭ କରିଛନ୍ତି । ଗବେଷଣାତ୍ମକ ନିବନ୍ଧର ଶୀର୍ଷକ- "प्रबोधचन्द्रोदयस्योपरि गणेशदीक्षितकृत-चिच्चन्द्रिकाटीकायाः पाठसमीक्षात्मकं सम्पादनमध्ययनञ्च" । ସେ ମାନବିକୀ ଏବଂ ଭାଷା ସଂକାୟର ନିର୍ଦ୍ଦେଶକ ପ୍ରଫେସର ପ୍ରସୂନ ଦତ୍ତ ସିଂହଙ୍କ ତତ୍ତ୍ୱାବଧାନରେ ଗବେଷଣା କରିଥିଲେ । ନିବନ୍ଧଟି ବାବାସାହେବ ଭିମରାଓ ଆମ୍ବେଦକର ବିଶ୍ୱବିଦ୍ୟାଳୟର ପ୍ରଫେସର ମନୋଜ କୁମାରଙ୍କ ଦ୍ୱାରା ପରୀକ୍ଷିତ ହୋଇ ଉଚ୍ଚ ପ୍ରଶଂସିତ ହୋଇଛି । ସୁବର୍ଣ୍ଣପୁର ଜିଲାର ଅମୃର୍ତ୍ତା ନିବାସୀ ଏବଂ ସ୍ୱର୍ଗତ ପିତା ଚଣ୍ଡାଲ ଭୋଇ ଓ ମାତା ଉଦିଆଙ୍କ କନିଷ୍ଠ ପୁତ୍ର ଅଟନ୍ତି । ସେ ଏହି ସମ୍ମାନ ଏବଂ ସଫଳତାର ଶ୍ରେୟ ଆରାଧ୍ୟା ଦେବୀ ମାଁ ରାମଚଣ୍ଡୀ, ସମଲେଶ୍ୱରୀ ଓ ଜଗନ୍ନାଥଙ୍କୁ ଅର୍ପଣ କରିଛନ୍ତି । ଏଥିସହ ସେ ପିତାମାତା, ବଡ଼ଭାଇ ହୃଷିକେଶ, ଭଉଣୀ ସତ୍ୟବତୀ, ସମସ୍ତ ପରିବାରବର୍ଗ, ଶିକ୍ଷକଶିକ୍ଷୟିତ୍ରୀ, ସହକର୍ମୀ ଏବଂ ବନ୍ଧୁମାନଙ୍କୁ ଆନ୍ତରିକ କୃତଜ୍ଞତା ଜଣାଇଛନ୍ତି । ବର୍ତ୍ତମାନ ଡ. ଜନାର୍ଦ୍ଦନ ଭୋଇ ସମ୍ବଲପୁର ସ୍ଥିତ ଓଡିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟର ସଂସ୍କୃତ ବିଭାଗରେ Assistant Professor ଭାବରେ କାର୍ଯ୍ୟରତ ।

ଧ-2465

# ଓଏଚ୍‌ପିସିରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳିତ



ଭୁବନେଶ୍ୱର,୧।୧୧ (ଅନୁରାଧା ମହାରଣା)

ଓଡ଼ିଶା ଜଳବିଦ୍ୟୁତ୍ ନିଗମ ଲିମିଟେଡ୍ (ଓଏଚ୍‌ପିସି) ଏହାର କର୍ପୋରେଟ କାର୍ଯ୍ୟାଳୟ ଏବଂ ରାଜ୍ୟର ସମସ୍ତ ୟୁନିଟ୍‌ରେ ସତର୍କତା ସଚେତନତା ସପ୍ତାହ–୨୦୨୫ ପାଳନ କରୁଛି। କର୍ପୋରେଟ କାର୍ଯ୍ୟାଳୟରେ ନିର୍ଦ୍ଦେଶକ (ଅର୍ଥ) ପ୍ରଣବ କୁମାର ମହାନ୍ତି, ନିର୍ଦ୍ଦେଶକ (ମାନବ ସମ୍ବଳ) ସନ୍ଦୀପ ପଟ୍ଟନାୟକ, ନିର୍ଦ୍ଦେଶକ (ଅପରେଶନ) ଆଇ/ସି, ବରିଷ୍ଠ ଅଧିକାରୀ ଏବଂ କର୍ମଚାରୀଙ୍କ ଉପସ୍ଥିତିରେ ଏହି ଶପଥ ପାଠ କରିଥିଲେ। କାର୍ଯ୍ୟାଳୟ ପରିସରରେ ପ୍ରମୁଖ ସ୍ଥାନରେ ସତର୍କତା ବିଷୟବସ୍ତୁ ଉପରେ ବ୍ୟାନର ଏବଂ ପୋଷ୍ଟର ପ୍ରଦର୍ଶିତ ହୋଇଥିଲା। ଭୁବନେଶ୍ୱରସ୍ଥିତ ଓଏଚ୍‌ପିସି ତାଲିମ କେନ୍ଦ୍ରରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ପୋଲିସ ମହାନିର୍ଦ୍ଦେଶକ ଏମ୍. ଅକ୍ଷୟ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିଲେ। ଏହି ଅବସରରେ, କର୍ପୋରେଟ ଅଫିସ ଏବଂ ତାଲିମ କେନ୍ଦ୍ରରେ କର୍ମଚାରୀମାନଙ୍କ ମଧ୍ୟରେ ପ୍ରବନ୍ଧ ଏବଂ ସ୍ଲୋଗାନ ପ୍ରତିଯୋଗିତା ସହ 'ସତର୍କତା: ଆମର ସହଭାଗୀ ଦାୟିତ୍ୱ' ବିଷୟବସ୍ତୁ ଉପରେ ଏକ ନୁକ୍କଡ ନାଟକ ପରିବେଷଣ କରାଯାଇଥିଲା। ସ୍ଲୋଗାନ ପ୍ରତିଯୋଗିତାର ବିଜେତା ଡିଜିଏମ୍ (ବିଦ୍ୟୁତ୍) ସମୀର ମହାପାତ୍ର, ପରିଚାଳକ (ବିଦ୍ୟୁତ୍) ସୁଶ୍ରୀ ଚନ୍ଦନ ପଣ୍ଡା ଏବଂ ଡିଏମ୍ (ବିଦ୍ୟୁତ୍) ମାଧବ ଚନ୍ଦ୍ର ବାରିକଙ୍କୁ ପୁରସ୍କୃତ କରାଯାଇଥିଲା।

## BUSINESS

# ନୃପେନ୍ଦ୍ର ନାଥ ସିଏମ୍‌ପିଡିଆଇର ଟେକ୍ନିକାଲ ବିଭାଗ ନିର୍ଦ୍ଦେଶକ

ଭୁବନେଶ୍ୱର,୧।୧୧

ସିଏମ୍‌ପିଡିଆଇର ନିର୍ଦ୍ଦେଶକ (ଟେକ୍ନିକାଲ) ଭାବେ ନୃପେନ୍ଦ୍ର ନାଥ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ୧୯୮୮ରେ ନୃପେନ୍ଦ୍ର ଆଇଆଇଟି (ଆଇଏସ୍‌ଏମ୍) ଧାନବାଦରୁ ସ୍ନାତକ ଡିଗ୍ରୀ ପ୍ରାପ୍ତ କରିଥିଲେ। ସେ ସିସିଏଲ୍‌ର ଏନ.କେ. ଏରିଆରୁ



ନୃପେନ୍ଦ୍ର ନାଥ

ସେବା ଆରମ୍ଭ କରି ଦୁଇ ଦଶନ୍ଧି ଧରି ବିଶ୍ୱ ବ୍ୟାଙ୍କ ଦ୍ୱାରା ସହାୟତା ପ୍ରାପ୍ତ କେଡିଏଚ୍ ପ୍ରକଳ୍ପରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ଦେଇଥିଲେ। ଇଏସ୍‌ଏଲ୍‌ର ବିଭିନ୍ନ ଖଣିରେ ପ୍ରକଳ୍ପ ଅଧିକାରୀ ସମେତ ଗୁରୁତ୍ୱପୂର୍ଣ୍ଣ ପଦବୀରେ କାର୍ଯ୍ୟ କରିଛନ୍ତି। ସିସିଏଲ୍‌ର ମଗଧ–ସଂଘମିତ୍ରା ଅଞ୍ଚଳର ଆଞ୍ଚଳିକ ମହାପ୍ରବନ୍ଧକ ଭାବେ ଉକ୍ତ ଅଞ୍ଚଳକୁ ପ୍ରତିଷ୍ଠିତ ୨୦ ମିଲିୟନ ଟନ୍ ଉତ୍ପାଦନ କ୍ଲବରେ ସାମିଲ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥିଲେ। ଅଷ୍ଟ୍ରେଲିଆରେ ପ୍ରଶିକ୍ଷିତ ସିମଟାର୍ସ–ମାନ୍ୟତାପ୍ରାପ୍ତ ପ୍ରଶିକ୍ଷକ ନୃପେନ୍ଦ୍ର ସିଆଇଏଲ୍‌ର ସହାୟକ କମ୍ପାନୀରେ ସୁରକ୍ଷା ପ୍ରଶିକ୍ଷଣ ପ୍ରଦାନ କରିଛନ୍ତି।

# ଜିନ୍ଦଲ ଫାଉଣ୍ଡେଶନକୁ ଏକ୍ସିଡ ସିଏସ୍‌ଆର୍ ପୁରସ୍କାର

ଭୁବନେଶ୍ୱର,୧।୧୧



ଶାଲୁ ଜିନ୍ଦଲ

ଜିନ୍ଦଲ ଷ୍ଟିଲର ସାମାଜିକ ଶାଖା ଜିନ୍ଦଲ ଫାଉଣ୍ଡେଶନକୁ ସିଏସ୍‌ଆର୍ ପ୍ରକଳ୍ପ ପାଇଁ ଏକ୍ସିଡ ସିଏସ୍‌ଆର୍ ପୁରସ୍କାର ୨୦୨୫ ପ୍ରଦାନ କରାଯାଇଛି। ଭାରତ ସରକାରଙ୍କ ପୂର୍ବତନ ସଚିବ ଏବଂ ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ ଅଫ କର୍ପୋରେଟ ଆଫେୟାର୍ସର ପୂର୍ବତନ ନିର୍ଦ୍ଦେଶକ ଜେନେରାଲ ଏବଂ ସିଇଓ ଡକ୍ଟର ଭାସ୍କର ଚାଟାର୍ଜୀ ଶୁକ୍ରବାର ଭୁବନେଶ୍ୱରରେ ଏକ ଭବ୍ୟ ସମାରୋହରେ ଏହି ପୁରସ୍କାର ପ୍ରଦାନ କରିଥିଲେ। ଜିନ୍ଦଲ ଷ୍ଟିଲର ଅଧ୍ୟକ୍ଷ ନବୀନ ଜିନ୍ଦଲଙ୍କ ନେତୃତ୍ୱରେ ଫାଉଣ୍ଡେଶନର ଜଳଛାୟା ବିକାଶ କାର୍ଯ୍ୟକ୍ରମଗୁଡ଼ିକୁ ରୂପରେଖ ଦିଆଯାଉଛି। ଏହି ଅବସରରେ ଜିନ୍ଦଲ ଫାଉଣ୍ଡେଶନର ଅଧ୍ୟକ୍ଷା ଶାଲୁ ଜିନ୍ଦଲ କହିଛନ୍ତି, ଆମେ ବିଶ୍ୱାସ କରୁ ଯେ ପ୍ରକୃତ ପ୍ରଗତି ସାମଗ୍ରିକ ବିକାଶରେ ନିହିତ – ଯେଉଁଠାରେ ଶିକ୍ଷା, ସ୍ୱାସ୍ଥ୍ୟ, ଜୀବିକା, ପରିବେଶ ଏବଂ ସଂସ୍କୃତି ଏକତ୍ର ହୋଇ ସନ୍ତୁଳିତ ଏବଂ ସ୍ଥାୟୀ ଉପାୟରେ ଜୀବନକୁ ଉନ୍ନତ କରିଥାଏ। ସ୍ଥାୟିତ୍ୱ ଏବଂ ମାନବିକ ମର୍ଯ୍ୟାଦାର ନୀତି ସହିତ ଜିନ୍ଦଲ ଫାଉଣ୍ଡେଶନର ପଦକ୍ଷେପଗୁଡ଼ିକୁ ସମନ୍ୱିତ କରି ସାମାଜିକ, ଆର୍ଥିକ ଏବଂ ପରିବେଶଗତ ଭାବରେ ଉନ୍ନତି କରିପାରୁଥିବା ସ୍ଥିର ସମ୍ପ୍ରଦାୟ ନିର୍ମାଣ କରିବାକୁ ଲକ୍ଷ୍ୟ ରଖିଥିବା ସେ କହିଛନ୍ତି। ସୂଚନାଥାଉ କି, ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିନ୍ଦଲ ଷ୍ଟିଲର ସଭାପତି ଏବଂ ଗୋଷ୍ଠୀ ମୁଖ୍ୟ (ସିଏସ୍‌ଆର୍ ଏବଂ ଶିକ୍ଷା) ପ୍ରଶାନ୍ତ ହୋତା ବୈଷୟିକ ଅଧିବେଶନରେ ଅଂଶଗ୍ରହଣ କରିଥିଲେ। ଅଧିବେଶନରେ ସେ ସିଏସ୍‌ଆର୍ ମାଧ୍ୟମରେ ସ୍ଥାୟୀ ବିକାଶ ଲକ୍ଷ୍ୟ ହାସଲ କରିବା ପାଇଁ ବିଭିନ୍ନ ରଣନୀତି ଏବଂ ଉପାୟ ଉପରେ ଆଲୋକପାତ କରିଥିଲେ।

ମନେ ପଡ଼ନ୍ତି

**୩୫ତମ ଶ୍ରାଦ୍ଧବାର୍ଷିକୀ**



ସ୍ୱର୍ଗତ ନଟବର ଦେବତା
ମୀନାବଜାର, ଢେଙ୍କାନାଳ
ଆବିର୍ଭାବ: ୩୦।୧୨।୧୯୧୮
ତିରୋଧାନ: ୩୦।୧୦।୧୯୯୦

ଚାହୁଁ ଚାହୁଁ ୩୫ବର୍ଷ ବିତିଗଲା । ତୁମର ଅନାବିଳ ସ୍ନେହ, ପରୋପକାର ଓ ଶ୍ରଦ୍ଧା ଆମ୍ଭମାନଙ୍କର ମାନସପଟରୁ ଲିଭିନି, ଅଦ୍ୟାବଧି ତାହା ଆମ୍ଭର ମାର୍ଗ ଦର୍ଶନ କରୁଅଛି । ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଭଗବାନଙ୍କ ନିକଟରେ ପ୍ରାର୍ଥନା ।

ଆପଣଙ୍କର ପରିବାରବର୍ଗ: ମେସର୍ସ ନଟବର ଦେବତା, ବଳରାମ ଫେବ୍ରିକ୍ସ, ଓମ୍ ଟେକ୍ସଟାଇଲ, ମାଳତୀ ନିବାସ ।

ଧ-2463

**ଚତୁର୍ଦ୍ଦଶତମ ଶ୍ରାଦ୍ଧ ବାର୍ଷିକୀ**



୰ଡାକ୍ତର ପ୍ୟାରୀ ମୋହନ ସିଂହ
ଆବିର୍ଭାବ - ୧୩.୦୪.୧୯୩୯
ତିରୋଧାନ - ୦୨.୧୧.୨୦୧୧

ଆପଣ ଆମକୁ ଛାଡ଼ି ଚାଲିଯିବା ଚାହୁଁ ଚାହୁଁ ଚଉଦ ବର୍ଷ ହୋଇଗଲା । ଆପଣଙ୍କ ପାର୍ଥିବ ଅନୁପସ୍ଥିତି ଆମ ଜୀବନରେ ଯେଉଁ ଶୂନ୍ୟତା ଭରିଦେଇଛି ତାହା ଅପୂରଣୀୟ । ଆପଣଙ୍କର ସ୍ମୃତି ଆମ ହୃଦୟରେ ସଦା ବିଦ୍ୟମାନ, ଆମର ଚଲା ପଥର ପାଥେୟ । ଆପଣଙ୍କ ଆତ୍ମା ଆରାଧ୍ୟ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ଶାନ୍ତିରେ ଥାଉ, ଆଜି ଚତୁର୍ଦ୍ଦଶତମ ଶ୍ରାଦ୍ଧ ବାର୍ଷିକୀରେ ଏହା ହିଁ ପ୍ରାର୍ଥନା ।

ଆପଣଙ୍କର ଆଶୀର୍ବାଦଭିକ୍ଷୁ ପରିବାରବର୍ଗ, ମଠସାହି ଏବଂ ଆଗରପଡ଼ା ବାସିନ୍ଦା ।

ଧ-2462

**ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି**



୰ମହେନ୍ଦ୍ର କୁମାର ଦାସ
ଆବିର୍ଭାବ: ୨୭.୧୧.୧୯୪୪ ତିରୋଧାନ: ୧୨.୧୧.୨୦୨୪
(ବିଡ଼ାନାସୀ, କଟକ)

ଅଜୋ ନିତ୍ୟଃ ଶାଶ୍ୱତୋଽୟଂ ପୁରାଣୋ ।
ନ ହନ୍ୟତେ ହନ୍ୟମାନେ ଶରୀରେ ।।

ଚାହୁଁ ଚାହୁଁ ଏକ ବର୍ଷ ବିତିଗଲା । ଆପଣଙ୍କର ସ୍ନେହ, ଶ୍ରଦ୍ଧା, ଆର୍ଶୀବାଦ, କର୍ତ୍ତବ୍ୟପରାୟଣତା ଏବଂ ମହାନୁଭବତା ଆମକୁ ସବୁଦିନ ପ୍ରେରଣା ଦେଉଥିବ । ଆପଣଙ୍କର ଅନୁପସ୍ଥିତି ଚିରଦିନ ପାଇଁ ଅପୂରଣୀୟ ହୋଇରହିବ । ଆଜିର ପ୍ରଥମ ଶ୍ରାଦ୍ଧବାର୍ଷିକୀରେ ଆପଣଙ୍କ ଅମର ଆତ୍ମା ପ୍ରତି ଭକ୍ତିପୂତ ଶ୍ରଦ୍ଧାସୁମନ ଅର୍ପଣ କରିବା ସହିତ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା ଜଣାଉଛୁ ।

-: ଶୋକସନ୍ତପ୍ତ :-
ପରିବାରବର୍ଗ ଓ ଆତ୍ମୀୟସ୍ୱଜନ

ଧ-୭୬୮୬୮

**ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



୰ସୁନୀତା ସ୍ୱାଇଁ
ଆବିର୍ଭାବ- ତା.୨୦.୦୬.୧୯୬୫
ତିରୋଧାନ- ତା.୨୪.୧୧.୨୦୨୩
(ଶୁକ୍ରବାର, କାର୍ତ୍ତିକ ଶୁକ୍ଳପକ୍ଷ ଦ୍ୱାଦଶୀ)

ସମୟ ଚକ୍ରରେ ଦୁଇ ବର୍ଷ ବିତି ଯାଇଥିଲେ ମଧ୍ୟ ତୁମର ମଧୁର ସ୍ମୃତି, ସ୍ନେହ, ଶ୍ରଦ୍ଧା ତଥା ପ୍ରତିଟି କାର୍ଯ୍ୟରେ ପ୍ରତି ମୁହୂର୍ତ୍ତରେ ନିସ୍ୱାର୍ଥପର ତଥା ଉତ୍ସର୍ଗୀକୃତ ସଚ୍ଚୋଟ ସାଥିର ଅନୁପସ୍ଥିତି ସଦେବ ଅନୁଭୂତ ଏବଂ ଅପୂରଣୀୟ। ତୁମର ପବିତ୍ର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ବିନମ୍ର ପ୍ରାର୍ଥନା।

ଶୋକସନ୍ତପ୍ତ ପରିବାର: ସ୍ୱାମୀ-ଦେବରାଜ ସ୍ୱାଇଁ, ଜ୍ୟେଷ୍ଠ ପୁତ୍ର-ଶୁଭାଂଶୁ, ପୁତ୍ରୀ-ପୁନମ୍, କନିଷ୍ଠ ପୁତ୍ର-ସମିତ, ଜାମାତା-ଶୀତାଂଶୁ, ଜ୍ୟେଷ୍ଠ ପୁତ୍ରବଧୂ-ଆକାଂକ୍ଷା, କନିଷ୍ଠ ପୁତ୍ରବଧୂ-ସୌମ୍ୟା, ନାତୁଣୀ ତ୍ରୟ-ସ୍ୱୟଂସିଦ୍ଧି, ସୁଦୀକ୍ଷା, ସମୀକ୍ଷା ତଥା ସମ୍ପୂର୍ଣ୍ଣ ସ୍ୱାଇଁ ପରିବାର।

ରାମଚନ୍ଦ୍ରପୁର, ପିତଳ, ଗଞ୍ଜାମ

# ୟୁକୋ ବ୍ୟାଙ୍କ ପକ୍ଷରୁ କୁଇଜ୍ ପ୍ରତିଯୋଗିତା

ଭୁବନେଶ୍ୱର,୧।୧୧





ୟୁକୋ ବ୍ୟାଙ୍କର ଭୁବନେଶ୍ୱର ଚନ୍ଦ୍ରଶେଖରପୁର ଶାଖା ସହଯୋଗରେ ଜାତୀୟ ସତର୍କତା ସପ୍ତାହ ପାଳନ କରାଯାଇଛି। ଏ ଅବସରରେ ନେତାଜୀ ସ୍କୁଲ ଏବଂ କଲେଜ ଅଫ ନର୍ସିଂଠାରେ ଏକ କୁଇଜ୍ ପ୍ରତିଯୋଗିତା କରାଯାଇଥିଲା। ଶାଖା ପରିଚାଳକ ସନ୍ତୋଷ କୁମାର ସାହାନି ଛାତ୍ରୀଛାତ୍ରମାନଙ୍କୁ ସମ୍ବୋଧିତ କରି ଦୈନନ୍ଦିନ ଜୀବନ ଓ ଜନସେବାରେ ସତର୍କତା ଉପରେ ଗୁରୁତ୍ୱାରୋପ କରିଥିଲେ। ସେ ସମସ୍ତ ଅନୁଷ୍ଠାନରେ ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱ ବଜାୟ ରଖିବାରେ ସତର୍କତାର ଭୂମିକାକୁ ଆଲୋକପାତ କରିଥିଲେ। କୁଇଜ୍ ପ୍ରତିଯୋଗିତାରେ ଛାତ୍ରୀଛାତ୍ରଙ୍କ ଉତ୍ସାହପୂର୍ଣ୍ଣ ଅଂଶଗ୍ରହଣ ଦେଖିବାକୁ ମିଳିଥିଲା, ଯେଉଁଥିରେ ବିଜୟଲକ୍ଷ୍ମୀ ପ୍ରଧାନ, ଶୁଭଲକ୍ଷ୍ମୀ ପାଣି ଏବଂ ଶାଶ୍ୱତୀ ସ୍ୱରୂପା ଶୁକ୍ଳା ଶ୍ରେଷ୍ଠ ୩ ଜଣ ବିଜେତା ଭାବରେ ବିବେଚିତ ହୋଇଥିଲେ। କାର୍ଯ୍ୟକ୍ରମରେ କଲେଜର ନିର୍ଦ୍ଦେଶକ ଡ.ବିଜନ କୁମାର ଜେନା, ସିଇଓ ରଶ୍ମିତା ଜେନା ଏବଂ ବ୍ୟାଙ୍କ ଅଧିକାରୀ ମଧୁସ୍ମିତା ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ବ୍ୟାଙ୍କ ଅଫ୍ ଇଣ୍ଡିଆର ମାନବ ଶୃଙ୍ଖଳ ଗଠନ

ଭୁବନେଶ୍ୱର,୧।୧୧





ବ୍ୟାଙ୍କ ଅଫ୍ ଇଣ୍ଡିଆର ଭୁବନେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ସତର୍କତା ସଚେତନତା ସପ୍ତାହ ପାଳନ ଅବସରରେ ଏକ ମାନବ ଶୃଙ୍ଖଳ ଗଠନ ଓ ୱାକାଥନ କରାଯାଇଥିଲା। ବ୍ୟାଙ୍କର କ୍ଷେତ୍ର ମହାପ୍ରବନ୍ଧକ କାର୍ଯ୍ୟାଳୟ ଭୁବନେଶ୍ୱରର ମହାପ୍ରବନ୍ଧକ ବିକାଶ କ୍ରୀଷ୍ଟା, ଆଞ୍ଚଳିକ ପ୍ରବନ୍ଧକ ବିଜୟ କୁମାର ମଲିକ, କ୍ଷେତ୍ର ମହାପ୍ରବନ୍ଧକ କାର୍ଯ୍ୟାଳୟର ଉପ ମହାପ୍ରବନ୍ଧକ ରଜନୀକାନ୍ତ ଭୂୟାଁ, ଉପ ଆଞ୍ଚଳିକ ପ୍ରବନ୍ଧକ ଶ୍ୟାମଳ କୁମାର ଦାସ, କ୍ଷେତ୍ର ମହାପ୍ରବନ୍ଧକ କାର୍ଯ୍ୟାଳୟର ସହାୟକ ମହାପ୍ରବନ୍ଧକ ଅଶୋକ କୁମାର ଜେନା, ଏସ୍‌ଏମ୍‌ଇସିସିର ସହାୟକ ମହାପ୍ରବନ୍ଧକ ଏସ୍.କେ ମହାନ୍ତି, ଜୟଦେବ ବିହାର ଶାଖାର ସହାୟକ ମହାପ୍ରବନ୍ଧକ ସୌମ୍ୟରଞ୍ଜନ ବେହେରା ଥିଲେ।

# ପେସାଦାର ଟେନିସ୍‌ରୁ ବୋପାନ୍ନାଙ୍କ ଅବସର



ରୋହନ ବୋପାନ୍ନା।

**ନୂଆଦିଲ୍ଲୀ,୧।୧୧(ପି.ଟି.)**

ଭାରତୀୟ ଟେନିସ୍ ଭେଟେରାନ ରୋହନ ବୋପାନ୍ନା ଶନିବାର ପେସାଦାର ଟେନିସ୍‌ରୁ ଅବସର ଘୋଷଣା କରିଛନ୍ତି। ଏଥିଯୋଗୁ ତାଙ୍କର ଦୁଇ ଦଶନ୍ଧି ଲମ୍ବା ଏଟିପି ଟୁର କ୍ୟାରିୟର ଶେଷ ହୋଇଛି। ଗ୍ରାଣ୍ଡସ୍ଲାମ ଟାଇଟଲ ଜିତିଥିବା ୪ ଭାରତୀୟଙ୍କ ମଧ୍ୟରୁ ସେ ଅନ୍ୟତମ ଥିଲେ। ୪୫ ବର୍ଷୀୟ ବୋପାନ୍ନା ଚଳିତ ପ୍ୟାରିସ ମାଷ୍ଟର୍ସରେ ତାଙ୍କର ଅନ୍ତିମ ମ୍ୟାଚ୍ ଖେଳିଥିଲେ। କାଜାଖସ୍ତାନର ଆଲେକ୍‌ଜାଣ୍ଡର ବବଲିକଙ୍କ ସହ ଯୋଡ଼ି କରି ଖେଳିଥିବା ବୋପାନ୍ନା ଟୁର୍ନାମେଣ୍ଟର ପ୍ରଥମ ରାଉଣ୍ଡରେ ପରାସ୍ତ ହୋଇଥିଲେ। ବୋପାନ୍ନା ତାଙ୍କ ନିଷ୍ପତ୍ତି ସମ୍ପର୍କରେ ସୋସିଆଲ ମିଡିଆ ଜରିଆରେ ସୂଚନା ଦେଇଛନ୍ତି।

"ମୁଁ ଆନୁଷ୍ଠାନିକ ଭାବେ ଟେନିସ୍‌ରୁ ଅବସର ନେଉଛି। ଏହା ବିଦାୟ କିନ୍ତୁ ଅନ୍ତ ନୁହେଁ। ଜୀବନକୁ ତା'ର ଅର୍ଥ ଦେଇଥିବା ଖେଳରୁ ତୁମେ କେଉଁ ଭଳି ବିଦାୟ ନେବ। ୨୦ ଅବିସ୍ମରଣୀୟ ବର୍ଷ ପରେ ବିଦାୟର ସମୟ ହୋଇଯାଇଛି। ଭାରତର ଏକ ଛୋଟ ସହର କୁର୍ଗଠାରୁ ଆରମ୍ଭ କରିବାଠାରୁ ସର୍ଭକୁ ମଜଭୁତ କରିବା ପାଇଁ କାଠ କାଟିବା, ଷ୍ଟାମିନା ବଢ଼ାଇବା ପାଇଁ ଦୀର୍ଘ ସମୟ ଜଗିଂ କରିବା ଓ ବିଶ୍ୱର ସର୍ବବୃହତ୍ ଏରିନାରେ ସ୍ୱପ୍ନ ପୂରା କରିବା ପର୍ଯ୍ୟନ୍ତ ସବୁକିଛି ଅବାସ୍ତବ ଲାଗୁଛି। ମୁଁ ଯେତେ ଥର କୋର୍ଟକୁ ଓହ୍ଲାଇଛି, ତାହା ପ୍ରତ୍ୟେକ ଥର ମୋତେ ଧୈର୍ଯ୍ୟ, ସ୍ଥିରତା, ପୁଣି ଥରେ ଲଢ଼େଇ କରିବା ଶିକ୍ଷା ଦେଇଛି। ସବୁଠୁ ଗୁରୁତ୍ୱପୂର୍ଣ୍ଣ ହେଲା ଏହା ମୋତେ ମନେପକାଇ ଦିଏ ଯେ, ମୁଁ କାହିଁକି ଆରମ୍ଭ କରିଥିଲି ଏବଂ ମୁଁ କିଏ" ବୋଲି ବୋପାନ୍ନା ପୋଷ୍ଟରେ ଉଲ୍ଲେଖ କରିଛନ୍ତି। ସେ ତାଙ୍କ ବାପା-ମା'ଙ୍କର ବଳିଦାନ, ଭଉଣୀ ରଶ୍ମିର ପ୍ରୋତ୍ସାହନ ଓ ସ୍ତ୍ରୀ ସୁପ୍ରିୟାଙ୍କୁ କୋର୍ଟ ବାହାରେ ସବୁଠୁ ଭଲ ପାର୍ଟନର ହେବା ପାଇଁ ଧନ୍ୟବାଦ୍ କହିଛନ୍ତି। ଗତ ବର୍ଷ ପ୍ୟାରିସ ଅଲିମ୍ପିକ୍ସରେ ସେ ଭାରତୀୟ ଦଳ କ୍ୟାରିୟର ଶେଷ କରିଥିଲେ। ସେ ୨୦୨୩ରେ ଡେଭିସ କପ୍ କ୍ୟାରିୟର ଶେଷ କରିଥିଲେ। ଅନ୍ତିମ ଥର ଲକ୍ଷ୍ନୌଠାରେ ମରୋକୋ ବିପକ୍ଷରେ ଡେଭିସ କପ୍ ମ୍ୟାଚ୍ ଖେଳିଥିଲେ।

୨୦୦୦ ମସିହାରେ ପେସାଦାର ପାଲଟିଥିବା ବୋପାନ୍ନା ଦେଶର ସବୁଠୁ ସଫଳ ଡବଲ୍ସ ଖେଳାଳି ଥିଲେ। ଏହି ଡବଲ୍ସ ସ୍ପେଶାଲିଷ୍ଟ ଅନେକ ଡେଭିସ କପ୍ ମ୍ୟାଚ, ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ଓ ଅଲିମ୍ପିକ୍ସରେ ଭାରତର ପ୍ରତିନିଧିତ୍ୱ କରିଛନ୍ତି। ସେ ୨୦୧୭ ଫ୍ରେଞ୍ଚ ଓପନ ମିକ୍ସଡ ଡବଲ୍ସରେ କାନାଡାର ଗାବ୍ରିଏଲା ଡାବ୍ରୋସ୍କିଙ୍କ ସହ ମିଶି କ୍ୟାରିୟରର ପ୍ରଥମ ଗ୍ରାଣ୍ଡସ୍ଲାମ ଟାଇଟଲ ଜିତିଥିଲେ। ଏହାପରେ ୨୦୨୪ରେ ମାଥ୍ୟୁ ଏବଡେନଙ୍କ ସହ ଅଷ୍ଟ୍ରେଲିଆ ଓପନ ପୁରୁଷ ଡବଲ୍ସ ଟାଇଟଲ ହାତେଇଥିଲେ। ୨୦୨୩ରେ ସେ ଏବଡେନଙ୍କ ସହ ଇଣ୍ଡିଆନ ୱେଲ୍ସ ଟ୍ରଫି ଜିତିବା ସହ ୪୩ ବର୍ଷରେ ବୟୋଜ୍ୟେଷ୍ଠ ଖେଳାଳି ଭାବେ ଏଟିପି ମାଷ୍ଟର୍ସ ଚାମ୍ପିୟନ ହୋଇଥିଲେ। ସେ ୨୦୨୪ରେ ଅଷ୍ଟ୍ରେଲିଆ ଓପନ ଜିତିବା ପରେ ୪୩ ବର୍ଷ ବୟସରେ ବୟୋଜ୍ୟେଷ୍ଠ ଖେଳାଳି ଭାବେ ଡବଲ୍ସରେ ୱାର୍ଲ୍ଡ ନଂ-୧ ହୋଇଥିଲେ।

## କ୍ୟାରିୟର ରେକର୍ଡ

| | |
|---|---|
| **ଡବଲ୍ସ** | |
| ବିଜୟ-ପରାଜୟ | ୫୩୯-୪୧୦ |
| ମୋଟ ଟାଇଟଲ | ୨୬ |
| ସର୍ବାଧିକ ର୍ୟାଙ୍କିଙ୍ଗ୍ | ୱାର୍ଲ୍ଡ ନଂ-୧ (ଜାନୁଆରୀ, ୨୦୨୪) |
| **ଗ୍ରାଣ୍ଡସ୍ଲାମ ଡବଲ୍ସ** | |
| ଅଷ୍ଟ୍ରେଲିଆନ ଓପନ | ଚାମ୍ପିୟନ (୨୦୨୪) |
| ଫ୍ରେଞ୍ଚ ଓପନ | ସେମିଫାଇନାଲ (୨୦୨୨ ଓ ୨୦୨୪) |
| ୱିମ୍ବେଲଡନ | ସେମିଫାଇନାଲ (୨୦୧୩, ୨୦୧୫, ୨୦୨୩) |
| ୟୁଏସ୍ ଓପନ | ରନରଅପ୍(୨୦୧୦ ଓ ୨୦୨୩) |
| **ମିକ୍ସଡ୍ ଡବଲ୍ସ** | |
| ଅଷ୍ଟ୍ରେଲିଆନ ଓପନ | ରନରଅପ୍ (୨୦୧୮ ଓ ୨୦୨୩) |
| ଫ୍ରେଞ୍ଚ ଓପନ | ଚାମ୍ପିୟନ (୨୦୧୭) |
| ୱିମ୍ବେଲଡନ | କ୍ୱାର୍ଟର ଫାଇନାଲ (୨୦୧୧, ୨୦୧୨, ୨୦୧୩, ୨୦୧୭) |
| ୟୁଏସ୍ ଓପନ | ସେମିଫାଇନାଲ (୨୦୧୫ ଓ ୨୦୨୪) |

# ଐତିହାସିକ ବିଶ୍ୱକପ୍ ବିଜୟ ଲକ୍ଷ୍ୟରେ ଭାରତ





ଭାରତୀୟ ଖେଳାଳିଙ୍କ ଅଭ୍ୟାସ।

**ନଭି ମୁମ୍ବାଇ,୧।୧୧(ପି.ଟି.)**

ଭାରତୀୟ ମହିଳା କ୍ରିକେଟ ବର୍ତ୍ତମାନ ଏକ ଐତିହାସିକ କ୍ଷଣରେ ଛିଡ଼ା ହୋଇଛି। ପ୍ରଥମ ଆଇସିସି ଟ୍ରଫି ଲକ୍ଷ୍ୟରେ ଥିବା ହରମନପ୍ରୀତ କୌରଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ରବିବାର ଏଠାରେ ମହିଳା ଦିନିକିଆ କ୍ରିକେଟ ବିଶ୍ୱକପ୍ ଫାଇନାଲରେ ଦକ୍ଷିଣ ଆଫ୍ରିକାକୁ ଭେଟିବାକୁ ଯାଉଛି। ଉଭୟ ଦଳ କଦାପି ବିଶ୍ୱକପ୍ ଜିତି ନ ଥିବାରୁ ୧୩ତମ ସଂସ୍କରଣର ଫାଇନାଲରେ ବିଶ୍ୱକୁ ନୂଆ ମହିଳା ଚାମ୍ପିୟନ ଦଳ ମିଳିବା ନିଶ୍ଚିତ। ଏହି ମ୍ୟାଚ୍‌ର ଫଳାଫଳ ମହିଳା କ୍ରିକେଟକୁ ଅପ୍ରତ୍ୟାଶିତ ସ୍ତରକୁ ପହଞ୍ଚାଇପାରେ। ଭାରତ ତୃତୀୟଥର ପାଇଁ ଫାଇନାଲ ଖେଳୁଥିବା ବେଳେ ଦକ୍ଷିଣ ଆଫ୍ରିକା ପ୍ରଥମଥର ପାଇଁ ଫାଇନାଲ ଖେଳିବାକୁ ଯାଉଛି। ଦୁଇ ଦଳ ମଧ୍ୟରେ ଏପର୍ଯ୍ୟନ୍ତ ୩୪ଟି ଦିନିକିଆ ମ୍ୟାଚ୍ ଖେଳାଯାଇଥିବା ବେଳେ ଭାରତ ୨୦ ଥର ଓ ଦକ୍ଷିଣ ଆଫ୍ରିକା ୧୩ ଥର ବିଜୟୀ ହୋଇଛି। ଅନ୍ୟ ଏକ ମ୍ୟାଚ୍ ବିନା ଫଳାଫଳରେ ଶେଷ ହୋଇଛି।

୭ ଥରର ଚାମ୍ପିୟନ ଅଷ୍ଟ୍ରେଲିଆ ବିପକ୍ଷ ସେମିଫାଇନାଲରେ ୩୩୯ ରନର ବିଶାଳ ଟାର୍ଗେଟ୍ ପିଛା କରି ମିଳିଥିବା ବିଜୟ ଘରୋଇ ଦଳର ମନୋବଳକୁ ବୃଦ୍ଧି କରିଛି। ଏହି ଅବିଶ୍ୱସନୀୟ ବିଜୟ ପାଇଁ ଫାଇନାଲ ପୂର୍ବରୁ ଭାରତୀୟ ଦଳକୁ ଫେଭରାଇଟ୍ ଟ୍ୟାଗ ମିଳିଛି। କିନ୍ତୁ ଆଇସିସି ଓମେନ୍ସ ଟୁର୍ନାମେଣ୍ଟ ନକ୍‌ଆଉଟ୍ ମ୍ୟାଚ୍‌ରେ ଭାରତୀୟ ଦଳର ରେକର୍ଡ ଭଲ ନାହିଁ। ଭାରତ ୨୦୧୭ ଦିନିକିଆ ବିଶ୍ୱକପ୍ ଫାଇନାଲରେ ଇଂଲଣ୍ଡଠାରୁ ୯ ରନରେ ପରାଜିତ ହୋଇଥିବା ବେଳେ ୨୦୨୩ ଟି୨୦ ବିଶ୍ୱକପ୍ ସେମିଫାଇନାଲରେ ୫ ରନରେ ଅଷ୍ଟ୍ରେଲିଆଠାରୁ ପରାସ୍ତ ହୋଇଥିଲା। ୨୦୨୨ କମନୱେଲଥ ଗେମ୍ସ ଫାଇନାଲରେ ମଧ୍ୟ ଅଷ୍ଟ୍ରେଲିଆଠାରୁ ଅଳ୍ପକେ ଭାରତୀୟ ଦଳ ପରାଜିତ ହୋଇଥିଲା।

ଫାଇନାଲରେ ଭାରତୀୟ ଦଳର ଶ୍ରେଷ୍ଠ ବ୍ୟାଟର ସ୍ମୃତି ମନ୍ଧାନାଙ୍କଠାରୁ ଭଲ ପ୍ରଦର୍ଶନ ଆଶା କରାଯାଉଛି। ସେ ଟୁର୍ନାମେଣ୍ଟରେ ଏକ ଶତକ ସହ ୩୮୫ ରନ କରିଛନ୍ତି। ନଂ-୩ରେ ଖେଳୁଥିବା ଜେମିମାଙ୍କୁ ଦଳ ପାଇଁ ଆଙ୍କର ଭୂମିକା ତୁଲାଇବା ଦରକାର। ଡିୱାଇ ପାଟିଲ ଷ୍ଟାଡିୟମରେ ବ୍ୟାଟିଂ ଫ୍ରେଣ୍ଡଲି ପିଚ୍ ଓ ସନ୍ଧ୍ୟାରେ କାକରର ପ୍ରଭାବ ଦେଖାଯାଏ। ଏଣୁ ସେମିଫାଇନାଲ ଭଳି ଫାଇନାଲ ମଧ୍ୟ ହାଇ ସ୍କୋରିଂ ହୋଇପାରେ। ଏହା ଭାରତର ଫିଲ୍ଡିଂ ଓ ବୋଲିଂ ବିଭାଗର ପରୀକ୍ଷା ନେବ। ଅଷ୍ଟ୍ରେଲିଆ ବିପକ୍ଷ ମ୍ୟାଚ୍‌ରେ ପେସର କ୍ରାନ୍ତି ଗୌଡ଼ ଓ ରେଣୁକା ସିଂ ଠାକୁର ଲାଇନ୍ ଓ ଲେନ୍ଥକୁ ନେଇ ସଂଘର୍ଷ କରିଥିବା ବେଳେ ଅଧିନାୟିକା କୌର ଏକ ସହଜ କ୍ୟାଚ୍ ହାତଛଡ଼ା କରିଥିଲେ। ଦୀପ୍ତି ଶର୍ମା ଭାରତୀୟ ଦଳର ସଫଳତା ପଛର କାରଣ ସାଜି ପାରନ୍ତି। ସେ ଏପର୍ଯ୍ୟନ୍ତ ଟୁର୍ନାମେଣ୍ଟରେ ସର୍ବାଧିକ ୧୭ ଉଇକେଟ ନେଇଛନ୍ତି।

ଲଗାତର ଦୁଇ ବିଜୟ ସହ ଅଭିଯାନ ଆରମ୍ଭ କରିଥିବା ଭାରତୀୟ ଦଳ ପରବର୍ତ୍ତୀ ୩ ମ୍ୟାଚ୍‌ରେ ପରାଜିତ ହୋଇ ଟୁର୍ନାମେଣ୍ଟରୁ ବିଦାୟ ଦ୍ୱାରରେ ପହଞ୍ଚିଥିଲା। ହେଲେ ନ୍ୟୁଜିଲାଣ୍ଡ ଓ ଅଷ୍ଟ୍ରେଲିଆ ବିପକ୍ଷ ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍‌ରେ ଜବରଦସ୍ତ ବିଜୟ ସହ ଟିମ ଇଣ୍ଡିଆ ଏବେ ଟ୍ରଫିଠାରୁ ହାତେ ଦୂରରେ ରହିଛି। ଅନ୍ୟପକ୍ଷରେ ଦକ୍ଷିଣ ଆଫ୍ରିକା ଖୁବ୍ ସଂଘର୍ଷ କରି ଫାଇନାଲରେ ପହଞ୍ଚିଛି। ଲିଗ୍ ପର୍ଯ୍ୟାୟରେ ଇଂଲଣ୍ଡ ବିପକ୍ଷରେ ୬୯ ଓ ଅଷ୍ଟ୍ରେଲିଆ ବିପକ୍ଷରେ ୯୭ ରନରେ ଅଲଆଉଟ ହୋଇଥିବା ଦକ୍ଷିଣ ଆଫ୍ରିକା ସେମିଫାଇନାଲରେ ଇଂଲଣ୍ଡକୁ ୧୨୫ ରନର ବଡ଼ ବ୍ୟବଧାନରେ ପରାସ୍ତ କରି ଟାଇଟଲ ମୁକାବିଲାରେ ସ୍ଥାନ ପକ୍କା କରିଛି। ଦଳ ପାଇଁ ଭେଟେରାନ ମାରିଜେନ କାପ (୨୦୪ ରନ ଓ ୧୨ ଉଇକେଟ), ନାଦିନେ ଡି କ୍ଲର୍କ (୧୯୦ ରନ ଓ ୮ ଉଇକେଟ), ତଜମିନ ବ୍ରିଟ୍ସ(୨୧୨ ରନ), କ୍ଲୋ ଟ୍ରାଇଅନ (୧୬୭ ରନ ଓ ୫ ଉଇକେଟ) ଓ ଅଧିନାୟିକା ଲୌରା ୱାଲଭାର୍ଡଟ (୪୭୦ ରନ) ଭଲ ପ୍ରଦର୍ଶନ କରିଛନ୍ତି। ଅଧିନାୟିକା ୱାଲଭାର୍ଡଟ ଓ ବ୍ରିଟ୍ସଙ୍କ ସ୍ଥିର ପ୍ରଦର୍ଶନ ଭାରତୀୟ ବୋଲରଙ୍କ ପାଇଁ ସମସ୍ୟା ଛିଡ଼ା କରିବ। ବାମହାତୀ ସ୍ପିନର ନନକୁଲୁଲେକୋ ଏମ୍‌ଲାବା (୧୨ ଉଇକେଟ) ଭାରତୀୟ ଦଳରେ ଭରି ରହିଥିବା ଡାହାଣହାତୀ ବ୍ୟାଟରଙ୍କ ଲାଗି ଚ୍ୟାଲେଞ୍ଜ ଛିଡ଼ା କରିବେ।

**ସମ୍ଭାବ୍ୟ ଭାରତୀୟ ଦଳ:** ସ୍ମୃତି ମନ୍ଧାନା(ଉପଅଧିନାୟିକା), ଶେଫାଳୀ ବର୍ମା, ଜେମିମା ରୋଡ୍ରିଗ୍ସ, ହରମନପ୍ରୀତ କୌର(ଅଧିନାୟିକା), ଅମନଜୋତ କୌର, ରିଚା ଘୋଷ(ଉଇକେଟକିପର), ଦୀପ୍ତି ଶର୍ମା, କ୍ରାନ୍ତି ଗୌଡ଼, ରେଣୁକା ସିଂ ଠାକୁର, ଶ୍ରୀ ଚରନୀ, ରାଧା ଯାଦବ।

**ସମ୍ଭାବ୍ୟ ଦକ୍ଷିଣ ଆଫ୍ରିକା ଦଳ:** ଲୌରା ୱାଲଭାର୍ଡଟ (ଅଧିନାୟିକା), ତଜମିନ ବ୍ରିଟ୍ସ, ମାରିଜେନ କାପ, ଆନେକେ ବୋଶ୍ଚ, ସୁନେ ଲୁସ, ସିନାଲୋ ଜାଫ୍ଟା(ଉଇକେଟକିପର), ନାଦିନେ ଡି କ୍ଲର୍କ, କ୍ଲୋ ଟ୍ରାଇଅନ, ଆନେରି ଡର୍କସେନ, ନନକୁଲୁଲେକୋ ଏମ୍‌ଲାବା, ଆୟାବୋଙ୍ଗା ଖାକା।

**ସମୟ: ଅପରାହ୍ନ ୩ଟା**
**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ/ହଟ୍‌ଷ୍ଟାର**

# ଓଡ଼ିଶା ବିପକ୍ଷରେ ଆନ୍ଧ୍ର ପ୍ରଦେଶ ୨୨୨/୩

**ଭୁବନେଶ୍ୱର,୧।୧୧(ଅନାଦି କର)**

 କଟକସ୍ଥିତ ବାରବାଟୀ ଷ୍ଟାଡିୟମରେ ଶନିବାର ଓଡ଼ିଶା ଓ ଆନ୍ଧ୍ର ପ୍ରଦେଶ ମଧ୍ୟରେ ରଣ୍‌ଜୀ ଟ୍ରଫି ତୃତୀୟ ରାଉଣ୍ଡ ମ୍ୟାଚ୍ ଆରମ୍ଭ ହୋଇଯାଇଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଆନ୍ଧ୍ର ପ୍ରଦେଶ ପ୍ରଥମ ଦିନ ଶେଷ ପର୍ଯ୍ୟନ୍ତ ବ୍ୟାଟିଂ

## ରଣ୍‌ଜୀ ଟ୍ରଫି

କରି ୬୮ ଓଭରରେ ୩ ଉଇକେଟ ହରାଇ ୨୨୨ ରନ କରିଛି। ଦଳ ପାଇଁ ଅଭିଷେକ ରେଡ୍ଡୀ ୭୬ ଓ ଶ୍ରୀକର ଭରତ ୯୩ ରନର ପାଳି ଖେଳିଥିବା ବେଳେ ଅଧିନାୟକ ରିକି ଭୁଇ ଖାତା ଖୋଲିପାରି ନ ଥିଲେ। ଓଡ଼ିଶା ପକ୍ଷରୁ ସମ୍ବିତ ଏସ୍ ବରାଳ ୨ ଓ ବାଦଲ ବିଶ୍ୱାଳ ଗୋଟିଏ ଉଇକେଟ ନେଇଛନ୍ତି। ଷ୍ଟମ୍ପ ଅପସାରଣ ବେଳକୁ ଶେକ ରଶିଦ ୨୫ ଓ କିର୍ଦାନ୍ତ କରନ ଶିନ୍ଦେ ୧୬ ରନ କରି ଅପରାଜିତ ରହିଛନ୍ତି।



**ସଂକ୍ଷିପ୍ତ ସ୍କୋର**

ଆନ୍ଧ୍ର ପ୍ରଦେଶ ପ୍ରଥମ ଇନିଂସ: ୬୮ ଓଭରରେ ୨୨୨/୩ (ଶ୍ରୀକର ଭରତ-୯୩, ଅଭିଷେକ ରେଡ୍ଡୀ-୭୬, ଶେକ ରଶିଦ-୨୫*, ସମ୍ବିତ ଏସ୍ ବରାଳ-୨/୩୨, ବାଦଲ ବିଶ୍ୱାଳ-୧/୫୨)।

# ଦୁର୍ଘଟଣାରେ ପୂର୍ବତନ ରଣ୍‌ଜୀ ଖେଳାଳିଙ୍କ ମୃତ୍ୟୁ

**ଅଗରତାଲା,୧।୧୧(ପି.ଟି.)**

ତ୍ରିପୁରାର ପୂର୍ବତନ ଅଲରାଉଣ୍ଡର ରାଜେଶ ବନିକ ପଶ୍ଚିମ ତ୍ରିପୁରାର ଆନନ୍ଦନଗରରେ ଏକ ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଇଛନ୍ତି। ସେ ୧୯ ବର୍ଷ କମ୍ ବିଶ୍ୱକପ୍‌ରେ ଭାରତୀୟ ଦଳର ପ୍ରତିନିଧିତ୍ୱ କରିଥିଲେ। ମୃତ୍ୟୁ ବେଳକୁ ତାଙ୍କୁ ୪୦ ବର୍ଷ ହୋଇଥିଲା ଏବଂ ସେ ବାପା, ମା' ଓ ଭାଇଙ୍କ ସହ ରହୁଥିଲେ। ସେ ୨୦୦୨-୦୩ ସିଜନରେ ରଣ୍‌ଜୀ ପଦାର୍ପଣ କରିଥିଲେ। ତାଙ୍କ ସମୟରେ ସେ ରାଜ୍ୟର ପ୍ରମୁଖ କ୍ରିକେଟରଙ୍କ ମଧ୍ୟରୁ ଅନ୍ୟତମ ଥିଲେ। ଏହା ଦୁର୍ଭାଗ୍ୟର ବିଷୟ ଯେ, ଆମେ ଜଣେ ପ୍ରତିଭାବାନ କ୍ରିକେଟର ଓ ୧୬ ବର୍ଷରୁ କମ୍ ରାଜ୍ୟ କ୍ରିକେଟ ଦଳର ଚୟନକର୍ତ୍ତାଙ୍କୁ ହରାଇଛୁ। ତାଙ୍କ ମୃତ୍ୟୁ ଖବର ଆମକୁ ଚକିତ କରିଛି। ତାଙ୍କ ଆତ୍ମାକୁ ଶାନ୍ତି ମିଳୁ। ସେ ଆମ ରାଜ୍ୟର ଜଣେ ଦକ୍ଷ ଅଲରାଉଣ୍ଡର ଥିଲେ। ତାଙ୍କ ପାଖରେ ପ୍ରତିଭା ଚିହ୍ନିବାର ଦକ୍ଷତା ଥିଲା। ଏଥିଯୋଗୁ ତାଙ୍କୁ ଚୟନକର୍ତ୍ତା ଭାବେ ନିଯୁକ୍ତ କରାଯାଇଥିଲା ବୋଲି ତ୍ରିପୁରା କ୍ରିକେଟ ଆସୋସିଏଶନ (ଟିସିଏ) ସମ୍ପାଦକ ସୁବ୍ରତ ଦେ କହିଛନ୍ତି।

# ଜିତିଲେ ମହିଳାଙ୍କୁ ପୁରୁଷଙ୍କ ଭଳି ପୁରସ୍କାର

**ନୂଆଦିଲ୍ଲୀ,୧।୧୧(ପି.ଟି.)**

ମହିଳା ଦିନିକିଆ କ୍ରିକେଟ୍ ବିଶ୍ୱକପ୍ ଫାଇନାଲରେ ଦକ୍ଷିଣ ଆଫ୍ରିକାକୁ ଭେଟିବାକୁ ଯାଉଥିବା ଭାରତୀୟ ଦଳ ଐତିହାସିକ କ୍ଷଣରେ ଛିଡ଼ା ହୋଇଛି। ହରମନପ୍ରୀତ କୌରଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ଯଦି ଆଇସିସି ଟ୍ରଫି ଉଠାଇବାରେ ସଫଳ ହୁଏ, ତେବେ ବିସିସିଆଇ ପକ୍ଷରୁ ସେମାନଙ୍କୁ ଗତବର୍ଷ ଟି୨୦ ବିଶ୍ୱକପ୍ ଜିତିଥିବା ରୋହିତ ଶର୍ମାଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ଭଳି ୧୨୫ କୋଟି ଟଙ୍କାର ପୁରସ୍କାର ରାଶି ଦିଆଯିବ। "ଉଭୟ ପୁରୁଷ ଓ ମହିଳାଙ୍କ ପାଇଁ ସମାନ ବେତନକୁ ବିସିସିଆଇ ସମର୍ଥନ କରେ। ଏଣୁ ଯଦି ମହିଳାମାନେ ବିଶ୍ୱକପ୍ ଜିତନ୍ତି, ତେବେ ସେମାନଙ୍କୁ ବିଶ୍ୱକପ୍ ବିଜୟୀ ପୁରୁଷ ଦଳଠାରୁ କମ୍ ଦିଆଯାଇପାରିବ ନାହିଁ। କିନ୍ତୁ ଏ ସମ୍ପର୍କରେ ଘୋଷଣା କରିବା ଉଚିତ ହେବ ନାହିଁ" ବୋଲି ବିସିସିଆଇ ସୂତ୍ରରୁ କୁହାଯାଇଛି।

# ହାଜେଲଉଡ୍ ବିନା ଖେଳିବ ଅଷ୍ଟ୍ରେଲିଆ

**ହୋବାର୍ଟ, ୧।୧୧ (ପି.ଟି.)**

ରବିବାର ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ତୃତୀୟ ଅନ୍ତର୍ଜାତୀୟ ଟି୨୦ କ୍ରିକେଟ ମ୍ୟାଚ ଖେଳାଯିବ। ଗତ ମ୍ୟାଚରେ ଶୋଚନୀୟ ପରାଜୟ ପରେ ଭାରତ ଏହି ମ୍ୟାଚରେ ଉନ୍ନତ ପ୍ରଦର୍ଶନ କରିବା ଲକ୍ଷ୍ୟରେ ରହିଛି। ଘରୋଇ ଦଳ ଜୋଶ ହାଜେଲଉଡ୍‌ଙ୍କ ବିନା ପଡ଼ିଆକୁ ଓହ୍ଲାଇବ ବୋଲି ଜଣାପଡ଼ିବା ପରେ ଭ୍ରମଣକାରୀ ଦଳର ବ୍ୟାଟରମାନଙ୍କ

## ଆଜି ତୃତୀୟ ଟି୨୦

ମନରେ ସାମାନ୍ୟ ଆଶ୍ୱସ୍ତି ଆଣିଦେଇଛି। ଗତ ମ୍ୟାଚରେ ହାଜେଲଉଡ୍‌ଙ୍କ ଶାଣିତ ବୋଲିଂ ଭାରତୀୟ ବ୍ୟାଟରମାନଙ୍କୁ ଅଡୁଆରେ ପକାଇଥିଲା ; ଯାହାଫଳରେ ଏହି ମ୍ୟାଚରେ ସେମାନଙ୍କୁ ପରାଜୟ ସ୍ୱୀକାର କରିବାକୁ ପଡ଼ିଥିଲା। ଅନ୍ୟପକ୍ଷରେ ତୃତୀୟ ଟି୨୦ରେ ବାମହାତୀ ପେସର ଅର୍ଶଦୀପ ସିଂଙ୍କୁ ନିଆ ନ ଯାଏ ତେବେ ଏହା ଅନେକଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି କରିପାରେ। ଚଳିତମାସ ଶେଷ ଭାଗରେ ଆଶେଷ ଟେଷ୍ଟ ଆରମ୍ଭ ହେବ। ୫ମ୍ୟାଚ ବିଶିଷ୍ଟ ଏହି କଠିନ ସିରିଜ ପୂର୍ବରୁ ଅଷ୍ଟ୍ରେଲିଆ ଏହାର ପ୍ରମୁଖ ବୋଲର ହାଜେଲଉଡ୍‌ଙ୍କୁ ବିଶ୍ରାମ ଦେଇଛି। ମେଲବୋର୍ନ ମ୍ୟାଚ ପରେ ଷ୍ଟାର ଓପନର ଅଭିଷେକ ଶର୍ମା କହିଛନ୍ତି, ଅଷ୍ଟ୍ରେଲିଆର ଏହି ସ୍ପିଡଷ୍ଟର ଯେପରି ମାରାତ୍ମକ ସିମ୍ ବୋଲିଂ କରୁଥିଲେ ତାହା ସେ ପୂର୍ବରୁ କେବେ ସାମ୍ନା କରି ନ ଥିଲେ। ସେ ରବିବାର ମ୍ୟାଚ ନ ଖେଳିବା ଆମ ପାଇଁ ସ୍ୱାଭାବିକ ଆଶ୍ୱସ୍ତିର ବିଷୟ। କାରଣ ବାଉନ୍ସ ଓ ସିମ୍ ମୁଭ୍‌ମେଣ୍ଟକୁ ସାମ୍ନା କରିବାରେ ଭାରତୀୟ ବ୍ୟାଟରଙ୍କ ବୈଷୟିକ ତ୍ରୁଟି ରହିଛି। ସେ ତୁଳନାରେ ଜାଭିଏର ବାର୍ଟଲେଟ, ନାଥାନ ଏଲିସ ଓ ସିନ ଆବଟଙ୍କୁ ସାମନା କରିବା ତୁଳନାତ୍ମକ ଭାବେ ସହଜ ହେବ। ଉଭୟ ଅଧିନାୟକ ସୂର୍ଯ୍ୟକୁମାର ଯାଦବ ଓ ଉପ-ଅଧିନାୟକ ଶୁବମନ ଗିଲ୍‌ଙ୍କ କ୍ଷେତ୍ରରେ ଏକ୍ସଟ୍ରା ବାଉନ୍ସ ଓ ସିମ୍ ମୁଭ୍‌ମେଣ୍ଟ ବୋଲିଂକୁ ସାମ୍ନା କରିବା କଷ୍ଟସାଧ୍ୟ ମନେହେଉଛି। ହୋବାର୍ଟରେ ବେଲିରିଭ ଓଭାଲ ଏଭଳି ଏକ ଗ୍ରାଉଣ୍ଡ, ଯାହାର ସାଇଡ୍ ବାଉଣ୍ଡରିର ଆକାର ଛୋଟ। ଏହି ଗ୍ରାଉଣ୍ଡରେ ଚାମ୍ପିୟନ ଅନ୍ତର୍ଜାତୀୟ ଦିନିକିଆ ବ୍ୟାଟର ବିରାଟ କୋହଲି ୨୦୧୨ରେ ଏକ ସ୍ମରଣୀୟ ଇନିଂସ ଖେଳିଥିଲେ। ଶ୍ରୀଲଙ୍କା ବିପକ୍ଷ ଏକ ମ୍ୟାଚରେ ୩୨୧ରନ ଚେଜ୍ କରୁଥିବା ବେଳେ ସେ ୧୩୩ ରନର ଏକ ଅପରାଜିତ ଇନିଂସ ଖେଳିଥିଲେ। ବେଲିରିଭ ଓଭାଲର ଟ୍ରାକ୍ ସାଧାରଣତଃ ହ୍ୱାଇଟ୍ ବଲ୍ ଗେମ୍ ପାଇଁ ଖୁବ୍ ଭଲ। ପିଚ୍‌ରେ ଏକ୍ସଟ୍ରା ବାଉନ୍ସ ଲକ୍ଷଣ ଥିବାରୁ ଭାରତ ଯଦି ୩ସ୍ପିନରଙ୍କୁ ନେଇ ପଡ଼ିଆକୁ ଓହ୍ଲାଏ ତେବେ ଅନ୍ତର୍ଜାତୀୟ ଟି୨୦ରେ ୧୦୦ ଉଇକେଟ ହାସଲ କରିଥିବା ଏକମାତ୍ର ଭାରତୀୟ ବୋଲର ଅର୍ଶଦୀପଙ୍କୁ ହୁଏତ ଦଳରେ ପୁଣି ସ୍ଥାନ ନ ମିଳିପାରେ।

## ନନ୍ଦକିଶୋର ସ୍ମାରକୀ ମହିଳା ଫୁଟ୍‌ବଲ

# ଓଡ଼ିଶା ପୋଲିସ ଚାମ୍ପିୟନ

**ଭୁବନେଶ୍ୱର, ୧।୧୧ (ବିଜୟ ରଣା)**

ଓଡ଼ିଶା ପୋଲିସ, କଟକ ଏଠାରେ ଚାଲିଥିବା ନନ୍ଦକିଶୋର ସ୍ମାରକୀ ମହିଳା ଫୁଟ୍‌ବଲ ଟୁର୍ନାମେଣ୍ଟ ଚାମ୍ପିୟନ ହୋଇଛି। ଦଳ ଶନିବାର ଅନୁଷ୍ଠିତ ଫାଇନାଲରେ ନୀତା ଫୁଟ୍‌ବଲ ଏକାଡେମୀକୁ ୪-୧ ଗୋଲ୍‌ରେ ହରାଇ ଦେଇଛି। ସ୍ଥାନୀୟ ସିଟି କ୍ଲବ ଏବଂ ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ ସହଯୋଗରେ ଭୁବନେଶ୍ୱର ଫୁଟ୍‌ବଲ ଏକାମେଡୀ ପଡ଼ିଆରେ ଖେଳାଯାଇଥିବା ଏହି ଟୁର୍ନାମେଣ୍ଟର ଫାଇନାଲରେ ବିଜୟୀ ଦଳର ପ୍ୟାରୀ ଖାଖା ୩ଟି ଗୋଲ୍ ଏବଂ ଯଶୋଦା ମୁଣ୍ଡା ଗୋଟିଏ ଗୋଲ୍ ଦେଇଥିଲେ। ନୀତା ଫୁଟ୍‌ବଲ ଏକାଡେମୀ ତରଫରୁ ପ୍ରିୟାରୁବି ଦାସ ଏକମାତ୍ର ଗୋଲ୍ ସ୍କୋର କରିଥିଲେ। ପ୍ୟାରୀ ଖାଖା ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ଉଦ୍‌ଯାପନୀ ଉତ୍ସବରେ ସାଂସଦ ପ୍ରଦୀପ ପାଣିଗ୍ରାହୀ ମୁଖ୍ୟ ଅତିଥି ଏବଂ ଅଲିମ୍ପିକ ଆସୋସିଏଶନ ସଭାପତି ସମୀର ମହାନ୍ତି ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଏଥିରେ ଅତିଥି ଭାବେ ଯୋଗଦେଇଥିଲେ ଭାରତର ଅର୍ଥ ପରାମର୍ଶଦାତା ରାଜୀବ ଶେଖର ସାହୁ, ସୁରେଶ ରାଉତରାୟ, ଡ. ପ୍ରକାଶ ଶ୍ରୀଚନ୍ଦନ, ଭାଗ୍ୟଧର ଜଗଦେବ, ଆଦିତ୍ୟ ପ୍ରସାଦ ପାଢ଼ୀ, ନିରଞ୍ଜନ ମିଶ୍ର, ରଶ୍ମି ମହାପାତ୍ର, ସତ୍ୟବ୍ରତ ରଥ, ଶ୍ରଦ୍ଧାଞ୍ଜଳି ସାମନ୍ତରାୟ, ବୃନ୍ଦାବନ ଦଳବେହେରା, ଅଭିନେତା ସବ୍ୟସାଚୀ, ସିଟି କ୍ଲବ ସଭାପତି ସୌର୍ଯ୍ୟ ରଞ୍ଜନ ପରିଜା ଏବଂ ନନ୍ଦକିଶୋର ପଟ୍ଟନାୟକଙ୍କ ସହଧର୍ମିଣୀ ସଞ୍ଜୁ ପଟ୍ଟନାୟକ। ଏହି ଅବସରରେ ବିଜେତା ଦଳ ଓଡ଼ିଶା ପୋଲିସକୁ ଟ୍ରଫି ସହ ୩୧ ହଜାର ଟଙ୍କା ଏବଂ ଉପବିଜେତା ନୀତା ଫୁଟ୍‌ବଲ ଏକାଡେମୀକୁ ଟ୍ରଫି ସହ ୨୧ ହଜାର ଟଙ୍କା ଆର୍ଥିକ ପୁରସ୍କାର ପ୍ରଦାନ କରାଯାଇଥିଲା। ଶୃଙ୍ଖଳିତ ଦଳ ଭାବେ ସୁନ୍ଦରଗଡ଼ର କୁଆଁରମୁଣ୍ଡା ଦଳକୁ ପୁରସ୍କୃତ କରାଯାଇଥିଲା। ସେହିପରି ଶ୍ରେଷ୍ଠ ଖେଳାଳି ଓ ଷ୍ଟ୍ରାଇକର ଭାବେ ପ୍ୟାରୀ ଖାଖା, ଶ୍ରେଷ୍ଠ ଗୋଲ୍‌କିପର ଭାବେ ସସ୍ମିତା ପରିଡ଼ା, ଶ୍ରେଷ୍ଠ ଡିଫେଣ୍ଡର ଭାବେ ଅମ୍ବାଲିକା, ଶ୍ରେଷ୍ଠ ମିଡ୍‌ଫିଲ୍ଡର ଭାବେ ଯଶୋଦା ମୁଣ୍ଡା ଏବଂ ଟୁର୍ନାମେଣ୍ଟର ଶ୍ରେଷ୍ଠ ଖେଳାଳି ଭାବେ ରିତୁ ବଦରିଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ କ୍ରୀଡ଼ାକ୍ଷେତ୍ରରେ ଜୀବନବ୍ୟାପୀ ସାଧନା ପାଇଁ ଆଶୀର୍ବାଦ ବେହେରାଙ୍କୁ ଏବଂ କୋଚ୍ ଗଙ୍ଗରଥୀ ବେହେରା ଓ ବିଜୟ ବେହେରାଙ୍କୁ ସ୍ୱତନ୍ତ୍ର ଭାବେ ପୁରସ୍କୃତ କରାଯାଇଥିଲା।




ଅତିଥି ଓ କର୍ମକର୍ତ୍ତାଙ୍କ ଗହଣରେ ଚାମ୍ପିୟନ ଓଡ଼ିଶା ପୋଲିସ ଦଳ।

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ